ଧରିତ୍ରୀ
DHARITRI
ବ୍ରହ୍ମପୁର, ମଙ୍ଗଳବାର, ଫେବୃୟାରୀ ୫/୨୦୧୯ (୨୦ ପୃଷ୍ଠା) Berhampur, Tuesday, February 5/ 2019 ★★★
୧୫ ଶ ଭାଗ ୧୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-


ଓଡ଼ିଶା ସରକାର

## ମାନ୍ୟବର ମୁଖ୍ୟମନ୍ତ୍ରୀ
## ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
## କୋରାପୁଟ ଜିଲ୍ଲା ଗସ୍ତ ଅବସରରେ
## ୧୧୩୬.୪୧ କୋଟି ଟଙ୍କା
## ମୂଲ୍ୟର ୩୧ଟି ଜନହିତକାରୀ
## ପ୍ରକଳ୍ପର ଉଦ୍‌ଘାଟନ



**ଏକମ୍ବା ପଡ଼ିଆ, ଜୟପୁର**

**ଅପରାହ୍ନ ୩.୦୦**

- ତେଲେଙ୍ଗିରୀ ମଧ୍ୟମ ଜଳସେଚ଼ନ ପ୍ରକଳ୍ପ
- ଜିଲ୍ଲାର ନବନିର୍ମିତ ୪୧ଟି ଅଙ୍ଗନୱାଡି କେନ୍ଦ୍ର
- ଜୟପୁର ଅଞ୍ଚଳପାଇଁ ପାନୀୟଜଳ ଯୋଗାଣ ପ୍ରକଳ୍ପ
- କୋଟପାଡ ଏନ.ଏ.ସି, ନନ୍ଦପୁର, ଲମତାପୁଟ, କୁନ୍ଦ୍ରା, ଦଶମନ୍ତପୁର ଏବଂ ବନ୍ଧୁଗାଁ ବ୍ଲକର ପାଇପ ଜଳ ଯୋଗାଣ ପ୍ରକଳ୍ପ
- ପଟ୍ଟାଙ୍ଗୀ ୧୩୨/୩୩ କେ.ଭି ଗ୍ରୀଡ୍ ସବ୍‌ଷ୍ଟେସନ
- ସେମିଳିଗୁଡା ଠାରେ କୋଲାବ୍ ନଦୀ ଉପରେ ହାଇଲେଭ୍‌ଲ ସେତୁ
- ପଟ୍ଟାଙ୍ଗୀ ବ୍ଲକ୍‌ରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା
- ନାରାୟଣପାଟଣା କୁମ୍ଭାରୀ ସେବାଶ୍ରମ ସ୍କୁଲର ୧୦୦ ସିଟ୍ ବିଶିଷ୍ଟ ଛାତ୍ରୀନିବାସ
- ଲକ୍ଷ୍ମୀପୁର କଲେଜ ୧୦୦ ସିଟ୍ ବିଶିଷ୍ଟ ଜନଜାତି ଓ ଜାତି ଛାତ୍ରୀନିବାସ
- ଲମତାପୁଟ ଡ଼ଃ ଆମ୍ବେଦକର କଲେଜ ୧୨୦ ସିଟ୍ ବିଶିଷ୍ଟ ଛାତ୍ରୀନିବାସ, ନନ୍ଦପୁର ସିଦ୍ଧେଦେବୀ କଲେଜ ୧୨୦ ସିଟ୍ ବିଶିଷ୍ଟ ଛାତ୍ରାବାସ, ସୁନାବେଡା ବଧିର ବିଦ୍ୟାଳୟର ୧୦୦ ସିଟ୍ ବିଶିଷ୍ଟ ଜନଜାତି ଓ ଜାତି ଛାତ୍ରାବାସ
- କୋରାପୁଟ ସରକାରୀ ମହାବିଦ୍ୟାଳୟର ୩୦୦ ସିଟ୍ ବିଶିଷ୍ଟ ୨ଟି ଛାତ୍ରାବାସ ଓ ଛାତ୍ରୀନିବାସ
- ଲମତାପୁଟ ବ୍ଲକ୍‌ର ସାଗର - ଜଲ୍ଲାପୁଟ୍ ରାସ୍ତା ଏବଂ ବିଶାଖାପାଟଣା - ଜୟପୁର ଉନ୍ନତିକୃତ ରାସ୍ତା
- କୋରାପୁଟ ଜିଲ୍ଲାର ୨୫୪ଟି ଉନ୍ନତିକୃତ ପବିତ୍ର ପୀଠ ସ୍ଥଳୀ
- ବାମୁଣୀପୁଟ +୨ ବିଜ୍ଞାନ ମହାବିଦ୍ୟାଳୟର ନବନିର୍ମିତ ପ୍ରଶାସନିକ ଓ ଆକାଡ଼େମିକ ଭବନ, ୧୦୦ ସିଟ୍ ବିଶିଷ୍ଟ ଛାତ୍ରୀନିବାସ, ୩୦୦ ସିଟ୍ ବିଶିଷ୍ଟ ଛାତ୍ରାବାସ, ପାଠାଗାର ଓ ୪ଟି ଆବାସିକ ଗୃହ
- କୁନ୍ଦ୍ରା ବ୍ଲକ୍ ର ବାଗଦେରୀ ମେଗା ଉଠା ଜଳସେଚ଼ନ ପ୍ରକଳ୍ପ ଏବଂ ବାଗଦେରୀଠାରେ ୧୦୦ ସିଟ୍ ବିଶିଷ୍ଟ ହଷ୍ଟେଲ
- ବୈପାରୀଗୁଡା ବ୍ଲକ୍‌ର ଦୋରାଗୁଡା ସେବାଶ୍ରମର ୧୦୦ ସିଟ୍ ବିଶିଷ୍ଟ ହଷ୍ଟେଲ

15001/13/0571/1819

**୯୯୨.୮୫ କୋଟି** ଟଙ୍କା ବ୍ୟୟରେ ନିର୍ମିତ
**ତେଲେଙ୍ଗିରୀ ମଧ୍ୟମ ଜଳସେଚ଼ନ ପ୍ରକଳ୍ପ** ଦ୍ୱାରା ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାର ଲୋକମାନେ ବହୁଳଭାବେ ଉପକୃତ ହେବେ । ଏହି ପ୍ରକଳ୍ପ ଜୟପୁର ଓ ବୋରିଗୁମ୍ମା ବ୍ଲକ୍‌ର **୫୨ଟି ଗ୍ରାମର ୯୯୫୨ ହେକ୍ଟର ଚାଷ ଜମିକୁ** ଉଭୟ ଖରିଫ୍ ଓ ରବି ଋତୁରେ ଜଳସେଚନ ଯୋଗାଇଦେବ ।



ଏଥିସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ
କୋରାପୁଟ ଜିଲ୍ଲା ପାଇଁ
**୭୪୯ କୋଟି** ଟଙ୍କା ମୂଲ୍ୟର
୯୪ଟି ଜନହିତକାରୀ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରିବେ ।

**୫ ଫେବୃଆରୀ ୨୦୧୯**
**ମଙ୍ଗଳବାର**

DADLS-267

ବିଜୁ ଯୁବ ବାହିନୀ
Biju Yuva Vahini

**ବିଜୁ ଯୁବବାହିନୀ**
**ଆଞ୍ଚଳିକ ସମାବେଶ**ରେ
ଯୋଗଦାନ ଏବଂ ଉଦ୍‌ବୋଧନ









ସୂଚନା ଓ ଲୋକସମ୍ପର୍କ ବିଭାଗ

ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।

ଓଡ଼ିଶା ସରକାର



# ମାନ୍ୟବର ମୁଖ୍ୟମନ୍ତ୍ରୀ
# ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
## ନବରଙ୍ଗପୁର ଜିଲ୍ଲା ଗସ୍ତ

**୫ ଫେବୃଆରୀ ୨୦୧୯ ‖ ମଙ୍ଗଳବାର**

**ଉମରକୋଟ ‖ ପୂର୍ବାହ୍ନ ୧୧.୫୫**

### ୧୦୯୭ କୋଟି ଟଙ୍କା ମୂଲ୍ୟର ୧୬ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

- ଚ଼ନ୍ଦାହାଣ୍ଡି ବ୍ଲକ୍ ଭଣ୍ଡାରି ନଦୀ ଉପରେ ଦୁଇଟି ସେତୁ
- ରାଇଘର ବ୍ଲକ୍ ଭାଟିପଖାନ୍ ନାଳ ଏବଂ ଉମରକୋଟ ବ୍ଲକ୍ ର ସାନବାର୍ଲି ରାସ୍ତାର ସ୍ଥାନୀୟ ନାଳ ଉପରେ ୨ଟି ସେତୁ
- ନବରଙ୍ଗପୁର - ଖତିଗୁଡ଼ା ରାସ୍ତା ଏବଂ ନବରଙ୍ଗପୁର - ଡହଣା- ଡିଗିସଲ୍‌ପା ରାସ୍ତା ଉନ୍ନତୀକରଣ କାର୍ଯ୍ୟ
- କୋଡିଙ୍ଗା - ଚ଼ଟାହାଣ୍ଡି ରାସ୍ତାରେ ତୁରୀନଦୀ ଉପରେ ହାଇଲେଭ୍‌ଲ ସେତୁ
- ନବରଙ୍ଗପୁର - ରାଜୋଡା - କୋଷାଗୁମୁଡା ରାସ୍ତାରେ ହାଇଲେଭ୍‌ଲ ସେତୁ
- ପୁଜାରୀଗୁଡା - ଅଞ୍ଚଳଗୁମା - ମଇଦଲପୁର ରାସ୍ତାର ସ୍ଥାନୀୟ ନାଳଉପରେ ହାଇଲେଭ୍‌ଲ ସେତୁ
- କୋଷାଗୁମୁଡା କେରାଣ୍ଡି ନାଳ ଉପରେ ଏବଂ ପାପାଡ଼ାହାଣ୍ଡି - କୋଡିଙ୍ଗା - କୋଷାଗୁମୁଡା ରାସ୍ତା ଉପରେ ୨ଟି ହାଇଲେଭ୍‌ଲ ସେତୁ
- ଡି.ଆଇ.ଇ.ଟି ନବରଙ୍ଗପୁରର ୧୦୦ ସିଟ୍ ବିଶିଷ୍ଟ ଛାତ୍ରୀ ନିବାସ

### ୧୯ କୋଟି ଟଙ୍କା ମୂଲ୍ୟର ୧୨ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ

- ନବନିର୍ମିତ ଚ଼ନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର
- ପାତ୍ରପୁଟ ହାଇସ୍କୁଲର ୧୦୦ ସିଟ୍ ବିଶିଷ୍ଟ ସଂଖ୍ୟାଲଘୁ ଛାତ୍ରାବାସ
- ଜାମଗୁଡ଼ା ହାଇସ୍କୁଲର ୧୦୦ ସିଟ୍ ବିଶିଷ୍ଟ ଅନୁସୂଚିତ ଜାତି ଛାତ୍ରାବାସ
- ଜଟାବାଲ୍, ବାଘସିଉନୀ, ଉନ୍ନୀତ ହାଇସ୍କୁଲ
- ପାପଡ଼ାହାଣ୍ଡି ଠାରେ ୨ଟି ଉନ୍ନୀତ ଉଚ୍ଚ ମାଧ୍ୟମିକ ସ୍କୁଲ
- ଡ଼ାବୁଗାଁ ଉନ୍ନୀତ ଉଚ୍ଚ ମାଧ୍ୟମିକ ସ୍କୁଲ
- ଜିଲ୍ଲା ଶ୍ରମ କାର୍ଯ୍ୟାଳୟ
- ଲିଗାଲ୍ ମେଟ୍ରୋଲୋଜି କାର୍ଯ୍ୟାଳୟ
- ସୌନ୍ଦର୍ଯ୍ୟକୃତ ହିର୍‌ଲିଡୋଙ୍ଗରୀ ପାହାଡ଼
- ଜିଲ୍ଲା ଶିଳ୍ପକେନ୍ଦ୍ର କାର୍ଯ୍ୟାଳୟ

### ବିଭିନ୍ନ ଲୋକାଭିମୁଖୀ ଯୋଜନାରେ ହିତାଧିକାରୀମାନଙ୍କୁ ସହାୟତା ପ୍ରଦାନ

○ ୨୫୨୦ ନିର୍ମାଣ ଶ୍ରମିକଙ୍କୁ ସାଇକେଲ୍ ଏବଂ ୩୦୦୦ ନିର୍ମାଣ ଶ୍ରମିକଙ୍କୁ ଯନ୍ତ୍ରପାତି ଓ ସୁରକ୍ଷା ସରଞ୍ଜାମ ପ୍ରଦାନ ○ ୯୭୫ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର୍ ପ୍ରଦାନ ○ ୧୫୧୧ ହିତାଧିକାରୀଙ୍କୁ ଜଙ୍ଗଲ୍ ଜମି ଅଧିକାର୍ ପଟ୍ଟା ବଣ୍ଟନ ○ ୨୪୦୦ ହିତାଧିକାରୀଙ୍କୁ ବାସୋପଯୋଗୀ ପଟ୍ଟା ପ୍ରଦାନ ○ ମଧୁବାବୁ ପେନ୍‌ସନ ଯୋଜନାରେ ବର୍ଦ୍ଧିତ ଭତ୍ତା ପ୍ରଦାନ ○ ଆଇ.ଟି.ଡି.ଏ ଦ୍ୱାରା ୧୮୦ ଜଣଙ୍କୁ ପମ୍ପସେଟ୍ ପ୍ରଦାନ ○ ଉମରକୋଟ ବ୍ଲକ ମିଶନ ଶକ୍ତି ସଂଘକୁ ୨୫ ଲକ୍ଷ ଟଙ୍କାର୍ ସହାୟତା

**ସାଧାରଣ ସଭାରେ ଉଦ୍‌ବୋଧନ**










ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ

**ସୂଚନା ଓ ଲୋକସମ୍ପର୍କ ବିଭାଗ**

15001/13/0573/1819

DADLS-268

# ଧରିତ୍ରୀ
DHARITRI

ବ୍ରହ୍ମପୁର, ମଙ୍ଗଳବାର, ଫେବୃୟାରୀ ୫/୨୦୧୯ | Berhampur, Tuesday, February 5/ 2019 | ପୃଷ୍ଠା-୧




**ଦୀପିକାଙ୍କୁ ପ୍ରଶଂସା ଅଜାଡ଼ିଲେ ରଣବୀର**

ଦୀପିକା ଅତି ଚମତ୍କାର ବ୍ୟକ୍ତିତ୍ୱ ଏବଂ ବିଶ୍ୱର ଅତି ନିପୁଣ କଳାକାରଙ୍କ ମଧ୍ୟରୁ ଜଣେ ବୋଲି ଅଭିନେତା ରଣବୀର ସିଂ ପ୍ରକାଶ କରିଛନ୍ତି।

୧୨

୧୬

**ଆରୋଜର ଭଲ ପ୍ରଦର୍ଶନ ନେଇ ପିଣ୍ଟୋ ଆଶାୟୀ**

ମଙ୍ଗଳବାର ମିନର୍ଭା ପଞ୍ଜାବ ବିପକ୍ଷ ଆଇ- ଲିଗ୍ ଫୁଟବଲ ମ୍ୟାଚରେ ଇଣ୍ଡିଆନ ଆରୋଜର ଭଲ ପ୍ରଦର୍ଶନ ନେଇ କୋଚ୍ ଫ୍ଲୟଡ ପିଣ୍ଟୋ ଆଶାବାଦୀ



■ ଗୁଜରାଟ ନିର୍ମାଣକାରୀ ସଂସ୍ଥା ଦଖଲରେ ଜଙ୍ଗଲ ଜମି

# ଜିଲାପାଳ, ଡିଏଫ୍ଓଙ୍କୁ ଏନ୍‌ଜିଟିଙ୍କ ଜରିମାନା

**କଟକ ଅଫିସ/କେନ୍ଦୁଝର, ୪।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲାପାଳ ଓ ବନଖଣ୍ଡ ଅଧିକାରୀ (ଡିଏଫ୍ଓ) ୨୫ହଜାର ଟଙ୍କା ଲେଖାଏ ଦେବାକୁ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି) ସୋମବାର ଧାର୍ଯ୍ୟ କରିଛନ୍ତି। ଏକ ସପ୍ତାହ ମଧ୍ୟରେ ଏହି ଟଙ୍କା ଉଭୟ ଅଧିକାରୀ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ଦାଖଲ କରିବା ଲାଗି ଏନ୍‌ଜିଟି ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି।

କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ବାୟାପଣ୍ଡାଧର ଓ ବାୟାକୁମୁଟିଆ ନିକଟରେ ଜାତୀୟ ରାଜପଥ ସମ୍ପ୍ରସାରଣ କରୁଥିବା ଗୁଜରାଟ କମ୍ପାନୀ ମଣ୍ଟେକାର୍ଲୋ ଜଙ୍ଗଲ ଜମି ମାଡ଼ି ବସିବା ନେଇ ଏନ୍‌ଜିଟିରେ ମାମଲା ରୁଜୁ ହୋଇଥିଲା। କମ୍ପାନୀ ଦଖଲ କରିଥିବା ସମୁଦାୟ ୪୧ ଏକର ଜମି ମଧ୍ୟରୁ ୨୫ ଏକର ହେଉଛି ଜଙ୍ଗଲ ଜମି। ଏ ସମ୍ପର୍କରେ ଏନ୍‌ଜିଟିରେ ଆଗତ ମାମଲାର ଶୁଣାଣି ଗତ ଡିସେମ୍ବର ୧୮ରେ ହୋଇଥିଲା। ମାମଲାର ଶୁଣାଣି କରି ଏନ୍‌ଜିଟିଙ୍କ ମୁଖ୍ୟ ଖଣ୍ଡପୀଠ ଏ ସମ୍ପର୍କରେ କେନ୍ଦୁଝର ଜିଲାପାଳ ଓ ଡିଏଫ୍ଓଙ୍କୁ କେତେକ ନିର୍ଦ୍ଦେଶ ଜାରି କରିଥିଲେ। ନିର୍ଦ୍ଦେଶ ଅନୁଯାୟୀ ଆସନ୍ତା ୧ ମାସ ମଧ୍ୟରେ ନିର୍ମାଣକାରୀ ସଂସ୍ଥା ଜବରଦଖଲ କରିଥିବା ଜଙ୍ଗଲ ଜମିକୁ ମୁକ୍ତ କରାଯିବ। ଉକ୍ତ ଜମି ଉପରେ ନଷ୍ଟ ହୋଇଥିବା ସବୁଜିମା ଖର୍ଚ୍ଚ ସମ୍ପୃକ୍ତ ସଂସ୍ଥା ବହନ କରିବ। ଏ ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବା ପରେ ଜିଲାପାଳ ଓ ଡିଏଫ୍ଓ ଫେବୃୟାରୀ ୪ ସୁଦ୍ଧା ଏନ୍‌ଜିଟିରେ ସତ୍ୟପାଠ ଦାଖଲ କରିବେ ବୋଲି ଆଦେଶ ହୋଇଥିଲା। ମାତ୍ର ନିର୍ଦ୍ଧାରିତ ସମୟ ମଧ୍ୟରେ ଜିଲାପାଳ ଓ ଡିଏଫ୍ଓ ରିପୋର୍ଟ ଦାଖଲ କରିବାରେ ଅସମର୍ଥ ହେବାରୁ ଏନ୍‌ଜିଟି ଉଭୟଙ୍କ ଉପରେ ଜରିମାନା ଧାର୍ଯ୍ୟ କରିଛନ୍ତି। ଏ ନେଇ ଡିଏଫ୍ଓ ସନ୍ତୋଷ କୁମାର ଯୋଶୀଙ୍କୁ ପଚାରିବାରୁ ଏଭଳି ଜରିମାନା ବିଷୟରେ ସେ ଜାଣିନାହାନ୍ତି ବୋଲି କହିଛନ୍ତି। ଜିଲାପାଳ ଆଶିଷ ଠାକରେଙ୍କୁ ପଚାରିବାରୁ ସମସ୍ତ ତଥ୍ୟ ଦିଆଯାଇଛି। ଏନ୍‌ଜିଟିରୁ ଜରିମାନା ସମ୍ପର୍କିତ ନୋଟିସ ଆସି ନ ଥିବା କହିଛନ୍ତି।

ଏନ୍‌ଜିଟିରେ ହୋଇଥିବା ଅଭିଯୋଗ ଅନୁଯାୟୀ, ମଣ୍ଟେକାର୍ଲୋ କମ୍ପାନୀ ବାୟାପଣ୍ଡାଧର ଗ୍ରାମରେ ମୋଟ ୧୮.୬୨ ହେକ୍ଟର ଜମି ଦଖଲ କରିଥିଲା। ଉକ୍ତ ଜମିରେ କମ୍ପାନୀ ବେଆଇନ ଭାବେ ଗଛକାଟି ଜଙ୍ଗଲ ସଂରକ୍ଷଣ ଆଇନର ଧାରା ୨ର ଉଲ୍ଲଂଘନ କରିଥିଲା। ଏପରି କି କମ୍ପାନୀ ସେଠାରେ କ୍ୟାମ୍ପ୍ କାର୍ଯ୍ୟାଳୟ ପ୍ରତିଷ୍ଠା କରିବା ସହ କଂକ୍ରିଟ୍ ମିକ୍ସ ପ୍ଲାଣ୍ଟ, ଷ୍ଟୋନ୍ କ୍ରଶର୍ ଇତ୍ୟାଦି ସ୍ଥାପନ କରିଥିଲା। ସେହିପରି ସେଠାରେ ଥିବା ଜୁଆଙ୍ଗ ଆଦିବାସୀଙ୍କ ବ୍ୟକ୍ତିଗତ ଜଙ୍ଗଲ ଜମିକୁ ମଧ୍ୟ ମାଡ଼ି ବସିଥିଲା। ନିୟମାନୁଯାୟୀ, ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ବନବାସୀଙ୍କୁ ମିଳିଥିବା ଜମିକୁ କୌଣସି ବ୍ୟକ୍ତିବିଶେଷ ବା କମ୍ପାନୀକୁ ହସ୍ତାନ୍ତର କରାଯାଇ ପାରିବ ନାହିଁ। କିନ୍ତୁ ଏ କ୍ଷେତ୍ରରେ, ଉକ୍ତ ଜମିଗୁଡିକ ଚଞ୍ଚକତାପୂର୍ବକ ପାୱାର ଅଫ୍ ଆର୍ଟର୍ନି ଦ୍ୱାରା ହଡ଼ପ କରାଯାଇଥିବା ଆବେଦନକାରୀଙ୍କ ଓକିଲ ଶଙ୍କର ପ୍ରସାଦ ପାଣି କହିଛନ୍ତି। ମାର୍ଚ୍ଚ ୫ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି।

■ ପୋଲିସ କମିଶନରଙ୍କ ବାସଭବନକୁ ସିବିଆଇ ଯିବା ଘଟଣା

# ଦିଲ୍ଲୀରେ ପଶ୍ଚିମବଙ୍ଗ ତାତି

## ଗଣତନ୍ତ୍ର ଓ ସମ୍ବିଧାନ ବଞ୍ଚାଇବା ଲାଗି ଜାରି ରହିବ ସତ୍ୟାଗ୍ରହ: ମମତା

**କୋଲକାତା/ନୂଆଦିଲ୍ଲୀ,୪।୨**

ଚୂଡ଼ାନ୍ତ କ୍ଷମତାଯୁଦ୍ଧ ପୂର୍ବରୁ ପଶ୍ଚିମବଙ୍ଗରେ ଜଳୁଥିବା ନିଆଁର ଧୂଆଁ ଦିଲ୍ଲୀରେ ପହଞ୍ଚିଛି। ଚିଟ୍‌ଫଣ୍ଡ ତଦନ୍ତକୁ ନେଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ରାଜ୍ୟ ପୋଲିସ ମୁହାଁମୁହିଁ ହେବା ବିବାଦ ରାଜନୈତିକ ରୂପ ନେଇସାରିଛି। ଫଳରେ ଏହି ଲଢ଼େଇ ଏବେ ବସ୍ତୁତଃ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବନାମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାଲଟିଯାଇଛି। ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ସହ ମୁହାଁମୁହିଁ ହୋଇଥିବା ମମତା ରବିବାର ରାତିରୁ ଧାରଣାରେ ବସିଛନ୍ତି। ତାଙ୍କ ସମର୍ଥନରେ ବିରୋଧୀ ଦଳଗୁଡ଼ିକ ଆଗେଇ ଆସି କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି। ଅନ୍ୟପକ୍ଷରେ ଭାଜପା ଏହାକୁ ନେଇ ମମତାଙ୍କୁ ସମାଲୋଚନା କରିବା ସହ ପଶ୍ଚିମବଙ୍ଗରେ ସାମ୍ବିଧାନିକ ସଙ୍କଟ ସୃଷ୍ଟି ହେବା ଆଶଙ୍କା କରିଛି। ଭାଜପାର ଏକ ପ୍ରତିନିଧି ଦଳ ନିର୍ବାଚନ କମିଶନ(ଇସି)ଙ୍କ ଦ୍ୱାରସ୍ଥ ହୋଇ ରାଜ୍ୟରେ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ ପାଇଁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛି। ସେପଟେ କୋଲକାତା ପୋଲିସ କମିଶନର ରାଜୀବ କୁମାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ସିବିଆଇ ସୁପ୍ରିମକୋର୍ଟ ଯାଇଛି। ସମ୍ପୂର୍ଣ୍ଣ ଘଟଣାକ୍ରମ ଉପରେ ରାଜ୍ୟପାଳ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ରିପୋର୍ଟ ଦେଇଛନ୍ତି। ଏସବୁ ଭିତରେ ପଶ୍ଚିମବଙ୍ଗ ତାତି ପାର୍ଲାମେଣ୍ଟରେ ଅନୁଭୂତ ହୋଇଛି। ଲୋକ ସଭା ଓ ରାଜ୍ୟ ସଭାରେ ଏହି ପ୍ରସଙ୍ଗକୁ ନେଇ ପ୍ରବଳ ହଟ୍ଟଗୋଳ ହେବା ପରେ ଉଭୟ ଗୃହକୁ ଦିନକ ପାଇଁ ମୁଲତବୀ କରାଯାଇଛି।



ମେଟ୍ରୋ ଚ୍ୟାନେଲ ସମ୍ମୁଖ ଧାରଣାସ୍ଥଳରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ।

ସାରଦା ଓ ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ତଦନ୍ତକାରୀ ଏସ୍ଆଇଟି ମୁଖ୍ୟ ହେଉଛନ୍ତି କୋଲକାତା ପୋଲିସ କମିଶନର ରାଜୀବ କୁମାର। ରାଜୀବଙ୍କୁ ଏହି ମାମଲାରେ ଜେରା କରିବା ପାଇଁ ସିବିଆଇର ଏକ ଟିମ୍ ରବିବାର କୋଲକାତା ଯାଇଥିଲା। ତଦନ୍ତକାରୀ ଅଧିକାରୀମାନେ ସନ୍ଧ୍ୟାରେ ରାଜୀବଙ୍କ ବାସଭବନରେ ପହଞ୍ଚିବା ପରେ ସ୍ଥାନୀୟ ପୋଲିସ ସେମାନଙ୍କୁ ଏକ ଥାନାକୁ ନେଇ ଅଟକ ରଖିଥିଲା। ପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିଲେ ହେଁ ଏହି ବିବାଦ ଥମିବା ପରିବର୍ତ୍ତେ ତେଜିବାରେ ଲାଗିଛି। କାରଣ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ଏହାକୁ ପ୍ରଧାନମନ୍ତ୍ରୀ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ୍ ଡୋଭାଲଙ୍କ ପକ୍ଷରୁ ମିଳିତ ଭାବେ ରଚାଯାଇଥିବା ଏକ ଷଡ଼ଯନ୍ତ୍ରର ରୂପ ଦେଇ ‘ସମ୍ବିଧାନ ବଞ୍ଚାଅ’ ନାଁରେ ରବିବାର ରାତି ୮ଟା ୩୦ରୁ ଧାରଣାରେ ବସିଛନ୍ତି। ମମତାଙ୍କ ସମର୍ଥନରେ ପ୍ରାୟ ସବୁ ବିରୋଧୀ ଦଳ ଆସି କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଟାର୍ଗେଟ କରିଛନ୍ତି। କେନ୍ଦ୍ର ସରକାର ବିରୋଧୀଙ୍କୁ ପ୍ରତିହତ କରିବା ପାଇଁ ସିବିଆଇକୁ ବ୍ୟବହାର କରୁଥିବା ବିପକ୍ଷ ଅଭିଯୋଗ ଆଣିଛନ୍ତି।

ସେପଟେ ସିବିଆଇ ପକ୍ଷରୁ ସୋମବାର ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରାଯାଇଛି। ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ପ୍ରମାଣଗୁଡ଼ିକୁ ରାଜୀବ କୁମାର ନଷ୍ଟ କରିବାକୁ ଉଦ୍ୟମ କରୁଛନ୍ତି। ଏହାସହ ପଶ୍ଚିବଙ୍ଗର ଶୀର୍ଷ ପୋଲିସ ଅଧିକାରୀମାନେ ନିଜକୁ ବଞ୍ଚାଇବା ଲାଗି ସିବିଆଇ ଅଧିକାରୀମାନଙ୍କୁ ଅଟକ ରଖିଥିଲେ। ଏହାସହ ସେମାନେ ଟିଏମ୍‌ସିର ରାଜନୈତିକ ଧାରଣାରେ ବସିଥିବା ଏଥିରେ ଦର୍ଶାଯାଇଛି। ରାଜୀବ କୁମାର ଅଦାଲତ ଅବମାନନା କରିଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପିଟିଶନରେ ଅନୁରୋଧ କରାଯାଇଛି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ତ୍ୱରିତ ଶୁଣାଣି କରିବାକୁ ମନାକରିଦେଇଛନ୍ତି। ସିବିଆଇ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା ଦାଏର କରିଥିବା ଉକ୍ତ ପିଟିଶନର ଶୁଣାଣି ମଙ୍ଗଳବାର କରିବାକୁ ସର୍ବୋଚ୍ଚ ଅଦାଲତ ରାଜି ହୋଇଛନ୍ତି। ସିବିଆଇ ସୁପ୍ରିମକୋର୍ଟରେ ପହଞ୍ଚିଥିବାବେଳେ ପଶ୍ଚିମବଙ୍ଗ ସରକାର ଏହା ବିରୋଧରେ କୋଲକାତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଶିବକାନ୍ତ ପ୍ରସାଦ ଏହାର ତ୍ୱରିତ ଶୁଣାଣି କରିବାକୁ ମନା କରିଦେଇଛନ୍ତି। ଜର୍ଣିକିଆ ଖଣ୍ଡପୀଠରେ ଏହି ପିଟିଶନର ବିଚାର କରାଯିବ। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ରାଜ୍ୟପାଳ କେଶରୀନାଥ ତ୍ରିପାଠୀ ରାଜ୍ୟର ଘଟଣାକ୍ରମକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଏକ ରିପୋର୍ଟ ପ୍ରଦାନ କରିଛନ୍ତି। ଏହାସହ ସେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କ ସହ ଫୋନ୍‌ରେ ଆଲୋଚନା କରିଥିବା ରାଜଭବନ ସୂତ୍ରରୁ ପ୍ରକାଶ। ପଶ୍ଚିମବଙ୍ଗରେ ସାମ୍ବିଧାନିକ ସଙ୍କଟ ସୃଷ୍ଟି ହୋଇପାରେ ବୋଲି ରାଜନାଥ ଆଶଙ୍କା ବ୍ୟକ୍ତ କରିଛନ୍ତି।

ଇତିମଧ୍ୟରେ ଭାଜପାର ଏକ ଉଚ୍ଚକ୍ଷମତାସମ୍ପନ୍ନ ପ୍ରତିନିଧି ଦଳ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇ ☞ ପୃଷ୍ଠା–୨

**ଦିଦି ବନାମ କେନ୍ଦ୍ର**

- ସୁପ୍ରିମକୋର୍ଟ ଗଲା ସିବିଆଇ, ଆଜି ଶୁଣାଣି
- କୋଲକାତା ପୋଲିସ ହାଇକୋର୍ଟଙ୍କ ଦ୍ୱାରସ୍ଥ
- ନିର୍ବାଚନ କମିଶନଙ୍କୁ ଭେଟିଲେ ଭାଜପା ପ୍ରତିନିଧି
- ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ରିପୋର୍ଟ ଦେଲେ ରାଜ୍ୟପାଳ
- ପଶ୍ଚିମବଙ୍ଗରେ ସାମ୍ବିଧାନିକ ସଙ୍କଟ ଆଶଙ୍କା: ରାଜନାଥ

**ବଜେଟ ଅଧିବେଶନରେ ସରକାରଙ୍କୁ ଘେରିବାକୁ ପ୍ରସ୍ତୁତ ଭାଜପା**

........ ୩ ........

**ଆଜିର ସମ୍ପାଦକୀୟ**

ଅସ୍ୱାଦପୂର୍ଣ୍ଣ ସିବିଆଇ

**ଆଜିର ମନ୍ତବ୍ୟ**

“ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ଲାଗି ଏନ୍‌ଡିଏ ଦ୍ୱାର ସବୁଦିନ ପାଇଁ ବନ୍ଦ।

– ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷ ଏପ୍ରିଲ–ସେପ୍ଟେମ୍ବର ସମୟରେ ଦେଶ ମଧ୍ୟକୁ ଏଫ୍‌ଡିଆଇରେ ୧୧% ହ୍ରାସ ଘଟି ୨୨.୬୬ ବିଲିୟନ ଡଲାର ରହିଛି।

– ବାଣିଜ୍ୟ ମନ୍ତ୍ରଣାଳୟ

■ ସରକାରଙ୍କ ସଫଳତାର ଚିତ୍ର ଦେଖାଇଲେ ରାଜ୍ୟପାଳ

# ବଢୁଛି ଆର୍ଥିକ ବିକାଶ

**ଭୁବନେଶ୍ୱର,୪।୨(ବ୍ୟୁରୋ)**

ରାଜ୍ୟରେ ଆର୍ଥିକ ବିକାଶ ଦ୍ରୁତ ଗତିରେ ମାଡି ଚାଲିଛି। ଦାରିଦ୍ର୍ୟ ହାର ତଳମୁହାଁ ହୋଇଛି। କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ଭିତ୍ତିଭୂମି, ଜଳସେଚନ, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା, ଶିଳ୍ପାୟନ, ଆଦିବାସୀ ଓ ଦଳିତମାନଙ୍କ ବିକାଶ କାହିଁ କେତେ ଉପରକୁ ଚାଲିଗଲାଣି। ଦକ୍ଷତା ବିକାଶ ଠାରୁ ଆରମ୍ଭ କରି ଭାଷା ସାହିତ୍ୟ ସଂସ୍କୃତି ପ୍ରଚାର ପ୍ରସାରରେ ରାଜ୍ୟ ଅନେକ ପ୍ରଗତି କରିଛି। ୨୦୦୦ ମସିହା ପରଠାରୁ ରାଜ୍ୟର ଦୁର୍ଦ୍ଦିନ ହଟି ଯାଇଛି। ଶସ୍ୟ ଉତ୍ପାଦନ, ଚିକିତ୍ସା କ୍ଷେତ୍ରରେ ଅଭୂତପୂର୍ବ ସଫଳତା ମିଳିଛି। ସୋମବାର ବିଧାନସଭାରେ ନିଜର ଅଭିଭାଷଣ ରଖିବା ବେଳେ ରାଜ୍ୟପାଳ ଡ. ଗଣେଶୀ ଲାଲ ସରକାରଙ୍କ ଏଭଳି ରଙ୍ଗିନ ଚିତ୍ର ଆଙ୍କିଛନ୍ତି।



ବିଧାନସଭାରେ ରାଜ୍ୟପାଳ ଅଭିଭାଷଣ ରଖୁଛନ୍ତି।

ସୋମବାର ଆରମ୍ଭ ହୋଇଛି ପଞ୍ଚଦଶ ବିଧାନସଭା ଶେଷ ଅଧିବେଶନ। ପ୍ରଥମ ଦିବସରେ ରାଜ୍ୟପାଳ ନିଜ ଅଭିଭାଷଣରେ କହିଛନ୍ତି ଯେ, ଏବେ ରାଜ୍ୟ ଆର୍ଥିକ ପ୍ରଶାସନ ଉତ୍କର୍ଷତା ଲାଭ କରିଛି। ୨୦୦୦ ମସିହା ବେଳକୁ ଉତ୍କଟ ଦାରିଦ୍ର୍ୟ ଥିଲା। ଏକ ଦଶନ୍ଧିରୁ କମ୍ ସମୟ ମଧ୍ୟରେ ରାଜ୍ୟରେ ୨୪.୬୧ ପ୍ରତିଶତ ଦାରିଦ୍ର୍ୟ ହାର ହ୍ରାସ କରି ଓଡିଶା ଅନ୍ୟମାନଙ୍କ ପାଇଁ ପଥ ପ୍ରଦର୍ଶକ ହୋଇଛି। ସେତେବେଳେ ପ୍ରାକୃତିକ ବିପର୍ଯ୍ୟୟରେ ଅମୂଲ୍ୟ ଜୀବନ ଚାଲିଯାଉଥିଲା। କିନ୍ତୁ ଏବେ ବିପର୍ଯ୍ୟୟର ସୁପରିଚାଳନା କରି ରାଜ୍ୟ ସରକାର ବିଶ୍ୱରେ ନା ☞ ପୃଷ୍ଠା–୨

- ଏପ୍ରିଲରୁ ବିନା ସୁଧରେ ଚାଷୀଙ୍କୁ ମିଳିବ ଋଣ
- ଚାଷୀଙ୍କୁ ମିଳିଛି ୬୦ ହଜାର ମୋବାଇଲ ଫୋନ
- ୬ ଲକ୍ଷ ନବମ ଶ୍ରେଣୀପିଲାଙ୍କୁ ମିଳିବ ସାଇକେଲ

# ଅନ୍‌ଲାଇନ୍‌ରେ ହେବ ୟୁପିଏସ୍‌ସି, ଓପିଏସ୍‌ସି ପରୀକ୍ଷା

**ଭୁବନେଶ୍ୱର,୪।୨(ବ୍ୟୁରୋ)**

ଏଣିକି ଅନ୍‌ଲାଇନ୍‌ରେ ହେବ କେନ୍ଦ୍ରୀୟ ଲୋକସେବା ଆୟୋଗ(ୟୁପିଏସ୍‌ସି) ଓ ରାଜ୍ୟ ଲୋକସେବା ଆୟୋଗ (ଓପିଏସ୍‌ସି) ପରୀକ୍ଷା। ଫର୍ମ ପୂରଣଠାରୁ ଆରମ୍ଭ କରି ପରୀକ୍ଷାଫଳ ପ୍ରକାଶ ପର୍ଯ୍ୟନ୍ତ, ସବୁକିଛି ଅନ୍‌ଲାଇନ୍ ମାଧ୍ୟମରେ ହେବ। ଭୁବନେଶ୍ୱରରେ ପ୍ରଥମଥର ପାଇଁ ଅନୁଷ୍ଠିତ କେନ୍ଦ୍ରୀୟ ଲୋକସେବା ଆୟୋଗ ଓ ରାଜ୍ୟ ଲୋକସେବା ଆୟୋଗ ଅଧ୍ୟକ୍ଷଙ୍କ ସମ୍ମିଳନୀରେ ଏ ନେଇ ରୋଡ୍ ମ୍ୟାପ୍ ପ୍ରସ୍ତୁତ ହୋଇଛି। ପରୀକ୍ଷା ସମୟରେ ପରୀକ୍ଷାର୍ଥୀମାନେ ଯେପରି ମାନସିକ ସ୍ତରରେ ହଇରାଣ ନ ହେବେ, ସେଥିପାଇଁ ନିଯୁକ୍ତି ପ୍ରକ୍ରିୟାରେ ସଂସ୍କାର ଆଣିବାକୁ ଯୋଜନା ପ୍ରସ୍ତୁତ କରାଯାଉଥିବା ୟୁପିଏସ୍‌ସି ଅଧ୍ୟକ୍ଷ ଅରବିନ୍ଦ ସକ୍ସେନା କହିଛନ୍ତି। ଓପିଏସ୍‌ସି ମଧ୍ୟ ପରୀକ୍ଷା ପରିଚାଳନା ପ୍ରକ୍ରିୟାରେ ପରିବର୍ତ୍ତନ କରିବା ସହ ଅନ୍‌ଲାଇନ୍‌ରେ ପରୀକ୍ଷା କରିବ। ପରୀକ୍ଷାର୍ଥୀଙ୍କ କୌଣସି ସନ୍ଦେହ ହେଲେ, ସେମାନେ ଉତ୍ତର ଖାତା ଦେଖିପାରିବେ। ଏହାଦ୍ୱାରା ପରୀକ୍ଷା ପରିଚାଳନା ଓ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆସିପାରିବ ବୋଲି ଓପିଏସ୍‌ସି ଅଧ୍ୟକ୍ଷ ବ୍ରିଗେଡିୟର ଏଲ୍.ସି. ପଟ୍ଟନାୟକ କହିଛନ୍ତି। ଏହି ସମ୍ମିଳନୀରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇଥିଲେ। ଏହି ସଂସ୍କାର ଯୋଜନାକୁ ଚାକିରି ଆଶାୟୀମାନେ ସ୍ୱାଗତ କରିଛନ୍ତି। ଅନେକ ସମୟରେ ୟୁପିଏସ୍‌ସି ଓ ଓପିଏସ୍‌ସି ପରୀକ୍ଷା ଗୋଟିଏ ଦିନରେ ହେଉଥିବାରୁ ପରୀକ୍ଷାର୍ଥୀ ଅଡୁଆରେ ପଡୁଛନ୍ତି। ତେଣୁ ଏଭଳି ସ୍ଥିତି ଏଡ଼ାଇବାକୁ ଆୟୋଗ ଧ୍ୟାନ ଦେଉ ବୋଲି ପରୀକ୍ଷାର୍ଥୀମାନେ ଦାବି କରିଛନ୍ତି।

# ଭୂତ ଭୟରେ ସ୍କୁଲ ଯାଉନାହାନ୍ତି ପିଲା

- ୮ ଦିନରେ ୫ ଛାତ୍ରୀଛାତ୍ର ଅସୁସ୍ଥ
- ଚିନ୍ତାରେ ଅଭିଭାବକ, ବିଇଓଙ୍କ ପରିଦର୍ଶନ

**ଆର.ଉଦୟଗିରି,୪।୨(ଡି.ଏନ.ଏ.)**

ଗଜପତି ଜିଲା ଆର.ଉଦୟଗିରିର ଦିଗବାରଣ ସାହିସ୍ଥିତ ଗୋପବନ୍ଧୁ ବିଦ୍ୟାପୀଠରେ କିଛିଦିନ ହେଲା ଛାତ୍ରୀଛାତ୍ରଙ୍କୁ ଭୂତ ଭୟ ଘାରିଛି। ଜାନୁୟାରୀ ୨୪ରୁ ଗତ ୧ ତାରିଖ ମଧ୍ୟରେ ୮ ଛାତ୍ରୀଛାତ୍ର କୌଣସି କାରଣରୁ ସ୍କୁଲରେ ଅସୁସ୍ଥ ହୋଇଥିଲେ। ଏଥିରେ ଭୟଭୀତ ହୋଇ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ସୋମବାର ସ୍କୁଲକୁ ଛାଡ଼ି ନ ଥିଲେ। ଶିକ୍ଷକମାନଙ୍କୁ ଏହାର କାରଣ ପଚାରିବା ସହ ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ତୁରନ୍ତ ସମସ୍ୟା ସମାଧାନ କରୁ ବୋଲି ଦାବି କରିଥିଲେ। ଅପରାହ୍ନରେ ଆର.ଉଦୟଗିରି ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ବିଶ୍ୱନାଥ ଭୂୟାଁ ଉକ୍ତ ସ୍କୁଲ ପରିଦର୍ଶନ କରିଥିଲେ। ମଙ୍ଗଳବାର ଶିକ୍ଷକ ଓ ଅଭିଭାବକମାନଙ୍କୁ ନେଇ ଏ ସମ୍ପର୍କରେ ଆଲୋଚନା କରାଯିବ ବୋଲି ବିଇଓ ସୂଚନା ଦେଇଛନ୍ତି।

୨୪ ତାରିଖରେ ଗୋପବନ୍ଧୁ ବିଦ୍ୟାପୀଠର ଅଷ୍ଟମ ଶ୍ରେଣୀ ଛାତ୍ରୀ ପିଙ୍କି ରଇତ ହଠାତ୍ ଅଚେତ ହୋଇ ପଡ଼ିଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକମାନେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଛାତ୍ରୀ ଜଣକ ବାନ୍ତି କରିବା ସହ ବାରମ୍ବାର ଅଚେତ ହୋଇପଡୁଥିବାରୁ ପ୍ରଶାସନ ତତ୍ତ୍ୱାବଧାନରେ ତାଙ୍କୁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ପିଙ୍କିଙ୍କ ହିମୋଗ୍ଲୋବିନ କମ୍ ଥିବା ଡାକ୍ତର କହିଥିଲେ। ଚିକିତ୍ସା ପରେ ପିଙ୍କି ସୁସ୍ଥ ହୋଇ ଘରକୁ ଫେରିଥିଲେ। ତେବେ ଘରେ ପୁଣି ବାରମ୍ବାର ଅଚେତ ହେବାରୁ କାଳିଶି ଏବଂ ଦେଶୀ ଚିକିତ୍ସା କରିବାରୁ ପିଙ୍କି ବର୍ତ୍ତମାନ ଠିକ୍ ଥିବା ପରିବାର ଲୋକେ କହିଛନ୍ତି। ଅନ୍ୟପକ୍ଷରେ ସ୍କୁଲରେ ବିଭିନ୍ନ ସମୟରେ ଆଉ ୪ ଜଣ ଏପରି ଅସୁସ୍ଥ ଅନୁଭବ କରିଥିଲେ। ତେବେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଉଦ୍ୟମରେ ୩ଜଣ ସ୍କୁଲରେ ଭଲ ହୋଇଥିଲେ। ଶନିବାର ପୂର୍ବାହ୍ନରେ ସପ୍ତମ ଶ୍ରେଣୀ ଛାତ୍ର ମନୋଜ କୁମାର ମାଳଦଣ୍ଡସେନାଙ୍କ ମୁଣ୍ଡ ବୁଲାଇଥିଲା। ପରେ ତାଙ୍କର ବାରମ୍ବାର ବାନ୍ତି ହେବାରୁ ସେ ଅଚେତ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଘରକୁ ଆଣି ଔଷଧ ଦେଇଥିଲେ। ସେଥିରେ କିଛି ପରିବର୍ତ୍ତନ ନ ହେବାରୁ ଗାଁରେ ଝଡ଼ାଫୁଙ୍କା କରିଥିଲେ ବୋଲି ମନୋଜଙ୍କ ମା’ କହିଛନ୍ତି। ରବିବାର ପୁଣି ମନୋଜ ବାରମ୍ବାର ଅଚେତ ହେବାରୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଔଷଧପତ୍ର ଆଣି ମନୋଜ ଘରକୁ ଫେରିଥିଲେ ମଧ୍ୟ ସମ୍ପୂର୍ଣ୍ଣ ସୁସ୍ଥ ହୋଇନାହାନ୍ତି। ଗାଁରେ ମନୋଜଙ୍କୁ ଝଡ଼ାଫୁଙ୍କା କରାଯାଉଥିବା ଜଣାପଡ଼ିଛି। ସ୍କୁଲରେ ପିଲା ଅସୁସ୍ଥ ହେଉଥିବା ନେଇ ଅଭିଭାବକମାନେ ଚିନ୍ତାରେ ପଡ଼ିଛନ୍ତି। ଶୀଘ୍ର ସମସ୍ୟାର ସମାଧାନ କରାଯାଉ ବୋଲି ଦାବି କରିଥିଲେ।

# ଗୋବରୀ ନଦୀରେ ବୁଡ଼ିଲା ଡଙ୍ଗା

**ମହାକାଳପଡ଼ା,୪।୨(ଡି.ଏନ୍.ଏ.)**

କେନ୍ଦ୍ରାପଡା ଜିଲା ମହାକାଳପଡ଼ା ବ୍ଲକ ଦେଇ ପ୍ରବାହିତ ଖୋଳା ନଦୀରେ ଗତ ଜାନୁୟାରୀ ୨ରେ ଡଙ୍ଗା ବୁଡ଼ିଯିବାରୁ ୧୦ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁଃଖଦ ଘଟଣା ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ଏହି ବ୍ଲକ ଅନ୍ତର୍ଗତ ବିଜୟନଗର

- ଉଦ୍ଧାର ହେଲେ ସମସ୍ତ ଯାତ୍ରୀ
- ଦଳ କାଟି ନ ପାରିବାରୁ ଭାରସାମ୍ୟ ହରାଇଲା ଡଙ୍ଗା
- ଆବଶ୍ୟକଠାରୁ ଅଧିକ ସଂଖ୍ୟାରେ ଯାଉଥିଲେ ଯାତ୍ରୀ
- ଲାଇଫ ଜ୍ୟାକେଟ ପରିଧାନ କରି ନ ଥିଲେ

ଗ୍ରାମ ପାର୍ଶ୍ୱ ଗୋବରୀ ନଦୀରେ ସୋମବାର ଅନ୍ୟ ଏକ ଡଙ୍ଗା ବୁଡ଼ି ଯାଇଛି। ତେବେ ଡଙ୍ଗାରେ ଥିବା ୧୭ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଗୋବରୀ ନଦୀ ଫେରିଘାଟରୁ



ପାଣିରେ ବୁଡ଼ିଯାଇଥିବା ମୋଟର ସାଇକେଲକୁ ଉଦ୍ଧାର କରାଯାଉଛି।

ମହାକାଳପଡାର କିଆରବାଙ୍କ ଆଡକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ ବାଲି ସାହି ଗ୍ରାମର କଲେଜ ଛାତ୍ରୀ ଶିଳନ ସାମନ୍ତରାୟ (୧୬) ଆହତ ହୋଇଛନ୍ତି। ତାଙ୍କୁ ବିଜୟନଗରସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ଗୋଟିଏ ଡଙ୍ଗା ବୁଡିବା ପରେ ମଧ୍ୟ ପ୍ରଶାସନର ଚେତା ପଶି ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ବିଜୟନଗର ପଞ୍ଚାୟତ ଅନ୍ତର୍ଗତ ବିଜୟନଗର ଗ୍ରାମର ଗୋବରୀ ନଦୀ ଫେରିଘାଟରୁ ଅପରାହ୍ନରେ ୧୭ ଜଣ ଯାତ୍ରୀଙ୍କୁ ନେଇ ଡଙ୍ଗା ବାହାରି ଥିଲା। କୂଳଠାରୁ ୩୦ ଫୁଟ ନଦୀ ଭିତରକୁ ଯିବା ପରେ ଡଙ୍ଗାଟି ଭାରସାମ୍ୟ ହରାଇ ପାଣିରେ ବୁଡ଼ିଯାଇଥିଲା। କୌଣସି ଯାତ୍ରୀ ଲାଇଫ ଜ୍ୟାକେଟ ପିନ୍ଧି ନ ଥିବା ଦେଖିବାକୁ ମିଳିଥିଲା। ଡଙ୍ଗାରେ ଆବଶ୍ୟକଠାରୁ ଅଧିକ ଲୋକ ଥିବାବେଳେ ସେଥିରେ ୬ଟି ବାଇକ୍ ଓ ୪ଟି ସାଇକେଲ ରଖାଯାଇଥିଲା। ☞ ପୃଷ୍ଠା–୨


SUDHAKAR
uPVC WINDOWS AND DOORS
EUROPEAN TECHNOLOGY PROFILE SYSTEMS
WE ARE LOOKING FOR uPVC WINDOWS & DOORS FABRICATORS
CONTACT US
96664 46664
sales.windows@sudhakarind.com

NECC NATIONAL EGG CO-ORDINATION COMMITTEE — 04.02.2019 — Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 82 | 135 | 145 |
| CTC | 84 | 137 | 147 |
| DKL | 85 | 139 | 149 |
| BDK | 83 | 136 | 146 |
| BLS | 83 | 136 | 146 |
| ANG | 85 | 139 | 149 |

*Conditions Apply
Eggs Retail Price- 49/-Dozen
Issued in the Interest of Consumers

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସାଇ
ପରିବାରବର୍ଗ


ଲିନ୍ସି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

### automobile

**SALE**

L&T Pc 71 Komatsu show room condition, 2009 Dec. (Mo): 7978887806. D-10897

### real estate

**SALE**

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

Bhubaneswar AIIMS Hospital, MOBus stand ନିକଟରେ gharabari plot sale. 8480745797. D-65342

BDA yellow zone sthitiban plot at Khandagiri 30 feet Main Road, 30 feet Sub Road. 9437426733. D-10890

Gharabari boundary plot infront Krupajal Engineering College, Bhubaneswar: 9090899281, 8908805482. D-65461

Gharabari boundary plots 200ft. road side, KIIT price- 900/-, 750/- gharabari plots AIIMS-1250, Raghunathpur-1700/-. 9040273330. D-10877

CV Raman College ମହୁରାରେ NH-316ରୁ 500 ମିଟର ଭିତରେ 2000 sqft. yellowzone plot ବିକ୍ରିହେବ। Contact: 9937910363. D-65607

Plot on lowest bduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452. D-65813

Home steade land at Kesura for immediate construction with boundary patta/ Pitapalli ଛକରୁ 2km. ଦୂରରେ main road ସାଇଡରେ plot ବିକ୍ରିହେବ। 9178031478. D-65812

### to-let

2BHK residential bangalow with garage at Satyanagar 1600 sqft. Contat: 9437023430, 7205362692. D-10941

### healthcare

New opening ayurvedic full body massage. 7077444583. D-10885

This winter do you need Keralian massage with Steambath. 9556341170. D-10940

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### business

ଓଡ଼ିଶାର SHG- group ମାନେ ୫ବର୍ଷର ଏଗ୍ରିମେଣ୍ଟବେସ୍‌ରେ କାମ ନେବାପାଇଁ ଯୋଗାଯୋଗ କରନ୍ତୁ। 9937673117, 8249666277. D-59925

### କମ୍ପ୍ୟୁଟର ସାଇନ୍ସରେ ଡକ୍ଟରେଟ୍ (Ph.D.)



ଆସିଷ୍ଟାଣ୍ଟ ପ୍ରଫେସର **ଶ୍ରାବଣୀ ସ୍ୱାଗତିକା** ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରରୁ କମ୍ପ୍ୟୁଟର ସାଇନ୍ସ ଓ ଇଂଜିନିୟରିଂରେ ଡକ୍ଟରେଟ୍ (Ph.D.) ଡିଗ୍ରୀ ଲାଭ କରିଛନ୍ତି। ସେ NAAC ବାଙ୍ଗାଲୋର Advisor ତଥା ବୁର୍ଲା ବୀର ସୁରେନ୍ଦ୍ର ସାଏ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ଅମିୟ କୁମାର ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କ ସନ୍ଦର୍ଭ "Novel energy aware resource allocation and SDN integrated for reducing power consumption in cloud" ଜୋର୍ଡାନସ୍ଥ Albalga Applied Universityର ପ୍ରଫେସର ଡଃ ବସିମ୍ ଅଲ୍‌ହାଦିଦ୍ ଏବଂ ଡଃ ବାବା ସାହେବ ଆମ୍ବେଦକର ୟୁନିଭରସିଟି ମରାଠାୱାଡର ପ୍ରଫେସର ଡଃ ସଚ୍ଚିନ୍ ଦେଶମୁଖଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଅଛି। ଶ୍ରାବଣୀ ସ୍ୱାଗତିକା କଟକ ବୈୟାଳିଶ ମୌଜା ଅନ୍ତର୍ଗତ ଡିହସରିଚୁଆଁ ଗ୍ରାମ ବାସିନ୍ଦା ତଥା ଭୁବନେଶ୍ୱର ଭି.ଏସ୍.ଏସ୍. ନଗର ନିବାସୀ ଆଡଭୋକେଟ୍ ଅରବିନ୍ଦ ମହାରଣା ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶ୍ରୀମତୀ କମଳ କୁମାରୀ ମହାରଣାଙ୍କ କନିଷ୍ଠ କନ୍ୟା ଅଟନ୍ତି। ତାଙ୍କ ଏ ସଫଳତାର ଶ୍ରେୟ ସେ ସମସ୍ତ ସହକର୍ମୀ, ଶୁଭାକାଂକ୍ଷୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗଙ୍କୁ ଦେଇଛନ୍ତି। ଧ-୧୦୯୩୬

### ୬୩ତମ ଜନ୍ମଦିନ ଶୁଭେଚ୍ଛା



**ନାରାୟଣ ଚନ୍ଦ୍ର ସିହ୍ନା**
**ଖୋକନ/ ବାବୁ**
**କିରନ୍-ଜ୍ୟୋତି ଭବନ, ଉପର ମାଳିସାହି, ପୁରୀ**

ତା୦୫।୦୨।୨୦୧୯ରିଖ ମଙ୍ଗଳବାର ଦିନ ୬୩ତମ ଜନ୍ମତିଥି ଉତ୍ସବରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ଦକ୍ଷିଣକାଳୀ ଏବଂ ସ୍ୱର୍ଗତ ପିତାମାତା, ଗୁରୁ ଓ ଇଷ୍ଟଦେବଦେବୀଙ୍କ ଆଶୀର୍ବାଦରୁ ତୁମର ଆୟୁଷ ବୃଦ୍ଧି ସଙ୍ଗେ ସଙ୍ଗେ ନୀରୋଗ ରହି ପୃଥିବୀରେ ପ୍ରଶଂସିତ ହୁଅ, ଏହାହିଁ ଈଶ୍ୱରଙ୍କଠାରେ ପ୍ରାର୍ଥନା। କିରନ୍-ଜ୍ୟୋତି ପରିବାରବର୍ଗ, ଉପର ମାଳିସାହି, ବଡଡାକ୍ତରଖାନା ଛକ, ପୁରୀ। ଧ-୬୩୭୫୮

# ମନେ ପଡ଼ନ୍ତି

### ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ଚଞ୍ଚଳା ପ୍ରହରାଜ**
ସ୍ୱାମୀ ୰ ଗୋବିନ୍ଦ ଚନ୍ଦ୍ର ପ୍ରହରାଜ
ଅଣ୍ଟା, ଖୋର୍ଦ୍ଧା
ତିରୋଧାନ : ୨୭/୦୧/୨୦୧୯

ବୋଉ,
ତୁ ମୁକ୍ତି ପାଇଗଲୁ ସାଂସାରିକ ଜଞ୍ଜାଳରୁ ।
ଆମେ ବଂଚିତ ହେଲୁ ମାତୃ ଆଶୀର୍ବାଦରୁ ।
ଆମ ସୁଖରେ ତୁ କେବେ ବାଧା ଦେଇନୁ ।
ଆମ ଦୁଃଖରେ ତୋ ସମଦୁଃଖୀ ମନ ଆମକୁ ସଠିକ୍ ମାର୍ଗ ଦେଖାଇ ଚାଲିଥିଲା ।
ଆଜି ସବୁର ଅନ୍ତ ହୋଇଗଲା ।

ତୋର ହତଭାଗ୍ୟ
ପୁଅ, ଝିଅ, ନାତି, ନାତୁଣୀ, ନାତୁଣୀବୋହୂ ଏବଂ ନାତୁଣୀ ଜ୍ୱାଇଁ

ଧ-୬୫୪୬୮

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଏକାଦଶାହ ଉପଲକ୍ଷେ




**୰କୈବଲ୍ୟ କଣ୍ଠ ଅର୍ଜୁନ ଚରଣ ସାମଲ**
ଯାଜପୁର/ନୟାପଲ୍ଲୀ
ଭୁବନେଶ୍ୱର
ଆବିର୍ଭାବ-୦୩.୦୬.୧୯୪୧
ତିରୋଧାନ-୨୬.୦୧.୨୦୧୯

ସୁନାସଂସାରକୁ ବାଲିଘର ପରି ତୁଚ୍ଛ କରି, ଆମ୍ଭମାନଙ୍କୁ ଛାଡ଼ି ଆପଣ ଚାଲିଗଲେ । ଆପଣଙ୍କ କଣ୍ଠ-କୈବଲ୍ୟକୁ ପାଥେୟ କରି ଆମ ହୃଦ-ବୈକଲ୍ୟ ପ୍ରଶମିତ ହେଉଛି । ଆପଣଙ୍କ ଶାନ୍ତି ଓ ସଦ୍‌ଗତି କାମନା କରି ରହୁଛୁ ।

**ଶୋକ ସନ୍ତପ୍ତ-**
ହତଭାଗିନୀ ସ୍ତ୍ରୀ, ଭାଇ-ଭାଇବୋହୂ, ଝିଅଜ୍ୱାଇଁ, ପୁଅବୋହୂ, ଓ ନାତିନାତୁଣୀମାନେ ।

ଧ-୧୦୯୫୧

### ଦଶାହ ଉପଲକ୍ଷେ



**ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ପଣ୍ଡା**
ବେରବୋଇ, ପୁରୀ
ଆବିର୍ଭାବ: ୭।୧୧।୧୯୪୫
ତିରୋଧାନ: ୨୭।୧।୨୦୧୯

ଆପଣ ବେରବୋଇ ଗାନ୍ଧିସ୍ମାରକ ସମିତି ଏବଂ କସ୍ତୁରବା ସେବା କେନ୍ଦ୍ର ବେରବୋଇ ସହିତ ଜଣେ ସମର୍ପିତ ସଦସ୍ୟ ଭାବରେ ପ୍ରାରମ୍ଭରୁ ଜଡ଼ିତ ଥିଲେ। ଫଳରେ ରାଜ୍ୟର ଗାନ୍ଧିବାଦୀ ପ୍ରଖ୍ୟାତ ସମାଜସେବୀମାନଙ୍କ ସହିତ ଏବଂ କସ୍ତୁରବା କେନ୍ଦ୍ରର ମୁଖ୍ୟ ସଂଚାଳିକାମାନଙ୍କ ସହିତ ଘନିଷ୍ଠ ଭାବରେ ପରିଚିତ ଥିଲେ। ଏପରିକି ଅନ୍ନପୂର୍ଣ୍ଣା ମହାରଣାଙ୍କ ପରି ମହୀୟସୀ ସମାଜସେବୀଙ୍କର ପ୍ରିୟଜନ ହୋଇପାରିଥିଲେ। ଆମ ପରିବାରର ପରିଚୟ ଆପଣଙ୍କ ପାଇଁ ପରିବ୍ୟାପ୍ତ ହୋଇଥିଲା। ଆପଣଙ୍କ ବିଦାୟ ସହିତ ଆମ ପରିବାରର ପରିଚୟ ହଜିଗଲା। ଆପଣଙ୍କ ପତ୍ନୀ ଏବଂ କନ୍ୟାମାନେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଏବଂ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁବାନ୍ଧବ।

ଧ-୧୦୯୫୨

### ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତା ସୁଶୀଳା ସାହୁ**

ବାସାଂସି ଜୀର୍ଣ୍ଣାନି ଯଥା ବିହାୟ
ନବାନି ଗୃହ୍ଣତି ନରୋପରାଣି
ତଥା ଶରୀରାଣି ବିହାୟ ଜୀର୍ଣ୍ଣା
ନ୍ୟନ୍ୟାନି ସଂଯାତି ନବାନି ଦେହୀ

ବୋଉ, ତୋର ଅନାବିଳ ସ୍ନେହ ଆମ ପାଇଁ ଅଭୁଲା, ତୋର ଆଶୀର୍ବାଦ ଆମ ପାଇଁ ହେଉ ଆଶ୍ରୟ। ତୁମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପୁତ୍ର- ବାବାଜୀ, ଶିବାଜୀ, ଲାଲାଜୀ, ପୁତ୍ରବଧୂ- ଜଲି, ଲୀନା, କନ୍ୟା- ଲିଲି, ଡଲି, ଜାମାତା- ରମାକାନ୍ତ,ତ୍ରିଲୋଚନ, ନାତିନାତୁଣୀ- ରାଜା, ଟିପୁ, ଶୃତି, ସୋନୁ ଓ ବନ୍ଧୁବାନ୍ଧବ। ଧ-୬୪୯୪୩

### ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ



**ସ୍ୱର୍ଗତା ଆଶାଲତା ବେହେରା**
ତମାଣ୍ଡୋ, ଭୁବନେଶ୍ୱର

ଆଜିର ଏହି ପବିତ୍ର ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ। ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ ପୁଅ- ଚିତ୍ତରଞ୍ଜନ, ବିଷ୍ଣୁରଞ୍ଜନ, ନିରଞ୍ଜନ, ମନୋରଞ୍ଜନ ଓ ଶୋକାକୁଳ ବେହେରା ପରିବାରବର୍ଗ। ଧ-୬୦୯୪୧

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
୨ୟ ଶ୍ରାଦ୍ଧବାର୍ଷିକ



**ସ୍ୱର୍ଗତ ଗୋପାଳ ଚନ୍ଦ୍ର ସେଠୀ**
୮୫, ଗୌତମ ନଗର, ଭୁବନେଶ୍ୱର
ତିରୋଧାନ: ତା. ୨୮।୦୧।୨୦୧୭

ଆଖି ଲୁହ ମୋର ଏଯାଏ ଶୁଖିନି ଛାତିରେ ରହୁଛି କୋହ,
ଦିନରାତି ମୁହିଁ ପୋଡି ଜାଳିହୁଏ କା ଆଗେ କହିବି କୁହ।
ତୁମେ ଥିଲ ମୋର ମନର ଦେବତା ତୁମେ ଥିଲ ମୋର ସାଥୀ,
ଯେଉଁଠି ବା ଥାଅ ଆଶୀର୍ବାଦ କର ମୋ ପିଲାଙ୍କୁ ଦିନରାତି।
ପ୍ରଭୁ ଶ୍ରୀଜଗନ୍ନାଥ ଓ ସାଇବାବାଙ୍କ ନିକଟରେ ତୁମର ଆତ୍ମାର ଶାନ୍ତି ପାଇଁ ଭକ୍ତିପୂତ ପ୍ରଣାମ। ଶୋକସନ୍ତପ୍ତ: ସ୍ତ୍ରୀ, ସେଠୀ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୬୨୧୫୭

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ଗୌର ପ୍ରସାଦ ଦାସ**
(M-60, ବରମୁଣ୍ଡା ଭୁବନେଶ୍ୱର)
ଆବିର୍ଭାବ: ୧୬।୧୧।୧୯୩୦
ତିରୋଧାନ: ୨୬।୦୧।୨୦୧୯

ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟପରାୟଣତା ତଥା ଶୃଙ୍ଖଳିତ ଓ ସାଧାରଣ ଜୀବନ ଶୈଳୀ ଆମର ନିତ୍ୟ ପାଥେୟ ହେଉ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପତ୍ନୀ- ଶୈଳବାଳା ଦାସ, ପୁତ୍ର- ବୈଷ୍ଣବ ଚରଣ ଦାସ, ବନ୍ଧୁବାନ୍ଧବ ଓ ପରିବାରବର୍ଗ। ଧ-୬୫୫୫୭

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

# ଉପରମୁହାଁ ହେଉଛି ପାରଦ

## ବଢ଼ିଲା ତାତି

ଭୁବନେଶ୍ୱର,୪।୨(ବ୍ୟୁରୋ)

ଗତ କିଛିଦିନ ପୂର୍ବରୁ ରାଜ୍ୟରେ ଶୀତ ଥରାଉଥିବା ବେଳେ ଗତ ଦୁଇଦିନ ହେବ ହଠାତ୍ ହ୍ରାସ ପାଇଛି। ପାରଦ ଉପରମୁହାଁ ହୋଇଛି। ଦିନର ତାପମାତ୍ରା ୩୩ ଡିଗ୍ରୀ ସେଲ୍‌ସିୟସ ଉପରକୁ ଉଠିଯାଇଛି। ଆସନ୍ତା ୭ ତାରିଖ ଯାଏ ରାଜ୍ୟରେ ପାଗ ଶୁଖିଲା ରହିବ। ୯ ତାରିଖ ବେଳକୁ ଆଭ୍ୟନ୍ତରୀଣ ଓଡିଶାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ବେଳେ ଉପକୂଳ ଓଡିଶାରେ ପାଗ ଶୁଖିଲା ରହିବ। ଏହି ସମୟରେ ପାରଦ ୨ରୁ ୩ ଡିଗ୍ରୀ ଉପରକୁ ଉଠିବ । ତେବେ ରାତ୍ରିରେ ହାଲ୍‌କା ଶୀତ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆଞ୍ଚଳିକ ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କୋରାପୁଟରେ ସର୍ବନିମ୍ନ ୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ମାଲକାନଗିରି ଓ ତାଳଚେରରେ ସର୍ବୋଚ୍ଚ ୩୩.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ରାଜ୍ୟର ଅନ୍ୟାନ୍ୟ ଭାଗରେ ସର୍ବନିମ୍ନ ତାପମାତ୍ରା ୧୦ରୁ ୧୭ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିଛି।

ପ୍ରଥମ ପୃଷ୍ଠାରୁ...

## ବଢୁଛି ଆର୍ଥିକ...

କମାଇ ପାରିଛନ୍ତି। ଆଗରୁ କୃଷକମାନେ ବଞ୍ଚିବା ପାଇଁ ଚାଷ କରୁଥିଲେ। ଏବେ ଓଡିଶା କୃଷି କ୍ଷେତ୍ରରେ ଏକ ପ୍ରଗତିଶୀଳ ରାଜ୍ୟ ହୋଇପାରିଛି। ରାଜ୍ୟକୁ ୫ ଥର କୃଷିକର୍ମଣ ପୁରସ୍କାର ମିଳିଛି। କୃଷକଙ୍କ ଆୟ ଦ୍ୱିଗୁଣିତ ହୋଇଛି। ସେତେବେଳେ ଖାଦ୍ୟ ଶସ୍ୟ ନିଅଣ୍ଟିଆ ହେଉଥିବା ବେଳେ ଏବେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସର୍ବାଧିକ ଅବଦାନକାରୀ ରାଜ୍ୟ ଭାବେ ପରିଣତ ହୋଇଛି ବୋଲି ରାଜ୍ୟପାଳ କହିଛନ୍ତି। ଶିଶୁ ଓ ମାତୃ ମୃତ୍ୟୁ ହ୍ରାସ ପାଇଛି। ଶିଳ୍ପଭିତ୍ତିକ ଅଭିବୃଦ୍ଧି ହାସଲ କରିବାରେ ଦେଶର ଅନ୍ୟତମ ରାଜ୍ୟ ଏବଂ ଉତ୍ପାଦନ ପୁଞ୍ଜିନିବେଶ ଆକର୍ଷଣ କରିବାରେ ଦେଶର ପ୍ରଥମ ତିନୋଟି ରାଜ୍ୟ ମଧ୍ୟରୁ ଅନ୍ୟତମ ହୋଇପାରିଛି। ୨୦୧୪ରୁ ଏ ପର୍ଯ୍ୟନ୍ତ ଗ୍ରାମ୍ୟ ଗୃହ ନିର୍ମାଣ କ୍ଷେତ୍ରରେ ଓଡିଶା ଦେଶର ଏକ ଅଗ୍ରଣୀ ରାଜ୍ୟରେ ପରିଣତ ହୋଇ ପାରିଛି। ଛାତ୍ରୀନିବାସଗୁଡିକରେ ରେକର୍ଡ ସଂଖ୍ୟକ ୬ ଲକ୍ଷ ଛାତ୍ରୀ ରହି ପାଠ ପଢୁଛନ୍ତି। ୭ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚଜି)ରେ ୭୦ ଲକ୍ଷ ମହିଳାଙ୍କୁ ମିଶନ ଶକ୍ତି ଆନ୍ଦୋଳନ ରାଜ୍ୟରେ ସାମାଜିକ ଓ ଅର୍ଥନୈତିକ ଚିତ୍ର ବଦଳାଇ ଦେଇଛି। ୪୮ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ପେନସନ ଯୋଗାଇ ଦିଆଯାଉଛି। ୬୨ ଜନଜାତି ସମ୍ପ୍ରଦାୟ ଏବଂ ୧୩ଟି ଆପଦଗ୍ରସ୍ତ ଜନଜାତି ବର୍ଗଙ୍କ ସ୍ୱତନ୍ତ୍ର ପରିଚିତି ବଜାୟ ରଖିବାକୁ ୯ଟି ଆଦିବାସୀ ବହୁଳ ଜିଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରାଯାଇଛି ବୋଲି ରାଜ୍ୟପାଳ କହିଛନ୍ତି। ୨୦୧୪ରୁ ଏ ପର୍ଯ୍ୟନ୍ତ ୮ ଲକ୍ଷ ହେକ୍ଟର ଜମିକୁ ଜଳ ସେଚନ ସାମର୍ଥ୍ୟ ସୃଷ୍ଟି କରାଯାଇଥିବା ବେଳେ ୨୦୧୯ ଏପ୍ରିଲ ବେଳକୁ ୧୦ ଲକ୍ଷ ହେକ୍ଟର ଜମିକୁ ଜଳସେଚନ କରାଯିବ ବୋଲି ରାଜ୍ୟପାଳ ତାଙ୍କ ଅଭିଭାଷଣରେ କହିଛନ୍ତି। ସ୍କିଲ୍‌ଡ ଓଡିଶା ଏବେ ଏକ ବିଶ୍ୱସ୍ତରୀୟ ବ୍ରାଣ୍ଡ ମାନ୍ୟତା ଲାଭ କରିଛି। କୃଷି କ୍ଷେତ୍ରର ଅଭିବୃଦ୍ଧି ତଥା ରାଜ୍ୟରୁ ଦାରିଦ୍ର୍ୟ ହ୍ରାସ ପାଇଁ ରାଜ୍ୟ ସରକାର କାଳିଆ ଯୋଜନା ଆରମ୍ଭ କରିଛନ୍ତି। ଏଥିରେ ଚାଷୀ, ଭାଗଚାଷୀ, ଭୂମିହୀନ କୃଷି ଶ୍ରମିକ ଉପକୃତ ହେବେ। ଜୈବିକ କୃଷି ପରିସର ବୃଦ୍ଧି କରାଯାଇଛି। ରାଜ୍ୟ ସରକାର ଜୈବିକ କୃଷି ନୀତି-୨୦୧୮ କାର୍ଯ୍ୟକାରୀ କରିଛନ୍ତି। ୧ ପ୍ରତିଶତ ସୁଧରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ଚାଷୀମାନଙ୍କୁ ଯୋଗାଇ ଦିଆଯାଉଛି। ଆସନ୍ତା ଏପ୍ରିଲ ପହିଲାରୁ ବିନା ସୁଧରେ ମିଳିବ ଋଣ। କୃଷି ଯନ୍ତ୍ରପାତିକୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ ଆରମ୍ଭ କରିଛନ୍ତି। ଚାଷୀଙ୍କୁ ୬୦ ହଜାର ମୋବାଇଲ ଫୋନ ଯୋଗାଇ ଦିଆଯାଇଛି। ୧୭୬୦ ଉଠା ଜଳ ସେଚନ ପଏଣ୍ଟଗୁଡିକୁ ମଧ୍ୟ ଯୁଦ୍ଧକାଳୀନଭିତ୍ତିରେ ପୁନଃ କାର୍ଯ୍ୟକ୍ଷମ କରାଯାଇଛି। ମତ୍ସ୍ୟ ଉତ୍ପାଦନରେ ଆତ୍ମ ନିର୍ଭରଶୀଳ ହେବା ପାଇଁ ଉଦ୍ୟମ କରାଯାଉଛି। ପ୍ରାଣୀ ସମ୍ପଦ ବିକାଶ ପାଇଁ ଦୀର୍ଘକାଳୀନ ଋଣ ଉପରେ ସୁଧ ରିହାତି ୧୬୫୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପଞ୍ଚାୟତ ପୁଷ୍କରିଣୀ ଲିଜ୍ ଆକାରରେ ପ୍ରଦାନ କରାଯାଇଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ବାଦ୍ ପଡିଥିବା ୨୩ ଲକ୍ଷ ହିତାଧିକାରୀଙ୍କୁ ରାଜ୍ୟର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇଛି। ୩୧୪ ବ୍ଲକରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ କରାଯାଉଛି। ଯୋଗ୍ୟ ହିତାଧିକାରୀଙ୍କୁ ସେମାନଙ୍କ ପ୍ରାପ୍ୟ ପାଇବା ପାଇଁ ରାଜ୍ୟରେ ପିଠା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ନିଦାନ, ସହାୟ ଏବଂ ସୁନେତ୍ର ଭଳି ଯୋଜନା କାର୍ଯ୍ୟକାରୀ କରାଯାଉଛି । ରାଜ୍ୟରେ ୪ଟି ନୂତନ ମେଡିକାଲ କଲେଜ କରାଯାଇ ଏମବିବିଏସ ସିଟ୍ ୪୫୦ରୁ ୧୦୫୦କୁ ବୃଦ୍ଧି କରାଯାଇଛି। ୨୮ ଜିଲାରେ ୧୯୦ଟି ଆଦର୍ଶ ବିଦ୍ୟାଳୟ ଖୋଲାଯାଇଛି। ୨୦୧୮-୧୯ରେ ୪୮ ଲକ୍ଷ ପିଲାଙ୍କୁ ସ୍କୁଲ ପୋଷାକ ବଣ୍ଟନ କରାଯାଇଛି। ଚଳିତ ବର୍ଷ ୧୫୨ କୋଟି ୬୫ ଲକ୍ଷ ବ୍ୟୟରେ ୬ ଲକ୍ଷ ନବମ ଶ୍ରେଣୀ ପିଲାଙ୍କୁ ସାଇକେଲ ବଣ୍ଟନ କରାଯିବ। ଆପଦଗ୍ରସ୍ତ ଜନଜାତି ଗୋଷ୍ଠୀ ସଶକ୍ତୀକରଣ ଓ ଜୀବିକା ଉନ୍ନୟନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏଥିରେ ୯୬ ହଜାର ପରିବାର ଉପକୃତ ହେବେ। ୨୦୦୯ରୁ ୨୦୧୭ ମଧ୍ୟରେ ୨୪୯୦ ବର୍ଗ କିଲୋମିଟର ଜଙ୍ଗଲ ସୃଷ୍ଟି ହୋଇଛି ବୋଲି ରାଜ୍ୟପାଳ କହିଛନ୍ତି। ଏମିତି ଆହୁରି ଅନେକ ସଫଳତା ବଖାଣିଥିଲେ ରାଜ୍ୟପାଳ। ରାଜ୍ୟପାଳଙ୍କ ଅଭିଭାଷଣକୁ ବିରୋଧ କରି କଂଗ୍ରେସ ସଭ୍ୟ ବିଧାନସଭା କକ୍ଷ ଛାଡି ବାହାରକୁ ଚାଲି ଯାଇଥିଲେ। ବିରୋଧୀଙ୍କ ଅନୁପସ୍ଥିତିରେ ରାଜ୍ୟପାଳ ନିଜ ଅଭିଭାଷଣ ଶେଷ କରିଥିଲେ। ଏହା ପରେ ଗୃହରେ ପରଲୋକଗତ ସଦସ୍ୟ ଓ ଯବାନଙ୍କ ଉଦ୍ଦେଶ୍ୟରେ ଗୃହରେ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା। ସରକାରୀ ଦଳ ମୁଖ୍ୟ ସଚେତକ ଅମର ଶତପଥୀ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଗୃହରେ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ। ଏହା ପରେ ବାଚସ୍ପତି ପ୍ରଦୀପ କୁମାର ଅମାତ ଗୃହକୁ ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ।

## ଗୋବରୀ ନଦୀରେ...

ଏହାଛଡା ନଦୀରେ ଅଧିକ ଦଳ ରହିଥିଲା। ଅଧିକ ଓଜନ ସହ ଦଳ କାଟି ନ ପାରି ଡଙ୍ଗାଟି ଓଲଟି ପଡିଥିବା ଆଶଙ୍କା କରାଯାଉଛି। ଡଙ୍ଗା ବୁଡ଼ିବା ଦେଖି ସ୍ଥାନୀୟ ଲୋକେ କୂଳରେ ଥିବା ଅନ୍ୟ ଏକ ଡଙ୍ଗା ନେଇ ଜାଲ, ଦଉଡ଼ି ଓ ବାଉଁଶ ସାହାଯ୍ୟରେ ବୁଡ଼ିଯାଉଥିବା ଲୋକଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର କାର୍ଯ୍ୟରେ ସ୍ଥାନୀୟ ଅଞ୍ଚଳର ବାବାଜୀ ରାଉତ, କରଣ ମାଝି, ପପୁ ତରାଇ, ଚନ୍ଦନ ମାଝି, ବାଇନ ତରାଇ ଓ କାଳନ୍ଦୀ ମାଝି ପ୍ରମୁଖ ସାମିଲ ହୋଇଥିଲେ। ଖବରପାଇ ପ୍ରାୟ ୧ ଘଣ୍ଟା ପରେ ବିଡିଓ ରମେଶ ଚନ୍ଦ୍ର ସେଠୀ ଓ ଅତିରିକ୍ତ ତହସିଲଦାର ପ୍ରେମାନନ୍ଦ ବେହେରା ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ତଦନ୍ତ ସମୟରେ ଫେରିଘାଟର ନିଲାମ ହୋଇ ନ ଥିବା ଜଣାପଡ଼ିଥିଲା। ସେଠାରେ ବେଆଇନ ଭାବେ ଡଙ୍ଗା ଚଳାଚଳ ହେଉଥିଲା। ଏସମ୍ପର୍କରେ କେନ୍ଦ୍ରାପଡା ଜିଲାପାଳ ଦାଶରଥି ଶତପଥୀ କହିଛନ୍ତି, ଡଙ୍ଗାବୁଡ଼ି ଘଟଣାର ତଦନ୍ତ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ ଏନେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଦିଲ୍ଲୀରେ...

ଟିଏମ୍‌ସି ସରକାରଙ୍କ ବିରୋଧରେ ଫେରାଦ ହୋଇଛି। ପଶ୍ଚିମବଙ୍ଗରେ ଲୋକସଭା ନିର୍ବାଚନ ମୁକ୍ତ ଓ ନିରପେକ୍ଷ ଭାବେ କରାଇବାକୁ ଭାଜପା ନେତାମାନେ ଇସିଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଗଣତନ୍ତ୍ରରେ ଟିଏମ୍‌ସି ବିଶ୍ୱାସ କରୁ ନ ଥିବାରୁ ଅନ୍ୟ ଦଳଗୁଡ଼ିକୁ ପଶ୍ଚିମବଙ୍ଗରେ ରାଜନୈତିକ ସଭା କରାଇ ଦେଉନାହିଁ। ରାଜ୍ୟରେ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ ପାଇଁ ଅନୁମତି ଦେବାକୁ ସେମାନେ ଅନୁରୋଧ କରିଛନ୍ତି। ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀଥାରାମନଙ୍କ ନେତୃତ୍ୱରେ ଭାଜପା ପ୍ରତିନିଧି ଦଳ ଏହି ମର୍ମରେ ଇସିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଶ୍ରବଣା ନକ୍ଷତ୍ରରେ ଚନ୍ଦ୍ର କର୍ମଜାଳ ବୃଦ୍ଧିଜନିତ ବ୍ୟସ୍ତତା ଅନୁଭବ କରିବେ। ଘର ପାଇଁ ଆବଶ୍ୟକୀୟ ଜିନିଷପତ୍ର କ୍ରୟ କରିବା ଦିଗରେ ବିଚାରବିମର୍ଶ ଚଳାଇପାରନ୍ତି। ସ୍ୱାସ୍ଥ୍ୟୋନ୍ନତି ଓ କାର୍ଯ୍ୟସିଦ୍ଧିରୁ ଯେତିକି ଖୁସି ହେବେ ଭ୍ରାତୃବିବାଦ ଓ ବନ୍ଧୁସମ୍ପର୍କ ହାନିରୁ ସେତିକି ଦୁଃଖୀ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି।

**ବୃଷ**
ରବି ତୃତୀୟାଧିପତିଙ୍କ ନକ୍ଷତ୍ରରେ ରହିଥିବାରୁ ଆପଣଙ୍କୁ ବନ୍ଧୁବର୍ଗ ଓ ପ୍ରିୟଜନଙ୍କ ଘରୋଇ କାମରେ ନିୟୋଜିତ କରାଇବାର ସ୍ଥିତି ଆସିବ। କିନ୍ତୁ ଅସ୍ଥିରମନ ନେଇ,ବିବାଦୀୟ ଘଟଣାରେ ମଧ୍ୟସ୍ଥତା କରି ସମାଲୋଚିତ ହେବାକୁ ପଡିପାରେ। ବନ୍ଧୁଙ୍କ ଜରିଆରେ ଆଶା କରୁଥିବା ଅର୍ଥ, ସ୍ଥଗିତ କାମର ପୁନରୁଦ୍ଧାର କରିବା ପାଇଁ ଚେଷ୍ଟା କରିବେ।

**ମିଥୁନ**
ଧନିଷ୍ଠା ନକ୍ଷତ୍ରସ୍ଥ ବୁଧ ବନ୍ଧୁଙ୍କ ସହ ମତାନ୍ତରଜନିତ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିବ। ସ୍ନାୟବିକ ଦୁର୍ବଳତାଜନିତ ପୀଡା କିମ୍ବା ଅସାବଧାନତା କାରଣରୁ ଆଘାତପ୍ରାପ୍ତିର ସୂଚନାକୁ ଏଡାଇ ଦିଆଯାଇ ନ ପାରେ। ସ୍ଥଗିତ ଫାଇଲ କାମ କିମ୍ବା ଦାୟିତ୍ୱରେ ଅବହେଳାଜନିତ କର୍ମ କ୍ଷେତ୍ରରେ କୈଫିୟତ ଦେବାକୁ ପଡିବ।

**କର୍କଟ**
ଶୁକ୍ରଙ୍କ ମୂଳା ନକ୍ଷତ୍ରରେ ସଂସ୍ଥିତି ଆପଣଙ୍କୁ ପାରିବାରିକ କ୍ଷେତ୍ରରେ କିମ୍ବା ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱରେ ପକାଇପାରେ। କେତେକ କ୍ଷେତ୍ରରେ କ'ଣ କରିବେ କିମ୍ବା ନ କରିବେ ସ୍ଥିର ସିଦ୍ଧାନ୍ତ ନ ନେଇ ଅସୁବିଧାରେ ପଡିପାରନ୍ତି। ପିଲାଙ୍କ ସ୍ୱାସ୍ଥ୍ୟ, ଅର୍ଥ ସମ୍ପର୍କ, ଆଲୋଚନା କିମ୍ବା ପରାମର୍ଶରୁ କେତେକାଂଶରେ ସଫଳତା ପାଇବ ଆଶା କରାଯାଇପାରେ।

**ସିଂହ**
ମଙ୍ଗଳ ନିଜ ନକ୍ଷତ୍ରସ୍ଥ ହୋଇ ବୃହସ୍ପତି କ୍ଷେତ୍ରରେ ରହିଥିବାରୁ ଘରର ବାକିଆ କାମ,ବନ୍ଧୁଙ୍କ ପରାମର୍ଶରେ ହାସଲ କରିପାରିବେ। ଜମିଜମା କିମ୍ବା ଯାନ୍ତ୍ରିକ ଦ୍ରବ୍ୟ କ୍ରୟ, ଚୁକ୍ତିନାମା, ବିବାଦର ସମାଧାନ କ୍ଷେତ୍ରରେ ଆଉ ମାତ୍ର ପାଦେ ଆଗକୁ ବଢିପାରନ୍ତି। କିନ୍ତୁ ମଘା ନକ୍ଷତ୍ର ପ୍ରତ୍ୟେକ କଥା ଓ କାମରେ ଅଯଥା ଭୟ ଓ ଆଶଙ୍କାଗ୍ରସ୍ତ ହୋଇପାରନ୍ତି।

**କନ୍ୟା**
ଜ୍ୟେଷ୍ଠା ନକ୍ଷତ୍ରରେ ଦେବଗୁରୁ କାର୍ଯ୍ୟ ହାସଲ ସକାଶେ ଅନୁକୂଳ ସାହାଯ୍ୟ, ସହଯୋଗ ଆତ୍ମୀୟ ସ୍ୱଜନଙ୍କ ମାଧ୍ୟମରେ ଯୋଗାଇ ଦେଇପାରନ୍ତି। କେବଳ ମନରେ ଚିନ୍ତା ନ କରି ଯାହା କରିବା କଥା ଶୀଘ୍ର ଶୀଘ୍ର ଶେଷ କରିବା ଭଲ ହେବ। ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ପାରିବାରିକ ସମସ୍ୟା ସମାଧାନରେ ସଫଳତା ପାଇପାରିବେ।

**ତୁଳା**
ରାଶି ପ୍ରତି ଯୋଗକାରକ ଶନିଶ୍ଚର ପୂର୍ବାଷାଢା ନକ୍ଷତ୍ରରେ ଅବସ୍ଥାନ କରି କୌଣସି ମହିଳାବନ୍ଧୁଙ୍କ ସହାୟତାରେ ଲକ୍ଷ୍ୟପୂରଣ କରିପାରନ୍ତି । ମୂଲ୍ୟବାନ ଜିନିଷ କିଣିବା, ନୂତନ ଗୃହ ନିର୍ମାଣ, ଯାନବାହନ ମରାମତି, ପଦସ୍ଥ ବ୍ୟକ୍ତିଙ୍କ ସହ ଆଲୋଚନା ପ୍ରଭୃତି ପାଇଁ ଦିନଟି ଅନୁକୂଳ ରହିବ । କୌଣସି ନୂତନ ଯୋଜନାରମ୍ଭ ସକାଶେ ମନ ବଳାଇପାରନ୍ତି।

**ବିଛା**
ଆତ୍ମୀୟଙ୍କ ସମ୍ପର୍କହାନି କିମ୍ବା ପର ଉପରେ ଅଭିମାନ କରି ବର୍ତ୍ତମାନର ସୁଯୋଗର ସଦ୍ ବ୍ୟବହାରକୁ ହରେଇପାରନ୍ତି। ପାରିବାରିକ ସ୍ଥିତିରେ କିଛିଟା ଉନ୍ନତି ପରିଲକ୍ଷିତ ହେବ। ବାଣିଜ୍ୟ,ବ୍ୟବସାୟ,ପରିବହନ,ବନ୍ଧୁ ସମ୍ପର୍କରେ ସମସ୍ୟାଜନିତ ବ୍ୟସ୍ତତା ବୃଦ୍ଧି ପାଇପାରେ। ସ୍ୱାସ୍ଥ୍ୟ ସମସ୍ୟା, ସ୍ଥଗିତ କାମ ଓ ଅଧ୍ୟୟନ, ଅଧ୍ୟାପନା କ୍ଷେତ୍ରରେ ଉନ୍ନତି ଘଟିବ।

**ଧନୁ**
ଚନ୍ଦ୍ର ଓ ମଙ୍ଗଳଙ୍କ ପାରସ୍ପରିକ ଦୃଷ୍ଟିର ଅଭାବ ଯୋଗୁ ଆପଣଙ୍କ ସମସ୍ୟା ଆଗକୁ ବଢି ନ ପାରେ। ପାରିବାରିକ କ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ସଂକୁଚିତ ଅର୍ଥନୀତି, କାର୍ଯ୍ୟ ସାଧନରେ ଶିଥିଳତା ଓ ସାହାଯ୍ୟ, ସହଯୋଗର ଅଭାବ ମନସ୍ତାପର କାରଣ ହୋଇପାରେ।

**ମକର**
ରାଶିରେ ଚତୁଃଗ୍ରହ ଯୋଗ ଆପଣଙ୍କୁ ଅନେକ କାମର ଯୋଜନା ,ଏକାଧିକ ଚିନ୍ତାରେ ନିମଗ୍ନ କରାଇପାରେ। ଫଳତଃ ମାନସିକ ଅସ୍ଥିରତା କାରଣରୁ ଯେତେ ପ୍ରକାରର କାମ କଲେ ମଧ୍ୟ ପ୍ରତିବନ୍ଧକ ଯୋଗୁ ପ୍ରଗତିରେ ଅଗ୍ରଗତି ହୋଇ ପାରିବ ନାହିଁ। ସମ୍ପର୍କହାନି,ଅର୍ଥାଭାବ ସାଙ୍ଗକୁ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବାରୁ ମନ ଭଲ ରହି ନ ପାରେ।

**କୁମ୍ଭ**
ପରୋକ୍ଷ ଶତ୍ରୁତାଜନିତ କାର୍ଯ୍ୟହାନି,ବନ୍ଧୁଙ୍କ ପ୍ରତାରଣା ଓ ଅର୍ଥପ୍ରାପ୍ତିର ଅବରୁଦ୍ଧତା ଆଜିର ମୁଖ୍ୟ ଚିନ୍ତାରୂପେ ଉଭା ହୋଇପାରେ। ପାରିବାରିକ କ୍ଷେତ୍ର ବୁଝାମଣା ଭିତ୍ତିରେ ଶୃଙ୍ଖଳିତ ରହିବା ସାଙ୍ଗକୁ କାର୍ଯ୍ୟସାଧନ ଦିଗରେ ବନ୍ଧୁଙ୍କ ସହ ବିଚାରବିମର୍ଶ ଚଳାଇପାରନ୍ତି। ଯାତ୍ରାରେ ସାମାନ୍ୟ ବିଘ୍ନ ଆସିଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ।

**ମୀନ**
ଏକାଦଶସ୍ଥ ଗ୍ରହମାନେ ଆପଣଙ୍କ କର୍ମ ପରିସରକୁ ବୃଦ୍ଧି କରିବା ସହ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବେ। ପାରିବାରିକ ସ୍ଥିତି, ବନ୍ଧୁସମ୍ପର୍କ, ବ୍ୟବସାୟ, ଯାତ୍ରା ପାଇଁ ଦିନଟି ମଧ୍ୟମ ପ୍ରକାରର ରହିବ। କଳା, ସାହିତ୍ୟ, ରାଜନୀତି, ସଭାସମିତି, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ।

ଆଜି ମାଘ ଶୁକ୍ଳ ପ୍ରତିପଦା ମଙ୍ଗଳବାର, ଫେବୃୟାରୀ ୫ ତାରିଖ, ରାଶି ନକ୍ଷତ୍ର-ଧନିଷ୍ଠା/ମକର, ମକର ରାଶିର ଘାତବାର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଶରଣଂ, ଦିବା ଘ୯।୧୨ମି. ଗତେ ଘ୧୦।୩୬ମି. ମଧ୍ୟେ, ଘ୧୨।୦୦ମି. ଗତେ ଘ୧।୨୪ମି. ମଧ୍ୟେ ଅମୃତବେଳା । ଦିବା ଘ୧୦।୩୫ମି. ଗତେ, ଘ୧୨।୦୦ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୨।୪୮ମି. ଗତେ ଘ୪।୧୩ମି. ମଧ୍ୟେ ରାହୁକାଳ।




# ବଜେଟ ଅଧିବେଶନରେ ସରକାରଙ୍କୁ ଘେରିବାକୁ ପ୍ରସ୍ତୁତ ଭାଜପା

**ଭୁବନେଶ୍ୱର, ୪।୨(ବ୍ୟୁରୋ)**

ବିଧାନସଭା ବଜେଟ ଅଧିବେଶନରେ ଶାସକ ଦଳକୁ ଘେରିବା ଲାଗି ସୋମବାର ଭାଜପା ବିଧାୟକ ଦଳ ବୈଠକ ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓଙ୍କ ନେତୃତ୍ୱରେ ବସିଥିବା ବୈଠକରେ ଶାସକ ଦଳକୁ ଘେରିବା ଲାଗି ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ୨୦୧୯ ନିର୍ବାଚନ ପୂର୍ବରୁ ଏହା ଶେଷ ଅଧିବେଶନ ହୋଇଥିବାରୁ କମ୍ ସମୟ ଭିତରେ ଶାସକ ଦଳକୁ ଘାଇଲା କରାଯାଇପାରିବା ଭଳି ମୁଖ୍ୟ ପ୍ରସଙ୍ଗଗୁଡ଼ିକ ନେଇ ଭାଜପା ନିଜର ପ୍ରସ୍ତୁତି କରିଛି। ମୁଖ୍ୟତଃ ରାଜ୍ୟରେ ଦେଖାଦେଇଥିବା ଚାଷୀ ଓ ଚାଷ ସମସ୍ୟା, ମଣ୍ଡି ନ ଖୋଲିବା, କଟ୍‌ନି ଛଟ୍‌ନି ଆଳରେ କୁଇଣ୍ଟାଲ ପ୍ରତି ୫/୭ କୁଇଣ୍ଟାଲ ଧାନ କାଟିବା, କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧୭୫୦ ଟଙ୍କା ବୃଦ୍ଧି କରିବା ପରେ ରାଜ୍ୟ ସରକାର ଚାଷୀଙ୍କଠାରୁ ସେହି ମୂଲ୍ୟରେ ଧାନ ନ କିଣିବା ଆଦି ପ୍ରସଙ୍ଗ ଉଠାଯିବ ବୋଲି ରାଜ୍ୟ ଭାଜପା ବିଧାୟକ ପ୍ରଦୀପ ପୁରୋହିତ ସୂଚନା ଦେଇଛନ୍ତି। ସେହିପରି ରାଜ୍ୟରେ ବୃଦ୍ଧି ପାଇଥିବା ମହିଳା ଅତ୍ୟାଚାର, ପିସି କାରବାର, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମିଥ୍ୟା ତଥ୍ୟ ରଖିବା, ୩ଶହ କୋଟି ଟଙ୍କାର ଚିଟ୍‌ଫଣ୍ଡ କର୍ପସ ଫଣ୍ଡର ଘୋଟାଲା, ପାନୀୟ ଜଳ ସମସ୍ୟା, ଶ୍ରୀମନ୍ଦିର ପରିଚାଳନା ଅବ୍ୟବସ୍ଥା, ଡିଏମଏଫର ଠିକ୍ ବିନିଯୋଗ ନ ହେବା, ରାଜ୍ୟରେ ବେକାରି ଯୁବତୀ, ଯୁବକଙ୍କ ସଂଖ୍ୟା ବୃଦ୍ଧି ପାଇବା ସତ୍ତ୍ୱେ ସେମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି ନ କରିବା ଭଳି ପ୍ରସଙ୍ଗ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉଠାଇବ ବୋଲି ପ୍ରଦୀପ ସୂଚନା ଦେଇଛନ୍ତି। ଅନ୍ୟପଟେ ମୋଦି ସରକାର ଗରିବ ଲୋକଙ୍କ ପାଇଁ ଅନେକ ଜନହିତକର ଯୋଜନା ଲାଗୁ କରିଛନ୍ତି। କିନ୍ତୁ ଏଠି ଶାସକ ଦଳର ଅପାରଗତା ଯୋଗୁ ଯୋଗ୍ୟ ହିତାଧିକାରୀ ସମସ୍ତ ଯୋଜନାରୁ ବଞ୍ଚିତ ରହୁଛନ୍ତି। କେନ୍ଦ୍ର ସରକାର ରାଜ୍ୟର ବିକାଶ ପାଇଁ ଗତ ୫ ବର୍ଷରେ ୫ ଲକ୍ଷ ୧୩ ହଜାର କୋଟିର ଅନୁଦାନ ଦେବାପରେ ରାଜ୍ୟ ସରକାର ସେହି ଅର୍ଥକୁ ସମ୍ପୂର୍ଣ୍ଣ ଖର୍ଚ୍ଚ କରିପାରୁନାହାଁନ୍ତି। ବିଧାନସଭାରେ କେନ୍ଦ୍ରୀୟ ଅନୁଦାନର ଟିକିନିଖି ହିସାବ ମଗାଯିବା ସହ ବିଗତ ଦିନରେ ପ୍ରଚାର ସର୍ବସ୍ୱ ବିଜେଡି କରିଥିବା ସମସ୍ତ ଘୋଷଣାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ କରାଯିବ ବୋଲି ପ୍ରଦୀପ କହିଛନ୍ତି।

## ଲାଞ୍ଚ: ଅବକାରୀ ଏସ୍‌ଆଇ ଗିରଫ

**କଟକ ଅଫିସ, ୪।୨:** ୩ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଜଗତ୍‌ସିଂହପୁର ଅବକାରୀ ସବ୍‌ଇନ୍ସପେକ୍ଟର ରଞ୍ଜିତ କୁମାର ମହାନ୍ତି। ସେ ଏହି ଲାଞ୍ଚ ଟଙ୍କା ତିର୍ତ୍ତୋଲ ଥାନା ଦରବା ଗ୍ରାମର ଲକ୍ଷ୍ମୀଧର ମହାରଣାଙ୍କଠାରୁ ପୂର୍ବ ଦାବି ମୁତାବକ ଗ୍ରହଣ କରୁଥିଲେ। ୨୦୧୮ ଅକ୍ଟୋବର ୨୯ରେ ଲକ୍ଷ୍ମୀଧରଙ୍କ ଏକ ଇଣ୍ଡିଗୋ କାର୍‌କୁ ଅବକାରୀ ବିଭାଗ ପକ୍ଷରୁ ଜବତ କରାଯାଇଥିଲା। କାରଣ ଏହି କାର୍‌ରେ ମଦ ରହିଥିଲା। ହେଲେ କାର୍‌ରେ ଥିବା ଏକ ଏଲ୍‌ସିଡିକୁ ଅବକାରୀ ବିଭାଗ ପକ୍ଷରୁ ଜୋରଜବରଦସ୍ତ ଖୋଲି ନିଆଯାଇଥିଲା। ମାତ୍ର ତାହାକୁ ଜବତ ତାଲିକାରେ ଦର୍ଶାଯାଇ ନ ଥିଲା। ଉକ୍ତ ଏଲ୍‌ସିଡିକୁ ଫେରସ୍ତ ଦେବା ପାଇଁ ସବ୍‌ଇନ୍ସପେକ୍ଟର ମହାନ୍ତି ଲକ୍ଷ୍ମୀଧରଙ୍କଠାରୁ ୩ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏହି ଅନୁଯାୟୀ ସୋମବାର ଜଗତ୍‌ସିଂହପୁର ବଜାରର ଏକ ପାନ ଦୋକାନ ନିକଟରେ ସବ୍‌ଇନ୍ସପେକ୍ଟର ମହାନ୍ତି ଲକ୍ଷ୍ମୀଧରଙ୍କଠାରୁ ୩ହଜାର ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏହାପରେ ମହାନ୍ତିଙ୍କ ଜଗତ୍‌ସିଂହପୁର ସହରର ଜୟବଡ଼ଠାରେ ଥିବା ଘରକୁ ଭିଜିଲାନ୍ସ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଏ ସମ୍ପର୍କରେ କଟକ ଭିଜିଲାନ୍ସ ଥାନାରେ ୫/୨୦୧୯ ନମ୍ବରରେ ଏକ ମାମଲା ରୁଜୁ କରାଯାଇ ମହାନ୍ତିଙ୍କୁ ଗିରଫ କରାଯାଇଛି।

■ ଖୋର୍ଦ୍ଧାରେ ବେଆଇନ ମାଙ୍କଡ଼ାପଥର ଖନନ

# ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ ପାଇଁ ଏନ୍‌ଜିଟିଙ୍କ ଆଦେଶ

**କଟକ ଅଫିସ, ୪।୨**

ଖୋର୍ଦ୍ଧା ଜିଲା ଟାପଙ୍ଗ ଅଞ୍ଚଳରେ ବେଆଇନ ମାଙ୍କଡ଼ାପଥର ଖନନକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ମାମଲା ରୁଜୁ ହୋଇଥିଲା। ସୋମବାର ଉକ୍ତ ମାମଲାର ଶୁଣାଣି କରି ଏନ୍‌ଜିଟି ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ କମିଟିରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୂଷଣ ପ୍ରଭାବ ଆକଳନ କର୍ତ୍ତୃପକ୍ଷ(ଏସ୍‌ଇଆଇଏଏ)ଙ୍କ ସଦସ୍ୟ ସଚିବ, ଖୋର୍ଦ୍ଧା ଜିଲାପାଳ ପ୍ରମୁଖ ସଦସ୍ୟ ରହିବେ। ଉକ୍ତ କମିଟି ଘଟଣାର ଆକଳନ କରି ଏନ୍‌ଜିଟିରେ ସବିଶେଷ ତଥ୍ୟ ଦାଖଲ କରିବେ। ଏପ୍ରିଲ ୨୨ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ଏହି ତାରିଖ ସୁଦ୍ଧା ଏନ୍‌ଜିଟିରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି।

ସୂଚନାଥାଉକି, ଟାପଙ୍ଗ ଅଞ୍ଚଳରେ ବେଆଇନ ମାଙ୍କଡ଼ାପଥର ଖନନକୁ ନେଇ ଗତ ଡିସେମ୍ବର ୧୯ରେ ଖୋର୍ଦ୍ଧା ଅଞ୍ଚଳର ବିଦ୍ୟୁଭୂଷଣ ହରିଚନ୍ଦନ ଓ ସୂଚନା ଅଧିକାର କର୍ମୀ ଦିଲୀପ କୁମାର ସାମନ୍ତରାୟ ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ପିଟିଶନରେ ଦର୍ଶାଇଥିଲେ ଯେ, ଟାପଙ୍ଗ ପଞ୍ଚାୟତ ଅଧୀନରେ ପ୍ରାୟ ୪୦ଟି ସ୍ଥାନ ଯଥା ଅଣ୍ଟା, ଝିଙ୍କିଝାରି ଓ ନିଜିଗଡ଼ ଟାପଙ୍ଗ ମୌଜାରେ ପାଖାପାଖି ୫୦୦ ଏକର ପରିମିତ ଅଞ୍ଚଳରେ ଏହି ବେଆଇନ ମାଙ୍କଡା ପଥର ଖନନ କରାଯାଉଛି। ଉକ୍ତ ଜମିର କିସମ କେଉଁଠି ଗ୍ରାମ୍ୟ ଜଙ୍ଗଲ ତ କେଉଁଠି ଗୋଚର ଆଉ କେଉଁଠି କାଜୁ ଜଙ୍ଗଲ। ଉକ୍ତ ଜାଗାକୁ ଚାରଣ ଭୂମି ଭାବେ ବ୍ୟବହାର କରାଯାଉଥିଲା। ମାତ୍ର ପଥର ମାଫିଆମାନେ ବେଆଇନ ଭାବେ ଏହି ଜାଗାରୁ ମାଙ୍କଡା ଖନନ କରୁଛନ୍ତି। ଖନନ ହେଉଥିବା ଅଧିକାଂଶ ଜମି ପୁରୀ ଶ୍ରୀଜଗନ୍ନାଥଙ୍କ ନାମରେ ରହିଛି। ପଥର ଖନନ କରିସାରିବା ପରେ ମାଫିଆମାନେ ଉକ୍ତ ସ୍ଥାନକୁ ପରିତ୍ୟକ୍ତ ଅବସ୍ଥାରେ ଛାଡ଼ି ପଳାଉଛନ୍ତି। ଫଳରେ ସେଠାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହେଉଛି, ଯାହା ମଣିଷ ଏବଂ ଗୃହପାଳିତ ପ୍ରାଣୀମାନଙ୍କ ପାଇଁ ମୃତ୍ୟୁଯନ୍ତା ପାଲଟିଛି। ଏହାବ୍ୟତୀତ ପଥର ମାଫିଆମାନେ ପଥର ଖନନ ନିଶାରେ ଉକ୍ତ ଜମିରେ ଥିବା ଗଛଗୁଡ଼ିକୁ କାଟି ପକାଉଛନ୍ତି। ଏହି ବେଆଇନ କାର୍ଯ୍ୟରେ ଜିଲା ପ୍ରଶାସନର କେତେଜଣ ଅଧିକାରୀ ଓ କର୍ମଚାରୀ ସାମିଲ ଥିବା ଆବେଦନକାରୀମାନେ ପିଟିଶନରେ ଏନ୍‌ଜିଟିଙ୍କୁ ଅବଗତ କରାଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି।


■ ୫୦ହଜାର ଟଙ୍କା ଲାଞ୍ଚ

# ଜଳ ପରିମଳ ବିଭାଗ ଯନ୍ତ୍ରୀ ଗିରଫ

**କଟକ ଅଫିସ, ୪।୨**

୫୦ହଜାର ଟଙ୍କା ଲାଞ୍ଚ ନେଇ ସୋମବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବୌଦ୍ଧ ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଭାବଗ୍ରାହୀ ସାମନ୍ତରାୟ। ଯନ୍ତ୍ରୀ ସାମନ୍ତରାୟ ଏହି ଲାଞ୍ଚ ଟଙ୍କା ସ୍ଥାନୀୟ ଗୋବିନ୍ଦପୁର ଗ୍ରାମର ମିତ୍ରଭାନୁ ପ୍ରଧାନଙ୍କଠାରୁ ପୂର୍ବ ଦାବି ମୁତାବକ ଗ୍ରହଣ କରୁଥିଲେ। ମିତ୍ରଭାନୁ ଖୁଣ୍ଟାବନ୍ଧ ପଞ୍ଚାୟତର ଜହ୍ନପା ଗ୍ରାମରେ ଏକ ସୋଲାର ୱାଟର ସପ୍ଲାଏ ପ୍ଲାଣ୍ଟର ନିର୍ମାଣ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଉକ୍ତ ପ୍ରକଳ୍ପ ବାବଦ ବିଲ୍ ପ୍ରସ୍ତୁତ ପାଇଁ ସହକାରୀ ଯନ୍ତ୍ରୀ ସାମନ୍ତରାୟ ତାଙ୍କଠାରୁ ୫୦ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ସୋମବାର ଅପରାହ୍ନ ସାଢେ ୪ଟାରେ ଯନ୍ତ୍ରୀ ସାମନ୍ତରାୟ ନିଜ ଅଫିସରେ ବସି ଭାବଗ୍ରାହୀଙ୍କଠାରୁ ଲାଞ୍ଚ ଟଙ୍କାକୁ ଗ୍ରହଣ କରି ନିଜ ପ୍ୟାଣ୍ଟ ପକେଟରେ ରଖିଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏହାପରେ ଭିଜିଲାନ୍ସ ପକ୍ଷରୁ ଯନ୍ତ୍ରୀ ସାମନ୍ତରାୟଙ୍କ ବୌଦ୍ଧଠାରେ ଥିବା ଆବାସିକ କ୍ୱାର୍ଟର୍ସକୁ ଯାଞ୍ଚ କରାଯାଇଛି। ଏ ସମ୍ପର୍କରେ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ୩/୨୦୧୯ ନମ୍ବରରେ ଏକ ମାମଲା ରୁଜୁ କରାଯାଇ ସାମନ୍ତରାୟଙ୍କୁ ଗିରଫ କରାଯାଇଛି।



ଜଗତର ଦ୍ୱନ୍ଦ୍ୱ ସଂଗ୍ରାମରେ ଧନୀର ଧନକୁ ଦେଖି ତା'ର ପକ୍ଷ ନେବନାହିଁ। ଦରିଦ୍ରର ପକ୍ଷ ମଧ୍ୟ ନେବ ନାହିଁ ତା'ର ଦାରିଦ୍ର୍ୟ ଲାଗି। ରାଜାର ଶକ୍ତି ଐଶ୍ୱର୍ଯ୍ୟ ଦେଖି ତାଙ୍କ ପକ୍ଷ ବି ନେବ ନାହିଁ। ଜନଗଣଙ୍କ ଆଶା ଓ ଉତ୍ସାହ ଦେଖି ସେମାନଙ୍କ ପକ୍ଷ ବି ନେବ ନାହିଁ। ସର୍ବଦା ସେହି ଏକମାତ୍ର ଭଗବାନଙ୍କ ପକ୍ଷରେ ଇ ଠିଆ ହୋଇରହିବ। ଯଦି ଭଗବାନ ତାଙ୍କ ନିଜ ବିରୋଧରେ ବି ସଂଗ୍ରାମ କରିବାକୁ ଆଦେଶ ଦିଅନ୍ତି– ତେବେ ତୁମର ସମସ୍ତ ପ୍ରାଣ ଓ ଶକ୍ତି ଦେଇ ଆନନ୍ଦରେ ତାହା ମଧ୍ୟ କରିବ। –ଶ୍ରୀଅରବିନ୍ଦ



# ଅସ୍ୱାଦପୂର୍ଣ୍ଣ ସିବିଆଇ

ପଶ୍ଚିମବଙ୍ଗ ରାଜଧାନୀ କୋଲକାତାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପ୍ରବେଶକୁ ନେଇ ଦେଶର ରାଜନୀତି ସରଗରମ ହୋଇଛି। ରୋଜ୍‌ଭ୍ୟାଲି ଓ ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ତଦନ୍ତ ପାଇଁ ୩ ଫେବୃୟାରୀ ୨୦୧୯ରେ ଯାଇଥିବା ସିବିଆଇର ଏକ ଟିମ୍‌କୁ ସ୍ଥାନୀୟ ପୋଲିସ ଅଟକ ରଖିଥିଲା। ବିଶେଷକରି କୋଲକାତା ପୋଲିସ କମିଶନର ରାଜୀବ କୁମାରଙ୍କୁ ପ୍ରଶ୍ନ ପଚାରିବା ନେଇ ଏହି ଟିମ୍ ଅଣବୃତ୍ତିଗତ ଢଙ୍ଗରେ ଯାଇଥିବା ଜଣାପଡ଼ିବା ପରେ ତାଙ୍କ ସୁରକ୍ଷାରେ ବାହାରି ପଡ଼ିଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ଏପରିକି ମେଟ୍ରୋ ସିନେମା ହଲ୍ ନିକଟରେ ସେ ୩ ଫେବୃୟାରୀ ରାତିରୁ ଧାରଣାରେ ବସିରହିଛନ୍ତି। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ପଶ୍ଚିମବଙ୍ଗରେ ସିବିଆଇକୁ ପୂରାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ସାମ୍ବିଧାନିକ ସଂସ୍ଥାକୁ ନ୍ୟୂନ ସ୍ତରକୁ ନେବାକୁ ଚାହୁଁଥିବା କହିଛନ୍ତି। ମୋଦି ଯାହା କହୁଛନ୍ତି, ଜାତୀୟ ନିରାପତ୍ତା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ତାହାକୁ ପାଳନ କରୁଛନ୍ତି ବୋଲି ମମତା ଅଭିଯୋଗ କରିଛନ୍ତି। ମୋଦି ସରକାର ସମ୍ବିଧାନରେ ଥିବା ସଂଘୀୟ ବ୍ୟବସ୍ଥାକୁ ଜାଣିଶୁଣି ଦୁର୍ବଳ କରୁଛନ୍ତି ବୋଲି ମମତା ଯେଉଁ ଅଭିଯୋଗ କରୁଛନ୍ତି, ଏହାର ପ୍ରମାଣ ମଧ୍ୟ ଅତୀତରେ ଦେଖିବାକୁ ମିଳିଛି। ପଶ୍ଚିମବଙ୍ଗ ଓ କେନ୍ଦ୍ର ମଧ୍ୟରେ ଦେଖା ଦେଇଥିବା ବିବାଦ ଏବେ କୋର୍ଟରେ ପହଞ୍ଚିଛି। ସାରଦା ଚିଟ୍‌ଫଣ୍ଡ ମାମଲାରେ ପ୍ରମାଣ ନଷ୍ଟ ସହ ତଦନ୍ତରେ ବାଧା ସୃଷ୍ଟି କରିଥିବାରୁ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଅବମାନନା ନେଇ ସିବିଆଇ ୪ ଫେବୃୟାରୀ ୨୦୧୯ରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ତେବେ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ପୋଲିସ କମିଶନରଙ୍କୁ ପ୍ରଶ୍ନ ପଚାରିବା ନେଇ ସିବିଆଇ ଆବଶ୍ୟକ ପ୍ରମାଣ ନେଇ ଯାଇ ନ ଥିବା ଦର୍ଶାଇ ମାମଲାର ଶୁଣାଣି ୫ ଫେବୃୟାରୀରେ କରିବେ ବୋଲି କହିଛନ୍ତି। ସେପଟେ ରାଜୀବଙ୍କୁ ପଚରାଉଚୁରା ପାଇଁ ସିବିଆଇ କରିଥିବା ଉଦ୍ୟମ ସଂକ୍ରାନ୍ତରେ ତୁରନ୍ତ ଶୁଣାଣି କରିବା ଲାଗି ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ କରାଯାଇଥିବା ଆବେଦନ ଉପରେ କଲିକତା ହାଇକୋର୍ଟ ରାଜି ହୋଇ ନାହାନ୍ତି। ରାଜନୈତିକ ବ୍ୟକ୍ତି ଭାବେ ମମତାଙ୍କ ଧାରଣା ସ୍ଥଳରେ ପୋଲିସ କମିଶନର ରାଜୀବଙ୍କ ଉପସ୍ଥିତି ମଧ୍ୟ ଅନେକ ପ୍ରଶ୍ନ ଛିଡ଼ା କଲାଣି। ପଶ୍ଚିମବଙ୍ଗରେ ଦେଖାଦେଇଥିବା ଡ୍ରାମାର ପ୍ରତିଫଳନ ପାର୍ଲାମେଣ୍ଟରେ ମଧ୍ୟ ଦେଖିବାକୁ ମିଳିଛି। ସିବିଆଇକୁ ମୋଦି ସରକାର ହାତବାରିସି କରିଛନ୍ତି ବୋଲି ବିରୋଧୀ କହିବା ପରେ ହଟ୍ଟଗୋଳ ସୃଷ୍ଟି ହେବାରୁ ଉଭୟ ଗୃହକୁ ୪ ଫେବୃୟାରୀରେ ଦିନକ ପାଇଁ ମୁଲତବୀ କରିବାକୁ ପଡ଼ିଛି।

ସାରଦା ଚିଟ୍‌ଫଣ୍ଡରେ ରାଜନୈତିକ ବ୍ୟକ୍ତି, ପୋଲିସ, ପ୍ରଶାସନିକ ଅଧିକାରୀଙ୍କ ସମ୍ପୃକ୍ତି ବାରମ୍ବାର ଲୋକଲୋଚନକୁ ଆସିଛି। ପଶ୍ଚିମବଙ୍ଗରେ ଶାସକ ଦଳର ଅନେକ ବ୍ୟକ୍ତି ଏହା ସହିତ ଜଡ଼ିତ ଥିବା ଅଭିଯୋଗ ହେଉଛି। ରାଜ୍ୟ ପୋଲିସ ଏହି ମାମଲାରେ ଠିକ୍ ଅନୁସନ୍ଧାନ କରୁ ନ ଥିବା ଜାଣିବା ପରେ ସୁପ୍ରିମକୋର୍ଟ ୨୦୧୪ ମେ'ରେ ଏହାର ତଦନ୍ତ ସିବିଆଇ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏପରି କି ବର୍ତ୍ତମାନର ପୋଲିସ କମିଶନର ରାଜୀବଙ୍କ ଭୂମିକା ରହିଥିବା ବିଷୟ ସିବିଆଇ ତରଫରୁ କୁହାଯାଉଥିବା ହେତୁ ତାଙ୍କୁ ସାକ୍ଷୀ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି।

ରାଜ୍ୟ ଓ କେନ୍ଦ୍ର ବିଭିନ୍ନ ପ୍ରସଙ୍ଗରେ ମୁହାଁମୁହିଁ ହେବା ଓ ସାଧାରଣ ନିର୍ବାଚନ ପୂର୍ବରୁ ବିରୋଧୀ ରାଜନୈତିକ ଦଳଗୁଡ଼ିକୁ ଏକାଠି କରି କୋଲକାତାରେ ରାଲି କରିବା ଆଦି ଘଟଣାକୁ ଦେଖିଲେ ମମତା କେନ୍ଦ୍ର ବିରୋଧରେ ଯୁଦ୍ଧଂଦେହି ଡାକରା ଦେଇ ଚାଲିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ନିକଟ ଅତୀତରେ ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶ ସରକାର ରାଜ୍ୟର ବିନା ଅନୁମତିରେ ସିବିଆଇ ପ୍ରବେଶ କରିପାରିବ ନାହିଁ ବୋଲି ଘୋଷଣା କରିଥିଲେ। ଏବର ପରିସ୍ଥିତି ଦେଖିଲେ ମମତାଙ୍କ ଗତିରୋଧ କରିବା ଲାଗି କେନ୍ଦ୍ର ସାମ୍ବିଧାନିକ ବ୍ୟବସ୍ଥା ଜରିଆରେ ରାଜ୍ୟ ସରକାରଙ୍କୁ ବରଖାସ୍ତ କରିଦେଇପାରନ୍ତି ବୋଲି କଥା ଉଠିଲାଣି। ହେଲେ ବର୍ତ୍ତମାନ ପରିସ୍ଥିତିରେ ମୋଦିଙ୍କ ପାଖରେ ସେଭଳି ନୈତିକ ସାହସ ଥିବା ଭଳି ମନେହେଉ ନାହିଁ। ମୋଟାମୋଟି ଦେଖିଲେ ପରିସ୍ଥିତି ମମତାଙ୍କ ସପକ୍ଷରେ ଥିବା ଭଳି ଦୃଶ୍ୟମାନ ହେଉଛି। ଏଠାରେ ଉଲ୍ଲେଖଯୋଗ୍ୟ, ୪ ଫେବୃୟାରୀରେ ପାର୍ଲାମେଣ୍ଟରେ ଅଣଭାଜପା ଦଳଗୁଡ଼ିକର ସମୂହ ସମର୍ଥନ ମମତାଙ୍କୁ ଶକ୍ତିଶାଳୀ କରିପାରିଛି। ବିଶେଷକରି ବିଜୁ ଜନତା ଦଳ (ବିଜେଡି)ର ସମର୍ଥନ ଗୃହରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ନୈତିକ ଦୃଷ୍ଟିରୁ ସଂଘୀୟ ବ୍ୟବସ୍ଥାକୁ ସମର୍ଥନ କରିବାକୁ ଯାଇ ବିଜେଡି ଦ୍ୱାରା ସିବିଆଇର କାର୍ଯ୍ୟାନୁଷ୍ଠାନକୁ ବିରୋଧ ସାମ୍ବିଧାନିକ ଦୃଷ୍ଟିରୁ ଉଚିତ ପଦକ୍ଷେପ ଭାବେ ପରିଲକ୍ଷିତ ହୋଇଛି।

ଏହି ପରିପ୍ରେକ୍ଷୀରେ ସିବିଆଇର ଅତୀତକୁ ଦେଖିଲେ ବିବାଦୀୟ ଚିତ୍ର ସାମ୍ନାକୁ ଆସୁଛି। ଉପା–୨ ସରକାର ଅମଳରେ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ସିବିଆଇକୁ 'ପଞ୍ଜୁରି ଭିତର ଶୁଆ ଓ ସେ ତା' ମୁନିବ (କେନ୍ଦ୍ର) କଥାରେ ଚାଲୁଛି' ବୋଲି ମତ ଦିଆଯାଇଥିଲା। କିନ୍ତୁ ମୋଦି ସରକାରଙ୍କ ସମୟରେ ଏହା ଅଧିକ ଅଧୋପତନ ଆଡ଼କୁ ଚାଲିଯାଇଛି। କିଛି ମାସର ଘଟଣାକୁ ଦେଖିଲେ ସଂସ୍ଥାର ଶୀର୍ଷ ଦୁଇ ଅଧିକାରୀଙ୍କ ମଧ୍ୟରେ ବିବାଦ ଘଟି ସ୍ଥିତି କେଉଁ ସ୍ତରକୁ ଯାଇଛି ତାହା କାହାରିକୁ ଅଛପା ନାହିଁ। ଏହାଛଡ଼ା ମୋଦି ସରକାରଙ୍କ ଶାସନ କାଳରେ ଆର୍‌ବିଆଇ, ନିର୍ବାଚନ କମିଶନ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଭଳି ଅନେକ ସାମ୍ବିଧାନିକ ଓ ବୈଧାନିକ ସଂସ୍ଥାର ସ୍ୱାତନ୍ତ୍ର୍ୟ ହ୍ରାସ ପାଇବା ଦୃଷ୍ଟାନ୍ତ ରହିଛି। ରାଜନୈତିକ ଉଦ୍ଦେଶ୍ୟ ପୂରଣ ଦିଗରେ ମୋଦି–ଶାହଙ୍କ ଯୋଡ଼ି କିଛିବି କରିପାରନ୍ତି ବୋଲି ବିରୋଧୀ ବାରମ୍ବାର ଅଭିଯୋଗ କରିଚାଲିଛନ୍ତି। ତାହା ଏବେ ଦେଶବାସୀଙ୍କ ଦ୍ୱାରା ବିଶ୍ୱାସଯୋଗ୍ୟ ହେବାକୁ ଆରମ୍ଭ ହେଲାଣି। ବର୍ତ୍ତମାନ ପରିସ୍ଥିତିକୁ ଅନିଷା କଲେ ମମତାଙ୍କ ହାତରେ କେନ୍ଦ୍ର ସରକାରଙ୍କ ଭୁଲ ଧରାପଡ଼ିଯାଇଛି। ପୁଣି ସାଧାରଣ ନିର୍ବାଚନ ନିକଟରେ ଥିବା ବେଳେ ସିବିଆଇ ଅଚାନକ ଯେଉଁଠାରେ ଚଢ଼ାଉ କରୁଛି ତାହା ସନ୍ଦେହ ସୃଷ୍ଟି କରୁଛି। ୪ ଫେବୃୟାରୀ ୨୦୧୯ରେ ସିବିଆଇର ନୂଆ ନିର୍ଦ୍ଦେଶକ ଭାବେ ଋଷି କୁମାର ଶୁକ୍ଲା ଦାୟିତ୍ୱ ନେଇଛନ୍ତି। ୫ ଫେବୃୟାରୀରେ ସର୍ବୋଚ୍ଚ ନ୍ୟାୟାଳୟ କୋଲକାତା ଘଟଣା ଉପରେ ଶୁଣାଣି କରିବେ। ଏଭଳି ପ୍ରଚ୍ଛଦପଟରେ ଋଷିଙ୍କ ଦାୟିତ୍ୱ ଗ୍ରହଣ ଅସ୍ୱାଦପୂର୍ଣ୍ଣ ସ୍ଥିତିରୁ ଆରମ୍ଭ ହେଉଛି ବୋଲି କୁହାଯାଇପାରେ।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | C | | | | | | | | A | | | | 8 | 1 |
| | | E | | | | A | | | | | 7 | | | |
| | | 7 | 5 | | | | 4 | 8 | 3 | | | E | 2 | 6 |
| | | | E | A | | | | 6 | | | | D | 7 | |
| | | 2 | | | 7 | | | | 4 | D | | 9 | B | |
| | | 8 | 4 | B | | C | | 0 | E | A | | | | |
| 4 | | | | | C | | | B | 1 | | | | | |
| | | | | | | | | | | | D | | 1 | |
| 6 | A | | | | 9 | | E | | B | 5 | | 4 | 3 | |
| 5 | E | B | | 3 | 1 | 7 | | | | | | | | |
| | | | | | 8 | | 5 | D | 9 | C | 0 | | | |
| | | D | | 1 | E | | C | | | | 6 | | | |
| | 1 | | | 9 | | E | | 4 | | | | 2 | | |
| 8 | 2 | 5 | | | | | 6 | 7 | | | | | | 4 |
| C | | | A | 4 | 2 | | 8 | 9 | | | | | | D |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 7 | 9 | 2 | 4 | 6 | E | B | A | 5 | 3 | C | D | 0 | 8 |
| A | 5 | 8 | E | B | 0 | 4 | D | 2 | 6 | 9 | 7 | 1 | 3 | C |
| B | 6 | 3 | D | 7 | C | 5 | 8 | 1 | 0 | A | 4 | E | 9 | 2 |
| 0 | C | E | 1 | 8 | 5 | 3 | 9 | 7 | D | B | 2 | 4 | 6 | A |
| 4 | D | 2 | 3 | 9 | A | 0 | C | 6 | 1 | 8 | E | 7 | 5 | B |
| D | 9 | 6 | A | E | 3 | 7 | 2 | C | B | 5 | 0 | 8 | 4 | 1 |
| 8 | E | 0 | 7 | C | D | 6 | 5 | B | A | 4 | 1 | 9 | 2 | 3 |
| 7 | 1 | 4 | 9 | 5 | 2 | A | E | D | 3 | 6 | 8 | B | C | 0 |
| 3 | B | C | 6 | 1 | 4 | 9 | 0 | 8 | 7 | 2 | D | 5 | A | E |
| 5 | 2 | A | 8 | 0 | B | 1 | 3 | 4 | C | E | 9 | 6 | 7 | D |
| 2 | 3 | 7 | 4 | A | 1 | C | 6 | 9 | 8 | D | B | 0 | E | 5 |
| C | 0 | B | 5 | 6 | 8 | 2 | 1 | E | 9 | 7 | A | 3 | D | 4 |
| E | 4 | 1 | C | D | 9 | B | 7 | 5 | 2 | 0 | 3 | A | 8 | 6 |
| 6 | A | D | B | 3 | 7 | 8 | 4 | 0 | E | C | 5 | 2 | 1 | 9 |
| 9 | 8 | 5 | 0 | 2 | E | D | A | 3 | 4 | 1 | 6 | C | B | 7 |

ଗତକାଲିର ଉତ୍ତର

# ପ୍ରକୃତିର ଆହ୍ୱାନ



ବୈକୁଣ୍ଠନାଥ ମିଶ୍ର

ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ସମ୍ପ୍ରତି ବିଶ୍ୱବାସୀଙ୍କ ସମ୍ମୁଖରେ ଏକ ବଡ଼ ଆହ୍ୱାନ। ଆମେ ବର୍ତ୍ତମାନ ଯେଉଁ ସ୍ତରରେ ଉପନୀତ ହୋଇଛୁ, ସେଥିରୁ ଅପସୃତ ହେବାର ସମ୍ଭାବନା କ୍ଷୀଣ। ଯେଉଁ ଦ୍ରବ୍ୟ ବ୍ୟବହାରରେ ଆମେ ଅଭ୍ୟସ୍ତ, ସେଥିରୁ ନିବୃତ୍ତ ହେବା କଷ୍ଟକର। ବିକାଶ ନାମରେ ଆମେ ଯାହାସବୁ କରିଛୁ ତାହା ଆମକୁ ବିନାଶ ଆଡ଼କୁ ଟାଣିନେଉଛି। ପ୍ରକୃତି ଉପରେ କୃତ୍ରିମତାର ରାଜ୍ ଚାଲିଛି। ପକ୍କା ଘର, ପକ୍କା ସଡ଼କ, ବିଭିନ୍ନ ବିଦ୍ୟୁତ୍ ସରଞ୍ଜାମ, ଆଧୁନିକ କୃଷି ପ୍ରଣାଳୀ ଓ ରୋଗପୋକ ନିୟନ୍ତ୍ରଣ ନିମିତ୍ତ ବିଷ ପ୍ରୟୋଗ ଆମ ପାଇଁ କ୍ଷତିକାରକ ଜାଣି ମଧ୍ୟ ଆମେ ତହିଁରୁ ନିବୃତ୍ତ ହୋଇପାରୁନାହୁଁ। ଥରେ ଗୋଟିଏ ଜିନିଷର ବ୍ୟବହାରଜନିତ ଅଭ୍ୟାସରୁ ମୁକ୍ତି ପାଇବା ଏକ ଦୁରୂହ ବ୍ୟାପାର। ଗୁଟ୍‌ଖା, ପାନ ମସଲାର କୁପରିଣାମ ଏହାର ସୃଷ୍ଟି ସମୟରେ ଜଣା ନ ଥିଲା କି? ମାତ୍ର ଏହା ଯେତେବେଳେ ବ୍ୟାପକତା ଲାଭକଲା, ଏହାର ବ୍ୟବହାରକୁ ନିଷିଦ୍ଧ କରିବା ଏକ କଠିନ ବ୍ୟାପାର। ଆରମ୍ଭରୁ ତା'ର ଉତ୍ପାଦନକୁ ନିଷିଦ୍ଧ କରିବାର ଆବଶ୍ୟକତା ଥିଲା। ମାତ୍ର ତାହା ନ କରି ଏହାର ପ୍ୟାକେଟ ଉପରେ 'ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ' ପରି ବୈଧାନିକ ସତର୍କତା ଲେଖିଦେଇ ଏହାର ବ୍ୟାପ୍ତିକୁ ପ୍ରୋତ୍ସାହନ ଦେବା ଧର୍ମକୁ ଆଖିଠାର ବ୍ୟତୀତ ଆଉ କ'ଣ ହୋଇପାରେ? ବର୍ତ୍ତମାନ ପ୍ଲାଷ୍ଟିକ ଓ ପଲିଥିନର ବ୍ୟବହାରକୁ ନିଷିଦ୍ଧ କରିବା ଅନ୍ୟତମ ସମସ୍ୟା। ଏମାନଙ୍କର ବିକଳ୍ପ ଚିନ୍ତା କରିବା ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ। ବିକଳ୍ପ ବ୍ୟବସ୍ଥା ହୁଏତ ପଲିଥିନକୁ ବିଦାୟ ଦେଇପାରେ।

ସରକାରୀ ପ୍ରୋତ୍ସାହନରେ ସବୁକିଛି ପ୍ରଚଳିତ ହେଉଛି। ମାତ୍ର ତା'ର ଭୟାବହ ପରିଣତିକୁ ଆକଳନ କରି ଏବଂ ପରିବେଶବିତ୍‌ଙ୍କ ଚେତାବନୀ ପାଇ ସେଥିରୁ ନିବୃତ୍ତ ହେଲାବେଳକୁ ନେଡ଼ିଗୁଡ଼ କହୁଣିରେ ପହଞ୍ଚିସାରିଛି। ବାର୍ଷିକ ପ୍ରାୟ ତିନିହଜାର କୋଟି ଟଙ୍କାର ରାଜସ୍ୱ ହାତଛଡ଼ା ହେବା ଭୟରେ ସରକାର ମଦ ନିଷିଦ୍ଧ କରୁନାହାନ୍ତି। କିନ୍ତୁ ପରୋକ୍ଷରେ ମଦ୍ୟପାନଜନିତ କ୍ଷତି ତିନିହଜାର କୋଟି ଟଙ୍କାରୁ ଅଧିକ ହେଲେ ମଧ୍ୟ ସରକାର ସେଥିପ୍ରତି ଧ୍ୟାନ ନ ଦେବା ପରିତାପର ବିଷୟ। ସମସ୍ତ ସାମାଜିକ ଅସନ୍ତୁଳନ, ଚାରିତ୍ରିକ ସ୍ଖଳନ, ପରପୀଡ଼ନ, ନୀତିହୀନ ଆଚରଣ ତଥା ନାରୀ ଅମର୍ଯ୍ୟାଦା ମୂଳରେ ଯେ ସେହି ମଦର ଭୂମିକା ଲୁଚିରହିଛି, ଏହା ଅନସ୍ୱୀକାର୍ଯ୍ୟ। ପଲିଥିନ ସାଧାରଣ ମଣିଷ ବ୍ୟବହାର କରେ ସତ, କିନ୍ତୁ ତାକୁ ସେ ଉଦ୍ଭାବନ କରିନାହିଁ। ପ୍ରଥମରୁ ପଲିଥିନ ସାମଗ୍ରୀ ଉତ୍ପାଦନକୁ ନିୟନ୍ତ୍ରିତ କରିବାର ଆବଶ୍ୟକତା ଥିଲା। ତା' ହୋଇଥିଲେ ଖୋଟଶିଳ୍ପ ପରି ଅର୍ଥକରୀ ଉଦ୍ୟୋଗ ବିଲୁପ୍ତିରୁ ମୁକ୍ତ ହୋଇଥାନ୍ତା। ଘରେ ଘରେ ଖୋଟର କୁଟୀରଶିଳ୍ପ ଆଜି ମଧ୍ୟ ଉଜ୍ଜୀବିତ ଥାଆନ୍ତା। କୃଷିକର୍ମରୁ ସାମୟିକ ବିରତି ଲଭୁଥିବା କୃଷକ ଆଜି ଖୋଟ ନିର୍ମିତ ବିଭିନ୍ନ ଉପାଦାନ ପ୍ରସ୍ତୁତ କରୁଥାନ୍ତା ଓ ଧାନ ପରେ ନଳିତା ଚାଷକୁ ଦ୍ୱିତୀୟ ଅର୍ଥକରୀ ଫସଲ ଭାବେ ପ୍ରାଧାନ୍ୟ ଦେଉଥାନ୍ତା। ଗ୍ରାମୀଣ ମହିଳା ଅବସର ସମୟରେ ଖୋଟ ଓ ସୂତାରୁ ପ୍ରସ୍ତୁତ ନାନା କାରୁକାର୍ଯ୍ୟଭରା ବ୍ୟାଗ୍, କାଗଜପ୍ରସ୍ତୁତ ଠୁଙ୍ଗା, ବିଲରୁ ମିଳୁଥିବା କାଇଁଚ (ଏକ ଜଳଜ ଉଦ୍ଭିଦ)ରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ନିଜର ଆବଶ୍ୟକତା ପରିପୂରଣ ସହ ପରିବାରର ଆର୍ଥିକ ପ୍ରଗତିରେ ସହାୟକ ହେଉଥାନ୍ତା। ପଲିଥିନର ବ୍ୟବହାର ଆମକୁ ଏତେ ମୋହଗ୍ରସ୍ତ କରିଛି ଯେ ତାକୁ ପରିହାର କରିବାର ଚିନ୍ତା ଆମକୁ ଉଦ୍ଭଟ ମନେ ହେଉଛି।

ଜଳବାୟୁ ପରିବର୍ତ୍ତନର ବିଭୀଷିକା ବିଶ୍ୱବାସୀ ଅଙ୍ଗେ ନିଭାଇବା ଆରମ୍ଭ କରିବାକୁ ଲାଗିଲେଣି। ଅନାବୃଷ୍ଟି ଓ ମରୁଡ଼ି, ଅତିବୃଷ୍ଟି ଓ ବନ୍ୟା, ଫସଲହାନି, ଅରଣ୍ୟକ୍ଷୟ, ନାନାପ୍ରକାର ବୃକ୍ଷଲତା ଓ ଜୀବଜନ୍ତୁଙ୍କ ବିଲୁପ୍ତିର ମୂଳରେ ଜଳବାୟୁ ପରିବର୍ତ୍ତନ ହିଁ ନିହିତ। ମିଳିତ ଜାତିସଂଘ ଘୋର ଉଦ୍‌ବେଗ ପ୍ରକାଶ କରି ବିଶ୍ୱ ସମୁଦାୟକୁ ଚେତାବନୀ ଦେଇଛି ଯେ ପ୍ରତ୍ୟେକ ଦେଶ ହାରାହାରି ତାପମାତ୍ରାକୁ ୧.୫ ଡିଗ୍ରୀ ହ୍ରାସ କରନ୍ତୁ ଓ ଏଥିପାଇଁ ସମସ୍ତ ପ୍ରୟୋଜନୀୟ ପଦକ୍ଷେପ ଗ୍ରହଣ କରନ୍ତୁ। ନଚେତ୍ ଆସନ୍ତା ୧୦–୧୫ ବର୍ଷ ମଧ୍ୟରେ ଘୋର ବିପତ୍ତିର ସମ୍ମୁଖୀନ ହେବାକୁ ପଡ଼ିବ। ବ୍ୟାପକ ଶିଳ୍ପାୟନ, ଜଙ୍ଗଲ କ୍ଷୟ, ଦ୍ରୁତ ସହରୀକରଣ ଓ ମନୁଷ୍ୟର ସୁଖସ୍ୱାଚ୍ଛନ୍ଦ୍ୟମୟ ଜୀବନଶୈଳୀ ମନୁଷ୍ୟ ସଭ୍ୟତାର ଧ୍ୱଂସସାଧନ ପଥରେ କ୍ଷିପ୍ର ଅଗ୍ରସର। ସରକାର, ପ୍ରଜ୍ଞାଶୀଳ ବ୍ୟକ୍ତିବିଶେଷ ତଥା ପୁରୋଭାଗର ଲୋକେ ଯେତେବେଳେ ଏ ନିଷ୍ଠୁର ସତ୍ୟକୁ ଅଣଦେଖା କରିଚାଲିଛନ୍ତି, ସାଧାରଣ ମଣିଷ କେବଳ ତାହାହିଁ ଅନୁକରଣ କରୁଛି। ଗାଡ଼ିମୋଟର ବ୍ୟବହାର ମଣିଷ ପାଇଁ ଏତେ ଅପରିହାର୍ଯ୍ୟ ହୋଇପଡ଼ିଛି ଯେ, ଏହା ବ୍ୟତିରେକେ ଜୀବନଯାତ୍ରା ସତେଯେପରି ବନ୍ଦ ହୋଇଯିବ। ପ୍ରତିଦିନ ବ୍ୟାପକ ଇନ୍ଧନର ଦହନ ଯୋଗୁ ଉତ୍ପନ୍ନ କାର୍ବନ ମନୋକ୍ସାଇଡ୍ ପରି ବିଷାକ୍ତ ଧୂଆଁ ବାୟୁମଣ୍ଡଳରେ ବିଷଲେପନ ପ୍ରକ୍ରିୟାକୁ ଅଧିକ ଘନୀଭୂତ କରୁଛି ଜାଣି ମଧ୍ୟ ଆମେ ତହିଁରୁ ନିବୃତ୍ତ ହୋଇପାରୁନାହୁଁ। ସାଧାରଣ ଦୂରତାକୁ ଆମେ ସାଇକେଲ ଯୋଗେ କିମ୍ବା ପାଦରେ ଚାଲି ଅନାୟାସରେ ଅତିକ୍ରମ କରିବାର ସାମର୍ଥ୍ୟ ଥାଇ ମଧ୍ୟ ସ୍ୱୟଂଚାଳିତ ଯାନ ବ୍ୟବହାର କରୁଛୁ। ଏଥିରେ ଆର୍ଥିକ କ୍ଷତି ସହ ପାରିବେଶିକ ଅସନ୍ତୁଳନ ଉଗ୍ରରୂପ ଧାରଣ କରୁଛି। ସାଇକେଲ ଚାଳନା ଓ ପଦଯାତ୍ରା ଦ୍ୱାରା ଶାରୀରିକ ବ୍ୟାୟାମ ମଧ୍ୟ ହୋଇପାରିବ। ବୃଥା ଗରିମା ଓ ଆଡମ୍ବର ତ୍ୟାଗକରି ଗାଡ଼ିଚାଳନାକୁ ସଙ୍କୁଚିତ କରାଯିବା ଜରୁରୀ।

ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ଅବିକଶିତ ଓ ବିକାଶୋନ୍ମୁଖୀ ଦେଶଗୁଡ଼ିକର ଯେତିକି ଦାୟିତ୍ୱବୋଧ ରହିଛି, ବିକଶିତ ରାଷ୍ଟ୍ରଗୁଡ଼ିକର ତା'ଠାରୁ ଅଧିକ ଦାୟବଦ୍ଧତା ରହିବା କଥା। ମାତ୍ର ସେପରି ହେଉନାହିଁ। ପ୍ୟାରିସ ଜଳବାୟୁ ଚୁକ୍ତିରୁ ଆମେରିକା ଓହରିଯିବା ଏହାର ସଦ୍ୟତମ ଉଦାହରଣ। ଭାରତ ଭଳି ବିକାଶୋନ୍ମୁଖୀ ରାଷ୍ଟ୍ରଗୁଡ଼ିକ ଜୀବାଶ୍ମ ଇନ୍ଧନର ବିକଳ୍ପ ଅନୁସନ୍ଧାନ କରି କେତେକ କ୍ଷେତ୍ରରେ ସଫଳତାପ୍ରାପ୍ତ ହେଲେଣି। ଅଣପାରମ୍ପରିକ ତଥା ଅକ୍ଷୟଶକ୍ତି ଯଥା ସୂର୍ଯ୍ୟରଶ୍ମି ଓ ପବନଶକ୍ତି କାର୍ଯ୍ୟକ୍ଷମ କରିବା କ୍ଷେତ୍ରରେ ଆମେ ଯଥେଷ୍ଟ ଅଗ୍ରଗତି କରିଥିଲେ ମଧ୍ୟ ଆମେରିକା, ଚାଇନା ଓ ୟୁରୋପୀୟ ରାଷ୍ଟ୍ରସଂଘର ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବାର ଅଛି।

ପରିବେଶ ସାଧାରଣତଃ ତିନିପ୍ରକାର– ଯଥା ଜୈବିକ ପରିବେଶ, ଅଜୈବିକ ପରିବେଶ ଓ ସାଂସ୍କୃତିକ ପରିବେଶ। ଜୈବିକ ଓ ଅଜୈବିକ ପରିବେଶର ସୁରକ୍ଷା ଦିଗରେ ଆମେ ଯେତେ ସଚେତନ, ସାଂସ୍କୃତିକ ପରିବେଶର ସୁରକ୍ଷା ଦିଗରେ ଆମ ଭୂମିକା ଶୂନ। ମଣିଷ ବଞ୍ଚିବା ପାଇଁ ଯେଉଁ ପରିବେଶ ଦରକାର ତାହା ଜୈବ ପରିବେଶ। ସ୍ୱଚ୍ଛତା, ପରିମଳ, ଉତ୍ତମ ଜଳ ଓ ବିଶୁଦ୍ଧ ବାୟୁ ଇତ୍ୟାଦିର ସୁଲଭତା ଅଜୈବ ବା ଜଡ଼ ପରିବେଶର ଅନ୍ତର୍ଭୁକ୍ତ। କିନ୍ତୁ ସାଂସ୍କୃତିକ ପରିବେଶ ସମ୍ପୂର୍ଣ୍ଣ ଭିନ୍ନ। ମନୁଷ୍ୟର ଆଚରଣ, ମାର୍ଜିତ ଭାଷାକଥନ, ଗୁରୁଜନଙ୍କୁ ଯଥାମାନ୍ୟ ପ୍ରଦାନ, ନାରୀ ଜାତି ପ୍ରତି ସମ୍ମାନ, ମାନବିକ ମୂଲ୍ୟବୋଧ ପ୍ରତିପାଦନ ଇତ୍ୟାଦି ସମସ୍ତ ସୁସ୍ଥ ସାମାଜିକତା ସାଂସ୍କୃତିକ ପରିବେଶ ଅନ୍ତର୍ଭୁକ୍ତ, ଯେଉଁ କ୍ଷେତ୍ରରେ ବୟସ, ଲିଙ୍ଗ ନିର୍ବିଶେଷରେ ଆମର ଅବଦାନ ଅତ୍ୟନ୍ତ ଶୋଚନୀୟ।

ଏ ତିନିଟି ଯାକ ପାରିବେଶିକ ଅସନ୍ତୁଳନରେ ଆମର ଏ ଧରିତ୍ରୀ ସତତ ଜର୍ଜରିତ। ମାତୃକଷଣର ଅଭିଶାପ ଏ ଜାତିକୁ ଧ୍ୱଂସ ପଥରେ ସଞ୍ଚାଳିତ କରିବାକୁ ବେଶି ବିଳମ୍ବ ନାହିଁ। ନିଜ ମା'କୁ ତ କଷଣ ଦେଇ ଚାଲିଛୁ, ଧରିତ୍ରୀ ମାତାକୁ ମଧ୍ୟ ଲାଞ୍ଛନା ଦେବାରେ ଆମେ କୁଣ୍ଠାବୋଧ କରୁନାହୁଁ। ମା'ର ବକ୍ଷ ଭେଦକରି ସୁନାର ଫସଲ ଫଳାଉଥିଲୁ, ମା' ଖୁସି ଥିଲା। କିନ୍ତୁ ଯେବେଠାରୁ ତା'ର ଗିରିକାନନ, ସର, ସରିତ, ସାଗର, ନିର୍ଝରକୁ ବିପର୍ଯ୍ୟସ୍ତ କଲୁ, ମା'ର ଆଖିରୁ ଅବାରିତ ଉଷ୍ଣଲହୁ ନିଗିଡ଼ିବାରେ ଲାଗିଛି, ସେ ଆଜି ଶ୍ରୀହୀନ, ଶୂନ୍ୟକୋଳ, ବସନଭୂଷଣବିହୀନା ଓ ପ୍ରାୟତଃ ବିବସନା। ପୁତ୍ରର ଏତାଦୃଶ କର୍ମ ସହ ମାତୃ ଶବ୍ଦର ଅପପ୍ରୟୋଗରେ କୁରୁଚିପୂର୍ଣ୍ଣ ଭାଷା କଥନ ତାକୁ ହତଚକିତ କରିଛି। ତା' ହୃଦୟରୁ କୋମଳତା, ଶୀତଳତା ଅପସାରିତ ହୋଇ ସେ କ୍ରମେ ପାଲଟିଛି ଅଗ୍ନିବର୍ଷୀ। ସମଗ୍ର ନାରୀଜଗତ ପ୍ରକୃତି ମା'ର ସ୍ୱରୂପା। ବନ୍ୟା, ବାତ୍ୟା, ମରୁଡ଼ି, ଭୂକମ୍ପ, ଅତିବୃଷ୍ଟି ଓ ଅନାବୃଷ୍ଟି ମାଧ୍ୟମରେ ପ୍ରକୃତି ମା' ତା'ର ବିରାଗ ପ୍ରକଟ କରିଚାଲିଛି। ତା' ସନ୍ତାନକୁ ସେ ଚେତାଇ ଦେଉଛି, ଏସବୁ ତୋର କୁକର୍ମର ପ୍ରତିଫଳନ। ବାସ୍ତବିକ ଆମ କାର୍ଯ୍ୟକଳାପ ଅଶାନ୍ତିକର, ଆମ ବ୍ୟବହାର ଅମାର୍ଜିତ, ଆମ ଭାଷା ଅଶାଳୀନ ଓ ଆମ ଆଚରଣ ଶଠତାପୂର୍ଣ୍ଣ। ଆମ ଖାଦ୍ୟରୁଚି କ୍ରମଶଃ ଉତ୍ତେଜନାପ୍ରବଣ ହୋଇପଡୁଛି। ଏ ସମସ୍ତ ପ୍ରତିକୂଳତା ଆମ ପ୍ରତି ମା'ର ରୁଷ୍ଟତାକୁ ଆମନ୍ତ୍ରଣ କରୁଛି। ପ୍ରକୃତିମାତା ଆଜି ଅବ୍ୟକ୍ତ ଯନ୍ତ୍ରଣାରେ ଜର୍ଜରିତା। ଜୈବ ଓ ଅଜୈବ ପରିବେଶ ତାକୁ କ୍ଷତାକ୍ତ କରିଥିବା ବେଳେ ସାଂସ୍କୃତିକ ପରିବେଶ ତାକୁ ଲାଞ୍ଛିତ, ଅପମାନିତ ଓ ଅତ୍ୟାଚାରଜର୍ଜରିତ କରି ପକାଇଛି। ହେ ମୂଢ଼ମାନବ! ସାଂସ୍କୃତିକ ପରିବେଶକୁ ଶୁଦ୍ଧପୂତ କରି ପ୍ରକୃତିସ୍ୱରୂପା ମାତୃଜାତିର ସମ୍ମାନ ରକ୍ଷା ସର୍ବାଦୌ ପ୍ରାଥମିକତା ବହନ କରେ। ଏହାହିଁ ମା'ର ଆହ୍ୱାନ। ଜୈବ ଓ ଅଜୈବ ପରିବେଶର ସୁରକ୍ଷା ହୁଏତ ବ୍ୟକ୍ତି ପାଇଁ କଷ୍ଟକର ହୋଇପାରେ, ମାତ୍ର ସାଂସ୍କୃତିକ ପରିବେଶର ସୁରକ୍ଷା ଆମର ଦାୟିତ୍ୱ। ମାତୃଜାତି ଓ ପ୍ରକୃତିର ସୁରକ୍ଷା ଆମ ପାଇଁ କଠୋର ସଙ୍କଳ୍ପର ଆଧାର ହେଉ।

ସିଦ୍ଧଳ, ଜଗତ୍‌ସିଂହପୁର, ମୋ–୯୯୩୭୪୫୦୫୪୦

# ପାଠ୍ୟକ୍ରମରେ ସଡ଼କ ସୁରକ୍ଷା



ଅଭୟ କୁମାର ଦାସ

ଦୈନନ୍ଦିନ ସଡ଼କ ଦୁର୍ଘଟଣା ବଢ଼ିବାରେ ଲାଗିଛି। ସଚେତନତା ପାଇଁ ବିଦ୍ୟାଳୟ ପାଠ୍ୟକ୍ରମରେ ସଡ଼କ ସୁରକ୍ଷାକୁ ଅନ୍ତର୍ଭୁକ୍ତ କରାଯାଇଛି। ସଡ଼କ ସୁରକ୍ଷା କମିଟି ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଯେଉଁ ପ୍ରସ୍ତାବ ଦିଆଯାଇଥିଲା ସେହି ଅନୁଯାୟୀ ୨୦୧୬–୧୭ ଶିକ୍ଷା ବର୍ଷରୁ ପାଠ୍ୟକ୍ରମରେ ଏହା ସ୍ଥାନିତ ହୋଇଛି। ତୃତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପରିବେଶ ବିଜ୍ଞାନ ପାଠ୍ୟକ୍ରମରେ ସଡ଼କ ସୁରକ୍ଷା ସମ୍ପର୍କରେ ଶିକ୍ଷା ଦିଆଯାଉଥିବା ବେଳେ ତୃତୀୟ ଶ୍ରେଣୀରେ ଜଣାଅଜଣା ପାଠ୍ୟପୁସ୍ତକରେ ସଡ଼କ ନିରାପତ୍ତା ସମ୍ବନ୍ଧୀୟ ତଥ୍ୟ ସୂଚିତ ହୋଇଛି। ଚତୁର୍ଥ ଶ୍ରେଣୀର ଆମେ ଓ ଆମ ପରିବେଶ ପୁସ୍ତକରେ ସାଧାରଣ ଦୁର୍ଘଟଣା ଓ ପଞ୍ଚମ ଶ୍ରେଣୀର ପରିବେଶ ବିଜ୍ଞାନ ପୁସ୍ତକରେ ରାସ୍ତା ଦୁର୍ଘଟଣାର କାରଣ, ନିରାକରଣ, ସାମାଜିକ ଦାୟିତ୍ୱ ଆଦି ବିଷୟରେ ପିଲାମାନଙ୍କୁ ଶିକ୍ଷା ଦିଆଯାଉଛି। ଏଥିସହ ନିୟମିତ ଭାବେ ବିଭିନ୍ନ ସଚେତନତାଧର୍ମୀ ସ୍ଲୋଗାନ, ପ୍ରବନ୍ଧ, ତର୍କ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏଥିପାଇଁ ପିଲାମାନଙ୍କ ଶ୍ରେଣୀ ରୁଟିନ୍‌ରେ ଦୁଇଟି ପିରିୟଡ଼ ରହିଛି। ଚଳିତ ବର୍ଷ ଶିକ୍ଷାବର୍ଷରୁ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରସ୍ତୁତ ଇତିହାସ ଓ ଭୂଗୋଳ ପୁସ୍ତକର କଭର ପୃଷ୍ଠା ପଛପଟେ ସଡ଼କ ସୁରକ୍ଷା ସଂକ୍ରାନ୍ତ କରଣୀୟ ଓ ଅକରଣୀୟ ତଥ୍ୟ ସୂଚିତ ହୋଇଛି। ପିଲାମାନେ ବିଦ୍ୟାଳୟ ବସ୍‌ରେ ଚଢ଼ିବା ବେଳେ ଗୋଟିଏ ଧାଡ଼ିରେ ଛିଡ଼ା ହୋଇ ଶୃଙ୍ଖଳା ରଖିବା, ଫୁଟ୍‌ପାଥର ବ୍ୟବହାର, ରାତିରେ ସାଇକେଲରେ ପ୍ରତିଫଳକ ପଟି ଲଗାଇବା, ଚାଲି ଚାଲି ରାସ୍ତା ପାର ହେଉଥିଲେ ଜେବ୍ରା କ୍ରସିଂ ଓ ଫୁଟ୍‌ଓଭର ବ୍ରିଜ୍ ବ୍ୟବହାର ପରି ବିଭିନ୍ନ ତଥ୍ୟ ସୂଚିତ ହୋଇଛି।

ସୂଚନାପ୍ରଯୁକ୍ତିର ବୈପ୍ଳବିକ ପ୍ରଗତି, ଡିଜିଟାଲ ଇଣ୍ଡିଆର ଭେଳିକି, ସଚେତନତା ପାଇଁ କୋଟି କୋଟି ଟଙ୍କା ଶ୍ରାଦ୍ଧ ହେବା ସତ୍ତ୍ୱେ ଉଦ୍‌ବେଗଜନକ ଭାବରେ ସଡ଼କ ଦୁର୍ଘଟଣାରେ ଅନେକଙ୍କ ଜୀବନଦୀପ ନିର୍ବାପିତ ହୋଇଯାଉଛି। ନିକଟରେ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ତଥ୍ୟ ଅନୁଯାୟୀ ଭାରତରେ ଗୋଟିଏ ଘଣ୍ଟା ଭିତରେ ପାଖାପାଖି ୧୬ଜଣଙ୍କ ପ୍ରାଣହାନି ହେଉଛି। ଏହି ପରିସଂଖ୍ୟାନକୁ ହିସାବ କଲେ ଭାରତରେ ପ୍ରତିଦିନ ୩୮୪ଜଣଙ୍କ ଜୀବନହାନି ହେଉଛି। କେବଳ ଗତବର୍ଷ ସମଗ୍ର ଭାରତରେ ୪ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ସଡ଼କ ଦୁର୍ଘଟଣାରେ ୧ଲକ୍ଷ ୪୦ ହଜାରରୁ ଅଧିକ ଲୋକଙ୍କ ପ୍ରାଣହାନି ହେବା ସହ ପ୍ରାୟ ୫ଲକ୍ଷ ଲୋକ ଗୁରୁତର ଆହତ ହୋଇଛନ୍ତି।

### ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ

ଅନେକେ ବିକଳାଙ୍ଗ ହୋଇ ସାରା ଜୀବନ ଦୁଃଖକଷ୍ଟରେ ବିତାଉଛନ୍ତି। ସମଗ୍ର ପୃଥିବୀରେ ଭାରତର ରାସ୍ତା ସବୁଠାରୁ ଅଧିକ ଦୁର୍ଘଟଣାପ୍ରବଣ।

ସଡ଼କ ଦୁର୍ଘଟଣାରେ ଅନେକ ହତଭାଗ୍ୟଙ୍କ ବୃତ୍ତିଗତ କ୍ଷେତ୍ରଠାରୁ ପାରିବାରିକ କ୍ଷେତ୍ର କ୍ଷତିଗ୍ରସ୍ତ ହୋଇଥାଏ। ସଡ଼କ ଦୁର୍ଘଟଣାକୁ କେତେକାଂଶରେ ରୋକିବା ପାଇଁ ସରକାରୀ ଓ ବେସରକାରୀ କ୍ଷେତ୍ରରେ ବହୁତ କିଛି କାର୍ଯ୍ୟ ହେଉଥିବାର ଢୋଲ ପିଟାଯାଉଛି। କିନ୍ତୁ କିଛି ଫଳ ମିଳୁଥିବାର ଦେଖାଯାଉ ନାହିଁ। ଆଇନ କମିଶନଙ୍କ ଏକ ରିପୋର୍ଟ ଅନୁଯାୟୀ ସଡ଼କ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ମଧ୍ୟରୁ ପ୍ରାୟ ଅଧା ଲୋକଙ୍କ ଜୀବନ ରକ୍ଷା ହୋଇପାରନ୍ତା, ଯଦି ସେମାନଙ୍କୁ ଠିକଣା ସମୟରେ ଚିକିତ୍ସା ସୁବିଧା ମିଳିପାରନ୍ତା। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଅନେକ କ୍ଷେତ୍ରରେ ଦୁର୍ଘଟଣାରେ ଶିକାର ବ୍ୟକ୍ତିଙ୍କୁ ଠିକଣା ସମୟରେ ଚିକିତ୍ସା ସୁବିଧା ମିଳିପାରୁ ନାହିଁ। ଏଥିପାଇଁ ଜରୁରୀ ଆମ୍ବୁଲାନ୍ସ ସେବାର ଅଭାବ ମୁଖ୍ୟତଃ ଦାୟୀ ହୋଇଥିଲେ ସୁଦ୍ଧା ଆଇନଗତ ସମସ୍ୟା ମଧ୍ୟ ଏ କ୍ଷେତ୍ରରେ ଏକ ବାଧକ। ଆମ ଆଇନ ବ୍ୟବସ୍ଥା ଏମିତି ଯେ, ଏହା ଦୁର୍ଘଟଣାରେ ଶିକାର ଆହତଙ୍କୁ ସହାୟତା କରିବା ଲାଗି ଉତ୍ସାହିତ କରିବା ପରିବର୍ତ୍ତେ ନିରୁତ୍ସାହିତ କରୁଛି। ପୋଲିସ ଓ ଅଦାଲତରେ ହଇରାଣହରକତ ହେବା ଭୟରେ ଅନେକ ବ୍ୟକ୍ତି ଦୁର୍ଘଟଣାରେ ଆହତଙ୍କୁ ସହାୟତା କରିବାରୁ କ୍ଷାନ୍ତ ରହନ୍ତି। ସହାୟତାକାରୀଙ୍କୁ ସୁରକ୍ଷା ପ୍ରଦାନ ଲାଗି ଆଗତ ଏକ ଜନସ୍ୱାର୍ଥ ମାମଲା ୨୦୧୧ରୁ ସୁପ୍ରିମ୍‌କୋର୍ଟରେ ବିଚାରାଧୀନ ରହିଛି। ଏ ବିଷୟରେ କୋର୍ଟ ଏକ କମିଟି ଗଠନ କରିଥିଲେ ସୁଦ୍ଧା କିଛି ଚୂଡ଼ାନ୍ତ ହୋଇନାହିଁ।

ସଡ଼କ ଦୁର୍ଘଟଣାର ବିଭିନ୍ନ କାରଣ ଭିତରେ ନିଶାଦ୍ରବ୍ୟ ସେବନ ପ୍ରଥମ। କୋର୍ଟ ପ୍ରଥମେ ଜାତୀୟ ରାଜପଥ କଡ଼ରୁ ମଦ ଦୋକାନ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ ବି ନ୍ୟାୟାଳୟର ରାୟ ସରକାରଙ୍କ ନାଲିଫିତା ତଳେ ବନ୍ଧାହୋଇ ରହିଛି। ସେହିପରି ଆମ ସଡ଼କର ଗୁଣାତ୍ମକ ମାନ ଭଲ ରହୁ ନ ଥିବାରୁ ରାସ୍ତା ଦବିଯିବା ବା ଫାଟ ସୃଷ୍ଟି ହେବା ବିଭିନ୍ନ ସମୟରେ ଦେଖାଯାଇଥାଏ। ସେହିପରି ମାତ୍ରାଧିକ ବେଗରେ ଗାଡ଼ି ଚାଳନା, ଯୁବକମାନଙ୍କ ଭିତରେ ଡେୟାର ଡ୍ରାଇଭିଂ, ବିନା ହେଲମେଟରେ ବାଇକ୍ ଚାଳନା, ଚାରିଚକିଆ ଯାନରେ ସିଟ ବେଲ୍ଟ ବ୍ୟବହାର ନ କରିବା ଆଦି ସଚେତନାତାର ଅଭାବକୁ ପ୍ରମାଣିତ କରୁଛି। ତେବେ ଏ ନେଇ ସରକାରଙ୍କ ଉପରେ ସବୁଯାକ ଦୋଷ ଲଦିଲେ ଏପରି ଏକ ଉଦ୍‌ବେଗଜନକ ପ୍ରସଙ୍ଗର ଅନ୍ତ ଘଟିବ ନାହିଁ। ସର୍ବୋପରି ସମସ୍ତଙ୍କ ଭିତରେ ସଚେତନତା ସୃଷ୍ଟି ପାଇଁ ସହଯୋଗର ହାତ ବଢ଼ାଇବା ନିହାତି ଜରୁରୀ।

ଗୋତରା, ମାହାଙ୍ଗା, କଟକ, ମୋ: ୯୪୩୭୧୪୨୭୧୭

## ଏଇ ଭାରତରେ

ଯୌତୁକ ପାଇଁ ଦେଶରେ ବଧୂନିର୍ଯାତନା ବଢ଼ିଚାଲିଛି। ଏଥିପାଇଁ ଜ୍ୱାଇଁ ସମେତ ଶାଶୁଘର ଲୋକଙ୍କୁ ଦାୟୀ କରାଯାଏ। କେତେକ ସ୍ଥଳରେ ଜ୍ୱାଇଁ ଯୌତୁକ ନେବାକୁ ପସନ୍ଦ କରି ନ ଥାନ୍ତି। ତେବେ ଏଭଳି ଜ୍ୱାଇଁଙ୍କ ଉଦାହରଣ ଖୁବ୍ କମ୍ ଦେଖିବାକୁ ମିଳେ। ଜଣେ ଜ୍ୱାଇଁ ସାଢ଼େ ୫ଲକ୍ଷ ଟଙ୍କା ଯୌତୁକ ନ ନେବା ଘଟଣା ଏକ ବିରଳ ଉଦାହରଣ ସୃଷ୍ଟି କରିଛି। ଏପରି ଏକ ଘଟଣା ଘଟିଛି ରାଜସ୍ଥାନରେ। ବରଘର ବଗତପୁରାରୁ ଆସି ସ୍ଥାନୀୟ ଝୁନ୍‌ଝୁନ୍ ଅଞ୍ଚଳର ଚିଟନୱାଡ ଗାଁରେ ପହଞ୍ଚିଥିଲେ। ସେହି ଗାଁର ବିକ୍ରମଜିତ କୱଁରଙ୍କ କନ୍ୟା ଜ୍ୟୋତି କୱଁରଙ୍କ ବିବାହ ଜେଠ ସିଂଙ୍କ ସହିତ ହେଉଥିଲା। ଜେଠ ସିଂ ଭାରତୀୟ ସେନାରେ ହାବିଲଦାର ଅଛନ୍ତି। ଜ୍ୱାଇଁଙ୍କ ଆଗରେ ଶ୍ୱଶୁର ବିକ୍ରମଜିତ୍ ପ୍ରଚଳିତ ପ୍ରଥା ଅନୁସାରେ ସାଢ଼େ ୫ଲକ୍ଷ ଟଙ୍କା ଯୌତୁକ ସୁସଜ୍ଜିତ ସୁନାଥାଳିରେ ଧରି ଠିଆହେଲେ। ତେବେ ଅତି ଶାନ୍ତ ଏବଂ ନମ୍ର ଭାବେ ଜେଠ ସିଂ ଯୌତୁକ ନେବାକୁ ମନା କରିବା ସହିତ ପରମ୍ପରାକୁ ମାନି ନ ଥିବାରୁ ହାତଯୋଡ଼ି କ୍ଷମା ପ୍ରାର୍ଥନା କରିଥିଲେ। ଏହାକୁ ନେଇ ଖୁବ୍ ଚର୍ଚ୍ଚା ହେବା ସହିତ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ଚିରନ୍ତନୀ

ତୁମ ଅପମାନ, ପ୍ରିୟ
ତବ ଅପମାନ କଲେ
ମରଣ ହିଁ ବଳି ଦେଉ ବ୍ୟଥା,
ମୂକ ହେଉ ମୋର ସବୁ କଥା।
(ଆସ୍ତିକର ଆକୁତି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୫ ଫେବୃୟାରୀ ୧୯୯୪

- ଭାରତର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଭୂପୃଷ୍ଠରୁ ଆକାଶକୁ ନିକ୍ଷେପ କରାଯାଇପାରୁଥିବା କ୍ଷେପଣାସ୍ତ୍ର 'ଆକାଶ'ର ସଫଳ ପରୀକ୍ଷାମୂଳକ ଉତ୍କ୍ଷେପଣ।
- ଓଡ଼ିଆ ଔପନ୍ୟାସିକ କାହ୍ନୁଚରଣ ମହାନ୍ତି ଏବଂ ଇଂରାଜୀ ସାହିତ୍ୟିକ ଆର.କେ. ନାରାୟଣଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଫେଲୋଶିପ।

## ପାଠକ ଶ୍ରେଷ୍ଠ ବିଚାରକ

### ସମ୍ପୂର୍ଣ୍ଣ ନିଶା ନିବାରଣ

ମହାଶୟ,

ଭାରତ ସ୍ୱାଧୀନ ହେବା ପରେ କେଉଁ କାର୍ଯ୍ୟକୁ ସେ ଅଗ୍ରାଧିକାର ଦେବେ ବୋଲି ଜାତିରଜନକ ମହାତ୍ମା ଗାନ୍ଧୀଙ୍କୁ ପ୍ରଶ୍ନ କରାଯାଇଥିଲା। ଗାନ୍ଧିଜୀଙ୍କ ଉତ୍ତର ଥିଲା, 'ମୁଁ ଚାହେଁ, ସ୍ୱାଧୀନ ହେବାର ୨୪ ଘଣ୍ଟା ମଧ୍ୟରେ ଭାରତ ସମ୍ପୂର୍ଣ୍ଣ ନିଶାମୁକ୍ତ ହେଉ।' ମାତ୍ର ଦୁର୍ଭାଗ୍ୟର ବିଷୟ, ଦେଶ ସ୍ୱାଧୀନ ହେବାର ୭୧ ବର୍ଷ ପରେ ମଧ୍ୟ ଗାନ୍ଧିଜୀଙ୍କ ସ୍ୱପ୍ନ ସାକାର ହୋଇପାରିନାହିଁ। ଏପରିକି କୌଣସି ସରକାର ଓ ରାଜନୈତିକ ଦଳ ସମ୍ପୂର୍ଣ୍ଣ ନିଶା ନିବାରଣର ନାମ ମଧ୍ୟ ଧରୁନାହାନ୍ତି। ବିଳମ୍ବରେ ହେଲେ ମଧ୍ୟ ଦେଶର ପ୍ରମୁଖ ରାଜନୈତିକ ଦଳମାନେ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ନିଜ ନିଜର ନିର୍ବାଚନ ଇସ୍ତାହାରରେ 'ନିଶାମୁକ୍ତ ଭାରତ' ଗଠନକୁ ଅଗ୍ରାଧିକାର ଦିଅନ୍ତୁ। କହିବା ନିଷ୍ପ୍ରୟୋଜନ ଯେ, ବିଭିନ୍ନ ସର୍ବେକ୍ଷଣ ରିପୋର୍ଟ ଅନୁସାରେ ଦେଶସାରା ଘଟୁଥିବା ସବୁପ୍ରକାର ହତ୍ୟା, ବଳାତ୍କାର, ସାମାଜିକ ଓ ପାରିବାରିକ ହିଂସା, ସଡ଼କ ଦୁର୍ଘଟଣା ଓ ରୋଗଜନିତ ଅକାଳ ମୃତ୍ୟୁର ମୁଖ୍ୟ କାରଣ ନିଶାପାନ। ସମ୍ପୂର୍ଣ୍ଣ ନିଶା ନିବାରଣ ହୋଇପାରିଲେ ଏହିସବୁ ସମସ୍ୟାର ସମାଧାନ ହୋଇ ଦେଶରୁ ଦାରିଦ୍ର୍ୟ ଓ ବେକାରି ଦୂରୀକରଣ ମଧ୍ୟ ସହଜ ହୋଇପାରିବ। ସବୁ ରାଜନୈତିକ ଦଳ ନିଜ ନିଜର ନିର୍ବାଚନ ଇସ୍ତାହାରରେ କେବଳ ଶସ୍ତା ଓ ଲୋଭନୀୟ ପ୍ରତିଶ୍ରୁତି ନ ଦେଇ ସମ୍ପୂର୍ଣ୍ଣ ନିଶା ନିବାରଣକୁ ଅଗ୍ରାଧିକାର ଦିଅନ୍ତୁ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

### ସ୍ୱାସ୍ଥ୍ୟସେବା ପ୍ରଚାରସର୍ବସ୍ୱ ନ ହେଉ

ମାଗଣାରେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ଆକର୍ଷଣୀୟ ବିଜ୍ଞାପନ ମାଧ୍ୟମରେ ପ୍ରଚାର ଚଳାଇଥିବା ସତ୍ତ୍ୱେ ସର୍ବତ୍ର ସକାଳ ପହରୁ ଔଷଧ ଦୋକାନ ସଂଲଗ୍ନ କ୍ଲିନିକ୍ସ ଓ ସରକାରୀ ହାସପାତାଳ ନିକଟରେ ଥିବା ଘରୋଇ ନର୍ସିଂହୋମ୍‌ରେ ବହୁ ସଂଖ୍ୟାରେ ରୋଗୀମାନଙ୍କର ଭିଡ଼ ଲାଗୁଛି। ତେଣୁ ସରକାର ବୃଥା ପ୍ରଚାରରୁ ଦୂରରେ ରହି ରୋଗୀମାନଙ୍କ ଦ୍ୱାରଦେଶରେ ପହଞ୍ଚି ରୋଗ ଚିହ୍ନଟୀକରଣ ଓ କିଛିଟା ନିଦାନ ବ୍ୟବସ୍ଥା କରନ୍ତୁ। ଦ୍ୱାରଦେଶରେ ସେବା ହିଁ ପ୍ରକୃତ ସେବା। ଏଥିପାଇଁ ଏକ ୱେବ୍ ପୋର୍ଟାଲର ବ୍ୟବସ୍ଥା କରାଯାଇପାରେ। ଗୁରୁତର ରୋଗୀଙ୍କୁ ଆମ୍ବୁଲାନ୍ସରେ ହସ୍ପିଟାଲ ନେଇ ଚିକିତ୍ସା କରାଯାଇପାରିବ।

ଡାକ୍ତର ଦେବଦତ୍ତ ମିଶ୍ର, ରେଡକ୍ରସ୍ ରୋଡ୍, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ତୃଣମୂଳ କଂଗ୍ରେସ ସମର୍ଥନରେ ବାହାରିଲା ବିଜେଡି

ଭୁବନେଶ୍ୱର,୪।୨(ବ୍ୟୁରୋ)

- କାର୍ଯ୍ୟକଳାପ ଗ୍ରହଣୀୟ ନୁହେଁ : ଭର୍ତ୍ତୃହରି
- ବିଜେଡି ଡରିକି ସମର୍ଥନ କରୁଛି: ତାରା
- ଟିଏମ୍‌ସି, ବିଜେଡି ଚିଟଫଣ୍ଡ କମ୍ପାନୀର ପୃଷ୍ଠପୋଷକ: ଧର୍ମେନ୍ଦ୍ର

ଦେଶର ସର୍ବୋଚ୍ଚ ଅନୁସନ୍ଧାନକାରୀ ସଂସ୍ଥା ସିବିଆଇ ଏବଂ ପଶ୍ଚିମବଙ୍ଗ ସରକାରଙ୍କ ମଧ୍ୟରେ ଚାଲିଥିବା ବିବାଦକୁ ନେଇ ସମଗ୍ର ଦେଶର ରାଜନୀତି ଜୋର ଧରିଛି। ଏହାକୁ ନେଇ କେନ୍ଦ୍ର ସରକାରଙ୍କୁ ବହୁ ବିରୋଧୀ ଦଳ ବିରୋଧ କରିଛନ୍ତି। ଏହିକ୍ରମରେ ଉଭୟ କଂଗ୍ରେସ ଏବଂ ଭାଜପାଠାରୁ ସମଦୂରତ୍ୱ ଅବଲମ୍ବନ କରୁଥିବା ବିଜେଡି ମଧ୍ୟ ପ୍ରତିକ୍ରିୟା ରଖିବା ସହ ତୃଣମୂଳ କଂଗ୍ରେସ ସମର୍ଥନରେ ବାହାରିଛି। ଲୋକ ସଭାରେ ଦଳର ସଂସଦୀୟ ନେତା ଭର୍ତ୍ତୃହରି ମହତାବ ଦିଲ୍ଲୀରେ ଏ ନେଇ ପ୍ରତିକ୍ରିୟା ରଖିଛନ୍ତି। ସେହିପରି ଓଡ଼ିଶାରେ ବିଜେଡି ପକ୍ଷରୁ ମୁଖପାତ୍ର ସସ୍ମିତ ପାତ୍ର ଏହି ପ୍ରସଙ୍ଗରେ ମତ ରଖିଛନ୍ତି। ଅପରପକ୍ଷରେ ଭାଜପା ମମତା ବାନାର୍ଜୀଙ୍କ ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇ ଥିବାବେଳେ କଂଗ୍ରେସ ଉଭୟ ବିଜେଡି-ଭାଜପାକୁ ସମାଲୋଚନା କରିଛି।

ଭର୍ତ୍ତୃହରି କହିଛନ୍ତି ଯେ, କୌଣସି ମାମଲାର ତଦନ୍ତ କରିବା ସିବିଆଇ ପକ୍ଷରେ ଯୁକ୍ତିଯୁକ୍ତ। ହେଲେ ଯେଉଁଭଳି ଢଙ୍ଗରେ ରାଜୀବ କୁମାରଙ୍କ ଘରେ ୪୦ ଅଧିକାରୀ ପ୍ରବେଶ କଲେ, ତାହା ଆଦୌ ଗ୍ରହଣୀୟ ନୁହେଁ। ଗତ କିଛି ବର୍ଷ ଧରି ସିବିଆଇ ଯେଉଁଭଳି ଭାବେ କାର୍ଯ୍ୟ କରୁଛି, ତାହା ସେହି ସଂସ୍ଥାର ସ୍ୱଚ୍ଛତା ଏବଂ ନିରପେକ୍ଷତା ନେଇ ପ୍ରଶ୍ନ ଉଠାଇଛି। ପଶ୍ଚିମବଙ୍ଗରେ ରବିବାର ସନ୍ଧ୍ୟାରେ ଘଟିଯାଇଥିବା ଘଟଣା ସିବିଆଇର ପେସାଗତ ଆଚରଣର ଲକ୍ଷଣ ନୁହେଁ ବୋଲି ଭର୍ତ୍ତୃହରି କହିଛନ୍ତି। ଜଣେ ମୁଖ୍ୟମନ୍ତ୍ରୀ ରାସ୍ତାରେ ଧାରଣାରେ ବସିବା ମଧ୍ୟ ଠିକ୍ ନୁହେଁ। ତେଣୁ କେନ୍ଦ୍ର ତୁରନ୍ତ ହସ୍ତକ୍ଷେପ କରୁ। ଚାଲୁଥିବା ବିବାଦର ସମାଧାନ ରାସ୍ତା ବାହାରୁ ବୋଲି ଭର୍ତ୍ତୃହରି କହିଛନ୍ତି। ସେହିପରି ଦଳ ପକ୍ଷରୁ ସସ୍ମିତ ପାତ୍ର କହିଛନ୍ତି ଯେ, ଦେଶର ବିଭିନ୍ନ ସ୍ୱାୟତ୍ତ ସଂସ୍ଥାର ସ୍ୱାଧୀନତା ରହିବା ଆବଶ୍ୟକ। ଭାରତବର୍ଷର ଗଣତନ୍ତ୍ର ଅନନ୍ୟ ଏବଂ ଅଭିଜ୍ଞ, ତେଣୁ ସଂଘୀୟ ବ୍ୟବସ୍ଥାର ସୁରକ୍ଷା ହେବା ଦରକାର। ଅତୀତରେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏବଂ ବର୍ତ୍ତମାନ ସାଧାରଣ ନିର୍ବାଚନ ପୂର୍ବରୁ ସିବିଆଇ ଓଡ଼ିଶାରେ କରୁଥିବା କାର୍ଯ୍ୟକଳାପ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ବିଜେଡିର ବିବୃତ୍ତିକୁ ନେଇ ଅନ୍ୟ କୌଣସି ଦଳ ସହ ଯୋଡା ନ ଯାଉ ବୋଲି ସସ୍ମିତ କହିଛନ୍ତି। ସେହିପରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ମୋଦି-ଶାହଙ୍କ ସ୍ୱେଚ୍ଛାଚାର ଶାସନର ଏହା ନମୁନା ମାତ୍ର। ପଶ୍ଚିମବଙ୍ଗରେ ଘଟୁଥିବା ଘଟଣାବଳୀ କ୍ଷମତାର ଅପବ୍ୟବହାର, ସ୍ୱାଧୀନ ସଂସ୍ଥାର ସ୍ୱାୟତ୍ତତା ନଷ୍ଟ କରୁଥିବାର ପ୍ରମାଣ। ଏହାର ବିରୋଧରେ ସମସ୍ତ ଦେଶପ୍ରେମୀ ଭାରତୀୟ ଛିଡା ହେବାର ଆବଶ୍ୟକତା ରହିଛି ବୋଲି ନିରଞ୍ଜନ କହିଛନ୍ତି। ବିରୋଧୀ ଦଳ ନେତା ନରସିଂହ ମିଶ୍ର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତାଙ୍କ କାର୍ଯ୍ୟକଳାପକୁ ସମର୍ଥନ କରିଛନ୍ତି। ହେଲେ ବିରୋଧୀ ଦଳ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି ବିଜେଡିର ଦୋମୁହାଁ ନୀତିକୁ ସମାଲୋଚନା କରିଛନ୍ତି। ତାରା କହିଛନ୍ତି ଯେ, ବିଜେଡି-ଭାଜପା ରାଜ୍ୟରେ ବାଡିଆପିଟା , ହେଲେ ଦିଲ୍ଲୀରେ କୋଳାକୋଳି। ମମତା ଜଣେ ଦୃଢ ନେତ୍ରୀ, ତାଙ୍କ ପଦକ୍ଷେପକୁ ସ୍ୱାଗତ। ବିଜେଡିର ସମର୍ଥନରେ ମମତାଙ୍କ ପ୍ରତି ଦରଦ ନାହିଁ। ଭୟ ରହିଛି, ବିଜେଡି ନେତାମାନେ ଚିଟଫଣ୍ଡରେ ସଂପୃକ୍ତ ଥିବାରୁ ଏପରି ପ୍ରତିକ୍ରିୟା ପ୍ରକାଶ କରୁଥିବା ତାରା କହିଛନ୍ତି।

ମମତାଙ୍କ ପ୍ରତି ବିଜେଡିର ଆଭିମୁଖ୍ୟକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ତୃଣମୂଳ କଂଗ୍ରେସ ପରି ବିଜୁ ଜନତା ଦଳ ମଧ୍ୟ ଚିଟଫଣ୍ଡ ଜମାକାରୀଙ୍କ ଟଙ୍କା ଖାଇଛି। ତେଣୁ ସମଧର୍ମୀ ଭାବେ ମମତାଙ୍କ ଉପରେ ହେଉଥିବା କାର୍ଯ୍ୟାନୁଷ୍ଠାନକୁ ବିଜେଡି ବିରୋଧ କରିଛି। ଶାରଦା ଏବଂ ଅର୍ଥତତ୍ତ୍ୱ ଭଳି କମ୍ପାନୀର ପୃଷ୍ଠପୋଷକ ନବୀନ ବାବୁ ଏବଂ ମମତା ବାନାର୍ଜୀ ଥିଲେ। ଚିଟଫଣ୍ଡରେ ସିବିଆଇ ଜେରା କରିଥିବା ସରୋଜ ସାହୁ କିଏ। ସେ କଥାର ଉତ୍ତର ମିଳିପାରିନାହିଁ। ତେଣୁ ଡରରେ ବିଜେଡି ଏଭଳି ଆଭିମୁଖ୍ୟ ନେଉଛି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତ ଜାରି ରହିଥିବା ଧର୍ମେନ୍ଦ୍ର କହିଛନ୍ତି। ପ୍ରକାଶ ଯେ, ନିକଟରେ ବିଜେଡିର ଦୁଇ ତୁଙ୍ଗ ନେତା ଅରୁଣ ସାହୁ ଏବଂ ଅତନୁ ସବ୍ୟସାଚୀ ନାୟକଙ୍କୁ ସିବିଆଇ ହାଜର ହେବା ପାଇଁ ସମନ୍ କରିଥିଲା।

## ଏନ୍‌ଜିଟିର ୨୫ କୋଟି କ୍ଷତିପୂରଣ ଡିମାଣ୍ଡ ମାମଲା

# ପକ୍ଷ ରଖିବେ ରାଜ୍ୟ ସରକାର

- ଡଙ୍କାରୀରେ ବେଆଇନ ଖନନ
- ଜିଲା ପ୍ରଶାସନକୁ କଡ଼ା ତାଗିଦ କଲେ ମୁଖ୍ୟ ଶାସନ ସଚିବ

ଯାଜପୁର ଅଫିସ,୪।୨

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ ପାହାଡ଼ରେ ବେଆଇନ ଖନନ ଓ ପରିବେଶଗତ କ୍ଷତି ପାଇଁ ରାଜ୍ୟ ସରକାର ହରଡ଼ଘଣାରେ ପଡିଛନ୍ତି। ରାଜ୍ୟ ସରକାର ମଧ୍ୟବର୍ତ୍ତିକାଳୀନ କ୍ଷତିପୂରଣ ବାବଦକୁ ୨୫କୋଟି ଟଙ୍କା ଜମା କରିବାକୁ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ର ନିର୍ଦ୍ଦେଶ ଉପରେ ସୋମବାର ଏକ ଭିଡିଓ କନ୍‌ଫରେନ୍ସିଂ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ଜିଲା ପ୍ରଶାସନର ସମ୍ପୃକ୍ତ ଅଧିକାରୀଙ୍କୁ କଡା ତାଗିଦ୍ କରିଥିବା ସୂଚନା ମିଳିଛି । ଏହାସହ ପୂର୍ବରୁ କୌଣସି ନୋଟିସ କିମ୍ବା ସୂଚନା ନ ଦେଇ ୨୫କୋଟି ଟଙ୍କା ଡିମାଣ୍ଡ କରିଥିବାରୁ ଏନ୍‌ଜିଟି ସମ୍ମୁଖରେ ରାଜ୍ୟ ସରକାର ପକ୍ଷ ରଖିବାକୁ ନିଷ୍ପତ୍ତି ନେଇଛନ୍ତି।



ଏନ୍‌ଜିଟିରେ ଗତ ୪।୧।୨୦୧୯ରେ ୬୦୪/୨୦୧୮ ନମ୍ବରରେ ହୋଇଥିବା ମାମଲାର ଶୁଣାଣି କରି ଜଷ୍ଟିସ ଆଦର୍ଶ କୁମାର ଗୋୟଲ, ଜଷ୍ଟିସ ଏସ.ପି. ୱାଙ୍ଗଡି, ଜଷ୍ଟିସ ରାମକ୍ରିଷ୍ଣନ ଓ ଡ. ନାଗିନ ନନ୍ଦଙ୍କୁ ନେଇ ଗଠିତ ଖଣ୍ଡପୀଠ ଡଙ୍କାରୀରେ ବେଆଇନ ଉତ୍ତୋଳନ ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ। ରାୟରେ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ଅଧିକାରୀମାନେ ବେଆଇନ ଉତ୍ତୋଳନକୁ ପ୍ରୋତ୍ସାହିତ କରିଛନ୍ତି ବୋଲି ଦର୍ଶାଇଥିଲେ। ୨୦୦୨ରୁ ୨୦୧୭ ପର୍ଯ୍ୟନ୍ତ କୌଣସି ପରିବେଶଗତ ଅନୁମତି ନ ନେଇ କୋଟି କୋଟି ଟଙ୍କାର କଳାପଥର ଉତ୍ତୋଳନ କରାଯାଇଛି । ତେଣୁ ଏଥିପାଇଁ ଦାୟୀ ରାଜ୍ୟ ସରକାର କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ପାଖରେ ମଧ୍ୟବର୍ତ୍ତିକାଳୀନ କ୍ଷତିପୂରଣ ବାବଦକୁ ୧ ମାସ ମଧ୍ୟରେ ୨୫ କୋଟି ଟଙ୍କା ଜମା କରିବାକୁ ରାୟରେ କହିଥିଲେ। ଏଥିପାଇଁ ରାଜ୍ୟ ସରକାର ସଂପୃକ୍ତ ଅଧିକାରୀମାନଙ୍କଠାରୁ କିମ୍ବା ବେଆଇନ ଖାଦାନ ବ୍ୟବସାୟୀଙ୍କ ଠାରୁ ଉପରୋକ୍ତ ଅର୍ଥ ଆଦାୟ କରାଯାଇ ପାରିବ । ଏହି ଅର୍ଥ ପରିବେଶ ସୁରକ୍ଷା, ଲଘୁ ଖଣିଜ ଶ୍ରମିକ ଓ ସ୍ଥାନୀୟ ଲୋକଙ୍କ ହିତରେ ଖର୍ଚ୍ଚ ହେବ । ବେଆଇନ ଖାଦାନ ଯୋଗୁ ରୋଗଗ୍ରସ୍ତ ହୋଇଥିବା ଲୋକଙ୍କ ପାଇଁ ଏହି ଅର୍ଥ ଖର୍ଚ୍ଚ କରାଯାଇ ପାରିବ। ସିପିସିବି ପ୍ରତିନିଧି, ଧାନବାଦ ଇଣ୍ଡିଆନ ସ୍କୁଲ ଅଫ ମାଇନ୍ସ, ଡେହେରାଡୁନ ଫରେଷ୍ଟ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ଏବଂ ଷ୍ଟେଟ ଏନ୍‌ଭାଇରନମେଣ୍ଟ ଇମ୍ପାକ୍ଟ ଆସେସମେଣ୍ଟ କମିଟି (ସିଆ)ର ଅଧ୍ୟକ୍ଷଙ୍କୁ ନେଇ ଗଠିତ ଏକ କମିଟି କ୍ଷତିପୂରଣ ଅର୍ଥ କେଉଁ ବାଟରେ ଖର୍ଚ୍ଚ ହେବ ସେ ନେଇ ନୀତି ନିର୍ଦ୍ଧାରଣ କରିବେ ବୋଲି ଏନ୍‌ଜିଟି ରାୟରେ ପ୍ରକାଶ କରିଥିଲା। ଏ ସଂକ୍ରାନ୍ତରେ ଗତ ମାସ ୨୬ ତାରିଖରେ ଧରିତ୍ରୀର ପ୍ରଥମ ପୃଷ୍ଠାରେ ଖବର ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ଛାନିଆ ହୋଇଯାଇଥିଲା। ଏନ୍‌ଜିଟି ରାୟରୁ କିଭଳି ମୁକୁଳାଯାଇ ପାରିବ ସେ ନେଇ ତର୍ଜମା କରିବା ସହିତ ଭିଡିଓ କନ୍‌ଫରେନ୍ସିଂରେ ପକ୍ଷ ରଖିବାକୁ ନିଷ୍ପତ୍ତି ହୋଇଥିଲା। ଲିଜଧାରୀ ଶ୍ରୀବାସ ଜେନା ଏନ୍‌ଜିଟିର ୩୧।୮।୨୦୧୮ ତାରିଖ ରାୟ ଉପରେ ସୁପ୍ରିମକୋର୍ଟରେ ଆଣିଥିବା ସ୍ଥଗିତାଦେଶ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହାସହ ରାଜ୍ୟ ସରକାରଙ୍କୁ ପୂର୍ବରୁ କୌଣସି ସୂଚନା ନ ଦେଇ ୨୫ କୋଟି ଟଙ୍କା କ୍ଷତିପୂରଣ ବାବଦ ଅର୍ଥ ଦାଖଲ କରିବା ସମୀଚିନ ନୁହେଁ ବୋଲି କନ୍‌ଫରେନ୍ସିଂରେ ମତପ୍ରକାଶ ପାଇଥିବା ଜଣାପଡିଛି। ତେଣୁ ଜିଲାପାଳ ଏହି ମର୍ମରେ ଏନ୍‌ଜିଟିରେ ପକ୍ଷ ରଖିବେ ବୋଲି ଶେଷରେ ନିଷ୍ପତ୍ତି ହୋଇଛି । ଅନ୍ୟପକ୍ଷେ ବେଆଇନ ଉତ୍ତୋଳନ ଉପରେ ଜିଲା ପ୍ରଶାସନ କଡା ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟ ଶାସନ ସଚିବ ତାଗିଦ କରିଛନ୍ତି। ଏପଟେ ଡଙ୍କାରୀ ପାଦଦେଶରେ ଥିବା ଏଆର୍‌ଏସ୍‌ଏସ୍ ମେଗା କ୍ରଶରରେ ପ୍ରତ୍ୟହ ଶତାଧିକ ଟ୍ରିପ କଳାପଥର କାରବାର ଚାଲିଛି । ଏ ପର୍ଯ୍ୟନ୍ତ ଗୋଟିଏ ବି କଳାପଥର ଖାଦାନ ଉପରେ ପରିବେଶ ମଞ୍ଜୁରୀ ମିଳିନାହିଁ । ତଥାପି କେଉଁଠୁ କୋଟି କୋଟି ଟଙ୍କାର କଳାପଥର ଏଆରଏସଏସକୁ ଯୋଗାଇ ଦିଆଯାଉଛି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସଂକ୍ରାନ୍ତରେ ଧର୍ମଶାଳା ଭାରପ୍ରାପ୍ତ ତହସିଲଦାର ସରୋଜ କୁମାର ପଣ୍ଡାଙ୍କୁ ପଚାରିବାରେ, ୨୫କୋଟି ଟଙ୍କା ଜମା କରିବା ସମ୍ପର୍କରେ ଉଚ୍ଚପଦସ୍ଥ ଅଧିକାରୀଙ୍କସ୍ତରରେ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି।

## ଆଇନଜୀବୀଙ୍କୁ ଷ୍ଟାଇପେଣ୍ଡ ପ୍ରଦାନ ମାମଲା

# ଆଇନରେ ବ୍ୟବସ୍ଥା ନ ଥିବା କହିଲେ ସରକାର

**କଟକ ଅଫିସ, ୪।୨:** ଯୁବ ଆଇନଜୀବୀମାନଙ୍କୁ ଷ୍ଟାଇପେଣ୍ଡ ପ୍ରଦାନ ନିମନ୍ତେ ଆଇନରେ କୌଣସି ବ୍ୟବସ୍ଥା ନାହିଁ। ଅନେକାଂଶରେ ଡାକ୍ତର, ଇଞ୍ଜିନିୟର ଓ ଅନ୍ୟାନ୍ୟ ଡିଗ୍ରୀଧାରୀମାନେ ମଧ୍ୟ ଆଇନ ପେସାରେ ସମ୍ପୃକ୍ତ ଅଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଦାଖଲ କରାଯାଇଥିବା ସତ୍ୟପାଠରେ ଏହା ଉଲ୍ଲେଖ କରାଯାଇଛି। ସରକାରଙ୍କ ପକ୍ଷରୁ ଅର୍ଥ ବିଭାଗ ଅତିରିକ୍ତ ସଚିବ ପ୍ରଦୀପ ବିଶ୍ୱାଳ ସତ୍ୟପାଠ ଆକାରରେ ଜବାବ ରଖିଛନ୍ତି। ତେବେ ଏନେଇ ଆବେଦନକାରୀଙ୍କୁ ପ୍ରତି ଜବାବ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଫେବୃୟାରୀ ୧୮ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।


ସୂଚନାଥାଉକି, ରାଜ୍ୟରେ କାର୍ଯ୍ୟରତ ଯୁବ ଆଇନଜୀବୀମାନଙ୍କୁ ଷ୍ଟାଇପେଣ୍ଡ ପ୍ରଦାନ କରିବା ନିମନ୍ତେ ଆଡଭୋକେଟ ଦିଲୀପ କୁମାର ମହାପାତ୍ର ଏକ ମାମଲା ରୁଜୁ କରିଥିଲେ। ଆବେଦନକାରୀ ମହାପାତ୍ର ଦର୍ଶାଇଥିଲେ ଯେ, ଦେଶର ଅନେକ ରାଜ୍ୟରେ ଷ୍ଟାଇପେଣ୍ଡ ବ୍ୟବସ୍ଥା ରହିଛି। ଏଣୁ ଓଡ଼ିଶାରେ ତାହା କାର୍ଯ୍ୟକାରୀ କରିବାକୁ ଆବେଦନକାରୀ ନିବେଦନ କରିଥିଲେ। ହାଇକୋର୍ଟ ଏ ସମ୍ପର୍କରେ ସରକାରଙ୍କଠାରୁ ଜବାବ ତଲବ କରିଥିଲେ।

## ବହି ବସ୍ତାନି ବୋଝ: ଗାଇଡ୍‌ଲାଇନ କାର୍ଯ୍ୟକାରୀ ପାଇଁ ମିସ୍‌କେସ୍

# ରାଜ୍ୟ ସରକାରଙ୍କୁ ଜବାବ ତଲବ

**କଟକ ଅଫିସ, ୪।୨:** ଛୋଟ ପିଲାଙ୍କ କାନ୍ଧରେ ବହି ବସ୍ତାନି ବୋଝ ହେଉଛି। ଫଳରେ ଅଳ୍ପ ବୟସର ପିଲାମାନେ ବିଭିନ୍ନ ରୋଗରେ ପୀଡ଼ିତ ହେଉଛନ୍ତି। ଏହାକୁ ନେଇ ଆଡଭୋକେଟ କହ୍ନେୟାଲାଲ ଶର୍ମା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ମାମଲାର ଶୁଣାଣି ଚାଲିଥିବା ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗତ ନଭେମ୍ବରରେ ଶ୍ରେଣୀ ଅନୁଯାୟୀ ବହିର ଓଜନ ସମ୍ପର୍କରେ ଏକ ଗାଇଡ୍‌ଲାଇନ ପ୍ରସ୍ତୁତ କରାଯାଇଥିଲା। ଉକ୍ତ ଗାଇଡ୍‌ଲାଇନକୁ ରାଜ୍ୟରେ କାର୍ଯ୍ୟକାରୀ କରିବା ପାଇଁ ଆଡଭୋକେଟ ଶର୍ମା ହାଇକୋର୍ଟରେ ଆଉ ଏକ ମିସ୍‌କେସ୍ ଦାଏର କରିଥିଲେ। ଉକ୍ତ ମିସ୍ କେସ୍‌ର ଶୁଣାଣି ହାଇକୋର୍ଟ ମୁଖ୍ୟ ଖଣ୍ଡପୀଠରେ ହୋଇଛି। ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ର ରାଜ୍ୟ ସରକାରଙ୍କୁ ଜବାବ ମାଗିଛନ୍ତି। ଫେବୃୟାରୀ ୧୮ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।

ଆବେଦନକାରୀ ଆଡଭୋକେଟ ଶର୍ମା ପିଟିଶନରେ ଦର୍ଶାଇଥିଲେ ଯେ, ଆଇସିଏସ୍‌ଇ ଓ ସିବିଏସ୍‌ଇ ଢାଞ୍ଚାରେ ପାଠ ପଢୁଥିବା ପିଲାଙ୍କ ନିମନ୍ତେ ବସ୍ତାନି ବୋଝ ପାଲଟିଛି। ନିୟମାନୁଯାୟୀ ସ୍କୁଲ ବ୍ୟାଗ ଓଜନ ଜଣେ ପିଲାର ଓଜନର ୧୦%ଠୁ କମ୍ ହେବା ଦରକାର। କିନ୍ତୁ ଏହାକୁ ଆଦୌ ଅନୁପାଳନ କରାଯାଉ ନାହିଁ। ଫଳସ୍ୱରୂପ ଅଧିକାଂଶ ପିଲା ପିଠି ଯନ୍ତ୍ରଣା ସହିତ ମେରୁଦଣ୍ଡଜନିତ ରୋଗର ଶିକାର ହେଉଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଗତ ନଭେମ୍ବର ୨୦ରେ ପ୍ରସ୍ତୁତ କରାଯାଇଥିବା ଗାଇଡ୍‌ଲାଇନ ଅନୁଯାୟୀ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାଙ୍କ ପାଇଁ କୌଣସି ହୋମୱାର୍କ ଧାର୍ଯ୍ୟ କରାଯିବ ନାହିଁ। ଏହି ଅନୁଯାୟୀ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାଙ୍କ ବ୍ୟାଗ୍‌ର ଓଜନ ଦେଢ କେଜି ବିଶିଷ୍ଟ ରହିବାକୁ ଥିବାବେଳେ ତୃତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ବ୍ୟାଗର ଓଜନ ୨ରୁ ୩ କେଜି, ଷଷ୍ଠ ଓ ସପ୍ତମ ଶ୍ରେଣୀ ପିଲାଙ୍କ ବ୍ୟାଗର ଓଜନ ୪ କେଜି, ଅଷ୍ଟମ ଓ ନବମ ଶ୍ରେଣୀ ପିଲାଙ୍କ ବ୍ୟାଗ୍ ଓଜନ ସାଢେ ୪ କେଜି ଓ ଦଶମ ଶ୍ରେଣୀ ପିଲାଙ୍କ ବ୍ୟାଗ୍‌ର ଓଜନ ୫ କେଜି ମଧ୍ୟରେ ରଖିବା ପାଇଁ କେନ୍ଦ୍ର ସରକାର ଧାର୍ଯ୍ୟ କରିଛନ୍ତି।



## ସଂକ୍ଷେପରେ

### ଡେଙ୍ଗୁରେ ଯୁବକଙ୍କ ମୃତ୍ୟୁ

କାଲିମେଳା,୪।୨(ଡି.ଏନ.ଏ.): ମାଲକାନଗିରି ଜିଲା କାଲିମେଳା ବ୍ଲକ ସଦର ତୁମ୍ଭୁଗୁଡା କଲୋନୀରେ ଡେଙ୍ଗୁ ଜ୍ୱରରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ସଞ୍ଜିତ ଭକ୍ତ। ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହେବା ପରେ ସେ ଆନ୍ଧ୍ର ଭଦ୍ରାଚଲମ୍‌ର ଏକ ମେଡିକାଲରେ ଚିକିତ୍ସାଧୀନ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। କାଲିମେଳା ତୁମ୍ଭୁଗୁଡା ସାହିରେ ରହୁଥିବା ସଞ୍ଜିତଙ୍କୁ ଗତ ଏକ ସପ୍ତାହ ତଳେ ଜ୍ୱର ହୋଇଥିଲା। ପରିବାର ଲୋକେ ସଞ୍ଜିତଙ୍କୁ ଗତ ୩୦ରେ ଅଧିକ ଚିକିତ୍ସା ପାଇଁ ଭଦ୍ରାଚଲମ୍‌ର ଏକ ମେଡିକାଲକୁ ନେଇଥିଲେ । ଉକ୍ତ ମେଡିକାଲରେ ବିଭିନ୍ନ ପରୀକ୍ଷା କରିବା ପରେ ସଞ୍ଜିତଙ୍କୁ ଡେଙ୍ଗୁ ହୋଇଥିବା ଜଣାପଡିଥିଲା । ରବିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

■ ପାରାଦୀପ-ହରିଦାସପୁର ରେଳପଥ ନିର୍ମାଣରେ ପରିବେଶ ଆଇନ ଉଲ୍ଲଂଘନ

# ହାଇଲେଭଲ କମିଟି କରିବ ଆକଳନ: ଏନ୍‌ଜିଟି

କଟକ ଅଫିସ, ୪।୨

ପାରାଦୀପ-ହରିଦାସପୁର ରେଳପଥ ନିର୍ମାଣରେ ପରିବେଶ ଆଇନର ଉଲ୍ଲଂଘନ କରାଯାଇଛି। ଏହାକୁ ବିରୋଧ କରି ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ମାମଲା ରୁଜୁ ହୋଇଛି। ସୋମବାର ମାମଲାର ଶୁଣାଣି କରି ଏନ୍‌ଜିଟି ଏକ ହାଇଲେଭଲ କମିଟି ଗଠନ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ କମିଟି ନିର୍ମାଣ କାର୍ଯ୍ୟରେ କ'ଣ ସବୁ ଆଇନର ଉଲ୍ଲଂଘନ ହୋଇଛି ତା'ର ଆକଳନ କରିବା ସହିତ ପରିବେଶ ଉପରେ ଏହାର କ'ଣ ପ୍ରଭାବ ରହିଛି ସେ ସମ୍ପର୍କିତ ତଥ୍ୟ ଦାଖଲ କରିବ। କମିଟିରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବୈଜ୍ଞାନିକ, ରାଜ୍ୟ ପ୍ରଦୂଷଣ ପ୍ରଭାବ ଆକଳନ କର୍ତ୍ତୃପକ୍ଷ(ଏସ୍‌ଇଆଇଏଏ)ଙ୍କ ସଦସ୍ୟ ସଚିବ ଓ କେନ୍ଦ୍ରାପଡ଼ା ଜିଲାପାଳ ପ୍ରମୁଖ ସଦସ୍ୟ ରହିବେ। ଆସନ୍ତା ଏପ୍ରିଲ ୨୨ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। କମିଟିର ରିପୋର୍ଟ ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏନ୍‌ଜିଟିଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ରେଳପଥ ନିର୍ମାଣରେ ପରିବେଶ ଆଇନର ଉଲ୍ଲଂଘନ ହୋଇଥିବା ନେଇ ଆବେଦନକାରୀ ସଚ୍ଚିଭୂଷଣ ପଟ୍ଟନାୟକ, ଅଶେଷ କୁମାର ଖଟୁଆ, ଆଳୟ ସାମନ୍ତରାୟ ଓ ପ୍ରତାପ ଚନ୍ଦ୍ର ମହାନ୍ତି ପ୍ରମୁଖ ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀମାନେ ପିଟିଶନରେ ଦର୍ଶାଇଥିଲେ ଯେ, ପ୍ରାୟ ୫୦ ଲକ୍ଷ ଘନଫୁଟ ପରିମାଣର ମାଟି ରେଳପଥ ନିର୍ମାଣ କାର୍ଯ୍ୟରେ ବିନିଯୋଗ ହୋଇଛି। ସୂଚନା ଅଧିକାର ଆଇନ ବଳରେ ଆବେଦନକାରୀମାନେ ଜାଣିବାକୁ ପାଇଥିଲେ ଯେ, କେନ୍ଦ୍ରାପଡ଼ା ଜିଲା ଅଧୀନରେ ଥିବା ଡେରାବିଶ, ମାର୍ଶାଘାଇ, କେନ୍ଦ୍ରାପଡ଼ା ଓ ମହାକାଳପଡ଼ା ଆଦି ତହସିଲରୁ ମାଟି ଉଠାଣ ପାଇଁ କୌଣସି ଅନୁମତି ନିଆଯାଇ ନାହିଁ। ପାରାଦୀପଠାରୁ ହରିଦାସପୁର ପର୍ଯ୍ୟନ୍ତ ପ୍ରାୟ ୮୨ କିଲୋମିଟର ଲମ୍ବ ରେଳପଥ ମଧ୍ୟରୁ ୪୨ କିଲୋମିଟର ଅଞ୍ଚଳ କେନ୍ଦ୍ରାପଡ଼ା ଜିଲାରେ ଯାଉଛି। ପରିବେଶ ପ୍ରଭାବ ଆକଳନ ଆଇନ ବିଜ୍ଞପ୍ତି ୨୦୦୬ ଅନୁସାରେ ମାଟି ବା ଲଘୁ ଖଣିଜ ପଦାର୍ଥ ଖନନ ନିମନ୍ତେ ପରିବେଶ ମଞ୍ଜୁରୀ ଏବଂ ମାଇନିଂ ପ୍ଲାନ ଅନୁମୋଦନ ଆବଶ୍ୟକ। ମାତ୍ର ଏ କ୍ଷେତ୍ରରେ ଏହିସବୁ ଆଇନକୁ ଅନୁସରଣ କରାଯାଇ ନାହିଁ। ଏତଦ୍‌ଭିନ୍ନ ଉକ୍ତ ମାଟି ଉଠାଣ ଦ୍ୱାରା ବିଭିନ୍ନ ସ୍ଥାନରେ ଉତ୍ପାଦନକ୍ଷମ ମୃତ୍ତିକା ନଷ୍ଟ ହୋଇଥିବା ଦର୍ଶାଯାଇଛି। ସେହିପରି ଗଛ ମୂଳରୁ ମୃତ୍ତିକା ଖନନ ଦ୍ୱାରା ଗଛ ପ୍ରତି ବିପଦ ଦେଖାଦେଇଛି। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଡ଼ିଆ ଘାଟର ବାଟର ଛାଇ**
**ଯେତେ କୂଟ କରେ ଆପଣା ଭାଇ ।**

ଭାଇ ସହ ଭାଇର ରକ୍ତର ସମ୍ପର୍କ ରହିଥାଏ। ଭାଇ ହିଁ ସବୁଠାରୁ ବଳି ପ୍ରିୟ ଓ ଅନ୍ତରଙ୍ଗ ହୋଇଥାଏ। ଏପରିସ୍ଥଳେ ଭାଇ ସହ କୂଟକପଟ ବା କଳିଗୋଳ କରିବା ଆଦୌ ଉଚିତ ହୋଇ ନ ଥାଏ। ତେବେ ଆଜିକାଲି ଅନେକ ସ୍ୱାର୍ଥପର ବ୍ୟକ୍ତି ଲୋଭ ବଶତଃ ନିଜ ସମ୍ପତ୍ତିବାଡ଼ି ତଥା ଭାଗବଣ୍ଟା ନେଇ ଭାଇ ସହ ଗଣ୍ଡଗୋଳ କରୁଥିବା ଦେଖିବାକୁ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗୁଣ ଚିହ୍ନେ ଗୁଣିଆ**
**ସୁନା ଚିହ୍ନେ ବଣିଆ ।**

ଗୁଣୀ ବ୍ୟକ୍ତି ଗୁଣର ମହତ୍ତ୍ୱକୁ ଠିକ୍ ଚିହ୍ନିଥାନ୍ତି। ଯାହା ପାଖରେ ଗୁଣ ଥାଏ ସେହିବ୍ୟକ୍ତି ଶ୍ରେଷ୍ଠ ବୋଲାଇଥାନ୍ତି। ଆଦର ସମ୍ମାନ ପାଇବା ସହ ପ୍ରଶଂସା ସାଉଁଟିଥାନ୍ତି। ସେହିପରି ସୁନା ଗହଣା କାରବାର କରୁଥିବା ବଣିଆ ସୁନାରେ କେତେ ପରିମାଣର ଖାଦ ମିଶିଛି କି ନାହିଁ ବା ସୁନା ଅସଲି ନା ନକଲି ତାହା ନିର୍ଭୁଲଭାବେ ଜାଣି ପାରିଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

■ ଗସ୍ତ ସାରି ଫେରିଗଲେ ଅମିତ୍ ଶାହ

# ରାତିରେ କାର୍ଯ୍ୟକର୍ତ୍ତାଙ୍କ କାନରେ ଫୁଙ୍କିଲେ ବିଜୟ ମନ୍ତ୍ର

**ଫେବୃୟାରୀ ୧୫ରେ ପୁଣି ଓଡ଼ିଶା ଆସିପାରନ୍ତି**

ପୁରୀ ଅଫିସ,୪।୨: ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ପୁରୀ ଗସ୍ତ ଶେଷ କରି ଫେରିଯାଇଛନ୍ତି। ସୋମବାର ପୂର୍ବାହ୍ନରେ ତାଳବଣିଆ ହେଲିପ୍ୟାଡ୍‌ରେ ତାଙ୍କୁ ଦଳର ବରିଷ୍ଠ ନେତା ପ୍ରତାପ ଷଡ଼ଙ୍ଗୀ, ସୁରେଶ ପୂଜାରୀ ପ୍ରମୁଖ ବିଦାୟ ଜଣାଇଥିଲେ। ଯିବା ପୂର୍ବରୁ ରବିବାର ରାତିରେ ସେ ଦଳର କାର୍ଯ୍ୟକର୍ତ୍ତାଙ୍କ କାନରେ ଫୁଙ୍କିଛନ୍ତି ବିଜୟର ମନ୍ତ୍ର। ଅନ୍ୟପକ୍ଷରେ ଶାହ ପୁଣି ଚଳିତ ମାସ ଦ୍ୱିତୀୟ ସପ୍ତାହରେ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ଫେବୃୟାରୀ ୧୫ରେ ପଶ୍ଚିମ ଓଡ଼ିଶାରେ ଅନୁଷ୍ଠିତ ହେବାକୁ ଥିବା ଦଳୀୟ ସମାବେଶରେ ସେ ଯୋଗଦେଇପାରନ୍ତି ବୋଲି ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ସୂଚନା ଦେଇଛନ୍ତି। ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଶାହଙ୍କ ଗସ୍ତ ସମ୍ପର୍କିତ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଯିବ ବୋଲି ପଣ୍ଡା କହିଛନ୍ତି।

ରବିବାର ପୁରୀରେ ଅନୁଷ୍ଠିତ ଆଦିବାସୀ ଅଧିକାର ରାଲିରେ ଯୋଗଦେଇଥିଲେ ଶାହ। ସଭା ପରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ମନ୍ଦିରରୁ ଫେରି ହୋଟେଲ ମେ ଫେୟାରରେ ରାତ୍ରିଯାପନ କରିଥିଲେ। ୨୦୧୯ ନିର୍ବାଚନରେ ଓଡ଼ିଶାରେ ଭାଜପା କ୍ଷମତାକୁ ଆସିବା ଦରକାର। ଏଥିପାଇଁ ଆମକୁ ଜନସାଧାରଣଙ୍କ ପାଖରେ ପହଞ୍ଚିବାକୁ ହେବ। ଆଗଧାଡ଼ିର ନେତୃବୃନ୍ଦଙ୍କଠାରୁ ତୃଣମୂଳସ୍ତରର କର୍ମୀ ସମସ୍ତେ ଏବେଠାରୁ ଏକ ଲକ୍ଷ୍ୟରେ ଆଗେଇବା ଦରକାର। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ପଡିବ। ଏଥିସହ ବିଜେଡି ସରକାର କିପରି ୧୯ ବର୍ଷ କ୍ଷମତାରେ ରହି ରାଜ୍ୟବାସୀଙ୍କୁ ଭକୁଆ ବନାଉଛି ତାହା ମଧ୍ୟ ଜଣାଇବା ଲାଗି ଶାହ କାର୍ଯ୍ୟକର୍ତ୍ତାଙ୍କୁ ମନ୍ତ୍ରଣା ଦେଇଥିଲେ। ଏଥିରେ ରାଜ୍ୟ କର୍ମକର୍ତ୍ତା, ପ୍ରତ୍ୟେକ ଜିଲା ଏବଂ ନିର୍ବାଚନମଣ୍ଡଳୀର ପ୍ରଭାରୀ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗଦେଇଥିଲେ।

# ଗରିବଙ୍କ କଲ୍ୟାଣ ହେଉଛି ଓଏନ୍‌ଜିସିର ଦାୟିତ୍ୱ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୪।୨(ବ୍ୟୁରୋ)

ଦେଶର ୪କୋଟି ଘରେ ବିଦ୍ୟୁତ୍ ପହଞ୍ଚାଯାଇଛି। ଦେଶର ୪୦୦ଜିଲାରେ ପାଇପ ଯୋଗେ ପ୍ରାକୃତିକ ଗ୍ୟାସ ପହଞ୍ଚାଯିବାର ବ୍ୟବସ୍ଥା କରାଯାଇଛି। ଆଗାମୀ ୫ରୁ ୭ବର୍ଷ ମଧ୍ୟରେ ଏହି ଲକ୍ଷ୍ୟ ପୂରଣ ହେବ। ଆମେ ଶକ୍ତି ଦିଗରେ ଏକ ବଡ଼ ନେଟ୍‌ୱର୍କ ଛିଡା କରିପାରିଛୁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀଠାରେ ସୋମବାର ଆୟୋଜିତ ଓଏନ୍‌ଜିସିର ପ୍ରଥମ ସିଡବ୍ଲୁସି ବୈଠକ ୨୦୧୮-୨୦ର ଉଦ୍‌ଘାଟନ ସମାରୋହରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି ଯେ, ବର୍ତ୍ତମାନ ଭାରତ ଶକ୍ତି ସଂରକ୍ଷଣରେ ବିଶ୍ୱର ୩ନମ୍ବର ସ୍ଥାନରେ ରହିଛି। ଆଗାମୀ ଦିନରେ ମୁଣ୍ଡ ପିଛା ଶକ୍ତି ସଂରକ୍ଷଣ ବୃଦ୍ଧି ପାଇବ। କଳ୍ପନା ନ ଥିବା ଘରେ ଆଜି ଏଲପିଜି ପହଞ୍ଚିପାରିଛି। ସ୍ୱାଧୀନତାର ଦୀର୍ଘ ୭୦ବର୍ଷ ପରେ ୧୩କୋଟି ଘରେ ଏଲ୍‌ପିଜି ପହଞ୍ଚିଥିବାବେଳେ ମାତ୍ର ସାଢେ ଚାରିବର୍ଷରେ ତାହା ବୃଦ୍ଧି ପାଇ ୨୫କୋଟିରେ ପହଞ୍ଚିଛି। ପେଟ୍ରୋଲ ଏବଂ ଡିଜେଲର ଅଭିବୃଦ୍ଧି ୬ରୁ ୭ପ୍ରତିଶତରୁ ନିମ୍ନସ୍ତରକୁ ଯାଉନାହିଁ ବୋଲି ସେ କହିଛନ୍ତି। ବଜେଟରେ ଅର୍ଥମନ୍ତ୍ରୀ କହିଲେ ୨୦୦୯ରୁ ୨୦୧୪ ମଧ୍ୟରେ ଯେତିକି ଯାତ୍ରୀ ବିମାନ ଦ୍ୱାରା ଯାତ୍ରା କରିଛନ୍ତି, ଏହାକୁ ତୁଳନା କରାଗଲେ ୨୦୧୪-୨୦୧୯ ମଧ୍ୟରେ ଦୁଇଗୁଣା ଲୋକ ବିମାନ ଯାତ୍ରା କରିଛନ୍ତି। ଏହାର ଅର୍ଥ ହେଉଛି ବିମାନ କ୍ଷେତ୍ରରେ ଇନ୍ଧନର ବ୍ୟବହାର ବଢିବାରେ ଲାଗିଛି। ପିଆରପି(ପର୍ଫମାନ୍‌ସ ରିଲେଟେଡ୍ ପେ) କେବଳ କାଗଜରେ ନୁହଁ ବ୍ୟକ୍ତିଗତ ସ୍ତରରେ ମଧ୍ୟ ହେବା ଦରକାର। ଦେଶରେ ନିବେଶ ବଢିଲେ ରୋଜଗାର ବଢିବ, ଯୁବକମାନେ ଚାକିରି ପାଇବେ,ଦେଶର ଅର୍ଥନୀତିରେ ସୁଧାର ଆସିବ। ବିଦେଶରୁ ଆମଦାନୀ କମ ହେବ ଏବଂ ଦେଶର ଅର୍ଥନୀତି ମଜଭୁତ ହେବ। ଏବେ ଯୁଗ ବଦଳି ଟେକ୍ନୋଲୋଜିର ସମୟ ଆସିଛି। ଉପସ୍ଥିତ ଅଧିକାରୀମାନଙ୍କୁ ଆହ୍ୱାନ କରି ଧର୍ମେନ୍ଦ୍ର କହିଛନ୍ତି ଯେ, ଆଗାମୀ ୨୫-୩୦ବର୍ଷ ପର୍ଯ୍ୟନ୍ତ ଏହି ଟିମ୍ କାମ କରିବା ଉଚିତ। ଆମେ ଦେଶରେ ରହିଥିବା ସମ୍ବଳକୁ ଉପଯୋଗ କରି ତାର ସୁବିନିଯୋଗ କରିବା କଥା। ଅର୍ଥନୈତିକ ବ୍ୟବସ୍ଥାକୁ ବୃଦ୍ଧି କରିବା ସହ ସାମାଜିକ ବ୍ୟବସ୍ଥାକୁ ସଜାଡିବାର ଦାୟିତ୍ୱ ଦାୟିତ୍ୱ ଆପଣଙ୍କ ହାତରେ ଅଛି। ଆମେରିକା ଯଦି ନୂଆ କୌଶଳ ମାଧ୍ୟମରେ ସବୁକିଛି କରିପାରୁଛି ତେବେ ଆମେ ନିଜର ଆବଶ୍ୟକତାକୁ ପୂରଣ କରିବା ଦରକାର। ବିଶ୍ୱର ଗରିବଙ୍କ କଲ୍ୟାଣ ହେଉଛି ଓଏନଜିସିର ଦାୟିତ୍ୱ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ପୂର୍ବତନ ମନ୍ତ୍ରୀ ହରିହର କରଣଙ୍କ ପରଲୋକ

ଭୁବନେଶ୍ୱର,(ବ୍ୟୁରୋ)/ନୟାଗଡ଼ ଅଫିସ/ଗଣିଆ(ଡି.ଏନ୍.ଏ.), ୪।୨



ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ହରିହର କରଣଙ୍କ ସୋମବାର ଭୋର ୫ଟା ସମୟରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୨ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁରେ ନୟାଗଡ଼ ଜିଲା ବିଶେଷ କରି ଜନ୍ମମାଟି ଗଣିଆ ବ୍ଲକ କରଡ଼ାପଡ଼ା ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ହରିହର ଦଶପଲ୍ଲା ନିର୍ବାଚନମଣ୍ଡଳୀରୁ ୬ଥର ବିଧାୟକ ଭାବେ ନିର୍ବାଚିତ ହୋଇ ବହୁ ଜନହିତକର କାର୍ଯ୍ୟ କରି ଲୋକପ୍ରିୟ ହୋଇପାରିଥିଲେ। ୧୯୪୭ ମେ' ୫ ତାରିଖରେ କରଡାପଡା ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ। ଛାତ୍ରଜୀବନରୁ ସେ ରାଜନୀତିରେ ପାଦ ଥାପିଥିଲେ। ସେ ୬ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୭୪ ରେ ସେ ପ୍ରଥମଥର ପାଇଁ ଦଶପଲ୍ଲା ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଘୋଡା ଚିହ୍ନରେ ବିଜୟୀ ହୋଇଥିଲେ। ସେ ସମୟରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସ୍ୱତନ୍ତ୍ର ପାର୍ଟିର ପଦ୍ମଚରଣ ମିଶ୍ରଙ୍କୁ ମାତ୍ର ୭୩ ଖଣ୍ଡ ଭୋଟରେ ହରାଇଥିଲେ। ୧୯୮୦ରେ ସେ କଂଗ୍ରେସ ଦଳ ଟିକେଟରୁ ପୁଣିଥରେ ବିଧାୟକ ଭାବେ ନିର୍ବାଚିତ ହେବା ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ପରେ ସେ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଦାୟିତ୍ୱ ତୁଲାଇ ଥିଲେ। ୨୦୧୩ରେ ତାଙ୍କୁ ପ୍ରଦେଶ କଂଗ୍ରେସର ଶୃଙ୍ଖଳା କମିଟି ଦାୟିତ୍ୱ ଦିଆଯାଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ଥିବା ବେଳେ ଦଶପଲ୍ଲା ନିର୍ବାଚନମଣ୍ଡଳୀର ବହୁ ସ୍ଥାନରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ମାଳବନ୍ଧ ନିର୍ମାଣ କରିବାରେ ତାଙ୍କର ଅବଦାନ ଅତୁଳନୀୟ। କରଣଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, କନ୍ଧମାଳ ଏମପି ପ୍ରତ୍ୟୁଷା ରାଜେଶ୍ୱରୀ ଦେବୀ, ବିଧାୟକ ଅରୁଣ ସାହୁ, ଅନୁଭବ ପଟ୍ଟନାୟକ, ବିରୋଧୀ ଦଳ ନେତା ନରସିଂହ ମିଶ୍ର, ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ପ୍ରମୁଖ କରଣଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି। ତାଙ୍କ ମୃତ୍ୟୁରେ ଜିଲା କଂଗ୍ରେସ ପକ୍ଷରୁ ମଧ୍ୟ ଶୋକପ୍ରକାଶ କରାଯାଇଛି।

# ଅନ୍‌ଲାଇନ୍‌ରେ ମିଳିବ ଡ୍ରାଇଭିଂ ଲାଇସେନ୍ସ

■ ପର୍ମାନେଣ୍ଟ ଲାଇସେନ୍ସ ପାଇଁ ଦେବାକୁ ପଡିବନି ଲର୍ନିଂ ଲାଇସେନ୍ସ

କଟକ ଅଫିସ, ୪।୨

ଲାଇସେନ୍ସ ପାଇଁ ଆଉ ବାରମ୍ବାର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆରଟିଓ)କୁ ଦୌଡ଼ିବାକୁ ପଡିବନି। ଏଣିକି ଅନଲାଇନ୍‌ରେ ମିଳିବ ଲର୍ନିଂ ଡ୍ରାଇଭିଂ ଲାଇସେନ୍ସ, ମାଲ ପରିବହନ ପରମିଟ୍, ଗାଡି ଫିଟନେସ୍ ସାର୍ଟିଫିକେଟ୍। ଉପଭୋକ୍ତାମାନେ ଏହି ସବୁ ଲାଇସେନ୍ସର ଅସଲି କପି ସଡକ ପରିବହନ, ଜାତୀୟ ରାଜପଥ ମନ୍ତ୍ରଣାଳୟ ୱେବ୍‌ସାଇଟ୍ WWW.parivahan.gov.inରୁ ଡାଉନଲୋଡ କରିପାରିବେ ବୋଲି ରାଜ୍ୟ ପରିବହନ କମିଶନର ସଞ୍ଜୀବ ପଣ୍ଡା କହିଛନ୍ତି। ଯେଉଁମାନେ ଅନଲାଇନ୍ ସମ୍ପର୍କରେ ଅଜ୍ଞ ସେମାନେ ଆରଟିଓକୁ ଆସି ଅନଲାଇନ୍‌ରେ ଆବେଦନ କରିବା ସହ ସାର୍ଟିଫିକେଟ୍ ଡାଉନଲୋଡ କରି ନେଇପାରିବେ। ଏଥିପାଇଁ ଆରଟିଓରେ ଥିବା ଆମର ଭଲ୍ୟୁଣ୍ଟିୟରମାନେ ସେମାନଙ୍କୁ ସହଯୋଗ କରିବେ। ଯେଉଁମାନେ ପର୍ମାନେଣ୍ଟ ଡ୍ରାଇଭିଂ ଲାଇସେନ୍ସ ପାଇଁ ଆବେଦନ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ଆଉ ଲର୍ନିଂ ଡ୍ରାଇଭିଂ ଲାଇସେନ୍ସ ଦେବାକୁ ପଡିବନି। ଆରଟିଓ ଅଧିକାରୀମାନେ ୱେବ୍‌ସାଇଟ୍‌ରୁ ସେମାନଙ୍କ ଲର୍ନିଂ ଡ୍ରାଇଭିଂ ଲାଇସେନ୍ସ ସହ ପରିଚୟପତ୍ର ଦେଖି ଯାଞ୍ଚ କରିବେ ବୋଲି ପଣ୍ଡା କହିଛନ୍ତି।

ସୂଚନାଯୋଗ୍ୟ, ପ୍ରତିବର୍ଷ ପରିବହନ ବିଭାଗ ପକ୍ଷରୁ ୨ ଲକ୍ଷ ପର୍ମାନେଣ୍ଟ ଡ୍ରାଇଭିଂ ଲାଇସେନ୍ସ ଏବଂ ୫ ଲକ୍ଷ ଲର୍ନିଂ ଡ୍ରାଇଭିଂ ଲାଇସେନ୍ସ ଦିଆଯାଉଛି। ଆବେଦନକାରୀମାନେ ଉଭୟ ମୌଖିକ ଏବଂ ପ୍ରାଟିକାଲ ଟେଷ୍ଟରେ ପାସ୍ ହେବା ପରେ ଆରଟିଓ ପକ୍ଷରୁ ସେମାନଙ୍କ ଲାଇସେନ୍ସ ଡାକ ଯୋଗେ ସେମାନଙ୍କ ଠିକଣାକୁ ପଠାଯାଉଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE
କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

CO-OPERATIVE INADIA
Co-Operative India ଦ୍ୱାରା। P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି। ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ। ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

BIKASA FINANCE
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ସରକାରୀ ମୁଦ୍ରା ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ସନ୍ତୁଷ୍ଟ ଗ୍ରାହକ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରୀକଲ୍‌ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
8126568293
8126592819
SCO-106, Second Floor, Vishal Tower, Connaught Place, Delhi.

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।ଏଜେଣ୍ଟ ଆମନ୍ତ୍ରିତ
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଫାଇନାନ୍ସ ଧମାକା। ୪% ସୁଧରେ ସବୁପ୍ରକାର ବ୍ୟକ୍ତି, ସଂସ୍ଥା କିମ୍ବା ଅନୁଷ୍ଠାନମାନଙ୍କୁ ୬୦ ଲକ୍ଷ ପର୍ଯ୍ୟନ୍ତ ବିନା ଗ୍ୟାରେଣ୍ଟରରେ ୨୦ ବର୍ଷ ପାଇଁ ଋଣ ଯୋଗାଇ ଦିଆଯାଉଛି। ମହିଳା ମାନଙ୍କ ପାଇଁ ୩% ସୁଧ
Email- sixdocuments@gmail.com
B-19, Moti Bagh, New Delhi
7064382081
8658167603

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ ୬ ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

BALAJI FINANCE LTD.
(SINCE 1986)
GOLD MEDALIST
ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ଶିକ୍ଷା, ଗୃହ ଋଣ ଆଦି ସବୁ ପ୍ରକାର ଋଣର ସୁବିଧା ନିଅନ୍ତୁ।
25 ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଯୋଗାଯୋଗ କରନ୍ତୁ
9458728306
9458728290
LIG36, HARIPURA, Haripura Ward, ITARSI Tehsil, ITARSI, Distt.- Hoshangabad (M.P.)-461115

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ୍ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଲୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ : ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୂଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9997928820

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
9065013355, 9162431749
Bukaro malepur, jamui Bihar-811313

SHRI DURGA FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଶ୍ରୀ ଦୁର୍ଗା ଋଣ (ISO: 9001:1993) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 50% ଛାଡ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

ଧରିତ୍ରୀ
DHARITRI
ବ୍ରହ୍ମପୁର, ମଙ୍ଗଳବାର, ୫ ଫେବୃୟାରୀ,୨୦୧୯



## ସଂକ୍ଷେପରେ

### ରାସ୍ତାକଡ଼କୁ ଓଲଟିଲା ଆଳୁ ବୋଝେଇ ଟ୍ରକ



**ପୋଲସରା,୪।୨(ଡି.ଏନ.ଏ.):** ପୋଲସରା ଥାନା ମହୁଲପଲ୍ଲୀ ଗ୍ରାମରେ ରବିବାର ରାତି ପ୍ରାୟ ସାଢ଼େ ୨ଟାରେ ମୁଖ୍ୟ ସଡ଼କ ପାର୍ଶ୍ୱରେ ଏକ ଆଳୁ ବୋଝେଇ ଟ୍ରକ ଓଲଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ହେଲପର ସାମାନ୍ୟ ଆହତ ହୋଇଛନ୍ତି। ଟ୍ରକଟି ପଶ୍ଚିମବଙ୍ଗରୁ ଆଳୁ ନେଇ ପୋଲସରା ଆସୁଥିବା ବେଳେ ମହୁଲପଲୀ ଗ୍ରାମରେ ଥିବା ବିଦ୍ୟୁତ୍ ପୋଲକୁ ଧକ୍କା ଦେଇ ରାସ୍ତା ପାର୍ଶ୍ୱରେ ଓଲଟି ପଡ଼ିଥିଲା। ଫଳରେ ପୋଲଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇ ସକାଳ ୮ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଥିଲା। ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର ନାଥ ନାୟକ ପହଞ୍ଚି ସରବରାହ ସଜାଡ଼ିଥିଲେ। ପରେ ବିଦ୍ୟୁତ୍ ସ୍ୱାଭାବିକ ହୋଇଥିଲା।

### ମିଶନ ଶକ୍ତି ସଚେତନତା ରଥ ଶୁଭାରମ୍ଭ

**ପାରଳାଖେମୁଣ୍ଡି, ୪।୨(ସ୍ୱ.ପ୍ର.):** ଗଜପତି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ସୋମବାର ମିଶନ ଶକ୍ତି ସଚେତନତା ରଥର ଶୁଭାରମ୍ଭ ହୋଇଛି । ଏହି ରଥକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଚଞ୍ଚଳ ରାଣା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ୬୦ଦିନ ଧରି ଗଜପତି ଜିଲାର ୧୪୯ଟି ପଞ୍ଚାୟତରେ ଉକ୍ତ ରଥ ବୁଲିବା ସହ ମହିଳା ସଶକ୍ତୀକରଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବ। ମିଶନ ଶକ୍ତି ଦ୍ୱାରା ମହିଳାମାନଙ୍କ ସଶକ୍ତୀକରଣ ପାଇଁ ରୋଜଗାରଭିତ୍ତିକ କାର୍ଯ୍ୟକ୍ରମ କିପରି କରାଯାଇପାରିବ ସେ ବିଷୟରେ ସ୍ୱୟଂସହାୟକ ଗୋଷ୍ଠୀଗୁଡିକୁ ସଚେତନତା କରାଯିବ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିୟମିତ ଋଣ ପରିଶୋଧ କରୁଥିବା ଗୋଷ୍ଠୀଗୁଡ଼ିକୁ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ କ୍ଷେତ୍ରରେ ବାର୍ଷିକ ଏକ ଶତକଡା ସୁଧ ହାରରେ ମିଶନ ଶକ୍ତି କିପରି ଋଣ ପ୍ରଦାନ କରୁଛି ସେନେଇ ଏହି ରଥ ସଚେତନ କରିବ । ସେହିପରି ଜିଲା ଓ ବ୍ଲକସ୍ତରରେ ଅଧିକାରୀମାନେ କିପରି ସହଯୋଗ କରିବେ ସେ ବିଷୟରେ ମଧ ବୁଝାଇ ଦିଆଯିବ।

■ ନିଖୋଜ ଯୁବତୀଙ୍କୁ ହତ୍ୟା ଅଭିଯୋଗ

# ସନ୍ଦେହରେ ଯୁବକଙ୍କୁ ବାନ୍ଧିଲେ

■ଉଦ୍ଧାର କଲା ପୋଲିସ
■କୁମ୍ଭାରିଗାଁରେ ଉତ୍ତେଜନା

**ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୪।୨(ଡି.ଏନ.ଏ)**

କନ୍ଧମାଳ ଜିଲା ବ୍ରାହ୍ମଣୀଗାଁ ଥାନା କୁମ୍ଭାରିଗାଁ ପଞ୍ଚାୟତର ଜିରିୟ ନଗରର ଜଣେ ଯୁବତୀ ଶୁକ୍ରବାରଠାରୁ ନିଖୋଜ ଥିଲେ। ସୋମବାର ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଠାବ କରାଯାଇଛି। ସେ ହେଲେ ସୁଖୀ ଗମାଙ୍ଗୋ (୩୫)। ପ୍ରେମ ନିବେଦନ କରି ବିଫଳ ହୋଇଥିବା ଜଣେ ଯୁବକ ସୁଖୀଙ୍କୁ ହତ୍ୟା କରି ଆତ୍ମହତ୍ୟା ରୂପ ଦେବାକୁ ମୃତଦେହକୁ ଗଛରେ ଝୁଲାଇ ଦେଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଗ୍ରାମର କିଛି ଲୋକଙ୍କ ସହ ପରିବାର ଲୋକେ ସନ୍ଦେହରେ ସମ୍ପୃକ୍ତ ଯୁବକଙ୍କୁ ଗାଁ ଦାଣ୍ଡରେ ବାନ୍ଧି ରଖିଥିଲେ। ଖବରପାଇ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଥାନାକୁ ଆଣି ପଚରାଉଚୁରା କରୁଛି। ସୁଖୀଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରି ବ୍ରାହ୍ମଣୀଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖିଛି। ମଙ୍ଗଳବାର ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ଥାନା ଅଧିକାରୀ ଜୟଚନ୍ଦ୍ର ମଲ୍ଲିକ କହିଛନ୍ତି।

ସୂଚନା ଅନୁଯାୟୀ, ୨୦୧୩ରୁ ସୁଖୀଙ୍କ ସହ ସମ୍ପୃକ୍ତ ଯୁବକଙ୍କ ପ୍ରେମ ସମ୍ପର୍କ ରହିଥିଲା। ଏଥିରୁ ନିବୃତ୍ତ ରହିବା ପାଇଁ ଯୁବକଙ୍କୁ ସୁଖୀଙ୍କ ପରିବାର ଲୋକେ କହି ଆସୁଥିଲେ। ଏପରିକି ଏ ନେଇ ପୂର୍ବରୁ ଗ୍ରାମରେ ଏକ ବୈଠକ ଡକାଯାଇ ଯୁବକଙ୍କୁ ତାଗିଦ କରାଯିବା ସହ ତାଙ୍କ ଉପରେ ଜରିମାନା ପକାଯାଇଥିଲା। ଫଳରେ ଉଭୟଙ୍କ ମିଳାମିଶା ବନ୍ଦ ରହିଥିଲା। ଇତିମଧ୍ୟରେ ସମ୍ପୃକ୍ତ ଯୁବକଙ୍କ ଆସନ୍ତା ମାର୍ଚ୍ଚ ମାସରେ ଅନ୍ୟତ୍ର ବିବାହ କରାଯିବାକୁ ସ୍ଥିର ହୋଇଥିଲା। ତେବେ କିଛି ଦିନ ହେଲା ପୁଣି ସେ ସୁଖୀଙ୍କ ସହ ମିଶୁଥିଲେ ବୋଲି ଅଭିଯୋଗ ହୋଇଛି। ଏଭଳି ପରିସ୍ଥିତିରେ ଶୁକ୍ରବାରଠାରୁ ସୁଖୀ ନିଖୋଜ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ପାଇ ନ ଥିଲେ। ଏ ନେଇ ଗ୍ରାମରେ ପୁଣି ବୈଠକ ବସି ରବିବାରଠାରୁ ନିକଟସ୍ଥ ଜଙ୍ଗଲରେ ଖୋଜାଖୋଜି ଆରମ୍ଭ ହୋଇଥିଲା। ସୋମବାର ଝୁଲନ୍ତା ଅବସ୍ଥାରେ ମୃତଦେହ ଠାବ କରାଯାଇଥିଲା। ଭଉଣୀକୁ ସମ୍ପୃକ୍ତ ଯୁବକ ହତ୍ୟା କରିଥିବା ଗାଁ ଲୋକଙ୍କ ଆଗରେ ସ୍ୱୀକାର କରିଥିବା ସୁଖୀଙ୍କ ଭାଇ ସାମୁଏଲ ଗମାଙ୍ଗୋ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଛି। ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରିଥିଲା। ଏ ନେଇ ବ୍ରହ୍ମଣୀଗାଁ ଥାନାରେ ଏକ ହତ୍ୟା ମାମଲା (ନଂ.୯/୧୯) ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ମଲ୍ଲିକ କହିଛନ୍ତି।

# ଲୋକସେବା ଅଧିକାର ସଚେତନତା




ମଞ୍ଚାସୀନ ଅତିଥି।

**ଖଲ୍ଲିକୋଟ,୪।୧(ଡି.ଏନ୍.ଏ.)**

ଖଲ୍ଲିକୋଟ ବ୍ଲକ ପରିସରରେ ସୋମବାର ଲୋକସେବା ଅଧିକାର ଅଧିନିୟମ ଓ ନିୟମାବଳୀ-୨୦୧୨ ସମ୍ବନ୍ଧୀୟ ସଚେନତା କାର୍ଯ୍ୟକ୍ରମ ସ୍ଥାନୀୟ ତହସିଲଦାର ଚିତ୍ତରଞ୍ଜନ ମହନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ନବକୃଷ୍ଣ ଜେନା, ଅତିରିକ୍ତ ତହସିଲଦାର ଶଶାଙ୍କ ପାତ୍ର, ଏବିଡିଓ ଗଗନ ବିହାରୀ ପଟ୍ଟନାୟକ, ବ୍ଲକ କୃଷି ଅଧିକାରିଣୀ ଜୟଲକ୍ଷ୍ମୀ ସାହୁ, ଏଇ ଛନ୍ଦାଶ୍ରୀ ନାଏକ, ବ୍ଲକ ଅଧକ୍ଷା ପ୍ରତିନିଧି ରତ୍ନାକର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିରିକ୍ତ ତହସିଲଦାର ଶଶାଙ୍କ ପାତ୍ର ଓଡ଼ିଶା ଲୋକସେବା ଅଧିକାର ୨୦୧୨ ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି ତହସିଲଦାର ମହନ୍ତ ନିୟମାବଳୀ ବିଷୟରେ ବିଷଦ ବର୍ଣ୍ଣନା କରିଥିଲେ । ୨୫ଟି ବିଭାଗର ଥିବା ୩୬୧ ସେବା ଏବଂ କେଉଁ ବିଭାଗର କେତୋଟି ସେବା ରହିଛି ତାହା ବୁଝାଇଥିଲେ । କାର୍ଯ୍ୟକ୍ରମକୁ ତହସିଲଦାର କର୍ମକର୍ତ୍ତା ଗୌରୀଶଙ୍କର ସାହୁ, ପ୍ରଦୀପ କୁମାର ଲାଠି, ସୁବାସ ଚନ୍ଦ୍ର ଜାନୀ ପ୍ରମୁଖ ପରିଚାଳନା କରିଥିଲେ।

# ବିଭିନ୍ନ ଦାବି ନେଇ ବ୍ଲକ ଘେରିଲା ଭାଜପା



ଆନ୍ଦୋଳନରେ ସାମିଲ ହୋଇଥିବା ଭାଜପା କର୍ମୀ।

**ପାତ୍ରପୁର,୪।୨(ଡି.ଏନ୍.ଏ.)**

ଟିକିଟି ଭାଜପା ପକ୍ଷରୁ ସୋମବାର ବିଭିନ୍ନ ଦାବି ନେଇ ପାତ୍ରପୁର ବ୍ଲକ ଘେରାଉ କରାଯାଇଥିଲା । ଠଣାଗାଁ ନୂଆସାହିର ୧୫ ପରିବାରଙ୍କୁ ଗୃହପଟ୍ଟା ଯୋଗାଣ କରାଯାଉ ନଥିବା, ଖାରିଆଗୁଡ଼ା ଚିନ୍ତାମଣି ନଗର ଦଳିତ ପରିବାରଙ୍କୁ ଗୃହ ଯୋଗାଣରେ ପାତରଅନ୍ତର, ତିତ୍‌ଲି ବାତ୍ୟାରେ ବ୍ଲକ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆଦିବାସୀଙ୍କ ଲାଗି ପାତରଅନ୍ତର ନିତି ଅବଲମ୍ବନ, ପାତ୍ରପୁର ବ୍ଲକ ସମିତି ବୈଠକରେ ନିର୍ବାଚିତ ପ୍ରତିନିଧିଙ୍କ ଯୁକ୍ତିତର୍କ ବେଳେ ପ୍ରକୋଷ୍ଠ ବାହାରେ ରହି ମାରପିଟ କରିଥିବା ବ୍ଲକ ବିଜେଡି ଯୁବ ସଭାପତିଙ୍କ ଗିରଫ ଦାବି କରି ନେଇ ବ୍ଲକ ଘେରାଉ କରାଯାଇଥିଲା। ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ସଭାପତିତ୍ୱରେ ବହୁ କର୍ମୀଙ୍କ ରାଲିରେ ଆସି ବ୍ଲକ ଆଗରେ ଧାରଣା ଦେଇଥିଲେ। ଆଙ୍କୁଲି, ବୁରାତାଲ ଓ ତୁମ୍ବା ଘରଭଙ୍ଗା କ୍ଷତି ପୁରଣରେ ପାତର ଅନ୍ତର, ବ୍ଲକ ପ୍ରଶାସନ ସର୍ଭେରେ ପାତରଅନ୍ତର ନିତି ଅବଲମ୍ବନ ଯୋଗୁ ସେମାନେ କ୍ଷତିପୂରଣ ପାଇ ନଥିବା ଅଭିଯୋଗ ହୋଇଥିଲା । ଦିର୍ଘ ୪ଘଣ୍ଟାର ପ୍ରତିବାଦ ପରେ ଏବିଡିଓ, ଅତିରିକ୍ତ ତହସିଲଦାର ରବୀନ୍ଦ୍ର କୁମାର ମିଶ୍ର ପ୍ରମୁଖ ଯୋଗଦେଇ ସିଧା ସଳଖ କଥାବାର୍ତ୍ତା କରିଥିଲେ । ପାତ୍ରପୁର ବ୍ଲକ ଯୁବ ବିଜେଡି ସଭାପତିଙ୍କ ବିରୋଧରେ ଏତଲା ଦିଆଯିବା ସହ ଏବିଡିଓଙ୍କ ବୟାନ ସଲଗ୍ନ କରାଯାଇ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଓ ସମସ୍ତ ତିତ୍‌ଲି କ୍ଷତିଗ୍ରସ୍ତଙ୍କ ପୁନଃ ତଦନ୍ତ କରାଯାଇ କ୍ଷତିପୁରଣ ପ୍ରଦାନ ଆଦି ପ୍ରତିଶ୍ରୁତି ମିଳିବା ପରେ ଘେରାଓ ବନ୍ଦ ହୋଇଥିଲା। କାର୍ଯ୍ୟକ୍ରମରେ ସରୋଜ ପଣ୍ଡା, ପିତାତଳି ମଣ୍ଡଳ ସଭାପତି ପି. ରାମକ୍ରୁଷ୍ଣା, ବିଜେପି ଯୁବମୋର୍ଚ୍ଚା ଜିଲା ଉପସଭାପତି ପ୍ରିୟ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

■ ବ୍ରହ୍ମପୁରକୁ ପାଣି ଯୋଗାଣ ପ୍ରସଙ୍ଗ

# ୧୪ ରେ ଜାନିବିଲି ପ୍ରକଳ୍ପ କାର୍ଯ୍ୟକ୍ଷମ: ସଚିବ

**ଛତ୍ରପୁର,୪।୨(ଡି.ଏନ.ଏ)**


ଗଞ୍ଜାମ ଜିଲା ବ୍ରହ୍ମପୁର ମହାନଗର ନିଗମ ପାଣି ସମସ୍ୟା ଦୂର ପାଇଁ ଜାନିବିଲି ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା। ସୋମବାର ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜି. ମାଥିଭାଥନନ୍ ଛତ୍ରପୁର ଆସି ସ୍ଥାନୀୟ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଜାନିବିଲି ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ଚଳିତ ମାସ ୧୪ ତାରିଖରେ ଜାନିବିଲି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ । ଏହି କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ବୈଠକରେ ସଚିବ ନିର୍ଦ୍ଦେଶ ଦେଇଥିଲେ । ବ୍ରହ୍ମପୁରକୁ ପାଇପ ଯୋଗେ ଉକ୍ତ ପ୍ରକଳ୍ପରୁ ପାଣି ଯୋଗାଣ ହେବ । ଅପରପକ୍ଷେ ୨୨ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପ ଉଦ୍‌ଘାଟନ କରିବେ ବୋଲି ବୈଠକରୁ ସୂଚନା ମିଳିଛି । ୪୫୦ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ପ୍ରତିଷ୍ଠା କରାଯାଉଛି । ବୈଠକରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଏସ୍. ଲକ୍ଷ୍ମୀପତି, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଜନସ୍ୱାସ୍ଥ୍ୟ ନିର୍ବାହୀ ଯନ୍ତ୍ରୀ ସୀତାରାମ ପଣ୍ଡା, ବ୍ରହ୍ମପୁର ମହାନଗର ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ଓ ଡୁଡା ପିଡି ସବ୍ୟସାଚୀ ହୋତା ପ୍ରମୁଖ ଉପସ୍ଥିତ ଥିଲେ ।

# ବିଶ୍ୱ କର୍କଟ ଦିବସ ପାଳିତ

**ପାରଳାଖେମୁଣ୍ଡି, ୪।୨(ସ୍ୱ.ପ୍ର.):** ଗଜପତି ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସୋମବାର ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି କର୍କଟ ରୋଗ ପାଇଁ କେଉଁ ପରିସ୍ଥିତି ଦାୟୀ ଓ ଏହାର ନିରାକରଣ ବିଷୟରେ ସଚେତନ କରାଇଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ ଗୃହରେ ସଭା ହୋଇଥିଲା। ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର ଯୋଗଦେଇ ପ୍ରଥମରୁ କର୍କଟ ରୋଗ ଚିହ୍ନଟ କରାଯାଇ ଉପଯୁକ୍ତ ଚିକିତ୍ସା କରାଗଲେ ଆରୋଗ୍ୟ ହେବା ସମ୍ଭବ ବୋଲି କହିଥିଲେ। ତମାଖୁ, ଧୂମପାନ ଇତ୍ୟାଦି ଯୋଗୁ ଏହି ରୋଗ ହୋଇଥାଏ। ତେଣୁ ଏଥିରୁ ନିବୃତ୍ତ ରହିବା ପାଇଁ ସେ ପରାମର୍ଶ ଦେଇଥିଲେ।

**QUOTATIONS FOR AUCTION** are invited for **TITILI WATER AFFECTED STOCK** in **"as it is where it is"** basis lying at:- M/s. Raghunath Traders, Bus-Stand Aska, in front of Raghunath Lodge, Kalinga Road Aska, Dist: Ganjam, Odisha: 761110, Contact Person Mr. T. Rajeswar Patro- Mobile No. 9437073972. The water affected stock can be inspected between 11 AM to 2 PM and 5 PM to 7 PM upto 14.02.2019. The quotation should reach latest by 16.02.2019 in a **sealed envelope** written as **"Quotation for Water Affected Stock'** to above by Speed Post.

# CLASSIFIED DISPLAY
















**MORE SPACE • SAME PRICE**

**CLASSIFIED DISPLAY**

(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

**For Booking Contact:**

Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168 5% GST Applicable

**ଓରିଏଣ୍ଟାଲ୍ ବ୍ୟାଙ୍କ ଅଫ୍ କମର୍ସ**
ରାଜଗାଙ୍ଗପୁର ଶାଖା, ଲିପଲୋଇ, ରାଜଗାଙ୍ଗପୁର,
ଜିଲ୍ଲା: ସୁନ୍ଦରଗଡ, ଓଡ଼ିଶା-୭୭୦୦୧୭

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍ ୮(୧)]
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଓରିଏଣ୍ଟାଲ୍ ବ୍ୟାଙ୍କ ଅଫ୍ କମର୍ସ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ଅର୍ଥ ରାଶି କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତଗୁଡିକ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ ୨୦୦୨ର ରୁଲ ୮ ଅନୁସାରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ପାଇଁ **ଓରିଏଣ୍ଟାଲ୍ ବ୍ୟାଙ୍କ ଅଫ୍ କମର୍ସ** ନିକଟରେ ଉତ୍ତରଦାୟୀ ରହିବେ।

**ଋଣଗ୍ରହୀତାଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିଗୁଡ଼ିକୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ / ଡ଼ିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍‌ର ତାରିଖ | ଦଖଲ ନୋଟିସ୍ ଅନୁଯାୟୀ ମୋଟ ବକେୟା |
|---|---|---|
| **ଋଣଗ୍ରହୀତା: ମେସର୍ସ ମା ଭଗବତୀ ଟ୍ରାନ୍ସପୋର୍ଟ, ସ୍ୱତ୍ତ୍ୱାଧିକାରୀ: ବୃଷବ ସନ୍ୟାସୀ,** ପିତା: ଲଳିତ ରାମ ସନ୍ୟାସୀ, **ଠିକଣା-୧:** ସା.: କୁମାରକେଲା, ଲକ୍ଷ୍ମୀପଡା, ରାଜଗାଙ୍ଗପୁର, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୭୦୦୧୭, **ଠିକଣା-୨:** ସା.: କୁମାରକେଲା, ୱାର୍ଡ ନଂ.: ୧୫, ପୋ/ଥାନା: ରାଜଗାଙ୍ଗପୁର, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୭୦୦୧୭ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ପ୍ରୀୟଦର୍ଶିନୀ ଭୋଇ,** ସ୍ୱାମୀ: ବୃଷବ ସନ୍ୟାସୀ, ସା.: କୁମାରକେଲା, ୱାର୍ଡ ନଂ.: ୧୫, ପୋ/ଥାନା: ରାଜଗାଙ୍ଗପୁର, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୭୦୦୧୭ | **ବୃଷବ ସନ୍ୟାସୀ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୮୮୫/୩୬୬୨ ଏବଂ ପ୍ଲଟ୍ ନଂ.: ୨୮୮୫/୪୦୦୩, ଖାତା ନଂ.: ୪୦୮/୧୯୭୧, ସମୁଦାୟ କ୍ଷେତ୍ର: ଏକର୦.୧୦ଡିସିମିଲି, କିସମ: ଘରବାରୀ, ମୌଜା: କୁମାରକେଲା, ତହସିଲ: ରାଜଗାଙ୍ଗପୁର, ପୋ/ଥାନା: ରାଜଗାଙ୍ଗପୁର, ଜିଲ୍ଲା: ସୁନ୍ଦରଗଡ, ଓଡିଶା-୭୭୦୦୧୭, ଏହାର ଚଉହଦିରେ ଉତ୍ତର: ବିଶ୍ରାମ ବଡାଇକଙ୍କ ବାସଗୃହ, ଦକ୍ଷିଣ: ଧନସିଂ ସନ୍ୟାସୀଙ୍କ ବାସଗୃହ, ପୂର୍ବ: ବୁଧୁ କିସାନଙ୍କ ବାସଗୃହ, ପଶ୍ଚିମ: ରାସ୍ତା / **୦୧.୧୨.୨୦୧୮ / ୦୧.୦୨.୨୦୧୯** | ୩୦.୧୧.୨୦୧୮ ସୁଦ୍ଧା ଟ.୨୫,୫୯,୭୭୧/- + ସେବାବଦ ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ |
| **ଋଣଗ୍ରହୀତାମାନେ: ୧) ଶ୍ରୀ ରାଜ କୁମାର ସାହୁ,** ପିତା: ୰ ସୁନ୍ଦର ସାହୁ, **୨) ଶ୍ରୀ ବସନ୍ତ କୁମାର ସାହୁ,** ପିତା: ରାଜ କୁମାର ସାହୁ, ଉଭୟଙ୍କ ଠିକଣା ସା.: ଝାରବେଡା, ଥାନା: କୁତ୍ରା, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୭୦୦୧୭ / **ଗ୍ୟାରେଣ୍ଟିଦାତା: ଶ୍ରୀ ଅମିତ୍ କୁମାର ସାହୁ,** ପିତା: ରାଜ କୁମାର ସାହୁ, ସା.: ଝାରବେଡା, ଥାନା: କୁତ୍ରା, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୭୦୦୧୭ | **ବସନ୍ତ କୁମାର ସାହୁ,** ପିତା: ରାଜ କୁମାର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୮୪୩/୨୯୯୬, ଖାତା ନଂ.: ୨୩୭/୨୯୨, କ୍ଷେତ୍ର: ଏକର୦.୧୦୦ଡିସିମିଲି, କିସମ: ଘରବାରୀ, ମୌଜା: ଝାରବେଡା, ତହସିଲ: କୁତ୍ରା, ପୋ.: ଝାରବେଡା, ଥାନା: କୁତ୍ରା, ଜିଲ୍ଲା: ସୁନ୍ଦରଗଡ, ଓଡ଼ିଶା-୭୭୦୦୧୭, ଏହାର ଚଉହଦିରେ ଉତ୍ତର: ଗଣେଶ ସାହୁଙ୍କ ଖୋଲା ପ୍ଲଟ୍ ଏବଂ ଅନ୍ୟମାନେ, ଦକ୍ଷିଣ: ରାସ୍ତା, ପୂର୍ବ: ଶାରଦା ଦେବୀଙ୍କ ବାସଗୃହ ବିଲ୍ଡିଂ, ପଶ୍ଚିମ: ପ୍ରଶାନ୍ତ ଦାସଙ୍କ ବାସଗୃହ / **୦୧.୧୧.୨୦୧୮ ଏବଂ ୦୧.୧୨.୨୦୧୮ / ୦୧.୦୨.୨୦୧୯** | ୩୦.୧୧.୨୦୧୮ ସୁଦ୍ଧା ଟ.୨୭,୦୪,୯୮୦.୬୦ + ସେବାବଦ ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ |

**ସ୍ଥାନ: ରାଜଗାଙ୍ଗପୁର, ତାରିଖ : ୦୪.୦୨.୨୦୧୯** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଓରିଏଣ୍ଟାଲ୍ ବ୍ୟାଙ୍କ ଅଫ୍ କମର୍ସ**

**ବ୍ରଜନଗର ଶାଖା,**
ଅଲ୍ ଇଣ୍ଡିଆ ରେଡିଓ ନିକଟ, ଲୋଚାପଡା ରୋଡ୍, ବ୍ରହ୍ମପୁର,
ଜିଲ୍ଲା: ଗଞ୍ଜାମ-୭୬୦୦୦୧, ଓଡ଼ିଶା,
ଫୋନ୍ ନଂ.: ୦୬୮୦-୨୨୨୨୩୨୧

बैंक ऑफ़ बड़ौदा
**Bank of Baroda**

**ଡ଼ିମାଣ୍ଡ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନଲିଖିତ ଋଣଗ୍ରହୀତାଙ୍କ ବିରୁଦ୍ଧରେ ସୁରକ୍ଷିତ ଋଣଦାତା ଭାବେ **ବ୍ୟାଙ୍କ ଅଫ୍ ବରୋଦା** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍ ଜାରି କରାଗଲା ।

| ଆକାଉଣ୍ଟର ନାମ | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ଏନ୍‌ପିଏ ତାରିଖ / ନୋଟିସ୍ ଫେରସ୍ତ ହେବାର କାରଣ | ଋଣ ପରିମାଣ | ସୁଧ ହାର | ୩୧.୧୨.୨୦୧୮ସୁଦ୍ଧା ବକେୟା ପରିମାଣ (୩୧.୧୨.୨୦୧୮ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) |
|---|---|---|---|---|---|
| ଶ୍ରୀ ମନୋଜ କୁମାର ଜେନା | **ଋଣଗ୍ରହୀତା: ଶ୍ରୀ ମନୋଜ କୁମାର ଜେନା,** ପିତା: ଶ୍ରୀ ସୋମନାଥ ଜେନା, ସୁରଜ ବିହାର, ୪ର୍ଥ ଲାଇନ୍, ଲୋଚାପଡା ବ୍ୟାଙ୍କ କଲୋନୀ ନିକଟ (୭ମ ଲାଇନ୍), ଗେଟ ବଜାର, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା/ **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ମାଧବୀ ଲତା ପାତ୍ର,** ସ୍ୱାମୀ: ଶ୍ରୀ ଭାସ୍କର ଚନ୍ଦ୍ର ପାତ୍ର, **୨) ଶ୍ରୀମତୀ ବିଜୟିନୀ ପାତ୍ର,** ସ୍ୱାମୀ: ଶ୍ରୀ ମନୋଜ କୁମାର ଜେନା, ଉଭୟଙ୍କ ଠିକଣା- ସା.: ସୁରଜ ବିହାର, ୪ର୍ଥ ଲାଇନ୍, ଲୋଚାପଡା ବ୍ୟାଙ୍କ କଲୋନୀ ନିକଟ (୭ମ ଲାଇନ୍), ଗେଟ ବଜାର, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / **ଆକାଉଣ୍ଟ ନଂ.: ୨୫୦୩୦୪୦୦୦୦୪୮୭୪ (ଓଡିବିଟିଏଲ୍)** | ୨୬.୧୨.୨୦୧୮ / ଅନୁପସ୍ଥିତ / ଜଣା ନାହିଁ | ଟ.୧୫,୦୦,୦୦୦/- | MCLR+ SP(୦.୨୫) + ୨.୫୦ (Spread) | ଟ.୧୩,୨୯,୩୬୧/- ଯୁକ୍ତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| **ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ : ଶ୍ରୀମତୀ ମାଧବୀ ଲତା ପାତ୍ରଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୨୩୦/୨୫୨୨, ପ୍ଲଟ୍ ନଂ.: ୨୮୨/୫୦୦୪, କ୍ଷେତ୍ର: ଏକର୦.୦୪୫ଡିସିମିଲି, ମୌଜା: ରାଜେନ୍ଦ୍ରପୁର, ତହସିଲ: ବ୍ରହ୍ମପୁର, ଏସ୍‌ଆରଓ: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ରାଜ୍ୟ: ଓଡ଼ିଶା | | | | | |
| ୧) ମେସର୍ସ ଅକ୍ଷୀତା ହୋମିଓ ଆଣ୍ଡ୍ ହର୍ବାଲ୍ସ ୨) ଶ୍ରୀମତୀ କ୍ରିଷ୍ଣା ଦାସ | **ଋଣଗ୍ରହୀତାମାନେ: ୧) ମେସର୍ସ ଅକ୍ଷୀତା ହୋମିଓ ଆଣ୍ଡ୍ ହର୍ବାଲ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ କ୍ରିଷ୍ଣା ଦାସ,** ବିଡିଏ ମାର୍କେଟ କମ୍ପ୍ଲେକ୍ସ, ରୁମ୍ ନଂ.: ୨୮, ନୂଆ ବସଷ୍ଟାଣ୍ଡ, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, **୨) ଶ୍ରୀମତୀ କ୍ରିଷ୍ଣା ଦାସ,** ସ୍ୱାମୀ: ଶ୍ରୀ ଅଶୋକ କୁମାର ଦାସ, ସ୍ୱେକ୍ଟ୍ରମ୍ ଏକଜୋଟିକା, ଫ୍ଲାଟ୍ ନଂ.: ୪୦୫, ହୋଣ୍ଡା ସୋରୁମ୍ ପଛପାର୍ଶ୍ୱ (ଟାଟା ବେଞ୍ଚ୍ ସ୍କୋୟାର), ନଟବର ନଗର, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା/ **ଗ୍ୟାରେଣ୍ଟିଦାତା: ଶ୍ରୀ ଅଶୋକ କୁମାର ଦାସ,** ପିତା: ଶ୍ରୀ ମଦନମୋହନ ଦାସ, ସ୍ୱେକ୍ଟ୍ରମ୍ ଏକଜୋଟିକା, ଫ୍ଲାଟ୍ ନଂ.: ୪୦୫, ହୋଣ୍ଡା ସୋରୁମ୍ ପଛପାର୍ଶ୍ୱ (ଟାଟା ବେଞ୍ଚ୍ ସ୍କୋୟାର), ନଟବର ନଗର, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / **ଆକାଉଣ୍ଟ ନଂ.: ୨୫୦୩୦୫୦୦୦୦୪୮୨୪ (ସିସି)** | ୩୧.୧୨.୨୦୧୮ / ଗ୍ରହଣ କରିବାକୁ ନାହିଁ କଲେ | ଟ.୧୮,୦୦,୦୦୦/- | MCLR+ SP(୦.୨୫) + ୧.୭୫ (Spread) | ଟ.୧୮,୪୮,୩୧୪/- ଯୁକ୍ତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| **ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ : ଶ୍ରୀମତୀ କ୍ରିଷ୍ଣା ଦାସଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୧୭୪୨, ପ୍ଲଟ୍ ନଂ.: ୯୫୯, ୯୮୦, ୯୮୧, ସପ୍ ନଂ.: ୨୮, ମୌଜା: ଗୋଇଲୁଣ୍ଡି, ତହସିଲ: ବ୍ରହ୍ମପୁର, ଏସ୍‌ଆରଓ: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ରାଜ୍ୟ: ଓଡ଼ିଶା | | | | | |

ଆମ୍ଭ ଶାଖାରୁ ଚୁକ୍ତିନାମା ହାରରେ ପରବର୍ତ୍ତୀ ସୁଧ ସହିତ ଦର୍ଶିତ ଋଣ ରାଶି ପରିଶୋଧ କରିବାରେ ଆପଣ ବିଫଳ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା । ରେଜିଷ୍ଟ୍ରି ଡ଼ାକ ଯୋଗେ ଡିମାଣ୍ଡ ନୋଟିସ ଆପଣଙ୍କ ନିକଟକୁ ପଠାଯାଇଥିଲେ ମଧ୍ୟ ତାହା ଉପରୋକ୍ତ କାରଣ ଦର୍ଶାଯାଇ ଫେରସ୍ତ ଆସିଛି। ଆପଣ ବକେୟା ଦେୟ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି । ଏଣୁ ଏହି ନୋଟିସ୍‌ର **୬୦ଦିନ** ମଧ୍ୟରେ ସୁଧ ସହିତ ସମସ୍ତ ଦେୟ ପରିଶୋଧ ପାଇଁ ଆପଣମାନଙ୍କୁ କୁହାଯାଉଛି । ଏଥିରେ ଖିଲାପ କଲେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ସମସ୍ତ ସୁରକ୍ଷିତ ସଂପତ୍ତି ଉପରେ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଅନୁଯାୟୀ ଅଧିକାର ସାବ୍ୟସ୍ତ କରିବାକୁ ବାଧ୍ୟ ହେବ । ଏତଦ୍‌ଦ୍ୱାରା ଆପଣଙ୍କୁ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଆପଣ କଥିତ ଆକ୍ଟର ଉପଧାରା ୧୩ ଅନୁସାରେ ଉପର ଦର୍ଶିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବ୍ୟାଙ୍କର ଲିଖିତ ସହମତି ବିନା ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । ଏହି ନୋଟିସ୍ ଆଇନତଃ ନିରପେକ୍ଷ ତଥା ବ୍ୟାଙ୍କ ଦ୍ୱାରା ଆରମ୍ଭ ହେବାକୁ ଥିବା ଆଇନ୍‌ଗତ ପଦକ୍ଷେପ ସମୂହକୁ ପ୍ରତିହତ କରିବ ନାହିଁ ।

ସ୍ଥାନ : ବ୍ରଜନଗର
ତାରିଖ : ୦୪.୦୨.୨୦୧୯

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ବରୋଦା

## ସଂକ୍ଷେପରେ

### ନାବାଳିକା ଅପହରଣ, ବଳାତ୍କାର ମାମଲା
## ପ୍ରମାଣ ଅଭାବରୁ ଅଭିଯୁକ୍ତ ମା', ପୁଅ ନିର୍ଦ୍ଦୋଷରେ ଖଲାସ

**ବ୍ରହ୍ମପୁର ଅଫିସ୍,୪।୨:** ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ମାମଲାରେ ଏଡିଜେ-୨ ପୋକ୍ସୋ କୋର୍ଟ ବିଚାରପତି ଦୀପକ କୁମାର ଅଭିଯୁକ୍ତ ଗୌରବ ଦିଗାଲ୍ ଓରଫ ରାଫେଲ୍ (୨୧) ଓ ତାଙ୍କ ମା' ଉତ୍ତରା ଦିଗାଲ୍(୩୮)ଙ୍କୁ ଉପଯୁକ୍ତ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ପାଇଁ ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ମା' ଓ ପୁଅ ଭଞ୍ଜନଗର ଥାନା ଅଞ୍ଚଳର ବୋଲି ଜଣାପଡିଛି।

ପ୍ରକାଶଯେ, ୨୦୧୮ ସେପ୍ଟେମ୍ବର ୯ ତାରିଖରେ ଭଞ୍ଜନଗର ଥାନା ଅଞ୍ଚଳ ଏକ ଗ୍ରାମର ନାବାଳିକାଙ୍କୁ କେହି ଅପହରଣ କରି ନେଇଯାଇଥିବା ଥାନାରେ ଏତଲା ହୋଇଥିଲା। ପୋଲିସ ନଂ. ୩୨୬/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଝାରସୁଗୁଡାରୁ ନିଖୋଜ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ନାବାଳିକାଙ୍କ ଡାକ୍ତରୀ ମାଇନା କରାଯିବା ପରେ କୋର୍ଟରେ ବୟାନ ରେକର୍ଡ କରାଯାଇଥିଲା। ପରେ ନାବାଳିକାଙ୍କୁ ଅପହରଣ ଏବଂ ବଳାତ୍କାର କରିଥିବା ଅଭିଯୋଗରେ ରାଫେଲ୍ ଓ ତାଙ୍କ ମା' ଉତ୍ତରାଙ୍କୁ ପୋଲିସ ଗିରଫ କରିଥିଲା।

କୋର୍ଟରେ ଚାର୍ଜଶିଟ୍ ଦାଖଲ ହେବା ପରେ ମାମଲାର ବିଚାର ଆରମ୍ଭ ହୋଇଥିଲା। ବିଚାର ଚାଲିଥିବା ସମୟରେ କୋର୍ଟରେ ୭ ଜଣଙ୍କ ବୟାନ ଗ୍ରହଣ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ମା' ଓ ପୁଅଙ୍କୁ ଅଦାଲତ ନିର୍ଦ୍ଦୋଷରେ ଖଲାସ କରିବାକୁ ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ନରେଶ ପ୍ରସାଦ ପାତ୍ର ଓ ଅଶୋକ ଗୌଡ ମକଦ୍ଦମା ପରିଚାଳନା କରୁଥିଲେ।

## ବେଙ୍ଗାଲୁରୁରେ ଶ୍ରମିକ ମୃତ

**ଛତ୍ରପୁର,୪।୨(ଡି.ଏନ.ଏ.):** ଗଞ୍ଜାମ ଜଲା ଖଲ୍ଲିକୋଟ ଥାନା ଚିକିଲି ଗାଁର ସୁଦୂର ଦାସଙ୍କର ବେଙ୍ଗାଲୁରର ଏକ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ତାଙ୍କୁ ସେଠାରେ ମାରି ଦିଆଯାଇଥିବା ତାଙ୍କ ସ୍ତ୍ରୀ ରଙ୍ଗବତୀ ଅଭିଯୋଗ କରିଛନ୍ତି। ସୋମବାର ଛତ୍ରପୁର ଆସି ଜିଲାପାଳ ଓ ଏସ୍‌ପିଙ୍କୁ ଭେଟି ଏ ସମ୍ପର୍କରେ ଜଣାଇବା ସହ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ଗତ ୩ ମାସ ପୂର୍ବେ କାମ କରିବାକୁ ସୁଦୂର ବେଙ୍ଗାଲୁର ଯାଇଥିଲେ। କୌଣସି କାରଣକୁ ଆହତ ହୋଇ ସେଠାର ଏକ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଏ ସମ୍ପର୍କରେ ଜଣାଇବା ତ ଦୂରର କଥା ମୃତ୍ୟୁର ୩ ଦିନ ପରେ ଘର ଲୋକଙ୍କୁ ଖବର ଆସିଛି।

### ଡାଟୁମ୍ ଚିଟ୍‌ଫଣ୍ଡ୍ ଠକେଇ ମାମଲା
# କୋର୍ଟରୁ ନିର୍ଦ୍ଦେଶକ ଦମ୍ପତିଙ୍କୁ ଉଠାଇ ନେଲା ପୋଲିସ

ବ୍ରହ୍ମପୁର ଅଫିସ୍,୪।୨

ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ତଥା ଚିଟ୍‌ଫଣ୍ଡ କମ୍ପାନୀ ଡାଟୁମ୍‌ର ଅଭିଯୁକ୍ତ ନିର୍ଦ୍ଦେଶକ ଦମ୍ପତି ବ୍ରଜମୋହନ ପଟ୍ଟନାୟକ ଏବଂ ସ୍ତ୍ରୀ ତ୍ରିଧାରା ମହାନ୍ତିଙ୍କୁ ସୋମବାର ବ୍ରହ୍ମପୁର ସ୍ୱତନ୍ତ୍ର ଚିଟ୍‌ଫଣ୍ଡ୍ କୋର୍ଟରେ ହାଜର କରାଯାଇଥିଲା । ତାଙ୍କୁ ହାଜର କରାଯିବା ପରେ ଅନ୍ୟ ଏକ ମାମଲାରେ ଗୋଲନ୍ଥରା ପୋଲିସ କୋର୍ଟ ପରିସରରୁ ଅଭିଯୁକ୍ତ ନିର୍ଦ୍ଦେଶକ ଦମ୍ପତିଙ୍କୁ ଗିରଫ କରି ନେଇଯାଇଥିବା ଦେଖିବାକୁ ମିଳିଥିଲା । ତଦନ୍ତରେ ବାଧା ସୃଷ୍ଟି ଆଶଙ୍କା କରି ବର୍ତ୍ତମାନ କୌଣସି ସବିଶେଷ ତଥ୍ୟ ଦେବାକୁ ଇନ୍ସପେକ୍ଟର ବସନ୍ତ କୁମାର ସେଠୀ ମନାକରି ଦେଇଛନ୍ତି । ଆସନ୍ତା ୬ତାରିଖରେ ଅଭିଯୁକ୍ତ ନିର୍ଦ୍ଦେଶକ ଦମ୍ପତିଙ୍କ ଜାମିନ ଖାରଜ ସମ୍ପର୍କରେ ଶୁଣାଣି କରାଯିବ ବୋଲି ସୂଚନା ମିଳିଛି।

ପ୍ରକାଶଯେ, ଜାନୁୟାରୀ ୨୧ତାରିଖରେ ଅଭିଯୁକ୍ତ ନିର୍ଦ୍ଦେଶକ ଦମ୍ପତିଙ୍କ ଜାମିନ ମଞ୍ଜୁର ହେବା ଜେଲରୁ ମୁକୁଳିଥିଲେ । ପରବର୍ତ୍ତୀ ସମୟରେ ସ୍ୱତନ୍ତ୍ର ପିପି ବିଜୟ କୁମାର ପ୍ରଧାନ କୋର୍ଟରେ ଏକ ପିଟିଶନ୍ ଫାଇଲ୍ କରିଥିଲେ। ଭାରତୀୟ ଦଣ୍ଡବିଧି ଆଇନ ଧାରା ୪୩୭(୫) ପ୍ରକାରେ ଅଭିଯୁକ୍ତ ଦମ୍ପତିଙ୍କ ଜାମିନ ରଦ୍ଦ କରାଯାଇ ପୁଣି ଥରେ ଗିରଫ କରାଯିବାକୁ ନେଇ ସେ କୋର୍ଟରେ ପିଟିଶନ୍ ଦାଖଲ କରିଥିଲେ। ଉକ୍ତ ପିଟିଶନ୍ ପ୍ରକାରେ ସୋମବାର ଅଭିଯୁକ୍ତ ନିର୍ଦ୍ଦେଶକ ଦମ୍ପତି କୋର୍ଟରେ ହାଜର ହେବା ପରେ ଅନ୍ୟ ଏକ ମାମଲାରେ ପୋଲିସ ଗିରଫ କରି ନେଇଥିଲା । ଆସନ୍ତା ୬ତାରିଖରେ ଅଭିଯୁକ୍ତ ଦମ୍ପତିଙ୍କ ଜାମିନ ଖାରଜ ସମ୍ପର୍କରେ କୋର୍ଟରେ ଶୁଣାଣି କରାଯିବ ବୋଲି ଜଣାଯାଇଛି।

ସୂଚନାଯୋଗ୍ୟ, ବିଭିନ୍ନ ସ୍କିମ୍ ମାଧ୍ୟମରେ ପ୍ରଲୋଭନ ଦେଖାଇ ୫୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ଅଭିଯୋଗରେ ଗୋଲନ୍ଥରା ପୋଲିସ ନଂ. ୨୦୨/୧୮ରେ ଏକ ମାମଲା ରୁଜୁ କରି ୨୦୧୮ ନଭେମ୍ବର ୬ତାରିଖରେ ଚିଟ୍‌ଫଣ୍ଡ୍ ସଂସ୍ଥା ଡାଟୁମ୍ ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ବ୍ରଜ ମୋହନ ପଟ୍ଟନାୟକ ଏବଂ ତାଙ୍କ ସ୍ତ୍ରୀ ତଥା ଅନ୍ୟତମ ନିର୍ଦ୍ଦେଶିକା ତ୍ରିଧାରା ମହାନ୍ତିଙ୍କୁ ଭୁବନେଶ୍ୱରରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ରିମାଣ୍ଡ୍‌ରେ ନେଇ ପୋଲିସ ବହୁ ତଥ୍ୟ ହାସଲ କରିଥିଲା । ହେଲେ ଚିଟ୍‌ଫଣ୍ଡ୍ କୋର୍ଟର ଧାରା ୧୬୭ ଅନୁଯାୟୀ ୬୦ ଦିନ ମଧ୍ୟରେ ତଦନ୍ତକାରୀ ଅଧିକାରୀ ଇନ୍ସପେକ୍ଟର ବସନ୍ତ କୁମାର ସେଠୀ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିପାରି ନ ଥିଲେ । ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଜାମିନ ଆବେଦନ କରିବାରୁ ଅଭିଯୁକ୍ତ ନିର୍ଦ୍ଦେଶକ ଦମ୍ପତିଙ୍କ ଜାମିନ ମଞ୍ଜୁର ହୋଇଥିଲା ।


ଦମ୍ପତିଙ୍କୁ କୋର୍ଟରୁ ପୋଲିସ ଉଠାଇ ନେଉଥିବା ବେଳେ ଜମାକାରୀଙ୍କ ସହ ଧସ୍ତାଧସ୍ତି।

### ଜମାକାରୀଙ୍କ ସହ ଧସ୍ତାଧସ୍ତି

ସୋମବାର ଅଭିଯୁକ୍ତ ନିର୍ଦ୍ଦେଶକ ଦମ୍ପତିଙ୍କ କୋର୍ଟରେ ହାଜର ହେବା ଖବରପାଇ ଜିଲା କୋର୍ଟରେ ବହୁ ଜମାକାରୀ ରୁଣ୍ଡ ହୋଇଥିଲେ। ଆସନ୍ତା ୬ତାରିଖରେ ଜାମିନ ଖାରଜ ସମ୍ପର୍କରେ ପରବର୍ତ୍ତୀ ଶୁଣାଣି ରହିଥିବା ବେଳେ ପୋଲିସ ଅନ୍ୟ ଏକ ମାମଲାରେ ସେମାନଙ୍କୁ ଉଠାଇ ନେଇଥିଲା। ଏହି ସମୟରେ ଜମାକାରୀଙ୍କ ଟଙ୍କା ଫେରସ୍ତ ଦାବି କରି ନିର୍ଦ୍ଦେଶକ ଦମ୍ପତିଙ୍କୁ ଘେରିଯାଇଥିଲେ ଜମାକାରୀ । କେତେକ ଜମାକାରୀ ନିର୍ଦ୍ଦେଶକ ଦମ୍ପତିଙ୍କ ସହ ଧସ୍ତାଧସ୍ତି କରିଥିଲେ ।

### ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲେ ଫୋରମ ଫର ଗଞ୍ଜାମ ପ୍ରତିନିଧି ଦଳ
# ସମସ୍ୟା, ପ୍ରକଳ୍ପ ତ୍ୱରାନ୍ୱିତ ନେଇ ଆଲୋଚନା

ବ୍ରହ୍ମପୁର ଅଫିସ,୪।୨

ଗଞ୍ଜାମ ଜିଲାରେ ଥିବା ସମସ୍ୟା ତଥା ଫଳକ ଉନ୍ମୋଚନରେ ସୀମିତ ରହିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନେଇ ସାମାଜିକ ସଂଗଠନ ଫୋରମ ଫର ଗଞ୍ଜାମ ଅଣ୍ଟା ଭିଡ଼ିଛି । ସୋମବାର ସଂଗଠନର ଏକ ପ୍ରତିନିଧି ଦଳ ମୁଖ୍ୟ ଶାସନ ସଚିବଙ୍କୁ ସାକ୍ଷାତ୍ କରି ଗଞ୍ଜାମ ଜିଲାର ବିଭିନ୍ନ ସମସ୍ୟା ଓ ଅଟକି ରହିଥିବା ପ୍ରକଳ୍ପଗୁଡିକ ଉପରେ ଆଲୋଚନା କରିଥିଲେ । ବିଶେଷକରି ଦକ୍ଷିଣ ଓଡିଶାର ପ୍ରମୁଖ ମେଡିକାଲ କଲେଜ ଓ ଚିକିତ୍ସାଳୟ ଏମ୍‌କେସିଜିରେ ବର୍ଷ ବର୍ଷ ଧରି ଖାଲିପଡିଥିବା ନର୍ସ, ଆଟେଣ୍ଡାଣ୍ଟ, ଟେକ୍ନିସିଆନ ପଦବୀ ପୂରଣ ଉପରେ ଦଳ ଗୁରୁତ୍ୱ ଦେଇଛନ୍ତି । ଅନୁପସ୍ଥିତ ଡାକ୍ତରଙ୍କ ସ୍ଥାନରେ ନୂତନ ଡାକ୍ତରଙ୍କୁ ନିଯୁକ୍ତି କରିବା, ଖାଲିଥିବା ୨୫୦ରୁ ଊର୍ଦ୍ଧ୍ୱ ସେବିକା, ଆଟେଣ୍ଡାଣ୍ଟ, ଟେକ୍ନିସିଆନ ପଦବୀକୁ ତୁରନ୍ତ ପୂରଣ କରିବା ଦିଗରେ ପଦକ୍ଷେପ ନେବାକୁ ଆଲୋଚନାରେ ଅନୁରୋଧ କରିଛନ୍ତି । ସେହିପରି ଆସ୍କାର ବଡନଦୀ ଓ ଋଷିକୁଲ୍ୟା ନଦୀରେ ଦେଖା ଦେଉଥିବା ବନ୍ୟା ପରିସ୍ଥିତିର ସ୍ଥାୟୀ ସମାଧାନ କରିବା, ଆସ୍କା ସୂତାକଳ ଓ ଚିନି କାରଖାନାକୁ ପୁନଃ କାର୍ଯ୍ୟକ୍ଷମ କରାଇବା ଦିଗରେ ପଦକ୍ଷେପ ନେବାକୁ ପ୍ରତିନିଧି ଦଳ କହିଛନ୍ତି । ବ୍ରହ୍ମପୁର ତଥା ଆଖପାଖ ଅଞ୍ଚଳରେ ଜଳସେଚିତ ଓ ପାନୀୟ ଜଳ ଯୋଗାଣ ଉଦ୍ଦେଶ୍ୟରେ ୨୦୧୬ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନହୋଇଥିବା ଘଟକେଶ୍ୱର ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା, ଗଞ୍ଜାମ ଜିଲା ଓ ଏହାର ସୀମାକୁ ଲାଗି ରହିଥିବା ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଗୋପାଳପୁର, ତପ୍ତପାଣି, ଜଉଗଡ, ବୁଗୁଡାର ବିରଞ୍ଚିନାରାୟଣ ମନ୍ଦିର, ଦାରିଙ୍ଗବାଡି, ଜିରାଙ୍ଗ ବୌଦ୍ଧ ମନ୍ଦିରକୁ ନେଇ ଏକ ପର୍ଯ୍ୟଟନ ସର୍କିଟ ସୃଷ୍ଟି କରିବାକୁ ଦଳ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ବ୍ରହ୍ମପୁରରେ ରିଂ ରୋଡ, ବିମାନ ବନ୍ଦର ସ୍ଥାପନ କରିବା ଉପରେ ଗୁରୁତ୍ୱ ଦେବାକୁ ପ୍ରତିନିଧି ଦଳ ସଚିବଙ୍କୁ ଅନୁରୋଧ କରିଥିଲେ। ଏହି ପ୍ରତିନିଧି ଦଳ ମଧ୍ୟରେ ଫୋରମ ଫର ଗଞ୍ଜାମ ସଦସ୍ୟ ପ୍ରଶାନ୍ତ କୁମାର ମୁନୀ, ଜାମୁଲା ସୁରେଶ, ଇ. ତେଜେଶ୍ୱର ରାଓ, ସ୍ୱରାଜ୍ୟ ସୁବୁଦ୍ଧି, ଶ୍ୟାମ ସୁନ୍ଦର ଖାଡଙ୍ଗା ଓ ସୁଧୀର କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।


ଫୋରମ ଫର ଗଞ୍ଜାମର ପ୍ରତିନିଧି ଦଳ ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରୁଛନ୍ତି ।

### ୨୦ ପାଇଖାନା, ଘର ଅଂଶ ଭାଙ୍ଗିବା ପ୍ରସଙ୍ଗ
## ଜିଲାପାଳଙ୍କୁ ଭେଟିଲେ କ୍ଷତିଗ୍ରସ୍ତ

ଛତ୍ରପୁର,୪।୨ (ଡି.ଏନ.ଏ)

କୋଦଳା ଥାନା ଖଣ୍ଡିଆନଇ ପଞ୍ଚାୟତ ଗେଞ୍ଜାରାପଲ୍ଲୀରେ ୨୫ ବର୍ଷ ହେଲା ଘର କରି କେତେକ ପରିବାର ବସବାସ କରି ଆସୁଛନ୍ତି। ଘରେ ପାଇଖାନା ନିର୍ମାଣ ପାଇଁ ୧୨ ହଜାର ଟଙ୍କା ଲେଖାଏ ପ୍ରଶାସନ ପକ୍ଷରୁ ମିଳିଥିଲା ଏବଂ ଏହା ଏମାନେ ନିର୍ମାଣ କରିଥିଲେ । ଡିସେମ୍ବର ୨୬ରେ ନିକଟସ୍ଥ ସାହିର କେତେକ ଲୋକେ ଜେସିବି ଆଣି ଘରର କେତେକ ଅଂଶ ଓ ୨୦ ପାଇଖାନା ଭାଙ୍ଗି ଦେଇଥିଲେ। ଏହାର ପ୍ରତିବାଦ କରି ଡିସେମ୍ବର ୨୮ରେ ବେଗୁନିଆପଡା ଫାଣ୍ଡି ଆଗରେ କ୍ଷତିଗ୍ରସ୍ତମାନେ ରାସ୍ତାରୋକୋ କରିଥିଲେ। ଅତିରିକ୍ତ ତହସିଲଦାରଙ୍କଠାରୁ ସମସ୍ୟା ସମାଧାନ ନେଇ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା । ବର୍ତ୍ତମାନ ସୁଦ୍ଧା କିଛି ପଦକ୍ଷେପ ନେଇ ନ ଥିବାରୁ କ୍ଷତିଗ୍ରସ୍ତମାନେ ସୋମବାର ଛତ୍ରପୁର ଆସି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ଲିଖିତ ଭାବେ ଜଣାଇଥିଲେ। ତହସିଲଦାରଙ୍କୁ ପଦକ୍ଷେପ ନେବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଅପରପକ୍ଷେ କ୍ଷତିଗ୍ରସ୍ତଙ୍କ ମଧ୍ୟରୁ ୫ ଜଣଙ୍କ ନାଁରେ ସିଆରପିସି ୧୦୭ ଧାରାରେ ନୋଟିସ୍ ହୋଇଛି ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ଣ୍ଣର


→ ଦୀପକ


→ ମନୋଜ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ସଡ଼କ ସୁରକ୍ଷା ସଚେତନତା ରଥ ଉଦ୍‌ଘାଟିତ

ବ୍ରହ୍ମପୁର ଅଫିସ୍,୪।୨

ବ୍ରହ୍ମପୁର ପୋଲିସ ପକ୍ଷରୁ ସୋମବାର ୩୦ତମ ଜାତୀୟ ସଡକ ସୁରକ୍ଷା ସଚେତନତା ରଥ ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଏସ୍‌ପି ଶାନ୍ତନୁ ଦାସ, ଟ୍ରାଫିକ୍ ଡିଏସ୍‌ପି ବଟକୃଷ୍ଣ ମିଶ୍ର, ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି, ଟ୍ରାଫିକ୍ ଥାନା ଆଇଆଇସି ଏସ୍.କିଷାନ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସଚେତନତା ରଥକୁ ଉଦ୍‌ଘାଟନ କରିଥିଲେ । ଏହି ରଥ ସଡକ ସୁରକ୍ଷା ନେଇ ସଚେତନାତ୍ମକ ବାର୍ତ୍ତା ନେଇ ସହର ପରିକ୍ରମା କରିଥିବା ବେଳେ ଏହା ଏକ ସପ୍ତାହ ବ୍ୟାପୀ ଚାଲିବ ବୋଲି ଜଣାଯାଇଛି। ସୋମବାର ସଚେତନତା ରଥ ପୁରୁଣା ବସଷ୍ଟାଣ୍ଡ ଟ୍ରାଫିକ୍ ଥାନାରୁ ବାହାରି ସହର ପରିକ୍ରମା କରିଥିଲା । ଉକ୍ତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଟ୍ରାଫିକ୍ ପୋଲିସ ସହିତ ଏସଟିଭିଏସ୍(ଷ୍ଟୁଡେଣ୍ଟ ଟ୍ରାଫିକ୍ ଭଲ୍ୟୁଣ୍ଟର୍ ସ୍କିମ୍)ର ସଦସ୍ୟମାନେ ସାମିଲ ହୋଇଥିଲେ ।

## ବ୍ରହ୍ମପୁରରେ ନିର୍ମାଣ ହେଉ ନୂତନ ଏୟାରପୋର୍ଟ

ବ୍ରହ୍ମପୁର ଅଫିସ୍,୪।୨

ବ୍ରହ୍ମପୁରରେ ନୂତନ ଏୟାରପୋର୍ଟ ନିର୍ମାଣ ପାଇଁ ଦାବି କରିଛି ଗଞ୍ଜାମ ଜିଲା ବିକାଶ ମଞ୍ଚ । ସୋମବାର ମଞ୍ଚ ତରଫରୁ ଏକ ଦାବିପତ୍ର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଜରିଆରେ କେନ୍ଦ୍ର ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପାଖକୁ ପଠାଯାଇଛି । ମଞ୍ଚ ପକ୍ଷରୁ କୁହାଯାଇଛି ଯେ, ବ୍ରହ୍ମପୁର ସହରର ଜନସଂଖ୍ୟା ପାଞ୍ଚ ଲକ୍ଷରୁ ଊର୍ଦ୍ଧ୍ୱରେ। ଏହାର ଆଖାପାଖ ପ୍ରମୁଖ ସହରାଞ୍ଚଳକୁ ମିଶାଇଲେ ଜନସଂଖ୍ୟା ଆହୁରି ଅଧିକ ହେବ । ଏଠାରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ରହିଛି। ଏହା ଅଧୀନରେ ୧୦ ଜିଲା ରହିଛି। କିନ୍ତୁ ବ୍ରହ୍ମପୁରରୁ ବିମାନ ଚଳାଚଳ ନେଇ ଠୋସ୍ ପଦକ୍ଷେପ ନିଆଯାଇ ନାହିଁ। ୨୦୧୫ ରେ କେନ୍ଦ୍ର ସରକାର ବେସାମରିକ ବିମାନ ଚଳାଚଳ ନୀତି ଲାଗୁ କରିଥିଲେ । ଆଞ୍ଚଳିକ ଯୋଗାଯୋଗ ଯୋଜନା(ଆର୍‌ସିଏସ୍) ମଧ୍ୟ କାର୍ଯ୍ୟକାରୀ କରାଯାଇଛି। ଏହି ଦୁଇଟି ଯୋଜନା ସହ ଉଡ଼ାନ୍ ଯୋଜନାରେ ମଧ୍ୟ ବ୍ରହ୍ମପୁରକୁ ସାମିଲ କରାଯାଇନାହିଁ। ଫଳରେ ବ୍ରହ୍ମପୁରର ବିକାଶ ୧୫ରୁ ୨୦ବର୍ଷ ପଛକୁ ଠେଲି ହୋଇଯାଇଛି। ବର୍ତ୍ତମାନ ଥିବା ରଙ୍ଗେଇଲୁଣ୍ଡା ଏୟାରପୋର୍ଟ ସ୍ୱାଧୀନତା ପରବର୍ତ୍ତୀ ସମୟରେ ନିର୍ମିତ ହୋଇଥିଲେ ମଧ୍ୟ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନାହିଁ । ଏହାର ବିକାଶ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏବଂ ପ୍ରତିରକ୍ଷା ବିଭାଗ ଅଧୀନରେ ବହୁ ଜାଗା ରହିଯାଇଛି । ଜାଗା ଅଭାବରୁ ଏହି ଏୟାରଷ୍ଟ୍ରିପ୍‌କୁ ଏୟାର୍‌ପୋର୍ଟରେ ବିକଶିତ କରାଯାଇପାରୁନି । ଏକ ନୂତନ ଏୟାର୍‌ପୋର୍ଟ ନିର୍ମାଣ ପାଇଁ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ(ବିଡ଼ିଏ) ତରଫରୁ ଲକ୍ଷ୍ମୀପୁର ମୌଜା ପାଖରେ ୮୦ଏକର ଜାଗା ଚିହ୍ନଟ କରାଯାଇଛି । ଆଉ ପ୍ରାୟ ୨ଶହ ଏକର ଜାଗାର ଆବଶ୍ୟକତା ରହିଛି। ଏଣୁ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍ ପାଇଁ ଜମି ଅଧିଗ୍ରହଣ ବଦଳରେ ଲକ୍ଷ୍ମୀପୁର ମୌଜାରେ ଅଧିକ ଜମି ଅଧିଗ୍ରହଣ ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଫଳରେ ଏକ ବିଶ୍ୱସ୍ତରୀୟ ଏୟାରପୋର୍ଟ ବ୍ରହ୍ମପୁର ଉପକଣ୍ଠରେ ନିର୍ମିତ ହୋଇପାରିବ। ଏହା ଦ୍ୱାରା ଭାରତୀୟ ବିରଳ ମୃତ୍ତିକା, ଗୋପାଳପୁର ପୋର୍ଟ ଲିମିଟେଡ୍, ଗୋଳାବନ୍ଧ ଏୟାରଡିଫେନ୍ସ କଲେଜ, ଟାଟା ଇଣ୍ଡଷ୍ଟ୍ରିଆଲ୍ ପାର୍କ, ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ବଡ଼ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ସହ ସାଧାରଣ ନାଗରିକ ମଧ୍ୟ ଉପକୃତ ହୋଇପାରିବେ ବୋଲି ଦାବିପତ୍ରରେ ଦର୍ଶାଯାଇଛି ।



ବିକାଶ ମଞ୍ଚର କର୍ମକର୍ତ୍ତାମାନେ ଦାବିପତ୍ର ପ୍ରଦାନ କରିବାକୁ ଯାଉଛନ୍ତି ।

### ବ୍ରହ୍ମପୁରରେ ବିଶ୍ୱ କର୍କଟ ଦିବସ ପାଳିତ
# ସଅଳ ଚିହ୍ନଟ, ଶୀଘ୍ର ଚିକିତ୍ସାକୁ ଗୁରୁତ୍ୱ

ବ୍ରହ୍ମପୁର ଅଫିସ୍,୪।୨

ବ୍ରହ୍ମପୁର ସହରର ବିଭିନ୍ନ ସ୍ଥାନରେ ସୋମବାର ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଭାସମିତି ଏବଂ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ବିଶ୍ୱରେ ଯେଭଳି ଭାବେ କର୍କଟ ରୋଗୀଙ୍କ ସଂଖ୍ୟା ବଢୁଛି, ତାକୁ ନେଇ ଚିନ୍ତାପ୍ରକଟ କରାଯାଇଥିଲା । ସଅଳ ଚିହ୍ନଟ ଏବଂ ଶୀଘ୍ର ଚିକିତ୍ସା ଦ୍ୱାରା କର୍କଟ ରୋଗରୁ ମୁକ୍ତି ମିଳିପାରିବ ବୋଲି ବକ୍ତାମାନେ କହିଥିଲେ ।

ସକାଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଆଇଇସି ହଲ୍‌ରେ ବିଶ୍ୱ କର୍କଟ ଦିବସ ପାଳନ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଦାନନ୍ଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ତରଫରୁ କର୍କଟ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି ଏବଂ ରୋଗ ନିରାକରଣ ଦିଗରେ କ'ଣ ପଦକ୍ଷେପ ନିଆଯାଇଛି, ସେ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖକର୍କଟ ଏବଂ ସ୍ତନକର୍କଟ ରୋଗୀଙ୍କ ସଂଖ୍ୟା ଗଞ୍ଜାମରେ ଅଧିକ। ଏହା ଏକ ଅଣସଂକ୍ରାମକ ରୋଗ। ଜନସଂଖ୍ୟା ଅନୁଯାୟୀ ସର୍ଭେ କରାଯାଇ ରୋଗୀଙ୍କ ସଂଖ୍ୟା ଗଣତି କରାଯାଉଛି। ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ସେମାନଙ୍କଠାରୁ ନମୁନା ସଂଗ୍ରହ କରାଯାଉଛି। ଚିକିତ୍ସା ସେବା ଯୋଗାଇ ଦେବା ଦିଗରେ ପଦକ୍ଷେପ ନିଆଯାଉଛି। ସିଟି ହସ୍‌ପିଟାଲ୍‌ରେ କେମୋଥେରାପି ୟୁନିଟ୍ ପୁନଃ କାର୍ଯ୍ୟକ୍ଷମ ହୋଇଛି। ପୂର୍ବରୁ ତାଲିମପ୍ରାପ୍ତ ଡାକ୍ତର ବଦଳି ହେବା ପରେ ଚିକିତ୍ସା ବନ୍ଦ ଥିଲା। ବର୍ତ୍ତମାନ ସରକାରଙ୍କ ତରଫରୁ ଆଉ ଜଣେ ତାଲିମପ୍ରାପ୍ତ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ରରୁ ଲିଖିତ ଅନୁମତି ମିଳିଥିଲେ ହିଁ ଏଠାରେ କେମୋ ଥେରାପି ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ମ୍ୟାଲେରିଆ ଅଧିକାରୀ ଡା. ଆର୍. ଜଗଦୀଶ ପଟ୍ଟନାୟକ ଏବଂ ଅଣସଂକ୍ରାମକ ରୋଗ ପ୍ରକୋଷ୍ଠ ବହୁଜନ ବ୍ୟାଧି ନିୟନ୍ତ୍ରକ ଡା. ଅଶୋକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ସେହିଭଳି ଏମ୍‌କେସିଜି ମେଡିକାଲ କଲେଜ କେନ୍ଦ୍ରୀୟ ପାଠାଗାରରେ ଶଲ୍ୟ ଚିକିତ୍ସା ବିଭାଗ ତରଫରୁ ଏକ ସଭା ଆୟୋଜନ କରାଯାଇଥିଲା। ଶଲ୍ୟ ଚିକିତ୍ସା ବିଭାଗ ମୁଖ୍ୟ ଡା. ରସାନନ୍ଦ ମଙ୍ଗୁଆଳ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଦାନନ୍ଦ ମିଶ୍ର, ନର୍ସିଂ କଲେଜ ଅଧକ୍ଷା ରାଜଲକ୍ଷ୍ମୀ ମିଶ୍ର, କର୍କଟରୋଗ ବିଶେଷଜ୍ଞ ଡା. ଶିବ ପ୍ରସାଦ ପଟ୍ଟନାୟକ ଏବଂ ଶଲ୍ୟ ବିଶେଷଜ୍ଞ ଡା. ଏନ୍.ଏସ୍. ପାଢୀ ପ୍ରମୁଖ ଯୋଗ ଦେଇଥିଲେ। ବଡ଼ ମେଡ଼ିକାଲ୍‌ରେ ରୋଗୀଙ୍କ ସଂଖ୍ୟା ବଢୁଥିଲେ ମଧ୍ୟ ଏଠାରେ ଚିକିତ୍ସା ସୁବିଧା ନାହିଁ। ୨୦୧୭-୧୮ ରେ ରଞ୍ଜନ ରଶ୍ମି ବିଭାଗ ଆଞ୍ଚଳିକ ନିର୍ଣ୍ଣାୟକ କେନ୍ଦ୍ରରେ ୫୮୧ ରୋଗୀ ଭର୍ତ୍ତି ହୋଇଥିଲେ। ୨୦୧୮ ଏପ୍ରିଲ୍‌ରୁ ଜାନୁୟାରୀ ସୁଦ୍ଧା ୮୩୬ ରୋଗୀ ଭର୍ତ୍ତି ହେଲେଣି । ଅନ୍ୟପଟେ ବହିର୍ବିଭାଗରେ ମଧ୍ୟ ରୋଗୀଙ୍କ ସଂଖ୍ୟା ବଢୁଛି। ସରକାର ତୁରନ୍ତ ଏଦିଗରେ ଧ୍ୟାନ ଦେଇ ବିଭାଗରେ ଥିବା ଅଭାବ ଅସୁବିଧା ଦୂର କରିବା ଆବଶ୍ୟକ ବୋଲି ଆଲୋଚନା କରାଯାଇଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆକଳନ ଅନୁଯାୟୀ ଭାରତରେ ମହିଳାମାନଙ୍କ କ୍ଷେତ୍ରରେ କର୍କଟ ରୋଗ ଅଧିକ ଦେଖା ଦେଇଥାଏ। ସ୍ତନ କର୍କଟ ରୋଗୀଙ୍କ ସଂଖ୍ୟା ୩୯.୧ପ୍ରତିଶତ ବଢ଼ିଛି । ପୁରୁଷମାନଙ୍କୁ ହେଉଥିବା ସର୍ବାଧିକ ପାଞ୍ଚଟି କର୍କଟ ରୋଗ ହେଲା ଓଠ, ପାକସ୍ଥଳୀ, ଅନ୍ତଃନଳୀ, ମଳଦ୍ୱାର ଏବଂ କଣ୍ଠ। ସେହିଭଳି ମହିଳାଙ୍କୁ ଦେଖା ଦେଉଥିବା କର୍କଟ ରୋଗଗୁଡ଼ିକ ହେଲା ସ୍ତନ, ଜରାୟୁ, ମୁଖଗହ୍ୱର, ଅନ୍ତଃନଳୀ, ମଳଦ୍ୱାର, ଡିମ୍ବାଶୟ, ଓଠ ଏବଂ ମୁଖଗହ୍ୱର। ଏସମସ୍ତ ରୋଗର ପ୍ରତିଶେଧକ ରହିଛି। ପ୍ରଥମାବସ୍ଥାରୁ ଚିକିତ୍ସା ଆବଶ୍ୟକ ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ କର୍କଟ ସହ ଲଢ଼ି ସଫଳ ହୋଇଥିବା ୧୦ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

କ୍ରାନ୍ତି ଅନୁଷ୍ଠାନ ତରଫରୁ ମହାମାୟୀ ମହିଳା ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍‌ର ମିଳିତ ସହଯୋଗରେ ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା. କୃଷ୍ଣଚନ୍ଦ୍ର ପାଢ଼ୀ ଏବଂ ନିର୍ଦ୍ଦେଶିକା ଡା. ନୀଳାଙ୍ଗିନୀ ଗୋଖେଲ୍ ପାଢ଼ୀ, କ୍ରାନ୍ତି ଅନୁଷ୍ଠାନ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଡ. ଦେବାନନ୍ଦ ଦାଶ ଏବଂ ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ସ୍ୱର୍ଣ୍ଣଲତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କର୍କଟ ରୋଗ ବିଷୟରେ ଛାତ୍ରୀମାନଙ୍କୁ ବୁଝାଇଥିଲେ। ଡା ନୀଳାଙ୍ଗିନୀ ପାଢ଼ୀ, ସର୍ଭାଇଭଲ୍ କର୍କଟ ରୋଗ ଓ ସ୍ତନ କର୍କଟ ରୋଗ ବିଷୟରେ ବିଶେଷ ରୂପେ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଡା. କୃଷ୍ଣଚନ୍ଦ୍ର ପାଢ଼ୀ କର୍କଟ ରୋଗର ଚିକିତ୍ସା ବର୍ତ୍ତମାନ ଟୀକା ମାଧ୍ୟମରେ ନିୟନ୍ତ୍ରଣ ହୋଇପାରୁଛି ବୋଲି ପରାମର୍ଶ ଦେଇଥିଲେ। ଡ. ରମେଶଚନ୍ଦ୍ର ପ୍ରଧାନ, ଡ. ବସନ୍ତ କୁମାର ଆଚାରୀ, ଡ. ସୁବ୍ରତ ପଣ୍ଡା, ଆଶାରାଣୀ ପଣ୍ଡା, ଜି. ଭି. ରାମଣା ଓ କ୍ରାନ୍ତି ଅନୁଷ୍ଠାନର ନିର୍ମଳା ଦାଶ, ଦେବରାଜ ରାଉତ, କୃଷ୍ଣଚନ୍ଦ୍ର ଚୌଧୁରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଏନ୍‌ଏସ୍‌ଏସ୍ ଅଫିସର ସମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିଭଳି ଗୁରୁନାନକ ପବ୍ଲିକ ସ୍କୁଲ ତରଫରୁ କର୍କଟ ଦିବସ ଅବସରରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସରିତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ଲାକାର୍ଡ଼ ମାଧ୍ୟମରେ ଛାତ୍ରୀଛାତ୍ରମାନେ ରୋଗର କାରଣ ଏବଂ ନିରାକରଣ ସମ୍ପର୍କରେ ସଚେତନ କରିଥିଲେ । ତମାଖୁ ବର୍ଜନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା ।


କର୍କଟ ସଚେତନତା ସଭାରେ ଉପସ୍ଥିତ ଛାତ୍ରୀମାନେ ।

# ଜନଜାତି ମହୋତ୍ସବ ଉଦ୍‌ଯାପିତ


ନାଚ, ଗୀତରେ ସାମିଲ ହୋଇଥିବା ଲୋକେ।

**ଖଜୁରିପଡ଼ା,୪।୨(ଡି.ଏନ୍.ଏ.)**

ଖଜୁରିପଡ଼ା ବ୍ଲକ ହେଡକ୍ୱାର୍ଟର ହାଇସ୍କୁଲ ଖେଳପଡ଼ିଆରେ ୨ ଓ ୩ ତାରିଖରେ ଆୟୋଜିତ ହୋଇଥିବା ବ୍ଲକ ସ୍ତରୀୟ ଜନଜାତି ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଯୋଜନା ପକ୍ଷରୁ ଆୟୋଜିତ ହୋଇଥିବା ବେଳେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରିୟବ୍ରତ ନାଏକ ପରିଚାଳନା କରିଥିଲେ। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଜନ ମଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର କହଁର, ଉନ୍ନୟନ ପରିଷଦର ସଦସ୍ୟ ସ୍ୱର୍ଣ୍ଣଲତା କହଁର, ବିଡିଓ ରବିନାରାୟଣ ଜେଠୀ ପ୍ରମୁଖ ଯୋଗଦେଇ ଏକ ମଶାଲ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଉତ୍ସବରେ ଜନଜାତିଙ୍କର ସାଂସ୍କୃତି, ପରମ୍ପରା, ନୃତ୍ୟ, ସଙ୍ଗୀତ ପ୍ରଦର୍ଶିତ କରାଯାଇଥିଲା। ଏଥିରେ ୧୪ ପଞ୍ଚାୟତର ଲୋକମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ୨୧ଟି ଦଳ ସେମାନଙ୍କ ବ୍ୟବସାୟୀକ ଦ୍ରବ୍ୟକୁ ପ୍ରଦର୍ଶନ କରିଥିଲେ। ଏଥିରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ସରକାରଙ୍କ ତୃତୀୟ ପର୍ଯ୍ୟାୟ ପିଠା କାର୍ଯ୍ୟକ୍ରମରେ ପୁରସ୍କୃତ କରିବା ପାଇଁ ସ୍ଥିର ହୋଇଛି। ଜନଜାତିଙ୍କ ସଂସ୍କୃତି, ପରମ୍ପରାକୁ ବଜାୟ ରଖିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି କୁହାଯାଇଛି।

# ବିଡିଓଙ୍କୁ ଦାବିପତ୍ର ଦେଲେ କଳାକାର

**ଭଞ୍ଜନଗର,୪।୨(ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ଯୋଜନା ଲାଗୁ ପରେ ଭଞ୍ଜନଗର ରାଜସ୍ୱ ଉପଖଣ୍ଡର ଅନେକ ଯୋଗ୍ୟ କଳାକାର ମାସିକ ୧୨ଶହ ଟଙ୍କା ଭତ୍ତା ପାଉଛନ୍ତି। କିନ୍ତୁ କିଛି କଳାକାର ସରକାରଙ୍କ ଏହି ଯୋଜନା ସମ୍ପର୍କରେ ଜାଣିପାରି ନ ଥିବା ବେଳେ ଅନେକ ଭତ୍ତା ଆବେଦନ ପାଇଁ ଆବଶ୍ୟକ ପ୍ରମାଣପତ୍ର ଯୋଗାଡ଼ କରିବାରେ ବିଫଳ ହେବାରୁ କଳାକାର ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। କେତେକ କଳାକାର କାଗଜପତ୍ର ଯୋଗାଡ଼ କରିବାରେ ସକ୍ଷମ ହୋଇଥିଲେ ମଧ୍ୟ ଅଧିକାରୀମାନେ ଭତ୍ତା ଆବେଦନପତ୍ର ଗ୍ରହଣ କରୁନାହାନ୍ତି। ଏ ନେଇ ସୋମବାର ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ଭଞ୍ଜନଗର ବ୍ଲକ ସମେତ ଉପଖଣ୍ଡର କଳାକାରମାନେ ସ୍ଥାନୀୟ ବିଡିଓ ଅନିଲ କୁମାର ସେଠୀଙ୍କୁ ଭେଟି ନିଜର ସମସ୍ୟା ଜଣାଇ ଭତ୍ତା ପ୍ରଦାନ ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।


ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବିଡିଓ କଳାକାରମାନଙ୍କୁ ଯୋଜନାରେ ସାମିଲ ପାଇଁ ଆଶ୍ୱାସନା ଦେଇଛନ୍ତି। କଳାକାର ରାମେଶ୍ୱର ସାହୁ, ରବି ଦାସ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ବିଡିଓ ସେଠୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, କଳାକାର ଭତ୍ତା ପ୍ରଦାନ ନିୟମରେ କିଛିଟା ସଂଶୋଧନ ପାଇଁ ଯୋଜନା ଚାଲିଛି, ଏହା ହେଲେ ସମସ୍ତ ଯୋଗ୍ୟ କଳାକାର ଭତ୍ତା ପାଇପାରିବେ। ଆଗାମୀ ଦିନରେ ଭଞ୍ଜନଗର ବ୍ଲକର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରିବା ପାଇଁ ପ୍ରଚେଷ୍ଟା ଚାଲିଛି।

# ସମ୍ବର୍ଦ୍ଧିତ ହେଲେ ଶିଶୁ କନ୍ୟାଙ୍କ ମା'

**ଛତ୍ରପୁର,୪।୨(ଡି.ଏନ.ଏ.)**

ଛତ୍ରପୁର ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ସୋମବାର ବିଜୁ କନ୍ୟା ରତ୍ନ ଯୋଜନା ସମ୍ବନ୍ଧୀୟ ବ୍ଲକସ୍ତରୀୟ ମିନି ମାରାଥନ ହୋଇଥିଲା । ଏଥିସହ ବିଜୁ ପଟ୍ଟନାୟକ ଛକରୁ ଏକ ରାଲି ବାହାରି ସିଡିପିଓ ଅଫିସକୁ ଯାଇଥିଲା । ସେଠାରେ ଆୟୋଜିତ ଏକ ସଭାରେ ଜିଲା ପରିଷଦ ସଭାପତି ସୁବାସ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କନ୍ୟା ଶିଶୁ ଜନ୍ମ ହ୍ରାସ ପାଉଛି, ତେଣୁ କନ୍ୟାକୁ ରତ୍ନ ଭାବିଲେ ଏହି ଚିତ୍ରରେ ପରିବର୍ତ୍ତନ ଆସିବ ବୋଲି କହିଥିଲେ। ଗଞ୍ଜାମ ଜିଲାରେ ୧ ହଜାର ପୁରୁଷ ତୁଳନାରେ ୯୦୦ ମହିଳା ଅଛନ୍ତି। ଏହାର ପୁନଃ ସର୍ଭେ କରିବାକୁ ସିଡିପିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିରିକ୍ତ ଜିଲାପାଳ କବୀନ୍ଦ୍ର ସାହୁ କହିଥିଲେ। ୨ ବର୍ଷ ମଧ୍ୟରେ ମହିଳା, ପୁରୁଷ ସଂଖ୍ୟା ସମାନ ରଖିବାକୁ ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ମାନସିକତାରେ ପରିବର୍ତ୍ତନ ଆବଶ୍ୟକ ବୋଲି ଛତ୍ରପୁର ବ୍ଲକ ଅଧ୍ୟକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ ମତବ୍ୟକ୍ତ କରିଥିଲେ । ଅଗସ୍ତିନୂଆଗାଁ, ବିପୁଲିଙ୍ଗି ଓ ଆର୍ଯ୍ୟପଲ୍ଲୀରେ ଶିଶୁକନ୍ୟା ସଂଖ୍ୟା କମ୍ ଥିବାରୁ ସେଠାରେ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ସିଡିପିଓ କ୍ରିଷ୍ଣା କୁମାରୀ ନନ୍ଦ କହିଥିଲେ । ବ୍ଲକ ଉପାଧ୍ୟକ୍ଷା ଅମିତା ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ରେଡ୍ଡୀ, ତହସିଲଦାର ନୀଳମାଧବ ଭୋଇ, ଏବିଡିଓ ନୃସିଂହ ଚରଣ ମିଶ୍ର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମିନିମାରାଥନରେ ରିକାପଲ୍ଲୀ ଉଚ୍ଚପ୍ରାଥମିକ ସ୍କୁଲର ଏନ୍. ଲକ୍ଷ୍ମୀ ରେଡ୍ଡୀ ପ୍ରଥମ, ବାଳିକା ହାଇସ୍କୁଲର ଜ୍ୟୋତିସ୍ମିତା ରଇତ ଦ୍ୱିତୀୟ ଓ ରିକାପଲ୍ଲୀ ଉଚ୍ଚପ୍ରାଥମିକ ସ୍କୁଲର ରମା ପ୍ରଧାନ ତୃତୀୟ ହୋଇ ପୁରସ୍କୃତ ହୋଇଥିଲେ । ଏହି ଅବସରରେ କନ୍ୟା ସନ୍ତାନ ଜନ୍ମ ଦେଇଥିବା ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲା ପରିଷଦ ସଭାପତି ଏବଂ ଅନ୍ୟମାନେ।

# ବିଜେଡିର ପଞ୍ଚାୟତସ୍ତରୀୟ ୱାର୍ଡ କମିଟି ବୈଠକ

**କୋଟଗଡ, ୪।୨**

କୋଟଗଡ ବ୍ଲକ ସୁବର୍ଣ୍ଣଗିରି ପଞ୍ଚାୟତ ଲୁଦୁଠାରେ ସୋମବାର ବିଜେଡିର ପଞ୍ଚାୟତସ୍ତରୀୟ ୱାର୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ବିଜେଡି ସଭାପତି ବାଲେଶ୍ୱର ନାୟକ ସଭାପତିତ୍ୱ କରିଥିଲେ । ପର୍ଯ୍ୟବେକ୍ଷକ ଦୁର୍ଗା ପ୍ରସାଦ ପଣ୍ଡା, ବ୍ଲକ ଅଧ୍ୟକ୍ଷ ସବିତା ମଲ୍ଲିକ, ଏମ୍‌ପି ପ୍ରତିନିଧି ମନୋଜ କୁମାର ସାବତ, ଜିଲା ସମ୍ପାଦକ ସରୋଜ ବଳିଆର ସିଂ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷ ସୁରେଖା ପାଟମାଝି, ବିଧାୟକ ପ୍ରତିନିଧି ପରାସର ପାଟମାଝି ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ । ବୈଠକରେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋଚନା କରାଯିବା ସହ ପ୍ରତ୍ୟେକ ଲୋକ ଯେପରି ସବୁ ଯୋଜନା ବିଷୟରେ ଜାଣିବେ ସେ ନେଇ ୱାର୍ଡ କମିଟି କାମ କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ଯୁବାଗୁଡା ପଞ୍ଚାୟତର ୨୦୦ ପରିବାର କଂଗ୍ରେସ ଏବଂ କହମଗୁଡା ଗ୍ରାମର ୨୦ ପରିବାର ଭାଜପା ଛାଡି ବିଜେଡିରେ ମିଶିଥିଲେ । ବୈଠକରେ ୯ ପଞ୍ଚାୟତର ୱାର୍ଡ କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ୫୩ନଂ. ଜୋନ୍ ବୁଥ୍‌ସ୍ତରୀୟ କର୍ମକର୍ତ୍ତା ବୈଠକ

**କନିଷି,୪।୨(ଡି.ଏନ.ଏ.)**

ଗୋପାଳପୁର ନିର୍ବାଚନ ମଣ୍ଡଳୀ ରଙ୍ଗେଇଲୁଣ୍ଡା ବ୍ଲକ କଂଗ୍ରେସ ପାର୍ଟି ପକ୍ଷରୁ ସୋମବାର ରଙ୍ଗିପୁର ପଞ୍ଚାୟତ ରାଳବ ଗ୍ରାମସ୍ଥିତ ମା' କାଳୁଆ ମନ୍ଦିର ପ୍ରାଙ୍ଗଣରେ ୫୩ନଂ. ଜୋନ ବୁଥସ୍ତରୀୟ କର୍ମକର୍ତ୍ତା ବୈଠକ ଧୀରେନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୧୧ଟି ପଞ୍ଚାୟତର କର୍ମକର୍ତ୍ତା, ଯୁବ କଂଗ୍ରେସ ନେତାମାନେ ଯୋଗଦେଇ ରାଜ୍ୟରେ ୧୯ ବର୍ଷରେ ବହୁ ଦୁର୍ନୀତି ହୋଇଛି ବୋଲି କହିବା ସହ କଂଗ୍ରେସ କିପରି ବିଜୟ ହାସଲ ସହ ସରକାର ଗଠନ ହେବ ସେ ନେଇ ଆଲୋଚନା କରାଯାଇଥିଲା। ଜିଲା ସାଧାରଣ ସମ୍ପାଦକ ଏସ. ଧର୍ମା ରେଡ୍ଡୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଗୋପାଳପୁର ନିର୍ବାଚନ ମଣ୍ଡଳୀର ବରିଷ୍ଠ ନେତା ଗୋକୁଳ ଚନ୍ଦ୍ର କର, କେଦାର ନାଥ ସାମନ୍ତରାୟ, ଗଣେଶ ସାହୁ, ଉମାକାନ୍ତ ସାସମଲ, ଏସ. ମୋହନ ରେଡ୍ଡୀ, ହରିହର ପାତ୍ର, ସୁନୀଲ ସାହୁ, ଡମ୍ବୁରୁ ରଣା, ବାଳକୃଷ୍ଣ ନାୟକ, ସୁଦର୍ଶନ ମଲଣା, ଏମ. ମଧୁ, ସୁଦାମ ଦଳେଇ, ଗୋବିନ୍ଦ ପାତ୍ର, ଗଣେଶ ମଲଣା, ବିନୋଦ ଦାସ, ପାପା ରାଓ, ବାଲ୍ମୀକି ଦଳେଇ, କାର୍ତ୍ତିକ ନାୟକଙ୍କ ସମେତ ଶତାଧିକ ନେତା ଓ କର୍ମୀ ଯୋଗ ଦେଇଥିଲେ।

# ବିଜୁ କନ୍ୟାରତ୍ନ ଯୋଜନା ସଚେତନତା, ମିନି ମାରାଥନ


**ଧରାକୋଟ,୪।୨(ଡି.ଏନ୍.ଏ.)**

ଧରାକୋଟ କାର୍ଯ୍ୟାଳୟ ସଭାଗୃହ ପରିସରରେ ବିଜୁ କନ୍ୟାରତ୍ନ ଯୋଜନାର ଏକ ସଚେତନତା ସଭା ସିଡିପିଓ ସରୋଜ ବାଳା ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଡିଓ ରବିନାରାୟଣ ତ୍ରିପାଠୀ ମୁଖ୍ୟ ଅତିଥି, ଅଧ୍ୟାପକ ଲଡୁକିଶୋର ବେହେରା ସମ୍ମାନୀତ ଅତିଥି, ସୁପରଭାଇଜର ସବିତା ସାବତ, ସଂଯୁକ୍ତା ପ୍ରଧାନ ପ୍ରମୁଖ ଯୋଗଦେଇ କନ୍ୟାଭ୍ରୁଣ ହତ୍ୟା, ବେଆଇନ କନ୍ୟା ଚାଲାଣ ରୋକିବା, ନାରୀ ଶିକ୍ଷାର ପ୍ରସାର, ବାଲ୍ୟବିବାହ ବନ୍ଦ ଆଦି ଉପରେ ଆଲୋଚନା କରିଥିଲେ। ଏଥିସହ ଜନସାଧାରଣଙ୍କ ମନର ସଚେତନତା ସୃଷ୍ଟି ପାଇଁ ବ୍ଲକ କାର୍ଯ୍ୟାଳୟରୁ ଏକ ମିନିମାରାଥନ ବାହାରି ସମଗ୍ର ଗ୍ରାମରେ ପରିକ୍ରମା କରି ଏକ ପଥପ୍ରାନ୍ତ ସଭା ହୋଇଥିଲା। ଏହାକୁ ସିଡିପିଓ ଶୁଭାରମ୍ଭ କରିଥିଲେ।

# ସତ୍ୟସାଇ ବିଦ୍ୟାବିହାର ବାର୍ଷିକୋତ୍ସବ

**ଭଞ୍ଜନଗର,୪।୨(ଡି.ଏନ.ଏ.)**

ଭଞ୍ଜନଗର ଶ୍ରୀସତ୍ୟସାଇ ବିଦ୍ୟାବିହାରର ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିଲାଗି ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ସଭାପତି ବିବେକାନନ୍ଦ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ପ୍ରକାଶ ଚନ୍ଦ୍ର ଆଳତିଆ ବାର୍ଷିକ ବିବରଣୀ ପାଠ କରିଥିଲେ। ସତ୍ୟସାଇ ସେବା ସଙ୍ଗଠନ ଗଞ୍ଜାମ ୨ ସଭାପତି ପ୍ରତାପ ସ୍ୱାଇଁ, ବାଳ ବିକାଶ ରାଜ୍ୟ ଯୁଗ୍ମ ସଂଯୋଜକ ଅମିୟ ରଞ୍ଜନ କାନୁନ୍‌ଗୋ, ସାବିତ୍ରୀ ମହିଳା କଲେଜ ଅଧ୍ୟକ୍ଷା ଶାନ୍ତି କୁମାରୀ ଉପାଧ୍ୟାୟ, ପି. ସ୍ୱରାଜ୍ୟ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପ୍ରଧାନ ଶିକ୍ଷକ ଗୋକୁଳାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



## ସଂକ୍ଷେପରେ

### ବିଦ୍ୟାଳୟର ବାର୍ଷିକୋତ୍ସବ

ବୁଗୁଡ଼ା,୪।୨(ଡି.ଏନ.ଏ.)-ବୁଗୁଡ଼ା ବ୍ଲକ ରାମଣ୍ଡାଠାରେ ଥିବା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପାଣ୍ଡବ ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରମୋଦ ଚନ୍ଦ୍ର ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସିଆରସିସି ରାଜ କିଶୋର ଦାଶ, ସମ୍ମାନିତ ଅତିଥି ରୂପେ କମଳାକାନ୍ତ ଚମ୍ପତିରାୟ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଧାନ ଶିକ୍ଷକ ବଂଶୀଧର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସହକାରୀ ଶିକ୍ଷକ କାଳି ଚରଣ ଆଚାର୍ଯ୍ୟ, ପ୍ରଶାନ୍ତ ପ୍ରଧାନ, ପ୍ରକାଶ ଦାଶ ପ୍ରମୁଖ ସହଯୋଗ କରିଥିଲେ।

# ଗ୍ରାମାଞ୍ଚଳ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଜି.ଉଦୟଗିରି, ୪।୨ (ଡି.ଏନ.ଏ.)

ଜି.ଉଦୟଗିରି ନିକଟସ୍ଥ ସାରଙ୍ଗଗଡ଼ ହାଇସ୍କୁଲ ପଡ଼ିଆରେ ସୀମାଞ୍ଚଳ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଗ୍ରାମାଞ୍ଚଳରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ୧୨ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତା ପ୍ରଥମେ ଲିଗ୍ ପର୍ଯ୍ୟାୟ ଖେଳ ପରେ ନକଆଉଟ୍ ପର୍ଯ୍ୟାୟ ଖେଳ ମିଶି ୧୫ ଦିନ ପର୍ଯ୍ୟନ୍ତ ହେବ ବୋଲି ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ମାଦିଗୁଡ଼ା ଏବଂ ମଗଡ଼ିଙ୍ଗିଆ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଉଦ୍‌ଘାଟନୀ ମ୍ୟାଚ୍‌ରେ ମଗଡ଼ିଙ୍ଗିଆ ଦଳ ବିଜୟୀ ହୋଇଛି। ଉଦ୍‌ଘାଟନୀରେ ପରିଚାଳନା କମିଟି ସଭାପତି ରାକେଶ କୁମାର କୋଠଦଳେଇ, ଉପସଭାପତି ଦଣ୍ଡୁଆ ପାତ୍ର, ସହ ସମ୍ପାଦକ ଅଶ୍ୱିନୀ କୁମାର ପାତ୍ର, ବରିଷ୍ଠ ସଭ୍ୟ କୁମାର କୋଠଦଳେଇ, ଗୋବିନ୍ଦ ବିଷୋୟୀ, ଅମିତ କୁମାର ବିଷୋୟୀ ପ୍ରମୁଖ ମଞ୍ଚାସୀନ ଥିଲେ। ମ୍ୟାଚରେ ମେଜର ଧ୍ୟାନଚାନ୍ଦ ସ୍ପୋର୍ଟସ ଏଣ୍ଡ ଗେମସ୍ ଏକାଡେମୀର ସମ୍ପାଦକ ମହମ୍ମଦ ଜିଆଉଦ୍ଦିନ ଅହମ୍ମଦ ଟୁର୍ଣ୍ଣାମେଣ୍ଟର ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ।


ଉପସ୍ଥିତ ଖେଳାଳି।

# ଅଙ୍ଗନୱାଡ଼ି କର୍ମୀ ସଂଘର ବିକ୍ଷୋଭ

ପାରଳାଖେମୁଣ୍ଡି, ୪।୨(ସ୍ୱ.ପ୍ର.)

ଗଜପତି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଅଙ୍ଗନୱାଡ଼ି କର୍ମୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଭିନ୍ନ ଜିଲାର ୬ଜଣ ଅଙ୍ଗନୱାଡ଼ି କର୍ମୀଙ୍କୁ ଆକ୍ରୋଶମୂଳକ ଭାବେ ବହିଷ୍କୃତ କରାଯାଇଥିବା ସଂଘ ଅଭିଯୋଗ ଆଣିଛି। ଏହି କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ପ୍ରାୟ ୧ହଜାର ଅଙ୍ଗନୱାଡ଼ିକର୍ମୀ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

---

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RURAL WORKS DIVISION, KESINGA**
E-mail : eerwkesinga@yahoo.com

**E-PROCUREMENT NOTICE**
**Cancel to Identification No. EERWKSNG-online-03/2018-19**
No. 238/dated : 30.01.19

No. 1540-O: The bid Identification No : EERWKSNG-online : 03/2018-19 is here by cancelled due to unavoidable circumstances.

**Sd./- Executive Engineer,**
25153/11/0006/1819 **Rural Works Division, Kesinga**

---

**BHUBANESWAR MUNICIPAL CORPORATION**

**Notice No : 4566** **Dt.04.02.2019**

**NOTICE INVITING EXPRESSION OF INTEREST (EOI)**

Sealed Proposal are invited for **"EOI FOR EMPAMNELMENT OF AGENCIES/INDIVIDUAL UNDER BHUBANESWAR MUNICIPAL CORPORATION FOR DE-SILTING OF DRAIN/OTHER WORKS THROUGH EXCAVATORS"** in conformity with the Terms & Conditions of the EOI document in from intending applicants. Please refer to Website www.bmc.gov.in for complete details and downloading the Document. The Last date & time of submission of proposal is **25.02.2019 till 3:30 PM.**

For any queries please contact bmcpmu@bmc.gov.in

By Order,
Sd/-
Executive Engineer (Drainage)
Bhubaneswar Municipal Corporation

Progress Through Partnership for a Better Bhubaneswar

---

**GOVERNMENT OF ODISHA**
**ELECTRONICS & INFORMATION TECHNOLOGY DEPARTMENT**

**Letter No. 307 / EIT** **Dated 01.02.19**
**EIT-OE-ESTT-0008-2016** **Bhubaneswar**

**No.09-U:-** Sealed Quotations/Tenders are invited within 7 days from the publication of the notice from interested reputed Travel Agencies/Tour Operators or Private individuals for supply of one A/C Swift Dzire (Petrol/Diesel) vehicle and one Non A/c Indica or equivalent Diesel Car on hiring basis for one year for use of officers of E & IT Department. The details of notice alongwith the terms and condition of hiring may be seen in the website of Government of Odisha in E&IT Department.

**Sd./-**
28001/11/0017/1819 **Deputy Secretary to Government**

---

**DISTRICT PROJECT OFFICE**
**SARVA SHIKSHA ABHIYAN**
**(R.T.E.-S.S.A)**
**SHIKSHA SADAN, KORAPUT - 764020**
**Ph : (06852) - 252421 (Off), 252857 (MIS)**
**E-mail : dpckoraputssa.opepa@nic.in, financekoraput@gmail.com**

ଶିକ୍ଷା ଅଧିକାର

**Letter No. : 312/CW/19 III-CW-236/18 Date : 02.02.2019**

## NOTICE

No. 76-n: In view of Mass Strike by the Staffs of District Project Office, Koraput the Opening Date of Tender Documents notified in Letter No : 173/CW/2019, dtd. 22/01/2019 which is schedule to be held on 05.02.2019 is hereby postponed until further orders. The revised date will be intimated by a fresh notice later on.

**Sd./- District Project Coordinator,**
27035/11/0026/1819 **RTE-SSA, Koraput**

---

**OFFICE OF THE MUNICIPAL COUNCIL : KHORDHA**

**No. 423/** **Dtd.02.02.2019**

No.-458-C **e-Procurement Notice**

**Bid Identification No.KM-06/2018-19**

1. Name of the work for which tender invited - Privatization of sanitation work including collection of solid Waste from door to door in 20 Nos. (Twenty) of Wards of Khordha Municipality area i.e. from ward No. 03 to 22.
2. Estimated cost of work - **Rs.2,68,60,368.00**
3. Eligible Class of Contractor- Intending firms / Service Providers/N.G.Os those are experienced in similar nature of work at least three year and other criteria given in the D.T.C.N.
4. The Bid documents will be available in the website as mentioned below from **05.02.2019 on 11.00 A.M. to 18.02.2019 up to 5.00 P.M.** for online bidding
5. Bid Identification No. KM-06/2018-19.
6. Last date & time of receipt of Bid through online, date **18.02.2019.**
7. Date of receipt of Bid cost & Bid security by **20.02.2019 up to 5.00** P.M.
8. Opening of Bid documents Date **21.02.2019 at 11.30 A.M.**
9. The pre-bid meeting will be held on 11.02.2019 at 11.30 A.M. in the office of the undersigned.
10. The bidder has to participate in online bidding only.

Further details can be seen from the e-procurement portal **http://www.tendersorissa.gov.in**

13082/11/0006/1819 **Sd./- Executive Officer, Khordha Municipality**

---

**GOVERNMENT OF ODISHA,**
**"e"- PROCUREMENT NOTICE**
**Bid Identification No. E.E. GTN(R&B)-10/2018-19**
**No.1215-B:-** **E-mail address: eeghatagaon2015@gmail.com**
**Letter No. 253** **dt. 30.01.2019**

| | | | |
|---|---|---|---|
| 1. | Name of the work | : | Civil Work |
| 2. | Numbers of work | : | 01 (One) |
| 3. | Estimated cost | : | Rs24.96 Lakhs |
| 4. | Period of completion | : | 6 (Six) Months |
| 5. | Date & Time of availability of bid document in the portal | : | From 11.45 A.M of dt 08.02.2019 to 04.00 P.M of dt 16.02.2019 |
| 6. | Last Date/ Time for receipt of bids in the portal | : | 04.00 P.M of dt 16.02.2019 |
| 7. | Date of opening of Bid | : | 11.30 A.M of dt 18.02.2019 |
| 8. | Name and address of the officer inviting Bid | : | Ashok Kumar Giri Executive Engineer, Ghatagaon (R&B) Division |

Further details can be seen from the e-procurement portal https://tendersodisha.gov.in.

**Sd./-**
**A.K. Giri dt.30.01.2019**
**Executive Engineer,**
34140/11/0013/1819 **Ghatagaon(R&B)Division**

---

**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BERHAMPUR**
**(At:- Ambapua, Po:- Engineering School Near Income Tax Office, Berhampur-760011)**
**E-Mail:- serwbpr2004@yahoo.com**
**Tel/FAX:- 0680-2404287**

**E-Mail / E-Despatch**
**No. E-Tender // 556 // RWC// BAM // Dated. 01.02.2019**

**Corrigendum to Bid identification No. Online Tender/34-2018-19/BPR**

No. 1580-O: Due to un-avoidable circumstances, the last date of availability of tender, seeking tender clarification, Opening of Technical Bid & Opening of Financial Bid for Sl No. 01 to 05 of NIT of Annexure in the Bid Identification No. Online Tender/34-2018-19/BPR may be read as follows.

| | | | |
|---|---|---|---|
| 1 | Last date of availability of tender | | 11.02.2019 upto 3.00 PM instead of 05.02.2019 upto 3.00 PM |
| 2 | Last date of seeking tender clarification | | 08.02.2019 upto 2.00 PM instead of 02.02.2019 upto 2.00 PM |
| 3 | Date of opening of Technical Bid. | | 12.02.2019 at 3.00 PM instead of 06.02.2019 at 3.00 PM |
| 4 | Date of opening of Financial Bid | | 18.02.2019 at 11.00 AM instead of 14.02.2019 at 11.00 AM |

All other contents will remain unchanged.

25071/11/0060/1819 **Sd/- Superintending Engineer R.W.Circle, Berhampur**

---

**MAHILA VIKAS SAMABAYA NIGAM**
**(Govt. of Odisha Undertaking)**
**A-1 Block, Ground Floor, ToshaliBhawan, Satya Nagar, Bhubaneswar- 751007, Ph.No.2573023, Tele Fax- 2573024, E-mail-mvsn_bbsr@yahoo.com**
**Ref. /MVSN Dt.**

**TENDER CALL NOTICE**

**No.CAD-1370:-** Sealed Tenders are invited from interested Chartered Accountant Firms empanelled under C&AG and having experience in conducting audit of expenses, to conduct audit of Nutrition Operation Plan (NOP) at district (30) level. The Tender completed in all respect shall be deposited in the office of Managing Director, Mahila Vikas Samabaya Nigam, Toshali Bhawan, A-1 Block, and Ground floor, Satya Nagar, Bhubaneswar-751007 on or before Dt.11.03.2019 by 4 P.M. through Registered Post / Speed Post only. The application form of the Tender containing General Bid information and terms & conditions can be downloaded from the website- www.wcdodisha.gov.in from 05.02.2019 to 11.03.2019. A Tender Fee of Rs.2,000 /-(Rupees two thousand)only and EMD of Rs.25,000/- (Rupees Twenty five thousand) only are to be deposited in shape of Demand Draft as indicated in the Tender Schedule along with the Tender Application for each category at the time of submission of the application. The authority reserves the right to modify/cancel the Tender at any point of time.

**Sd./- MANAGING DIRECTOR**
33003/11/0012/1819 **MAHILA VIKAS SAMABAYA NIGAM**

---

**GOVERNMENT OF ODISHA** **1582-O**
**OFFICE OF THE EXECUTIVE ENGINEER, KALAHANDI RWS&S DIVISION, BHAWANIPATNA**
Email: eerwsskld@nic.in, eerwsskld@gmail.com, Phone No.: 06670-230784

**INVITATION OF BID THROUGH e-TENDERING**
**Bid Identification No. 19/EE/RWSS/2018-19/Bpt, Dated 31.01.2019**

1. Name of the work : As per

**ANNEXURE-A**

| Procurement Officer | Bid Identification No. | Availability of tender online for bidding on office hour only | | Date of opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Kalahandi RWS&S Division, Bhawanipatna | 19/EE/RWSS/ 2018-19/ Bpt Dated 31.01.2019 | 04.02.2019 | 26.02.2019 | 27.02.2019 at 11.30AM onwards |

Cost of tender paper & payment of EMD to be made online payment system.
Further details can be seen from the e-Procurement portal http://tenderodisha.gov.in

25005/11/0035/1819 ***Sd./- Executive Engineer, Kalahandi RWS&S Division, Bhawanipatna***

---

**GOVERNMENT OF ODISHA** **1583-O**
**OFFICE OF THE EXECUTIVE ENGINEER, KALAHANDI RWS&S DIVISION, BHAWANIPATNA**
Email: eerwsskld@nic.in, eerwsskld@gmail.com, Phone No.: 06670-230784

**CANCELLATION OF BID THROUGH e-TENDERING**
**Bid Identification No. 16/EE/RWSS/2018-19/Bpt, Dated 15.01.2019**

1. Name of the work :

| Procurement Officer | Bid Identification No. | Availability of tender online for bidding on office hour only | | Date of opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Kalahandi RWS&S Division, Bhawanipatna | 16/EE/RWSS/ 2018-19/ Bpt Dated 15.01.2019 | 22.01.2019 | 07.02.2019 | 08.02.2019 at 11.30AM onwards |

The Bid Identification No.- 16/EE/RWSS/2018-19/Bpt, Dated 15.01.2019 is hereby cancelled due to Technical error during publishing the tender.

25005/11/0036/1819 ***Sd./- Executive Engineer, Kalahandi RWS&S Division, Bhawanipatna***

---

**ODISHA HYDRO POWER CORPORATION LIMITED**
**OFFICE OF THE SENIOR GENERAL MANAGER (ELECTRICAL), UPPER KOLAB HYDRO ELECTRIC PROJECT, AT/PO: BARINIPUT, DIST: KORAPUT- 764006, PHONE: 06854-242001, FAX: 06854242038,**
**E-mail: sgmel_ukhep@ohpcltd.com, CIN: U40101OR1995SGC003963**

**e-PROCUREMENT NOTICE NO.-UKHEP/ET- 14/2018-19, Dated 31.01.2019**

**No.: CAD-1364:** The Unit Head, Upper Kolab Hydro Electric Project, Bariniput, Koraput, Odisha invites percentage rate bid in Double cover system in ONLINE MODE only from eligible contractors for the works as mentioned below.

| Sl. No. | Name of the work | Approx. Estimated cost (in Rs.) | E.M.D. (In Rs.) (online) | Cost of bid document (online) | Class of Contractor | Availabiliy of Bids online for Bidders | Due date and time of Opening of Technical Bid |
|---|---|---|---|---|---|---|---|
| 1 | Bottom Soil Treatment and Metal spreading at 33KV & 220KV switchyard of UKHEP, Bariniput | 22,28,821/- | 22,300/- (online) | 7080/- (Rs. 7000/- + 18% GST) (online) | "B" & "C" Class having Electrical Licence issued by ELBO. | From 10.00 hrs of 11.02.2019 to 17.00 hrs of 25.02.2019 | At 11.30 hrs. of 28.02.2019 |

1. The Bidders have to participate in ONLINE bidding only through the Govt. e-Procurement portal www.tendersorissa.gov.in by using their compatible Digital Signature Certificate (DSC).
2. Further details like tender specification (DTCN), BOQ and any addendum/ corrigendum/ cancellation of tender can be seen in the same website.

**04002/11/0092/1819** **Sd./- Unit Head, UKHEP, Bariniput**

---

**OFFICE OF THE MUNICIPAL COUNCIL, SUNDARGARH**

**No. 560** **Dt. 04.02.2019**

**COMPETITIVE BIDDING THROUGH e-Procurement NOTICE INVITING TENDER**
**Bid Reference No. SNGM-21/2018-19/Dt. 04.02.2019**

On behalf of the Sundargarh Municipality on-line e-tender Percentage Rate Bids are invited by the Executive Officer, Sundargarh Municipality from the intending and eligible class/ category of bidders in conformity with the Detailed Tender Call Notice for execution of the works mentioned in the DTCN. Contractors validity registered empanelled under Sundargarh Municipality are also eligible to participate for the works as per condition of DTCN.

1. Total No. of works for which Tenders invited : 15 Nos.
2. Place of Execution : Different areas of Sundargarh Municipality.
3. Estimated Cost of Works : Rs. 4,24,710/- to 16,38,700/-.
4. Eligible Class of Contractors : Registered Contractos of Class-'D' to Class-'C' as indicated against each work mentioned in the Tender Call Notice.
5. Intending bidders have to participate through "On-Line" bidding. The website for online bidding is https://www.tendersodisha.gov.in.
6. The bid documents will be available in the above website from 11 AM on 06.02.2019 to 5 PM on 15.02.2019 for online bidding.
7. Bids received online will be opened at 11 AM on 19.02.2019.
8. The bidder must possess valid and compatible Digital Signature Certificate (DSC).
9. The DTCN for 15 Nos. of work shall be available in the e-procurement portal https://www.tendersodisha.gov.in for on-line bidding.

**Sd./- Executive Officer**
**Sundargarh, Municipality**

---

**PANCHAYAT SAMITI, NUAPADA,DIST : NUAPADA**
**BID IDENTIFICATION NO. : PS, NPD / 03/2018-19**
**No. 877 / Dev/ Dtd. 04.02.2019**

The Block Development Officer, Nuapada on behalf of Governor of Odisha invites Percentage Rate bids in single cover system for the construction of works as detailed in the table, from the class of eligible contractors as mentioned in column-5 (five) registered with the State Governments and Contractors of equivalent Grades/ Class Registered with Central Government / MES/ Railways to be eventually drawn up in PWD P-1 Agreement form, for execution of Building / Road Works. The proof of registration from the appropriate authority shall be enclosed along with the Bid. If successful, the bidder who has not registered under state government has to register under the state PWD in appropriate class of eligibility before signing of the agreement. The bidders may submit bids for the following work.

| Sl. No. | Name of the Work | Approximate value of work (Rs in Lakh) | Period of Completion | Class of Contractor | EMD @1% | Cost of bid documents (Non-refundable) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Stage with 2 Nos of Green Rooms and other infrastructure for stage Programme at National High School, Nuapada | 12, 23,444.00 | 4 Months | C & D | 12234.00 | 6000.00 |
| 2 | Improvement of road from Moharadihi to Gastidihi with three Nos of culvert | 10,64,730.00 | 4 months | C & D | 10647.00 | 6000.00 |

1. The sale of the Bid document shall start from Dt. 05.02.2019 and close on Dt. 14.02.2019 at 4.00 P.M. in the office of the undersigned. Bids shall be received by this office up to 5.00 PM on date 14.02.2019 through Registered Post / Speed Post only. The authority will not be held responsible for any postal delay in delivering of the Bid documents or non-receipt of the same.
2. The details Bid documents will also be available in the district website http://nuapada.nic.in from 05.02.2019 to 14.02.2019.
3. Bid documents consisting of plans, specification the schedule of quantities and the set of terms and conditions of contract and other necessary documents can be seen in the office of the undersigned during office hours every day except on Sunday & Public Holidays till last date of sale and receipt of tender papers.
4. The Bid will be opened on Dt. 15.02.2019 at 11.30 AM in the office of the undersigned in the presence of the bidders or their authorized representative.
5. The authority reserves right to reject any or all the bids without assigning any reason thereof.

**Sd./- Block Development Officer, Nuapada**

---

# ୩୦ ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ-୨୦୧୯

**(ତା.୦୪/୦୨/୨୦୧୯ ଠାରୁ ତା.୧୦/୦୨/୨୦୧୯)**

**"ସଡ଼କ ସୁରକ୍ଷା - ଜୀବନ ରକ୍ଷା"**

**ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ତୁରନ୍ତ ଡ଼ାକ୍ତରଖାନା ନିଅନ୍ତୁ - ଆର୍ଥିକ ପୁରସ୍କାର ପାଆନ୍ତୁ**

ମାନ୍ୟବର ସୁପ୍ରିମକୋର୍ଟଙ୍କ ଆଦେଶ ଅନୁଯାୟୀ ରାଜ୍ୟ ସରକାର ସଡ଼କ ଦୁର୍ଘଟଣା ପିଡ଼ିତ ବ୍ୟକ୍ତିଙ୍କୁ ଡ଼ାକ୍ତରଖାନାରେ ଭର୍ତ୍ତି କରୁଥିବା ପରୋପକାରୀ ଭଦ୍ର ବ୍ୟକ୍ତିଙ୍କ ସୁରକ୍ଷା ନିମନ୍ତେ **"Good Samaritan Policy"** ପ୍ରକାଶିତ କରିଛନ୍ତି। ଏହି ପଲିସି ର କେତେକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ନିମ୍ନରେ ପ୍ରଦାନ କରାଗଲା।

★ କୌଣସି ସଡ଼କ ଦୁର୍ଘଟଣାରେ ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଇଥିବା ବ୍ୟକ୍ତିଙ୍କୁ ନିଜର ପରିଚୟ କିମ୍ବା ଠିକଣା ଦେବା ପାଇଁ ବାଧ୍ୟ କରାଯିବ ନାହିଁ।
★ ସମ୍ପୃକ୍ତ ପରୋପକାରୀ ବ୍ୟକ୍ତି ଇଚ୍ଛା କଲେ ସଙ୍ଗେ ସଙ୍ଗେ ଡାକ୍ତରଖାନା ଛାଡ଼ି ଯାଇପାରିବେ।
★ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦୁର୍ଘଟଣା ପିଡ଼ିତଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବା ପାଇଁ ଡାକ୍ତରଖାନା କର୍ତ୍ତୃପକ୍ଷ ବାଧ୍ୟ କରିପାରିବେ ନାହିଁ।
★ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ପୁଲିସ୍ କୌଣସି ମାମଲା ଦାୟର କରି ପାରିବେ ନାହିଁ କିମ୍ବା ତାଙ୍କୁ ପୁଲିସରେ ଏଫ୍.ଆଇ.ଆର୍. ଦେବା ପାଇଁ ବାଧ୍ୟ କରାଯିବ ନାହିଁ।
★ ସମ୍ପୃକ୍ତ ବ୍ୟକ୍ତି ଯଦି ସାକ୍ଷୀ ହେବା ପାଇଁ ଇଚ୍ଛା କରନ୍ତି ତେବେ ଗୋଟିଏ ଥରରେ ପୁଲିସ୍ ତାଙ୍କ ଠାରୁ ଜମାନବନ୍ଦି ନେବେ।
★ ସମ୍ପୃକ୍ତ ପରୋପକାରୀ ବ୍ୟକ୍ତିଙ୍କୁ ତାଙ୍କ ନାମ ଓ ଠିକଣା ପ୍ରଦାନ କରିବା ପାଇଁ କୌଣସି ସରକାରୀ କର୍ମଚାରୀ ବାଧ୍ୟ କଲେ ସେହି କର୍ମଚାରୀଙ୍କ ବିରୁଦ୍ଧରେ ସରକାର ବିଭାଗୀୟ ତଦନ୍ତ କରିବେ।
★ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ତରଫରୁ **2000/-** ଟଙ୍କାର ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯିବ ଏବଂ ଯଦି ସେ କୌଣସି ଭଡ଼ା ଗାଡ଼ିରେ ଦୁର୍ଘଟଣା ପିଡ଼ିତଙ୍କୁ ସ୍ଥାନାନ୍ତର କରିଥାନ୍ତି ତେବେ ଭଡ଼ା ବାବଦକୁ ଦେୟ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପ୍ରଦାନ କରାଯିବ। ଏତ୍‌ଦବ୍ୟତିତ ସମ୍ପୃକ୍ତ ଭଦ୍ର ବ୍ୟକ୍ତିଙ୍କୁ ଜିଲ୍ଲାସ୍ତରୀୟ / ରାଜ୍ୟସ୍ତରୀୟ ଉତ୍ସବରେ ସମ୍ମାନିତ କରାଯିବ।

**ଜନସାଧାରଣ ନିର୍ଭୟର ସହିତ ଦୁର୍ଘଟଣା ପିଡ଼ିତଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସନ୍ତୁ।**

**ପରିବହନ କମିଶନର, ଓଡ଼ିଶା**

**ସୌଜନ୍ୟ :- ଓଡ଼ିଶା ରୋଡ୍ ସେଫ୍ଟି ସୋସାଇଟି**

## ସଂକ୍ଷେପରେ

### ୬ରୁ ଏନ୍‌ଏଚ୍‌ଏମ୍ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ବ୍ରହ୍ମପୁର ଅଫିସ୍,୪।୨ :** ବିଭିନ୍ନ ଦାବି ନେଇ ପୁଣିଥରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛି ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ପରିଚାଳନା କର୍ମଚାରୀ ସଂଘ ।

ଏନେଇ ସ୍ଥାନୀୟ ଆଇଇସି ହଲ୍‌ରେ ଅନୁଷ୍ଠିତ ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ସଂଘ ସଭାପତି ଗଣେଶ ନାହାକ ଅଧକ୍ଷତା କରିଥିଲେ। ଗତ ସେପ୍ଟେମ୍ବରରେ ବିଭିନ୍ନ ଦାବି ଯଥା ନନ୍ ମେଡ଼ିକୋ ପବ୍ଲିକ ହେଲ୍‌ଥ ମ୍ୟାନେଜେରିଆଲ୍ କ୍ୟାଡର୍ ସୃଷ୍ଟି କରି ଚାକିରି ନିୟମିତ କରିବା, ସପ୍ତମ ବେତନ କମିଶନଙ୍କ ସୁପାରିଶ ଅନୁଯାୟୀ ସର୍ବନିମ୍ନ ଦରମା ୧୮ ହଜାରରୁ ଅଧିକ ସହିତ ସରକାରୀ କର୍ମଚାରୀଙ୍କ ଭଳି ଭତ୍ତା ଓ ଅନ୍ୟାନ୍ୟ ସୁବିଧା, ଦରମା ଅସମାନତା ଦୂର କରିବା, ସମସ୍ତଙ୍କ ପାଇଁ କର୍ମଚାରୀ ଭବିଷ୍ୟନିଧି ପାଣ୍ଠିର ବ୍ୟବସ୍ଥା ପ୍ରଦାନ, ପରଫରମ୍ୟାନ୍ସ ଇନ୍‌ସେନ୍‌ଟିଭ୍ ଉଚ୍ଛେଦ କରିବା, ଇଏସ୍‌ଆଇ ଏବଂ କ୍ୟାସଲେସ୍ ହେଲ୍‌ଥ ଇନ୍‌ସ୍ୟୁରାନ୍ସ ପଲିସି ପ୍ରୟୋଗ ଏବଂ ଘର ଭଡ଼ା ସହିତ ଲୟାଲିଟି ବୋନସ୍ ପ୍ରଦାନ ଦାବିରେ ଧର୍ମଘଟ ଡାକରା ଦିଆଯାଇଥିଲା ।

ଦାବି ପୂରଣ ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ । ହେଲେ ପ୍ରତିଶ୍ରୁତି ପୂରଣ କଲେ ନାହିଁ। ଏଣୁ ପୁଣିଥରେ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୪ତାରିଖରୁ କଳାବ୍ୟାଜ୍ ପିନ୍ଧି ଅସହଯୋଗ ଆନ୍ଦୋଳନ କରାଯିବ। ୬ତାରିଖରୁ ସଂପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ସଂଘ ତରଫରୁ କୁହାଯାଇଛି । ବୈଠକରେ ଏନ୍‌ଏଚ୍‌ଏମ୍ ଡିପିମ୍ ଶ୍ୟାମ ସୁନ୍ଦର ତ୍ରିପାଠୀଙ୍କ ସମେତ ଶକ୍ତି ଦିଗାଲ୍ ଏବଂ ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଶେଷରେ ଉପସଭାପତି ଶୁଭେନ୍ଦୁ ଦାସ ଧନ୍ୟବାଦ ଦେଇଥିଲେ ।

### ବିଜେଡି ପଞ୍ଚାୟତସ୍ତରୀୟ ୱାର୍ଡ କମିଟି ବୈଠକ

ଆସିକା,୪।୨(ଡି.ଏନ୍.ଏ.)
ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ମଙ୍ଗଳପୁର, ଗୁଣ୍ଠପଡା ଓ ବେଣାପାଟ ପଞ୍ଚାୟତର କେଶପୁର ଠାରେ ରବିବାର ଦିନ ବିଜେଡି ପଞ୍ଚାୟତ ସ୍ତରୀୟ ୱାର୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ରାଜ୍ୟରେ ବିଜେଡି ସରକାରଙ୍କ ବିଭିନ୍ନ ଜନାଭିମୁଖି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା । ମମତା ଯୋଜନା ଠାରୁ ହରିଶ୍ଚନ୍ଦ୍ର ଯୋଜନା ଯାଏଁ ବିଭିନ୍ନ ଯୋଜନା ସାଙ୍ଗକୁ କଳାକାର ଭା, କାଳିଆ ଯୋଜନା ଆଦି ବିଭିନ୍ନ ଯୋଜନା ପ୍ରଣୟନ ପୂର୍ବକ ସମାଜର ବିଭିନ୍ନ ବର୍ଗର ଜନସାଧାରଣଙ୍କ ସାମଗ୍ରୀକ ସ୍ୱାର୍ଥରକ୍ଷା ନିମନ୍ତେ ବିଜେଡି ସରକାରର ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଏହି ପ୍ରଗତିର ଧାରାକୁ ଅଧିକ ଗତିଶିଳ କରିବା ଲାଗି ଜନସାଧାରଣ ବିଜେଡି ସରକାରର ପୁନଃ ସ୍ଥାପନା ନିମନ୍ତେ ସଂକଳ୍ପ ବଦ୍ଧ ହେବା ଲାଗି ନିବେଦନ କରାଯାଇଥିଲା। ବ୍ଲକ ବିଜେଡି ସଭାପତି ବିଦ୍ୟାନ୍ତ ଚର୍ଚ୍ଚିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ବିଧାୟକ ଦେବରାଜ ମହାନ୍ତି, ମନୋରନ ପଣ୍ଡା, ସନ୍ତୋଷ କୁମାର ପୋଲାଇ, ସନ୍ତୋଷ ନାହାକ, ସୁରେନ୍ଦ୍ର ଦଳାଇ, ପ୍ରଫୁଲ୍ଲ ବିଷୋୟୀ, ଶାନ୍ତିଲତା ବେର୍ବା, ରତ୍ନାକର ନାହାକ ପ୍ରମୁଖ ଉଦବୋଧନ ଦେଇଥିଲେ।

### କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ




**ହାତୀଓଟ,୪।୨:** ପୋଲସରା ବ୍ଲକ ହାତୀଓଟ ଗ୍ରାମରେ ଥିବା ଆଦର୍ଶ ବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୨୩୦ ଜଣ ଛାତ୍ରୀଛାତ୍ର ୮ ଟି ଖେଳରେ ଅଂଶଗ୍ରହଣ କରିଥିଲେ। ସେଥିରୁ ୬୬ ଜଣ ଛାତ୍ରୀଛାତ୍ର ଉଦ୍‌ଯାପନୀରେ ସମ୍ମାନିତ ହୋଇଛନ୍ତି। ସ୍କୁଲର କାର୍ଯ୍ୟକାରୀ ଅଧକ୍ଷା ସ୍ମିତା ନାୟକ ୨୨ ଜଣ ଲେଖାଏ ଛାତ୍ରୀଛାତ୍ରଙ୍କୁ ରୌପ୍ୟ, ସ୍ୱର୍ଣ୍ଣ, ବ୍ରୋଞ୍ଜ ପଦକ ସହ ଏକ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏଥିରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିବା ବେଳେ କ୍ରୀଡ଼ା ଶିକ୍ଷକ ନୀହାର ରଞ୍ଜନ ଦାସ ପରିଚାଳନା ଦାୟିତ୍ୱ ତୁଲାଇଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।


■ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

# ବଡ଼ ମେଡିକାଲରେ ରୋଗୀସେବା ପ୍ରଭାବିତ

■ ଆନ୍ଦୋଳନରେ ସାମିଲ ହେଲେ ୧୮୬ ଆଟେଣ୍ଡାଣ୍ଟ
■ ସ୍ଥାୟୀ ନିଯୁକ୍ତି, ଦରମା ବୃଦ୍ଧି ମୁଖ୍ୟ ଦାବି

**ବ୍ରହ୍ମପୁର ଅଫିସ୍,୪।୨**

ସ୍ଥାୟୀ ନିଯୁକ୍ତି, ଦରମା ବୃଦ୍ଧି ଏବଂ ଅନ୍ୟାନ୍ୟ ୧୦ ଦଫା ଦାବିନେଇ ବ୍ରହ୍ମପୁର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟରେ କାର୍ଯ୍ୟରତ ଆଉଟ୍‌ସୋର୍ସିଂ କର୍ମଚାରୀମାନେ ସୋମବାରରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛନ୍ତି। ସୋମବାର କର୍ମଚାରୀମାନେ କାର୍ଯ୍ୟରେ ଯୋଗ ନ ଦେଇ ମେଡିକାଲ୍ ପରିସରରେ ଧାରଣାରେ ବସିଥିଲେ । ଓଡ଼ିଶା ମେଡିକାଲ୍ କର୍ମଚାରୀ ସଂଘ ତରଫରୁ ଏହି ଆନ୍ଦୋଳନ ଡାକରା ଦିଆଯାଇଛି । ପୂର୍ବରୁ ବହୁଥର ନିଯୁକ୍ତିଦାତା ଏଜେନ୍ସି ଏବଂ ମେଡିକାଲ୍ କର୍ତ୍ତୃପକ୍ଷଙ୍କୁ ଦାବି ସମ୍ପର୍କରେ ଅବଗତ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ଏହାର ପ୍ରତିବାଦରେ ଏହି ଆନ୍ଦୋଳନ ଆରମ୍ଭ ହୋଇଛି। ୧୮୬ଆଟେଣ୍ଡାଣ୍ଟ ଏହି ଆନ୍ଦୋଳନରେ ସାମିଲ୍ ହୋଇଛନ୍ତି । ଫଳରେରୋଗୀସେବାପ୍ରଭାବିତହୋଇଛି। ସୁପରିଣ୍ଟେଣ୍ଡେଣ୍ଟ ଡା. ଚରଣ ପଣ୍ଡା ଏବଂ ଜିଲା ପ୍ରଶାସନିକ ଅଧିକାରୀମାନେ


ଆଉଟ୍‌ସୋର୍ସିଂ କର୍ମଚାରୀମାନେ ବଡ଼ ମେଡିକାଲ୍‌ରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ଆନ୍ଦୋଳନ ସ୍ଥଳକୁ ଯାଇ ଆଲୋଚନା କରିଥିଲେ । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ତରଫରୁ କୁହାଯାଇଥିଲା ।

ଏଜେନ୍ସି ମାଧ୍ୟମରେ ନିଯୁକ୍ତି ମିଳିଥିଲେ ମଧ୍ୟ ଆଉଟ୍‌ସୋର୍ସିଂ କର୍ମଚାରୀମାନେ ବହୁ ବର୍ଷ ହେଲା ନିଷ୍ଠାପର ଭାବେ କାର୍ଯ୍ୟ କରୁଛନ୍ତି । ହେଲେ ସେମାନଙ୍କୁ ନିୟମିତ କର୍ମଚାରୀର ମାନ୍ୟତା ଦିଆଯାଉନାହିଁ । ସ୍ୱଳ୍ପ ଦରମା ଏବଂ ବିନା ଛୁଟିରେ କାମ କରୁଛନ୍ତି । ଅର୍ଥ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ମାସିକ ୮୦୭୦ଟଙ୍କା ଦରମା ଦେବା କଥା। କିନ୍ତୁ ନିଯୁକ୍ତିଦାତା ତଥା ଗଞ୍ଜାମ ସିକ୍ୟୁରିଟି ସର୍ଭିସ୍ ମାତ୍ର ୪ହଜାର ଶହେ ଟଙ୍କା ଦରମା ଦେଉଛି । କର୍ମଚାରୀମାନେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ସଂପୃକ୍ତ ସଂସ୍ଥା ଦରମା ବଢ଼ାଉନି। ଓଲଟି ଇପିଏଫ୍, ଇଏସ୍‌ଆଇ ଏବଂ ଜିଏସ୍‌ଟି ଲାଗୁଛି ବୋଲି ଦର୍ଶାଇ ମାସକୁ ୧୮ଶହ ଟଙ୍କା କାଟିଦେଉଛି। ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ପ୍ରତି ଜିଏସ୍‌ଟି ଲାଗୁ ନ ଥିଲେ ମଧ୍ୟ ମିଛରେ ଟଙ୍କା କାଟି ଦିଆଯାଉଛି । ଶ୍ରମ ଆଇନ୍ ଅନୁଯାୟୀ ଦରମା ଦିଆଯାଉନାହିଁ । ଏଣୁ ନିୟମିତ କାମରେ ନିୟମିତ ନିଯୁକ୍ତି ଅନୁଯାୟୀ କାର୍ଯ୍ୟରତ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ନିୟମିତ ପଦବୀରେ ନିଯୁକ୍ତି ଦେବାକୁ ଦାବି କରାଯାଇଛି । ଏଥି ସହ ଦରମା ବଢ଼ାଇବା, ମାସର ପ୍ରଥମ ସପ୍ତାହରେ ଦରମା ଦେବା, ଏଜେନ୍ସି ବଦଳିଲେ ମଧ୍ୟ କର୍ମଚାରୀଙ୍କ ନିଯୁକ୍ତି ଅବ୍ୟାହତ ସହ ପୂର୍ବର ବରିଷ୍ଠତାକୁ ହିସାବକୁ ନେବା, ଇପିଏଫ୍ ଟଙ୍କା ନିୟମିତ ଜମା କରିବା, ଇଏସ୍‌ଆଇ ସୁବିଧା ପ୍ରଦାନ ସବେତନ ଛୁଟି, ବୀମା ଏବଂ ସର୍ବନିମ୍ନ ପେନ୍‌ସନ୍ ସୁବିଧା ଏବଂ ମହିଳା ର୍ମଚାରୀଙ୍କୁ ସବେତନ ମାତୃତ୍ୱକାଳୀନ ଛୁଟି ପାଇଁ କର୍ମଚାରୀମାନେ ଦାବି କରିଛନ୍ତି ।

ଆନ୍ଦୋଳନରେ ସଂଘ ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ଉପସଭାପତି ସୁକାନ୍ତ ମୁଖୀ, ଉପଦେଷ୍ଟା ରବି ରଥ, ଲୋକନାଥ ମାଣ୍ଡିଆ, ପ୍ରଦୀପ କୁମାର ବେହେରା, ସମ୍ପାଦକ ଲାଲୁମୋହନ ବେହେରା, ଯୁଗ୍ମ ସମ୍ପାଦକ ସୁରେନ୍ଦ୍ର ନାୟକ ଏବଂ ଏସ୍.ଅଜିତ କୁମାର ପାତ୍ର, କାର୍ଯ୍ୟାଳୟ ସମ୍ପାଦକ ରବି ନାରାୟଣ ବେହେରା, ସଂଗଠନ ସଂପାଦକ ଏମ୍. ଉଷା ରାଣୀ ଏବଂ କୋଷାଧକ୍ଷ ପ୍ରକାଶ ଚନ୍ଦ୍ର ବେହେରା ପ୍ରମୁଖ ନେତୃତ୍ୱରେ ନେଇଥିଲେ ।

## ୟଙ୍ଗଷ୍ଟାର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ପୋଲସରା,୪।୨(ଡି.ଏନ.ଏ.)**

ପୋଲସରା ବ୍ଲକ ଚିରିକିପଡ଼ା ଶାସନ ଗ୍ରାମରେ ରବିବାର ୟଙ୍ଗଷ୍ଟାର କ୍ଲବ ତରଫରୁ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଟୁର୍ନାମେଣ୍ଟକୁ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମ୍ୟାଚ୍‌ରେ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍ କଷିପଡ଼ା ଓ ଗୋଲିଆ ଦଳ ମଧ୍ୟରେ ହୋଇଥିଲା। ଗୋଲିଆ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୯ଟି ଉଇକେଟ ହରାଇ ୯୮ ରନ ସଂଗ୍ରହ କରିବା ବେଳେ କଷିପଡ଼ା ଦଳ ୯.୩ ଓଭରରେ ୭ଉଇକେଟ ହରାଇ ୯୯ ରନ୍ କରି ବିଜୟୀ ହୋଇଥିଲା। ବ୍ଲକ ଅଧକ୍ଷ ବଳରାମ ସେଠୀ, ଉପାଧକ୍ଷା ସଞ୍ଜୁକ୍ତା ବାଡ଼ତ୍ୟା, ଚିରିକିପଡ଼ା ଶାସନ ସରପଞ୍ଚ ସୁଜାତା ସାହୁ, ବ୍ଲକ ବିଜେଡି ସମ୍ପାଦକ ଅଶୋକ ବିଶୋୟୀ, ଭଗବାନ ସାହୁ, ସମିତିସଭ୍ୟ ପ୍ରତିନିଧି ମୋତିରାମ ସାହୁଙ୍କ ସମେତ ୟଙ୍ଗଷ୍ଟାର କ୍ଲବ ପକ୍ଷରୁ ସାଗର ଜେନା, ସୁରଜ ପ୍ରଧାନ, ବଳରାମ ଗୌଡ଼ଙ୍କ ସମେତ ବହୁ ସଭ୍ୟ ଯୁବଗୋଷ୍ଠୀ ଉପସ୍ଥିତ ଥିଲେ।

## ମାନବ ଅଧିକାର ସୁରକ୍ଷା ମଞ୍ଚର ଘଣ୍ଟଯାତ୍ରା



ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ବଡ ମେଡିକାଲ ପରିସରରେ ଘଣ୍ଟପିଟା ଯାତ୍ରା ।

**ବ୍ରହ୍ମପୁର ଅଫିସ୍,୪।୨**

ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ସୋମବାର ବ୍ରହ୍ମପୁର ବଡ ମେଡିକାଲରେ ୮୦ତମ ଘଣ୍ଟ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପରପ୍ରେକ୍ଷୀରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ବଡମେଡିକାଲ ଅଧୀକ୍ଷକ ପ୍ରଫେସର ଡାକ୍ତର ଚରଣ ପଣ୍ଡାଙ୍କ ଜରିଆରେ ଏକ ଦସ୍ତଖତ ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା । ବଡ ମେଡିକାଲରେ ସ୍ଥାପିତ ସୁପର ସ୍ପେସିଆଲିଟି ବ୍ଲକ୍‌କୁ କାର୍ଯ୍ୟକ୍ଷମ କରିବା, ସବୁ ସ୍ଥାନରେ ସିସିଟିଭି ସଂଯୋଗ, ଶିଶୁରୋଗ ବିଭାଗରେ ରୋଗୀ ସମ୍ପର୍କୀୟଙ୍କ ରହିବା ଲାଗି ସ୍ୱତନ୍ତ୍ର ଗୃହ ନିର୍ମାଣ କରିବା ଆଦି ଦାବି କରାଯାଇଥିଲା । ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅଧୀକ୍ଷକ ପ୍ରତିଶ୍ରୁତି ଦେଇଛନ୍ତି। ମଞ୍ଚ ସଂଯୋଜକ ଅବନୀ କୁମାର ଗୟାଙ୍କ ନେତୃତ୍ୱରେ ଏହି ଆନ୍ଦୋଳନରେ ଶ୍ୟାମସୁନ୍ଦର ଖାଡଙ୍ଗା, ରାମେଶ୍ୱର ଶତପଥୀ, ବିଜୟ ଚନ୍ଦ୍ର ବିଷୋୟୀ ଓ ଗୁରୁଚରଣ ପାତ୍ର ପ୍ରମୁଖଙ୍କ ସମେତ ବହୁ ବୁଦ୍ଧିଜୀବୀ ସାମିଲ ଥିଲେ ।

## ଭଞ୍ଜନଗର ଏନ୍‌ଏସି: ବୁଲା କୁକୁର ଧରା ଅଭିଯାନ

**ଭଞ୍ଜନଗର,୪।୨(ଡି.ଏନ୍.ଏ.)**

ଭଞ୍ଜନଗର ଏନଏସିରେ ଶନିବାର ବୁଲା କୁକୁର ଧରା ଅଭିଯାନ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୨୦ କୁକୁର ଧରି ଅନ୍ୟତ୍ର ଛାଡିବା ବ୍ୟବସ୍ଥା କରାଯାଇଛି। ଏନଏସି କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ସହରରେ ବୁଲା କୁକୁର ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ଫଳରେ ସାଧାରଣଲୋକେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ତେଣୁ ଏନଏସି ପକ୍ଷରୁ ଏହି ଅଭିଯାନ ଆରମ୍ଭ ହୋଇଛି। ଆଗାମୀ ଦିନରେ ପୁଣି ଚଢ଼ାଉ କରାଯାଇ ବଳକା କୁକୁରଙ୍କୁ ଧରାଯିବ।

## ବାଲିପଦରରେ ପଣ୍ଡିତ, ପୁରୋହିତ ସମ୍ମିଳନୀ


ଉପସ୍ଥିତ ଅତିଥିବୃନ୍ଦ।

**ବୁଗୁଡ଼ା,୪।୨(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ବାଲିପଦର ରଘୁନାଥ ମନ୍ଦିର ପରିସରରେ ରବିବାର ପଣ୍ଡିତ ଓ ପୁରୋହିତମାନଙ୍କୁ ନେଇ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପଣ୍ଡିତ ଅନନ୍ତ କର ସଭାପତିତ୍ୱ କରିଥିଲେ। ସମ୍ମିଳନୀକୁ ଆକାଶବାଣୀ ବ୍ରହ୍ମପୁର ନିର୍ଦ୍ଦେଶକ ଡ. ହୃଷିକେଶ ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପଣ୍ଡିତ ହୟଗ୍ରୀବ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ଭଞ୍ଜନଗର ଏସଡିପିଓ ଉତ୍କଳ କେଶରୀ ଦାଶ, ସମ୍ମାନିତ ଅତିଥି ଭାବେ ଜ୍ୟୋତିର୍ବିଦ ପ୍ରସନ୍ନ କୁମାର ମହାପାତ୍ର, କାଳୀଚରଣ ଶତପଥୀ, ପଣ୍ଡିତ ସୀମାଞ୍ଚଳ ପଣ୍ଡା, ପାଞ୍ଜିକାର ନରସିଂହ ଶତପଥୀ, ପଣ୍ଡିତ ବ୍ରଜ କିଶୋର ତ୍ରିପାଠୀ ପ୍ରମୁଖ ଯୋଗଦେଇ ପଣ୍ଡିତ ଓ ପୁରୋହିତମାନଙ୍କ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ଏମାନଙ୍କର ଅନବଦ୍ୟ ଅବଦାନ ଉପରେ ଆଲୋକପାତ କରିଥିଲେ। ବଳଦେବ ମହିଳା ମହାବିଦ୍ୟାଳୟର ଅଧକ୍ଷ ବିଭୁତି ଭୂଷଣ ମିଶ୍ର ସମ୍ମିଳନୀର ସଂଯୋଜନା କରିଥିଲେ। ପରିଚାଳନାରେ ପଣ୍ଡିତ ସୀମାଞ୍ଚଳ ପଣ୍ଡା ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ବିଭିନ୍ନ ପ୍ରାନ୍ତରରୁ ଆସିଥିବା ୭୦ ଜଣ ପଣ୍ଡିତ ଓ ପୁରୋହିତଙ୍କୁ ଉପଢ୍ୌକନ ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସମ୍ମିଳନୀ ଉପଲକ୍ଷେ ଶଙ୍ଖବାଦନ ଧ୍ୱନିରେ ମନ୍ତ୍ର ଉଚ୍ଚାରଣ ପୂର୍ବକ ଶତାଧିକ ପଣ୍ଡିତ ଓ ପୁରୋହିତମାନେ ବାଲିପଦରରେ ପରିକ୍ରମା କରି ବିଭିନ୍ନ ମନ୍ଦିର ଦର୍ଶନ କରିଥିଲେ।

## ସୁନା ପାଇଁ ବୃଦ୍ଧା ହତ୍ୟା ମାମଲା: ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

**ବ୍ରହ୍ମପୁର ଅଫିସ୍,୪।୨**

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅଧୀନ ରାମନଗର ଅଞ୍ଚଳରେ ସୁନା ଅଳଙ୍କାର ପାଇଁ ଜଣେ ବୃଦ୍ଧାଙ୍କୁ ହତ୍ୟା ମାମଲାରେ ସୋମବାର ଗଞ୍ଜାମ ଜିଲା ଜଜ୍ ବିଭୁପ୍ରସାଦ ରାଉତରାୟ ବିଚାର କରି ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି । ଅଭିଯୁକ୍ତ ତପନ ପ୍ରଧାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି । ଏଥିସହିତ ୧୫ ହଜାର ଟଙ୍କା ଜରିମାନା ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦାୟ ଅଧିକ ୧ ବର୍ଷ ୬ ମାସ ଜେଲ୍‌ରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାଯାଇଛି।

ପ୍ରକାଶଯେ, ୨୦୧୪ ଅଗଷ୍ଟ ୭ ଭୋର୍‌ରେ ରାମନଗର ଅଞ୍ଚଳରେ ସାବିତ୍ରୀ ମହାରଣା (୬୦)ସବୁଦିନ ପରି ଘର ସାମନାରେ ଥିବା ଗଛରୁ ଫୁଲ ତୋଳିବାକୁ ଯାଇଥିଲେ । ସେହି ସାହିରେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟରତ ତପନ ଏକ ଲୁହା ଛଡରେ ସାବିତ୍ରୀଙ୍କୁ ଆକ୍ରମଣ କରିଥିଲେ। ସାବିତ୍ରୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ସେ ତଳେ ପଡି ଯାଇଥିଲେ । ପରେ ସାବିତ୍ରୀ ପିନ୍ଧିଥିବା ୪ତୋଳା ସୁନା ଗହଣା ନେଇ ତପନ ଫେରାର ହୋଇଯାଇଥିଲେ । ଘଟଣା ସମ୍ପର୍କରେ ମୃତା ସାବିତ୍ରୀଙ୍କ ପୁଅ ମନୋଜ ଥାନାରେ ଏତଲା ଦେଇଥିଲେ । ଏତଲାକୁ ଭିତ୍ତି କରି ପୋଲିସ ନଂ. ୧୪୫/୧୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ କେ.ନୂଆଗାଁ ଥାନା ଅଧୀନ ବମକେଇ ଗ୍ରାମରୁ ଅଭିଯୁକ୍ତ ତପନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ତଦନ୍ତକାରୀ ଅଧିକାରୀ କୁଳମଣି ସେଠୀ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିବା ପରେ ମାମଲାର ବିଚାର ଆରମ୍ଭ ହୋଇଥିଲା । ବିଚାର ଚାଲିଥିବା ସମୟରେ ୨୮ ଜଣ ସାକ୍ଷୀଙ୍କ କୋର୍ଟରେ ସାକ୍ଷ୍ୟ ବୟାନ ଗ୍ରହଣ କରାଯାଇଥିଲା । ଉପଯୁକ୍ତ ପ୍ରମାଣକୁ ଆଧାର କରି ଅଦାଲତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ପାଇଁ ରାୟ ପ୍ରକାଶ କରିଥିବା ଜଣାପଡିଛି । ସରକାରଙ୍କ ପକ୍ଷରୁ ଆଇନଜୀବୀ ଚକ୍ରଧର ପାତ୍ର ମକଦ୍ଦମା ପରିଚାଳନା କରୁଥିଲେ ।

ଗଞ୍ଜାମ ଜିଲା କୃଷକ ସଂଘର୍ଷ ସମିତିର ଅଭିଯୋଗ

## ଏଫଏକ୍ୟୁମାନ ନାଁରେ ଚାଷୀଙ୍କୁ ଲୁଟ୍

**ବ୍ରହ୍ମପୁର ଅଫିସ,୪।୨**

ଗଞ୍ଜାମ ଜିଲାରେ ଧାନର ଏଫଏକ୍ୟୁ ମାନ ନାମରେ ଚାଷୀଙ୍କୁ ଲୁଟ କରାଯାଉଛି । ଏଥିପାଇଁ ମଣ୍ଡି ଦାୟିତ୍ୱରେ ଥିବା ସମବାୟ ସମିତି, ଯୋଗାଣ ବିଭାଗ କର୍ମଚାରୀ ଓ ମିଲରମାନଙ୍କୁ କୃଷକ ସଂଘର୍ଷ ସମିତି ଦାୟୀ କରିଛି । ଚାଷୀଙ୍କଠାରୁ ସମସ୍ତ ଧାନକ୍ରୟ ପାଇଁ ଦାବି କରାଯାଇଛି । ଏହି ଦାବି ନେଇ ଆସନ୍ତା ୧୨ ତାରିଖରେ କୁକୁଡ଼ାଖଣ୍ଡି ବ୍ଲକର ବାଲିପଡ଼ାରୁ ବିଶାଳ ପଦଯାତ୍ରା ବାହାରି ବ୍ରହ୍ମପୁର ଆସିବ । ଦକ୍ଷିଣାଞ୍ଚଳ ଆରଡିସିଙ୍କ ଅଫିସ ଆଗରେ ବିକ୍ଷୋଭ ସମାବେଶ କରାଯିବ ଏବଂ ବିଭିନ୍ନ ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯିବ । ଏଥିପାଇଁ ପ୍ରସ୍ତୁତି ଜୋରଦାର କରାଯାଇଛି ।

ଜିଲା କୃଷକ ସଂଘର୍ଷ ସମିତି ପକ୍ଷରୁ ସୋମବାର କୁହାଯାଇଛି ଭାଜପା ନେତୃତ୍ୱାଧିନ କେନ୍ଦ୍ର ମୋଦି ସରକାର ସ୍ୱାମୀନାଥନ କମିଶନଙ୍କ ସୁପାରିସ କାର୍ଯ୍ୟକାରୀ କରୁ ନ ଥିବାରୁ ଚାଷୀମାନେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛନ୍ତି । ଧାନର କୁଇଣ୍ଟାଲ ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟ ୩ ହଜାର ଟଙ୍କା ଏବଂ ୭୫୦ ଟଙ୍କା ବୋନସ ଦାବି ପ୍ରତି ଆଖିବୁଜି ଦେଇ ପୂର୍ବ ଦରରେ ଆଉ ମାତ୍ର ୨ ଶହ ଟଙ୍କା ବୃଦ୍ଧି କରି ଭୁଆଁ ବୁଲାଇଛନ୍ତି । କୃଷକଙ୍କ ଦାବି

**ଆର୍‌ଡିସି ଅଫିସ ଆଗରେ ବିକ୍ଷୋଭ ୧୨ରେ**

ପ୍ରତି କେନ୍ଦ୍ର ସରକାର ଅଣଦେଖା କରିବାରୁ ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ ରାଜ୍ୟରେ ଭାଜପା କ୍ଷମତାଚ୍ୟୁତ ହୋଇଥିବା କଟାକ୍ଷ କରାଯାଇଛି । ତେଣୁ ରାଜ୍ୟ ବିଜେଡି ସରକାର ସମ୍ବେଦନଶୀଳ ହୋଇ ଚାଷୀଙ୍କ ସମସ୍ୟା ସମାଧାନ କରିବାକୁ ଦାବି ହୋଇଛି ।

ସିପିଏମ ସମର୍ଥିତ କୃଷକ ସଂଘର୍ଷ ସମିତି ପକ୍ଷରୁ ଦୀର୍ଘବର୍ଷର ଦାବି ବୟସ୍କାଧିକ ଚାଷୀଙ୍କୁ ମାସିକ ୩ ହଜାର ଟଙ୍କା ପେନସନ ଆଇନ ପ୍ରଣୟନ ଏବଂ ଚାଷୀଙ୍କ କୃଷିଋଣ ସମ୍ପୂର୍ଣ୍ଣ ଛାଡ଼ ଉପରେ ଗୁରୁତ୍ୱ ଦିଆଯାଇଛି । ଅନ୍ୟ ରାଜ୍ୟ ଭଳି ଓଡ଼ିଶା ସରକାର ଧାନ କୁଇଣ୍ଟାଲ ପ୍ରତି ୭୫୦ ଟଙ୍କା ବୋନସ ଦେବା ପାଇଁ ଦାବି କରାଯାଇଛି । ଚାଷୀଙ୍କ ବଞ୍ଚିବାର ଅଧିକାର ପାଇଁ ପଦଯାତ୍ରା ହେବ ଏବଂ ଏଥିରେ ଦିଗପହଣ୍ଡି ଓ କୁକୁଡ଼ାଖଣ୍ଡି ବ୍ଲକର ହଜାର ହଜାର ଚାଷୀଙ୍କୁ ସାମିଲ କରାଯିବାର କୁହାଯାଇଛି । ପ୍ରସ୍ତୁତି ବୈଠକରେ ସିପିଏମ ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ, କୃଷକ ନେତା କୈଳାସ ଷଡ଼ଙ୍ଗୀ, ସଂଘର୍ଷ ସମିତି ନେତା ହରିକୃଷ୍ଣ ରେଡ୍ଡୀ, ବସନ୍ତ ନନ୍ଦ, ଗୋପାଳ ପାଣିଗ୍ରାହୀ ଓ ଯୁଧିଷ୍ଠିର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ମନମୋହିଲା ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କ ଭଜନ ସନ୍ଧ୍ୟା

**ବ୍ରହ୍ମପୁର ଅଫିସ,୪।୨**

ବ୍ରହ୍ମପୁର ଗୋଷାଣୀନୂଆଗାଁ କେ.ସି. ହାଇସ୍କୁଲ ପଡିଆରେ ଚାଲିଥିବା ମହାନଗର ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି । ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାକୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । ପିସିସି ମିଡିଆ ସେଲ୍‌ର ମୁଖପାତ୍ର ସତ୍ୟ ପ୍ରକାଶ ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ପାରଳାଖେମୁଣ୍ଡି ବିଧାୟକ କେ.ସୁରିଆ ରାୟ , ଏନ୍‌ଏଚ୍‌ଆରସି କୋର କମିଟି ସଦସ୍ୟ ତଥା ପିସିସି ସେବାଦଳ ଉପଦେଷ୍ଟା ମନୋଜ ଜେନା ସମ୍ମାନିତ ଅତିଥି ଥିଲେ । ମହୋତ୍ସବର ମୁଖ୍ୟ ଉପଦେଷ୍ଟା ଡ.ନୃସିଂହ ଚରଣ ପାଢୀ, ସମ୍ପାଦକ ଗୋପାଳ ପଟ୍ଟନାୟକ, କୋଷାଧକ୍ଷ ପ୍ରଣୟ କୁମାର ପଣ୍ଡା, ସହ ସମ୍ପାଦିକା ରଶ୍ମିତା ପାଣିଗ୍ରାହୀ, ଏସ୍‌ଏମ୍‌ଆଇଟି ସଭାପତି ଡ.ଭଗବାନ ଗନ୍ତାୟତ, ରାଜେନ୍ଦ୍ର ଜେନା, କୁକୁଡାଖଣ୍ଡି ବ୍ଲକ ଅଧକ୍ଷ କାମାକ୍ଷା ପ୍ରସାଦ ପାଢୀ, ଅକ୍ସଫୋର୍ଡ ସ୍କୁଲ ଅଧକ୍ଷ ଅଶୋକ ପାଳ, ସାମନ୍ତରା ଏକାଡେମୀ ନିର୍ଦ୍ଦେଶକ ଦିଭେସ୍ ସାମନ୍ତରାୟ, ମନୋରଞ୍ଜନ ଦଳେଇ, ମହୋତ୍ସବ ମୁଖ୍ୟ ସଂଯୋଜକ ମନୋଜକାନ୍ତ ଦାସ ପ୍ରମୁଖ ମଞ୍ଚାସୀନ


ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

ଥିଲେ । ମହୋତ୍ସବ ଉପଦେଷ୍ଟା ମଣ୍ଡଳୀ ନାଗେଶ୍ୱର ପୃଷ୍ଟି ଓ ସୁଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । କମିଟି ସଭାପତି ନାରାୟଣ ମହାଙ୍କୁଡ ଏଥିରେ ସଭାପତିତ୍ୱ କରିଥିବା ବେଳେ ସତ୍ୟଚେତନ ପରିଡା ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ବ୍ରହ୍ମପୁର ଅଗ୍ନିଶମ ବିଭାଗର ଅତିରିକ୍ତ ଅଗ୍ନିଶମ ଅଧିକାରୀ ସନାତନ ମହାପାତ୍ର, ସଚି ସାରେଗାମା, ଭୂମିକା ସାହୁ ଓ ସଂସ୍କୃତି ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଉଦ୍‌ଯାପନୀ ମହୋତ୍ସବ ପୋଷ୍ଟର ଗର୍ଲ ରାଜଗୁରୁ ଓଡିଶୀ ନୃତ୍ୟ ପରିବେଷଣରୁ ଆରମ୍ଭ ହୋଇଥିଲା । ଏହି ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ବ୍ରହ୍ମପୁର ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଶିତ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ । ଏହାପରେ ତିରୁପତି ନୃତ୍ୟ କଳା କେନ୍ଦ୍ର, ସିଙ୍ଗ ବାଜା, ରିୟଲ୍ ଷ୍ଟାର, ଡ୍ୟାନ୍ସ ଗ୍ରୁପ୍, ରାମହରି ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଭଗବାନ୍ ଡ୍ୟାନ୍ସ ଏକାଡେମୀ, ଆଡିୟନ୍ ଜୁନିୟର କଲେଜ୍, ଡିସିସି ନବରଙ୍ଗ, ଟିନି ବ୍ଲୋସମ୍, ଅଙ୍ଗହରା, ଏମ୍‌ଏଭି ସ୍କୁଲ୍‌ର କଳାକାରମାନେ ଆଧୁନିକ ନୃତ୍ୟ ମାଧ୍ୟମରେ ଦର୍ଶକଙ୍କୁ ଝୁମାଇଥିଲେ । ଅନ୍ୟପଟରେ ଶେଷ ଦିବସରେ ମହୋତ୍ସବର ଅନ୍ୟତମ ଆକର୍ଷଣ ସାଜିଥିବା ବିଭିନ୍ନ ବିଭାଗ ତଥା ବ୍ୟବସାୟିକ ପ୍ରତିଷ୍ଠାନ ଦ୍ୱାରା ପ୍ରଦର୍ଶିତ ରାଜ୍ୟ ଓ ରାଜ୍ୟ ବାହାରର ହସ୍ତତନ୍ତ, କୁଟୀର ଶିଳ୍ପ , ସାମଗ୍ରୀ ଷ୍ଟଲ ଲୋକାରଣ୍ୟ ହୋଇଯାଇଥିଲା। ଅସିତ୍ ପଣ୍ଡା, ଅଭିରାମ ପାତ୍ର, ଅବିନାଶ ରଥ, କାର୍ତ୍ତିକ ପାଣିଗ୍ରାହୀ, ଯୋଗୀ ନାହାକ ଓ ଅନନ୍ତରାମ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

**ମହାନଗର ମହୋତ୍ସବ ଉଦ୍‌ଯାପିତ**



"ପଶ୍ଚିମବଙ୍ଗର ବାଘୁଣୀ ମମତା ବାନାର୍ଜୀଙ୍କୁ ଟାର୍ଗେଟ କରି ମୋଦି ସରକାର ନିଆଁ ସହ ଖେଳୁଛନ୍ତି।
- **ଶତ୍ରୁଘ୍ନ ସିହ୍ନା, ବରିଷ୍ଠ ଭାଜପା ନେତା**

## ସଂକ୍ଷେପରେ

### ଦାୟିତ୍ୱ ଗ୍ରହଣ କଲେ ରାଜୀବ କୁମାର ଶୁକ୍ଳା



**ନୂଆଦିଲ୍ଲୀ,୪।୨**-କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ନୂତନ ନିର୍ଦ୍ଦେଶକ ଭାବେ ୧୯୮୩ ବ୍ୟାଚ ଆଇପିଏସ୍ ଅଫିସର, ମଧ୍ୟପ୍ରଦେଶର ପୂର୍ବତନ ଡିଜିପି ରିଷି କୁମାର ଶୁକ୍ଳା (୫୮) ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଏକ ଉଚ୍ଚସ୍ତରୀୟ କମିଟି ତାଙ୍କୁ ସିବିଆଇର ସ୍ଥାୟୀ ନିର୍ଦ୍ଦେଶକ ନିଯୁକ୍ତ କରିଥିବାବେଳେ କୋଲକାତା ପୋଲିସ ଓ ସିବିଆଇ ଅଧିକାରୀଙ୍କ ମଧ୍ୟରେ ହୋଇଥିବା ମୁହାଁମୁହିଁ ଘଟଣା ତାଙ୍କ ପାଇଁ ପ୍ରଥମ ଚ୍ୟାଲେଞ୍ଜ୍ ହୋଇଛି। ସାରଦା ଚିଟ୍‌ଫଣ୍ଡ ମାମଲାରେ ରବିବାର କୋଲାକାତା ପୋଲିସ କମିଶନର ରାଜୀବ କୁମାରଙ୍କୁ ଜେରା କରିବାକୁ ଯାଇଥିବା ସିବିଆଇ ଅଧିକାରୀଙ୍କୁ ଅପଦସ୍ତ ଓ ଧସ୍ତାଧସ୍ତି କରିଥିବା ପଶ୍ଚିମବଙ୍ଗ ପୋଲିସ ବିରୋଧରେ ଦୃଷ୍ଟାନ୍ତ କାର୍ଯ୍ୟାନୁଷ୍ଠାନ ନେଇ ଶୁକ୍ଳା ବ୍ୟସ୍ତ ରହିଛନ୍ତି।

ହାଜାରେଙ୍କୁ ରାଜ ଠାକ୍‌ରେଙ୍କ ପରାମର୍ଶ

### ପ୍ରଧାନମନ୍ତ୍ରୀଙ୍କ ମାୟାରୁ ଦୂରେଇ ରୁହ



**ଅହମ୍ମଦାବାଦ,୪।୨**-ଦୁର୍ନୀତି ବିରୋଧୀ ଅଭିଯାନ ଅନ୍ତର୍ଗତ କେନ୍ଦ୍ରରେ ଲୋକପାଳ ଓ ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି ସହ କୃଷକଙ୍କ ହିତସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ଏମ୍‌ଏସ୍ ସ୍ୱାମୀନାଥନ ରିପୋର୍ଟ କାର୍ଯ୍ୟକ୍ଷମ ଦାବିରେ ମହାରାଷ୍ଟ୍ରର ରାଲେଗାଁ ସିଦ୍ଧିଠାରେ ସାମାଜିକ କର୍ମୀ ଆନ୍ନା ହାଜାରେ(୮୧) ଜାନୁୟାରୀ ୩୦ ତାରିଖରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଅନଶନରେ ବସିଛନ୍ତି। ଏହା ସୋମବାର ଷଷ୍ଠ ଦିନରେ ପହଞ୍ଚିଥିବା ବେଳେ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ସୁପ୍ରିମୋ ରାଜ୍ ଠାକ୍‌ରେ ତାଙ୍କୁ ଭେଟିଛନ୍ତି। ସ୍ଥାନୀୟ ଯାଦବ ବାବା ମନ୍ଦିରରେ ଦୀର୍ଘ ୨୦ ମିନିଟ୍ ଧରି ଉଭୟଙ୍କ ମଧ୍ୟରେ ବନ୍ଦଦ୍ୱାର ବୈଠକ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୌଣସି ମିଥ୍ୟା ପ୍ରତିଶ୍ରୁତିକୁ ବିଶ୍ୱାସ ନ କରିବାକୁ ଠାକ୍‌ରେ ତାଙ୍କୁ ପରାମର୍ଶ ଦେଇଛନ୍ତି। ଯଦି ଏହା ନ ହୁଏ ତେବେ ମୋଦି ପୁଣି ଥରେ କ୍ଷମତାକୁ ଆସିପାରନ୍ତି ବୋଲି ସେ ତାଙ୍କୁ ସତର୍କ କରାଇଛନ୍ତି। ଏଥିସହ ଉପବାସ ରହି ଅନଶନ ନ କରିବାକୁ ସେ ତାଙ୍କୁ କହିଛନ୍ତି।

### ଶିଶୁ ବଳାତ୍କାରୀଙ୍କୁ ପ୍ରଥମ ମୃତ୍ୟୁଦଣ୍ଡାଦେଶ

**ଭୋପାଲ,୪।୨**-ଜଣେ ୪ ବର୍ଷର ଛାତ୍ରୀଙ୍କୁ ବଳାତ୍କାର କରିଥିବା ସ୍କୁଲ ଶିକ୍ଷକ ମହେନ୍ଦ୍ର ସିଂ ଗୋଣ୍ଡଙ୍କୁ ମଧ୍ୟପ୍ରଦେଶ ଜିଲା କୋର୍ଟ ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜବଲପୁର ଜେଲରେ ତାଙ୍କୁ ଫାଶୀ ଦିଆଯିବାକୁ ଆଦେଶ ହୋଇଛି। ଶିଶୁ ବଳାତ୍କାର ଆଇନ ଅଧୀନ ପ୍ରଥମଥର ଜଣେ ବଳାତ୍କାରୀଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଛି। ଶିକ୍ଷକ ଗୋଣ୍ଡଙ୍କ ବିରୋଧରେ ଛାତ୍ରୀଙ୍କୁ ଅପହରଣ ଓ ବଳାତ୍କାର ଅଭିଯୋଗ ହୋଇଥିଲା। ୨୦୧୮ ଜୁନ ୩୦ରେ ଗୋଣ୍ଡ ଛାତ୍ରୀଙ୍କୁ ଏକ ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ।

[ଇତିହାସର ଆଇନାରେ]

### ଫେବୃୟାରୀ ୫ର ପ୍ରମୁଖ ଘଟଣା

**୧**୯୭୧ ଫେବୃୟାରୀ ୫ରେ ମହାକାଶଚାରୀମାନେ ଆପୋଲୋ ୧୪ ଯାନରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିଲେ। ଆପୋଲୋ ୧୪ ମହାକାଶଯାନ ହେଉଛି ଆମେରିକୀୟ ଆପୋଲୋ ପ୍ରୋଗ୍ରାମ୍‌ର ଅଷ୍ଟମ ମାନବଯୁକ୍ତ ଯାନ ଏବଂ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାରେ ତୃତୀୟ। କମାଣ୍ଡର ଆଲାନ୍ ଶେଫାର୍ଡ, କମାଣ୍ଡ ମୋଡ୍ୟୁଲ ପାଇଲଟ୍ ଷ୍ଟୁଆର୍ଟ ରୁଷା ଏବଂ ଲୁନାର ମୋଡ୍ୟୁଲ ପାଇଲଟ୍ ଏଡ୍‌ଗାର ମିଚେଲ୍ ୧୯୭୧ ଜାନୁୟାରୀ ୩୧ରେ ଚନ୍ଦ୍ର ଅଭିଯାନ ଆରମ୍ଭ କରିଥିଲେ।

**୨**୦୦୮ ଫେବୃୟାରୀ ୫ରେ ଦକ୍ଷିଣ ୟୁନାଇଟେଡ୍ ଷ୍ଟେଟ୍‌ରେ ଏକ ବଡ ଧରଣର ଘୂର୍ଣ୍ଣିଝଡ଼ ଯୋଗୁ ୫୭ ଲୋକଙ୍କ ମୃତ୍ୟୁ ଘଟିଥିଲା। ଦକ୍ଷିଣ ୟୁନାଇଟେଡ୍ ଷ୍ଟେଟ୍‌କୁ ଆମେରିକାନ୍ ସାଉଥ୍ ବୋଲି ମଧ କୁହାଯାଏ। ଏହା ଯୁକ୍ତରାଷ୍ଟ୍ର ଆମେରିକାର ଏକ ଅଞ୍ଚଳ। ଆଟ୍‌ଲାଣ୍ଟିକ୍ ମହାସାଗର ଏବଂ ୱେଷ୍ଟର୍ନ ୟୁନାଇଟେଡ୍ ଷ୍ଟେଟ୍‌ସ ମଧ୍ୟରେ ଏହା ଅବସ୍ଥିତ। ଏହାର ଉତ୍ତର ଭାଗରେ ମିଡ୍‌ୱେଷ୍ଟର୍ନ ୟୁନାଇଟେଡ ଷ୍ଟେଟ୍ସ ଏବଂ ନର୍ଥଇଷ୍ଟର୍ନ ୟୁନାଇଟେଡ୍ ଷ୍ଟେଟ୍‌ସ ରହିଥିବା ବେଳେ ଦକ୍ଷିଣରେ ମେକ୍ସିକୋ ରହିଛି।

■ ମମତାଙ୍କୁ ସମର୍ଥନ, କେନ୍ଦ୍ରକୁ ଟାର୍ଗେଟ

# ଏବେ ବଳ କଷାକଷି

**ଭୋଟ ପାଇଁ ନାଟ**

- ଦେଶକୁ ବଞ୍ଚାଇବା ଯାଏ ସତ୍ୟାଗ୍ରହ: ମମତା
- ନିଜକୁ ବଞ୍ଚାଇବା ପାଇଁ ଧାରଣାରେ ମମତା: ଜାଭଡେକର
- ରାଷ୍ଟ୍ରପତି ଶାସନ ଦାବି କଲେ ସୁପ୍ରିୟୋ

ମୁଣ୍ଡ ଉପରେ ସାଧାରଣ ନିର୍ବାଚନ ଥିବାରୁ ପ୍ରସ୍ତୁତ ହେଉଛନ୍ତି ସବୁ ଦଳ। ଏନ୍‌ଡିଏ ପୁନର୍ବାର କ୍ଷମତାସୀନ ହେବା ପାଇଁ କଳ, ବଳ, କୌଶଳ ଲଗାଇ ଦେଇଥିବାବେଳେ ମୋଦି-ଶାହ ଯୋଡ଼ିର ବିଜୟ ରଥ ରୋକିବା ଲାଗି ମେଳି ବାନ୍ଧୁଛନ୍ତି ବିରୋଧୀ। ଏଭଳି ସମୟରେ ସିବିଆଇ ମମତାଙ୍କ ଗଡ଼ରେ ପାଦଥାପି ରାଜ୍ୟ ପୋଲିସକୁ ଦେଇଛି ଚ୍ୟାଲେଞ୍ଜ। ଆଉ ଏହାର ଜବାବରେ ହୁଙ୍କାର ଦେଇଛନ୍ତି ଟିଏମ୍‌ସି ସୁପ୍ରିମୋ। କେନ୍ଦ୍ରରୁ ଭାଜପାକୁ ହଟାଇବାକୁ ଚାହୁଁଥିବା ବିରୋଧୀ ଦଳଗୁଡ଼ିକ ଧାଡ଼ିରେ ପଛକୁ ପଛ ଠିଆ ହେଲେଣି ମମତାଙ୍କ ସହ। ତମାମ ଘଟଣାକ୍ରମ କୋଲକାତାକୁ ଭାଜପା ଏବଂ ବିରୋଧୀଙ୍କ ଶକ୍ତି ପ୍ରଦର୍ଶନର କ୍ଷେତ୍ରରେ ପରିଣତ କରିଥିବାବେଳେ ପଶ୍ଚିମବଙ୍ଗ ପାଲଟିଯାଇଛି ପରିବର୍ତ୍ତନଶୀଳ ରାଜନୀତିର ଆଉ ଏକ ପ୍ରୟୋଗଶାଳା। ଏହି ନାଟକର ଯବନିକା କେବେ ପଡ଼ିବ କହି ହେଉନାହିଁ କାରଣ ଶାସକ-ବିରୋଧୀଙ୍କ ମଧ୍ୟରେ ବେଶ୍ କିଛି ଦିନ ଧରି ଚାଲିବାକୁ ଯାଉଛି ବଳ କଷାକଷି।

**କୋଲକାତା/ନୂଆଦିଲ୍ଲୀ,୪।୨**


ରାଜ୍ୟ ପୋଲିସ ଓ ସିବିଆଇ ବିବାଦ ନିଜ ମୁଣ୍ଡକୁ ନେଇ ଧାରଣାରେ ବସିଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ 'ସତ୍ୟାଗ୍ରହ' ସୋମବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ବାମପନ୍ଥୀଙ୍କ ବ୍ୟତୀତ ପ୍ରାୟ ସବୁ ବିରୋଧୀ ଦଳ ମମତାଙ୍କୁ ସମର୍ଥନ କରି କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି। ଫଳରେ ମୂଳ ପ୍ରସଙ୍ଗ (ଚିଟ୍‌ଫଣ୍ଡ ଦୁର୍ନୀତି) ଏକପ୍ରକାର ଗୌଣ ହୋଇଯାଇଥିବାବେଳେ କୋଲକାତାର ମେଟ୍ରୋ ଚ୍ୟାନେଲ୍ ଏକ ରାଜନୈତିକ ଆଖଡ଼ାରେ ପରିଣତ ହୋଇଛି। ମମତା ଗଣତନ୍ତ୍ରକୁ ନୁହେଁ, ବରଂ ନିଜକୁ ବଞ୍ଚାଇବା ପାଇଁ ଏଭଳି ନାଟକ କରୁଥିବା ଅଭିଯୋଗ ଆଣି ରାଷ୍ଟ୍ରପତି ଶାସନ ଜାରି ପାଇଁ ଦାବି କରିଛି ଭାଜପା।

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ହେଲିକପ୍ଟର ଓହ୍ଲାଇ ନ ଦେଇ ଉଭୟଙ୍କୁ ପଶ୍ଚିମବଙ୍ଗକୁ ମମତା ଏକପ୍ରକାର ବାରଣ କରିବା ପରେ ଜୁହୁଳିଥିବା ଧୂଆଁ ଶେଷରେ ନିଆଁର ରୂପ ନେଇଛି। ସିବିଆଇ ଅଧିକାରୀମାନେ ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ଜେରା କରିବା ପାଇଁ କୋଲକାତା ଯାଇଥିବାବେଳେ ରାଜ୍ୟ ପୋଲିସ ସେମାନଙ୍କୁ ଧରି ପକାଇଥିଲା। କେନ୍ଦ୍ର ସରକାର ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ସିବିଆଇକୁ ବ୍ୟବହାର କରୁଥିବା ଦର୍ଶାଇ କ୍ରମାଗତ ଦ୍ୱିତୀୟ ଦିନ ଧରି ଧାରଣାରେ ବସିଥିବା ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀ ଏହାର ପ୍ରତିବାଦରେ ଗର୍ଜନ କରୁଛନ୍ତି। ମମତା କହିଛନ୍ତି, ଦେଶ ଓ ସମ୍ବିଧାନକୁ ସୁରକ୍ଷିତ କରିବା ପର୍ଯ୍ୟନ୍ତ 'ସତ୍ୟାଗ୍ରହ' ଜାରି ରହିବ। ଇତିମଧ୍ୟରେ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ ଓ ଗୁଜରାଟର ଦଳିତ ନେତା ତଥା ବିଧାୟକ ଜିଗ୍ନେଶ ମେବାନୀ ତାଙ୍କୁ ଫୋନ୍ କରି ସମର୍ଥନ ଜଣାଇଛନ୍ତି। ଆଉ କେତେଜଣ ବିରୋଧୀ ନେତା ମମତାଙ୍କୁ ଭେଟି କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି।

ମମତାଙ୍କୁ ବିରୋଧୀଙ୍କ ସମର୍ଥନର ସୁଅ ଛୁଟୁଥିବା ଦେଖି ଭାଜପା କହିଛି, ମମତାଙ୍କୁ ସମର୍ଥନ କରିବାକୁ ଭ୍ରଷ୍ଟାଚାରୀମାନେ ଏବେ ଏକାଠି ହୋଇଛନ୍ତି। କୋଲକାତା ପୋଲିସ କମିଶନର ରାଜୀବ କୁମାରଙ୍କ ନିକଟରେ 'ସିକେଟ୍' ଥିବାରୁ ସେ ସୁରକ୍ଷା ଚାହୁଁଛନ୍ତି। ଏଥିପାଇଁ ତାଙ୍କ ସମର୍ଥନରେ ମମତା ବାହାରିଛନ୍ତି। କେନ୍ଦ୍ରମନ୍ତ୍ରୀ ତଥା ଆସାନସୋଲ ଏମ୍‌ପି ବାବୁଲ ସୁପ୍ରିୟୋ କହିଛନ୍ତି, ଅଚଳାବସ୍ଥା ଦୂର କରିବା ପାଇଁ ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଶାସନ ଜାରି କରାଯାଉ। ମମତା ନିଜକୁ ବଞ୍ଚାଇବା ପାଇଁ ଧାରଣାରେ ବସିଥିବା ବରିଷ୍ଠ ଭାଜପା ନେତା ପ୍ରକାଶ ଜାଭଡେକର କୋଲକାତାରେ ସମାଲୋଚନା କରିଛନ୍ତି।




ସିବିଆଇ-କୋଲକାତା ପୋଲିସ ବିବାଦକୁ ନେଇ ଦକ୍ଷିଣ ଦିନାଜପୁର ଜିଲାରେ ସୋମବାର ଟିଏମ୍‌ସି କର୍ମୀମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଭ ଶୋଭାଯାତ୍ରା କରି ସ୍ଲୋଗାନ ଦେଉଛନ୍ତି।



"ସିବିଆଇ ପ୍ରସଙ୍ଗରେ ବିରୋଧୀ ଦଳ ନେତାମାନଙ୍କ ସହ ଆଲୋଚନା କରି ଦେଶବ୍ୟାପୀ ଏକ ବଡ଼ ଆନ୍ଦୋଳନର ଖସଡ଼ା ପ୍ରସ୍ତୁତ କରାଯିବ।
- **ଏନ୍. ଚନ୍ଦ୍ରାବାବୁ ନାଇଡୁ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ**



"ଭାଜପା କୌଣସି ପ୍ରକାରେ କ୍ଷମତାରେ ରହିବାକୁ ଚାହୁଁଛି। ଏଥିପାଇଁ ଏହି ଦଳ ନିର୍ବାଚନ ଜିତିବା ଲାଗି ସିବିଆଇକୁ ରାଜନୈତିକ ଏଜେଣ୍ଟ ଭାବେ ବ୍ୟବହାର କରୁଛି । ଏହା ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ ।
- **ଅଖିଳେଶ ଯାଦବ, ଏସ୍‌ପି ଅଧ୍ୟକ୍ଷ**



"ଏନ୍‌ଡିଏ ସରକାର ସିବିଆଇ ଭଳି ସଂଘୀୟ ସଂସ୍ଥାଗୁଡ଼ିକର ଅପବ୍ୟବହାର କରୁଛି । ଏହାର ଜବାବରେ ମମତା ସମାନ ଭାବେ ଅଗଣତାନ୍ତ୍ରିକ ଉପାୟ ଆପଣାଉଛନ୍ତି। ଚିଟ୍‌ଫଣ୍ଡ ଦୁର୍ନୀତିକୁ ଉଭୟେ ଚପାଇ ଦେବାକୁ ଉଦ୍ୟମ କରୁଛନ୍ତି ।
- **ସୀତାରାମ ୟେଚୁରୀ, ସିପିଆଇଏମ୍ ସାଧାରଣ ସମ୍ପାଦକ**

■ ସିବିଆଇ-କୋଲକାତା ପୋଲିସ ବିବାଦ

## ପାର୍ଲାମେଣ୍ଟରେ ଝଡ଼



ଲୋକ ସଭାରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ।

**ନୂଆଦିଲ୍ଲୀ,୪।୨(ପି.ଟି.)**

ସିବିଆଇ-କୋଲକାତା ପୋଲିସ ବିବାଦକୁ ନେଇ ସୋମବାର ପାର୍ଲାମେଣ୍ଟରେ ଝଡ଼ ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଲୋକ ସଭା ଓ ରାଜ୍ୟ ସଭାର କାର୍ଯ୍ୟ ବାରମ୍ବାର ବ୍ୟାହତ ହେବା ପରେ ଉଭୟ ଗୃହକୁ ଦିନକ ପାଇଁ ମୁଲତବୀ କରାଯାଇଛି।

ଲୋକ ସଭାରେ କଂଗ୍ରେସ, ଟିଏମ୍‌ସି, ବିଜେଡି, ଏନ୍‌ସିପି, ଏସ୍‌ପି ଏବଂ ଆର୍‌ଜେଡି ସଦସ୍ୟମାନେ ପଶ୍ଚିମବଙ୍ଗର ଘଟଣାକ୍ରମ ପ୍ରସଙ୍ଗ ଉଠାଇ ମୋଦି ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ସରକାର ସିବିଆଇର ଅପବ୍ୟବହାର କରୁଥିବା ସେମାନେ ଅଭିଯୋଗ ଆଣିଥିଲେ। ଟିଏମ୍‌ସି ସଦସ୍ୟ ସୁଗତ ରାୟ କହିଥିଲେ, କେନ୍ଦ୍ର ରାଜନୈତିକ ଫାଇଦା ପାଇଁ ସିବିଆଇକୁ ବ୍ୟବହାର କରୁଥିବାବେଳେ ପଶ୍ଚିମବଙ୍ଗ ସରକାର ଏହାକୁ ସବୁ ଦିଗରୁ ବିରୋଧ କରୁଛନ୍ତି। ସେହିପରି ସିବିଆଇ କ୍ରମଶଃ ରାଜନୈତିକ ଅସ୍ତ୍ର ପାଲଟୁଥିବା ବିଜେଡି ସଂସଦୀୟ ଦଳ ନେତା ଭର୍ତ୍ତୃହରି ମହତାବ ଅଭିଯୋଗ ଆଣି ଏହାର ନିଷ୍ଠା ଉପରେ ପ୍ରଶ୍ନ ଉଠାଇଥିଲେ। ଲୋକ ସଭାରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ ମଧ୍ୟ ଅନୁରୂପ ଅଭିଯୋଗ ଆଣି କେନ୍ଦ୍ରକୁ ସମାଲୋଚନା କରିଥିଲେ। ହଟ୍ଟଗୋଳ ମଧ୍ୟରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ବକ୍ତବ୍ୟ ରଖି କହିଥିଲେ, ସିବିଆଇ ନିଜ କର୍ତ୍ତବ୍ୟ ପାଳନ ପାଇଁ କୋଲକାତା ପୋଲିସ ମୁଖ୍ୟ ରାଜୀବ କୁମାରଙ୍କୁ ଜେରା କରିବାକୁ ଯାଇଥିଲା। ହେଲେ ସ୍ଥାନୀୟ ପୋଲିସ ବେଆଇନ ଭାବେ ସେମାନଙ୍କୁ ଅଟକାଇଥିଲା। ଏହା ଏକ ଅପ୍ରତ୍ୟାଶିତ ଘଟଣା। ପଶ୍ଚିମବଙ୍ଗରେ ସାମ୍ବିଧାନିକ ସଙ୍କଟ ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି। ଏଥିଯୋଗୁ ଅରାଜକତା ସୃଷ୍ଟି ହୋଇପାରେ। ରାଜ୍ୟ ସଭାରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ଟିଏମ୍‌ସି ସଦସ୍ୟମାନେ ସରକାର ବିରୋଧୀ ସ୍ଲୋଗାନ ଦେଇ ଅଚଳାବସ୍ଥା ସୃଷ୍ଟି କରିଥିଲେ।

## ପୋପ୍‌ଙ୍କ ଐତିହାସିକ ୟୁଏଇ ଗସ୍ତ

**ଆବୁଧାବି,୪।୨**



ଧର୍ମୀୟ ସଦ୍‌ଭାବ ଓ ସହିଷ୍ଣୁତାର ବାର୍ତ୍ତା ନେଇ ପୋପ୍ ଫ୍ରାନ୍ସିସ୍ ପ୍ରଥମଥର ଆରବର ମୁସଲିମ୍‌ବହୁଳ ରାଷ୍ଟ୍ର ୟୁଏଇ ଗସ୍ତ କରିଛନ୍ତି। ରବିବାର ସେ ରୋମରୁ ବିମାନରେ ଆବୁଧାବି ପହଞ୍ଚିଥିବାବେଳେ ସେଠାରେ ତାଙ୍କୁ ଆବୁଧାବିର ରାଜା ଶେଖ୍ ମହମ୍ମଦ ବିନ୍ ଜାଏଦ୍ ଅଲ୍ ନାହ୍ୟାନ ସ୍ୱାଗତ କରିଛନ୍ତି। ରାଜଭବନରେ ତାଙ୍କର ଅତିଥି ଚର୍ଚ୍ଚା କରାଯାଇଛି। ପୋପ୍ 'ବୁକ୍ ଅଫ୍ ଅନର'ରେ ସ୍ୱାକ୍ଷର କରିଛନ୍ତି। ଇସ୍‌ଲାମ୍ ଓ ଖ୍ରୀଷ୍ଟିୟାନ ଧର୍ମ ମଧ୍ୟରେ ୧୨୧୯ରେ ସେଣ୍ଟ ଫ୍ରାନ୍ସିସ୍ ଏବଂ ସୁଲତାନ ମାଲେକ୍ ଅଲ୍ କାମେଲଙ୍କ ମଧ୍ୟରେ ହୋଇଥିବା ଐତିହାସିକ ସାକ୍ଷାତ୍‌ର ସ୍ମୃତି ବହନକାରୀ ପଦକ ସେ ଶେଖ୍ ମହମ୍ମଦଙ୍କୁ ପ୍ରଦାନ କରିଛନ୍ତି। ଏଥିସହ ଇସ୍‌ଲାମ୍ ଧର୍ମଗୁରୁ ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କୁ ପୋପ୍ ଭେଟି ଆଲୋଚନା କରିଛନ୍ତି।

## ଫୁର୍‌ସତ


### ସନ୍ତାନ ସୁଖ ଅଧିକ ଅନୁଭବ କରନ୍ତି ପିତା

**ନ୍ୟୁୟର୍କ:** ସନ୍ତାନଙ୍କୁ ଲାଳନ ପାଳନ ଅଥବା ସେମାନଙ୍କ ସହିତ ଭାବ ବିନିମୟ କରିବାବେଳେ ମାଆ ଅପେକ୍ଷା ପିତା ଅଧିକ ସୁଖ ସନ୍ତୁଷ୍ଟି ଅନୁଭବ କରିଥାଆନ୍ତି। ଆମେରିକାର କାଲିଫର୍ନିଆ ୟୁନିଭର୍ସିଟିର ଗବେଷକମାନେ ୩ଟି ପୃଥକ୍ ଅଧ୍ୟୟନ କରି ଏହା ଜାଣିପାରିଛନ୍ତି। ସେମାନେ ୧୮,୦୦୦ ଲୋକଙ୍କୁ ଏହି ଅଧ୍ୟୟନରେ ସାମିଲ କରିଥିଲେ। ସେମାନଙ୍କ ଖୁସି, ସନ୍ତୋଷ, ଚାପର ଲକ୍ଷଣ ଏବଂ ସନ୍ତାନ-ସୁଖ ଆଦି ବିଶ୍ଳେଷଣ କରାଯାଇଥିଲା। ଯେଉଁ ଦମ୍ପତିଙ୍କର ସନ୍ତାନ ନ ଥିଲା, ସେମାନଙ୍କ ସୁଖ ସନ୍ତୋଷ ସହିତ ସନ୍ତାନ ଥିବା ଦମ୍ପତିଙ୍କ ସୁଖଶାନ୍ତି ତୁଳନା କରାଯାଇଥିଲା। ଏଥି ସହିତ ସନ୍ତାନ ଥିବା ଦମ୍ପତିଙ୍କୁ ପୃଥକ୍ ଭାବେ ସେମାନଙ୍କ ସନ୍ତାନଜନିତ ସୁଖ ଅନୁଭୂତି ପଚରା ଯାଇଥିଲା। ଏ ସବୁକୁ ବିଶ୍ଳେଷଣ କରି ଗବେଷକମାନେ ଏକ ସିଦ୍ଧାନ୍ତରେ ଉପନୀତ ହେଲେ ଯେ, ମାଆଙ୍କ ତୁଳନାରେ ପିତାମାନେ ପିଲାଙ୍କ ଲାଳନ ପାଳନ କ୍ଷେତ୍ରରେ ଅଧିକ ସୁଖ ସନ୍ତୋଷ ଅନୁଭବ କରିଥାଆନ୍ତି।

### ଆମେରିକୀୟ ଦମ୍ପତି ଜିତିଲେ ୨୦୦ କୋଟି

**ୱାଶିଂଟନ୍:** ଆମେରିକାର ଜେରି ଏବଂ ମାର୍ଗେ ସେଲ୍‌ବି ଭାଗ୍ୟଖେଳରେ ୨୦୦ କୋଟି ଟଙ୍କା ଜିତି ପାରିଛନ୍ତି। ଏଥିପାଇଁ ସେମାନେ ଗଣିତକୁ ଗୁରୁତ୍ୱ ଦେଇଛନ୍ତି। ଜେରି ମ୍ୟାଥମେଟିକ୍ସରେ ଅଣ୍ଡରଗ୍ରାଜୁଏଟ୍ ଡିଗ୍ରୀ। ୨୦୦୩ରେ ଜେରି (ସେତେବେଳେ ତାଙ୍କୁ ୬୪ବର୍ଷ) ସ୍ଥାନୀୟ ଏକ ଷ୍ଟୋରକୁ ଯାଇ ଲଟେରି ଗେମ୍ 'ୱିନ୍‌ଫଲ୍' ବିଷୟରେ ଜାଣିବାକୁ ପାଇଥିଲେ। ଉକ୍ତ ଗେମ୍‌ରେ ଅନେକ ଛିଦ୍ର ଥିବାରୁ ଏଥିରେ ଜିତିବା ସମ୍ଭାବନା ଅଧିକ ବୋଲି ସେ ଅନୁଭବ କରିଥିଲେ। ଏହି ଗେମ୍ ସ୍ୱତନ୍ତ୍ର 'ରୋଲ୍ ଡାଉନ୍' ଫିଚର ଉପରେ ଆଧାରିତ। କୌଣସି ବ୍ୟକ୍ତି ୬ଅଙ୍କ ବିଶିଷ୍ଟ ସଂଖ୍ୟା ଜିତି ନ ପାରିଲେ ଉକ୍ତ ଟଙ୍କା ନିମ୍ନ ସ୍ତରକୁ ଚାଲିଯିବ। ଅର୍ଥାତ୍ ଯେଉଁମାନେ ଠିକ୍ ଭାବେ ୩ଅଙ୍କ ଓ ୪ଅଙ୍କ ବିଶିଷ୍ଟ ସଂଖ୍ୟା ଗେସ୍ କରିଥିବେ, ସେମାନେ ଉକ୍ତ ଟଙ୍କାକୁ ବାଣ୍ଟିନେବେ। ଜେରି ପ୍ରଥମ ଚେଷ୍ଟାରେ ୫୦ ଡଲାର ହାରିଥିଲେ। ଏଥିରେ ନିରାଶ ହୋଇ ସେ ୨,୫୭,୦୦୦ଟଙ୍କା (୩,୬୦୦ ଡଲାର) ମୂଲ୍ୟର ଟିକେଟ କିଣିଥିଲେ। ଦୃଢ଼ ଆତ୍ମବିଶ୍ୱାସ ଯୋଗୁ ସେ ୪,୫୦,୦୦୦ଟଙ୍କା ଜିତି ପାରିଥିଲେ। ପରବର୍ତ୍ତୀ ପ୍ରୟାସରେ ସେ ୧୧ଲକ୍ଷ ଟଙ୍କା ଜିତିଥିଲେ। ଅଧିକରୁ ଅଧିକ ଲଟେରି ଜିତିବା ପରେ ଜେରି ଏହି ବିଷୟ ତାଙ୍କ ସ୍ତ୍ରୀଙ୍କୁ ଜଣାଇଥିଲେ ଏବଂ ଏକ ଇନ୍‌ଭେଷ୍ଟମେଣ୍ଟ କମ୍ପାନୀ ଆରମ୍ଭ କରିଥିଲେ। ଏଥିରେ ତାଙ୍କ ଘନିଷ୍ଠ ସାଙ୍ଗସାଥୀ ଏବଂ ଝିଅପୁଅ ସାମିଲ ହୋଇଥିଲେ। ରୋଲ୍-ଡାଉନ୍ ସପ୍ତାହରେ ଏହି ଗୋଷ୍ଠୀ ହଜାର ହଜାର ଟିକେଟ କିଣି ୫୭ କୋଟି ଟଙ୍କା ଅର୍ଜନ କରିଥିଲେ। କିନ୍ତୁ ମିଚିଗାନ୍‌ରେ 'ୱିନ୍‌ଫଲ୍' ଲଟେରି ବନ୍ଦ ହୋଇଯିବାରୁ ଉକ୍ତ ଗୋଷ୍ଠୀ ଏହି ଲଟେରି ଥିବା ମାସାଚୁ୍ୟସେଟ୍ସକୁ ଚାଲିଗଲେ। ସେମାନେ ୬ବର୍ଷ ମଧ୍ୟରେ ପ୍ରଚୁର ଅର୍ଥ ଉପାର୍ଜନ କରିପାରିଛନ୍ତି।





ସୋମବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୧୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୬ | ୧୨.୯ |
| ଚାନ୍ଦବାଲି | ୩୧.୫ | ୧୪.୫ |
| କଟକ | ୩୧.୮ | ୧୩.୦ |
| ପାରାଦ୍ୱୀପ | ୨୯.୩ | ୧୫.୮ |
| ଭୁବନେଶ୍ୱର | ୩୩.୦ | ୧୩.୩ |
| ଗୋପାଳପୁର | ୩୧.୬ | ୧୫.୫ |
| ପୁରୀ | ୨୯.୬ | ୧୭.୦ |
| ଅନୁଗୋଳ | ୩୧.୧ | ୧୦.୦ |
| ବାରିପଦା | ୨୯.୫ | ୧୩.୮ |
| ଝାରସୁଗୁଡ଼ା | ୩୧.୨ | ୧୩.୦ |
| କେନ୍ଦୁଝର | ୨୮.୦ | ୧୧.୯ |
| ସମ୍ବଲପୁର | ୩୧.୦ | ୧୨.୫ |
| ସୁନ୍ଦରଗଡ଼ | --- | ୧୧.୦ |
| ହୀରାକୁଦ | ୩୦.୬ | ୧୪.୧ |
| ତାଳଚେର | ୩୩.୪ | ୧୨.୬ |
| ଭବାନୀପାଟଣା | ୨୯.୫ | ୧୩.୦ |
| ବଲାଙ୍ଗୀର | ୩୧.୦ | ୧୨.୧ |
| କୋରାପୁଟ | ୨୯.୭ | ୯.୪ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୦.୫ |
| ମାଲକାନଗିରି | ୩୩.୪ | ୧୨.୦ |
| ସୋନପୁର | ୩୧.୬ | ୧୦.୪ |
| ଦାରିଙ୍ଗିବାଡ଼ି | ୨୬.୫ | ୧୦.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ଦୀପିକାଙ୍କୁ ପ୍ରଶଂସା ଅଜାଡ଼ିଲେ ରଣବୀର

**ମୁମ୍ବାଇ:** ଅଭିନେତା ରଣବୀର ସିଂ ସ୍ତ୍ରୀ ତଥା ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍‌କୁ ପ୍ରଶଂସାରେ ପୋତି ପକାଇଛନ୍ତି। ଦୀପିକା ଅତି ଚମତ୍କାର ବ୍ୟକ୍ତିତ୍ୱ ଏବଂ ବିଶ୍ୱର ଅତି ନିପୁଣ କଳାକାରଙ୍କ ମଧ୍ୟରୁ ଜଣେ ବୋଲି ସେ ପ୍ରକାଶ କରିଛନ୍ତି। ଦୀପିକାଙ୍କଠାରେ ଭଲ ପାଇବା, କରୁଣା, ଦକ୍ଷତା, ଏବଂ ଦୟାଶୀଳ ଗୁଣ ଭରିରହିଛି। ଏହିସବୁ ଗୁଣ ତାଙ୍କୁ ଜଣେ ବାସ୍ତବ ଏବଂ ପ୍ରକୃତ କଳାକାର ଭାବେ ଗଢ଼ି ତୋଳିଛି ବୋଲି ରଣବୀର କହିଛନ୍ତି। ତାଙ୍କ ଅନ୍ତର୍ନିହିତ ଦୃଢ଼ତାକୁ ପ୍ରଶଂସା କରି ରଣବୀର କହିଲେ, 'ତାଙ୍କର ଶୃଙ୍ଖଳା ଜ୍ଞାନ ଓ ଅଙ୍ଗୀକାରବଦ୍ଧତା ଅତୁଳନୀୟ। ଦୀପିକା ଏତେ ନ୍ୟାୟସଙ୍ଗତ ଓ ବାସ୍ତବବାଦୀ ଯେ, ଏଥିପାଇଁ ସେ ସମ୍ମାନାସ୍ପଦ ସ୍ଥାନ ବଜାୟ ରଖନ୍ତି। ଯଥା ସମ୍ଭବ ଭଲ ମଣିଷ ହେବାକୁ ସେ ମୋତେ ପ୍ରେରଣା ଦିଅନ୍ତି। ତାଙ୍କ ପାଇଁ ମୋ ଜୀବନ ଧନ୍ୟ। ସେ ମୋ ଜୀବନର ବାସ୍ତବ ଆଲୋକ।'

ଏହି ସଫଳ ଯୋଡି 'ପଦ୍ମାବତ', 'ଗୋଲିଓଁ କି ରାସଲୀଲା ରାମ-ଲୀଲା' ଏବଂ 'ବାଜିରାଓ ମସ୍ତାନି'ରେ ଏକତ୍ର ଅଭିନୟ କରିଛନ୍ତି। ୨୦୧୮ ନଭେମ୍ବରରେ ଇଟାଲୀରେ ହୋଇଥିବା ଉକ୍ତ ପ୍ରେମୀ ଯୁଗଳଙ୍କ ବିବାହ ବେଶ୍ ଚର୍ଚ୍ଚାରେ ଥିଲା।



## ସଂକ୍ଷେପରେ

### ପୋଡୁ ଚାଷ କରି ୩ ଗିରଫ



**କୋଟଗଡ,୪।୨:** ସଂରକ୍ଷିତ ଜଙ୍ଗଲକୁ ପୋଡି ବେଆଇନ ଚାଷ କରିବା ଅଭିଯୋଗରେ କୋଟଗଡ ବ୍ଲକ ଶ୍ରୀରାମପୁର ରେଞ୍ଜ ଅଞ୍ଚଳରେ ୩ ଜଣଙ୍କୁ ବନ ବିଭାଗ ଗିରଫ କରିଛି । ସେମାନେ ହେଲେ ଓରା ପଞ୍ଚାୟତ ଆଟାଲିସୁରୁଗୁଡା ଗ୍ରାମର ଟିକେଶ୍ୱର ମଲ୍ଲିକ, ନାରାୟଣ ମଣ୍ଡଲ ନାୟକ, ସୁଗ୍ରୀବ ପାଟିଲା ସିଂ । ଏମାନେ ପୋଡୁଚାଷ କରୁଥିବା ଖବରପାଇ ଶ୍ରୀରାମପୁର ଫରେଷ୍ଟର ଅଞ୍ଜନ କୁମାର ନାୟକ ତାଙ୍କ ସହଯୋଗୀଙ୍କ ସହ ମିଶି ଚଢ଼ାଉ କରିଥିଲେ । ଅଭିଯୁକ୍ତମାନଙ୍କୁ ବାଲିଗୁଡା କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବାଲିଗୁଡା ସବ୍ ଜେଲକୁ ପଠାଇ ଦିଆଯାଇଛି ।

### ସେବା ଅଧିକାର ସଚେତନତା ଶିବିର



**ଆସିକା,୪।୨ (ଡି.ଏନ୍.ଏ.):** ରାଜ୍ୟ ସରକାରଙ୍କ ପକ୍ଷରୁ ଜନସାଧରଣଙ୍କୁ ବିଭିନ୍ନ ଯୋଜନା ମାଧମରେ ଯୋଗାଇ ଦିଆଯାଉଥିବା ସେବା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଇଛି । ଆସିକା ବ୍ଲକ ସଭା ଗୃହରେ ସୋମବାର ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ସଚେତନତା ଶିବିର ହୋଇଥିଲା। ଜନସାଧାରଣ କୌଣସି ପରିସ୍ଥିତିରେ ଆବଶ୍ୟକୀୟ ସେବା ପାଇବାରୁ ବଞ୍ଚିତ ହେଲେ ସଂପୃକ୍ତ ବିଭାଗର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ସୂଚନା ଦିଆଯାଇଥିଲା । ଜନପ୍ରତିନିଧିମାନେ ଏ ସମ୍ପର୍କରେ ଗ୍ରାମାଞ୍ଚଳ ଲୋକଙ୍କୁ ଅବଗତ କରାଇବାକୁ କୁହାଯାଇଥିଲା । ଆସିକା ତହଲିଲଦାର ସୁବାସ ଚନ୍ଦ୍ର ସେଠିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ଶିବିରରେ ବ୍ଲକ ଅଧକ୍ଷ ହରେକୃଷ୍ଣ ମଳିକ, ଏବିଡିଓ ସନ୍ତୋଷ କୁମାର ସାମନ୍ତରାୟ, ସିଡିପିଓ ଭାରତୀ ମହାପାତ୍ର, ଜିଲା କୃଷି ଅଧିକାରୀ ସତ୍ୟ ପ୍ରସାଦ ସାମନ୍ତରାୟ ପ୍ରମୁଖ ବିଭାଗୀୟ କାର୍ଯ୍ୟଶୈଳୀ ଓ ସେବା ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧରେ ଉଦ୍ୟାନ ବିଭାଗ, ମତ୍ସ୍ୟ ବିଭାଗ, ପୋଲିସ, ଟ୍ରେଜେରୀର କର୍ମକର୍ତ୍ତାଙ୍କ ସହ ୨୭ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ଜିଲା ପରିଷଦ ସଭ୍ୟ ଉପସ୍ଥିତ ଥିଲେ ।

### ମହିଳା କଲେଜ ବାର୍ଷିକୋତ୍ସବ

**ଛତ୍ରପୁର,୪।୨(ଡି.ଏନ.ଏ.):** ଛତ୍ରପୁର ମହିଳା କଲେଜର ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ କଲେଜ ଅଧକ୍ଷା ସୁଜାତା ପଟ୍ଟନାୟକ ଅଧକ୍ଷତା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ଛତ୍ରପୁର କଲେଜ ଅଧକ୍ଷ ଡ. ସୌଭାଗ୍ୟ କୁମାର ସାହୁ ଯୋଗଦେଇ ଶୃଙ୍ଖଳିତ ଭାବେ ଅଧୟନ କରି ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ କ୍ରୀଡା ପ୍ରତିଯୋଗିତାର ଚାମ୍ପିୟନ କବିତା ଶବରଙ୍କୁ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ଅନ୍ୟ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଧାପିକା ଡ. ମିନତି ମହାପାତ୍ର ଧନ୍ୟବାଦ ଦେଇଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

### ୯ ଦଫା ଦାବି ନେଇ

# ହୁମ୍ମାରୁ ଛତ୍ରପୁର କୃଷକ ପଦଯାତ୍ରା

**ଛତ୍ରପୁର,୪।୨(ଡି.ଏନ.ଏ)**

ଗଞ୍ଜାମ ଜିଲା କୃଷକ ସଂଘର୍ଷ ସମିତି ପକ୍ଷରୁ ସୋମବାର ୯ ଦଫା ଦାବି ନେଇ ଗଞ୍ଜାମ ବ୍ଲକ ହୁମ୍ମାଠାରୁ ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରା କରାଯାଇଥିଲା । ଜିଲାପାଳଙ୍କ କାର୍ଯ୍ୟାଳୟ ଠାରେ ନାରାବାଜି ପରେ ଲୋଏର ବସଷ୍ଟାଣ୍ଡଠାରେ ଏକ ସଭା କରାଯାଇଥିଲା । ଏଥିରେ ରାଜ୍ୟ କୃଷକ ସଭାର ଉପସଭାପତି ଜଗନ୍ନାଥ ମିଶ୍ର, ରାଜ୍ୟ ସିପିଏମ ସମ୍ପାଦକ ଅଳି କିଶୋର ପଟ୍ଟନାୟକ, ସିପିଏମ ଜିଲା ସମ୍ପାଦକ କୈଳାସ ଷଡଙ୍ଗୀ, ଦିଲୀପ ଛୋଟରାୟ, ପି. ହରିକୃଷ୍ଣ ରେଡ୍ଡୀ, ଯୁଧିଷ୍ଠିର ବେହେରା, ବସନ୍ତ ନନ୍ଦ, ରମେଶ ନାୟକ ପ୍ରମୁଖ ଯୋଗଦେଇ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତିକୁ ସମାଲୋଚନା କରିଥିଲେ । କୃଷି ଋଣ ଛାଡ, ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୩ ହଜାର ଟଙ୍କା, ବୋନସ ୭୫୦ ଟଙ୍କା, ଏଫଏକ୍ୟୁ ମାନ ନାମରେ ଚାଷୀଙ୍କୁ ଲୁଟ୍ କରିବା ବନ୍ଦ କର, ଚାଷୀଙ୍କୁ ମାସିକ ପେନସନ୍ ୩ ହଜାର ଟଙ୍କା ଦେବା, ଗଞ୍ଜାମ ବ୍ଲକର ସବୁ ଗାଁକୁ ମେଗା ଜଳପ୍ରକଳ୍ପରେ ସାମିଲ କରି ପାଣି ଯୋଗାଇବା, ଲୁଣ ଉତ୍ପାଦନକାରୀ ଚାଷୀଙ୍କୁ ଲୁଣ ଜମି ହସ୍ତାନ୍ତର, ମତ୍ସ୍ୟଜୀବୀଙ୍କ ପାଇଁ ଶୀତଳ ଭଣ୍ଡାର ଓ ସମୁଦ୍ରକୂଳରେ ଜେଟି ନିର୍ମାଣ ଆଦି ଦାବି ଉପସ୍ଥାପନ କରାଯାଇଥିଲା। ୬ ତାରିଖରେ ପୁଣି ବାଲିପଦାରୁ ବ୍ରହ୍ମପୁରକୁ କୃଷକ ପଦଯାତ୍ରା କରାଯିବ ବୋଲି ସୂଚନା ଦିଆଯାଇଛି ।



ପଦଯାତ୍ରାରେ ସାମିଲ ହୋଇଥିବା କୃଷକମାନେ ।

### ଜାତୀୟ ସଡ଼କ ସୁରକ୍ଷା ସପ୍ତାହ

# ମହାମାରୀଠାରୁ ଦୁର୍ଘଟଣାଜନିତ ମୃତ୍ୟୁ ଅଧିକ


କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ, ଏସ୍‌ପି ଓ ଅନ୍ୟମାନେ ।

**ଛତ୍ରପୁର,୪।୨(ଡି.ଏନ.ଏ.)**

ଗଞ୍ଜାମ ଜିଲାସ୍ତରୀୟ ୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଛତ୍ରପୁର ଠାରେ ସୋମବାର ଆରମ୍ଭ ହୋଇଛି । ସକାଳେ ସ୍କୁଲ, କଲେଜ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସଚେତନତା ରାଲି କରାଯାଇଥିଲା। ପୂର୍ବାହ୍ନରେ ଛତ୍ରପୁରସ୍ଥିତ ପୋଲିସ ପଡିଆରେ ଏକ ସଭା ହୋଇଥିଲା । ଗଞ୍ଜାମ ଜିଲାରେ ମହାମାରୀ ଠାରୁ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ଅଧିକ ବୋଲି ବକ୍ତାମାନେ ମତ ରଖିଥିଲେ । ମୁଖ୍ୟଅତିଥି ଭାବେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ ନିଜ ମାନସିକତାରେ ପରିବର୍ତ୍ତନ ଆବଶ୍ୟକ ବୋଲି କହିଥିଲେ। ସେହିପରି ସମସ୍ତଙ୍କ ସହଯୋଗ ରହିଲେ ଦୁର୍ଘଟଣା କମିପାରିବ ବୋଲି ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ କହିଥିଲେ। ଜିଲାର ୧୦ କଲେଜରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ କରାଯାଇଥିବା ସେ ସୂଚନା ଦେଇଥିଲେ । ଦକ୍ଷିଣାଞ୍ଚଳ ପରିବହନ ଡେପୁଟି କମିଶନର ବସନ୍ତ କୁମାର ବେହେରା ଘରୁ ସଚେତନତା ଆରମ୍ଭ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ । ଗଞ୍ଜାମ ଆରଟିଓ ସଞ୍ଜୟ ବିଶ୍ୱାଳ ଜିଲାରେ ୨୦୧୭ରେ ୩୮୦ ଓ ୨୦୧୮ରେ ୩୮ ଜଣଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା କହିଥିଲେ। ସଡ଼କ ନିୟମ ଉଲ୍ଲଂଘନ କରୁଥିବା ଲୋକଙ୍କ ପାଇଁ ଜରିମାନା ଆଦାୟ ଲାଗି ଇ-ଚାଲାଣ ବ୍ୟବସ୍ଥା ହୋଇଛି। ଗଞ୍ଜାମ ପୋଲିସ ଜିଲାର ୪ ଥାନାକୁ ଏହାର ମେଶିନ ଦିଆଯାଇଛି । ବ୍ରହ୍ମପୁର ପୋଲିସକୁ ମଧ ଏହି ମେଶିନ୍ ଦିଆଯିବ ବୋଲି ସୂଚନା ଦିଆଯାଇଛି । ଏହି ଅବସରରେ ଏକ ସଚେତନତା ରଥକୁ ଜିଲାପାଳ ଓ ଏସ୍‌ପି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ରଥ ଜିଲା ସାରା ପରିକ୍ରମା କରି ଲୋକଙ୍କୁ ସଡକ ସୁରକ୍ଷା ଓ ନିୟମ ଉପରେ ସଚେତନ କରିବ । ଏମଭିଆଇ ସମୀର ଦଳେଇ ଧନ୍ୟବାଦ ଦେଇଥିଲେ ।

## ଏନ୍‌ଏସି ଉନ୍ନୟନ କାର୍ଯ୍ୟ ସମୀକ୍ଷା

**ବୁଗୁଡ଼ା,୪।୨(ଡି.ଏନ.ଏ.)**

ବୁଗୁଡ଼ା ଏନଏସିର ଉନ୍ନୟନ କାର୍ଯ୍ୟ ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଶ୍ରୀକାନ୍ତ ସାହୁ, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ, ଏମପି ପ୍ରତିନିଧି ଧୋବା ସ୍ୱାଇଁ, ତହସିଲଦାର ସଂଗ୍ରାମ କେଶରୀ ଜେନା, ଏନଏସି ନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଏନଏସିର ରାସ୍ତାଘାଟ ଓ ଉନ୍ନୟନ କାର୍ଯ୍ୟ ସମୀକ୍ଷା ସହ ତାହା ଯେଭଳି ତ୍ୱରାନ୍ୱିତ ହୋଇପାରିବ ସେ ନେଇ ଆଲୋଚନା ହୋଇଥିଲା। ଏଥିସହ ଏନଏସିର ବେଙ୍ଗେଇବନ୍ଧର ପୁନରୁଦ୍ଧାର ସକାଶେ ଜରୁରୀ ପଦକ୍ଷେପ ନେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ଏନଏସିର ପୂର୍ବତନ ଉପାଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ଜିଲା ବିଜେଡି ସମ୍ପାଦକ ସୁଧାଂଶୁ ଶେଖର ପାଢ଼ୀ, ଏସ. ଦିଲ୍ଲୀଶ୍ୱର ପାତ୍ର, ପ୍ରଫୁଲ୍ଲ ଚନ୍ଦ୍ର ପାତ୍ରଙ୍କ ସମେତ ପୂର୍ବତନ କାଉନସିଲର ଓ ଏନଏସିର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଶିକ୍ଷକ ବଦଳି ବାତିଲ ଦାବିରେ ପୂର୍ବତନ ସରପଞ୍ଚଙ୍କ ଆନ୍ଦୋଳନ ଚେତାବନୀ

**ଶେରଗଡ,୪।୨(ଡି.ଏନ.ଏ.):** ଶେରଗଡ ବ୍ଲକ ତଅଁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକଙ୍କ ବଦଳି ବାତିଲ ଓ ତାଙ୍କ ସ୍ଥାନରେ ଅନ୍ୟ ଜଣେ ଶିକ୍ଷକଙ୍କୁ ଅବସ୍ଥାପିତ ଦାବିରେ ତଅଁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଜିତୁ ମୁନୀ ଆନ୍ଦୋଳନ ଚେତାବନୀ ଦେଇଛନ୍ତି । ୭ ଦିନ ଭିତରେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ବିଦ୍ୟାଳୟ ଫାଟକ ଆଗରେ ଆନ୍ଦୋଳନ କରିବୁ ବୋଲି ସେ ଚେତାବନୀ ଦେଇଛନ୍ତି । ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟରେ ୮ ଶ୍ରେଣୀ ଥିବା ବେଳେ ୮ ଶିକ୍ଷକ ଥିଲେ। ଛାତ୍ରୀଛାତ୍ରଙ୍କ ସଂଖ୍ୟା ୨୩୦ । ଗତ ୩/୪ ଦିନ ତଳେ ଶିକ୍ଷା ବିଭାଗ ପକ୍ଷରୁ ଉକ୍ତ ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ହିଞ୍ଜିଳିକାଟୁ ବ୍ଲକର ଏକ ବିଦ୍ୟାଳୟକୁ ବଦଳି କରାଯାଇଛି । କିନ୍ତୁ ତାଙ୍କୁ ସ୍ଥାନରେ କୌଣସି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଛାତ୍ରୀଛାତ୍ରୀ ସଂଖ୍ୟା ୨୩୦ ଥିବା ବେଳେ ୮ ଶ୍ରେଣୀକୁ କିପରି ପରିଚାଳନା କରିବେ ଗ୍ରାମବାସୀ ଓ ଅଭିଭାବକମାନେ ଦାବି କରିଛନ୍ତି । ଘଟଣା ସମ୍ପର୍କରେ ଆମେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରକୁ ଯାଇ ଦାବି କରିବୁ ବୋଲି ଗ୍ରାମବାସୀମାନେ କଡା ଚେତାବନୀ ଦେଇଛନ୍ତି । ସୋମବାର ପୂର୍ବତନ ସରପଞ୍ଚଙ୍କ ନେତୃତ୍ୱରେ କେତେକ ଗ୍ରାମବାସୀ ବିଦ୍ୟାଳୟକୁ ଯାଇ ପ୍ରଧାନ ଶିକ୍ଷକଙ୍କୁ ଏ ସମ୍ପର୍କରେ ପଚାରିଛନ୍ତି। ଶେରଗଡ ବ୍ଲକ ଶିକ୍ଷାଧିକାରୀ ଫୋନ ଯୋଗେ ଜଣାଇବା ପରେ ୭ ଦିନ ମହଲତ ଦେଇଛନ୍ତି। ଏ ସମ୍ପର୍କରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଗ୍ରାମବାସୀଙ୍କ ତରଫରୁ ଜଣାଇ ଦିଆଯାଇଛି। ୭ ଦିନ ମଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ପୂର୍ବତନ ସରପଞ୍ଚ ମୁନୀ କହିଛନ୍ତି।

# ଲିଙ୍ଗଗତ ସମାନତା କର୍ମଶାଳା



ମଞ୍ଚାସୀନ ଅତିଥିବୃନ୍ଦ ।

**ରାମଗିରି,୪।୨(ଡି.ଏନ.ଏ.)**

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ରାମଗିରି ମହେନ୍ଦ୍ରଗିରି ମହାବିଦ୍ୟାଳୟରେ ଆକସ୍‌ଫାମ ଇଣ୍ଡିଆ ଓ ମହିଳା ବିକାଶ ପ୍ରତିଷ୍ଠାନ ସହଯୋଗରେ ସୋମବାର ଏକ କର୍ମଶାଳା ଆୟୋଜନ କରାଯାଇଥିଲା। ଏଥିରେ ଅଧକ୍ଷା ପ୍ରିୟଦର୍ଶିନୀ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସମାଜରେ ପ୍ରଚଳିତ ଲିଙ୍ଗଗତ ସମାନତା, ଏହାର କାରଣ ଓ ପ୍ରଭାବ କିଭଳି ମହିଳାମାନଙ୍କ ଉପରେ ପଡୁଛି ସେ ବିଷୟରେ ଆଲୋକପାତ କରାଯାଇଥିଲା। କର୍ମଶାଳାରେ ସାଧନ କର୍ମୀ ଭାବେ ଆକସ୍‌ଫାମ୍ ଇଣ୍ଡିଆ ତରଫରୁ ଅଫସନା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ସମ୍ପାଦିକା ମିନତି ପାଢୀ କହିଥିଲେ, ଆମ ସମାଜରେ ମହିଳାମାନଙ୍କ ପ୍ରତି ହେଉଥିବା ହିଂସା, ନିର୍ଯାତନା ଇତ୍ୟାଦି ଲିଙ୍ଗଗତ ଅସମତା ହେଉଛି ମୁଖ୍ୟ କାରଣ। ଏଣୁ ଏହି ଅସମତାକୁ ଦୂର କରାଗଲେ ମହିଳାମାନେ ସମାନ ଅଧିକାର ଓ ସମାନ ସୁଯୋଗ ପାଇବେ ଏବଂ ସମ୍ମାନର ସହ ଆଜିକାର ସମାଜରେ ବଞ୍ଚି ପାରିବେ, ଯାହାକି ଆମ ସମ୍ବିଧାନରେ ନାଗରିକମାନଙ୍କୁ ଦିଆଯାଇଛି। ଏହି ଅସମତା ଦୂର ପାଇଁ ବର୍ତ୍ତମାନର ଯୁବତୀ ଯୁବକମାନଙ୍କର ଗୁରୁଦାୟିତ୍ୱ ରହିଛି । ଅଧକ୍ଷା ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରମାନେ ଲିଙ୍ଗଗତ ସମସ୍ୟା ଉପରେ ଜାଣିବା ଓ ଏହାକୁ ପରବର୍ତ୍ତୀ ସମୟରେ ଆଲୋଚନା କରିବା ଛାତ୍ରୀଛାତ୍ରମାନଙ୍କ ପାଇଁ ବଡ଼ ସୁଯୋଗ। ବିଶେଷକରି ପ୍ରଚଳିତ ସିନେମା ଏବଂ ବିଜ୍ଞାପନ ଦ୍ୱାରା ମହିଳାମାନଙ୍କୁ ଯେଭଳି ଏକ ଦ୍ରବ୍ୟଭାବେ ଦର୍ଶାଯାଉଛି ତାହା କିପରି ଦୂର ହେବ ତାହା ଉପରେ ବୁଝାଇଥିଲେ ।

# ଧାରଣା ଦେଲେ ଅଙ୍ଗନୱାଡି କର୍ମୀ


ଅଙ୍ଗନୱାଡି କର୍ମୀ ଧାରଣାରେ ବସିଛନ୍ତି ।

**ଛତ୍ରପୁର,୪।୨(ଡି.ଏନ.ଏ.)**

ଅଙ୍ଗନୱାଡି କର୍ମୀଙ୍କୁ ଆକ୍ରୋଶମୂଳକ ବହିଷ୍କାର ପ୍ରତିବାଦକରି ସୋମବାର ଅଲ୍ ଓଡିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସରକାରଙ୍କ ଦ୍ୱାରା ଏହି କାର୍ଯ୍ୟକୁ ନିନ୍ଦା କରାଯାଇଥିଲା । ରାଜ୍ୟ ସଂଘ ଡାକରାରେ ଏହି ବିକ୍ଷୋଭ ସହ ଜିଲାପାଳଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ୧୫ ତାରିଖ ସୁଦ୍ଧା ବହିଷ୍କୃତ ଅଙ୍ଗନୱାଡି କର୍ମୀଙ୍କ ସମ୍ପର୍କରେ ପୁନଃବିଚାର କରିବାକୁ ଦାବି ହୋଇଥିଲା । ଏଥିରେ ଗଞ୍ଜାମ ଜିଲା ପ୍ରମୁଖ ଲିଙ୍ଗରାଜ ସାହୁଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ କରାଯାଇଥିଲା ।

# ସମସ୍ୟା ନେଇ ଜିଲାପାଳଙ୍କୁ ଭେଟିଲା ଯୁବ କଳା ପରିଷଦ

**ଫୁଲବାଣୀ ଅଫିସ, ୪।୨**

ଖଜୁରିପଡା ବ୍ଲକ ବଲସକୁମ୍ପାର ମା’ ଇଷ୍ଟ ଦେବୀ ଯୁବ କଳା ପରିଷଦର ସଦସ୍ୟମାନେ ସେମାନଙ୍କ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ସୋମବାର ଜିଲାପାଳଙ୍କୁ ଭେଟିଛନ୍ତି। ସମସ୍ୟା ସମାଧାନ ପ୍ରତି ବ୍ଲକ କି ଜିଲା ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ୧୫୭ ନଂ ଜାତୀୟ ରାଜପଥ ପକନାଗାଁଠାରୁ ୫୭ ନଂ ଜାତୀୟ ରାଜପଥ ବାରପୁଲିଆକୁ ବଲସକୁମ୍ପା ଦେଇ ସଂଯୋଗ କରୁଥିବା ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ଯାତାୟାତରେ ଅସୁବିଧା ପରିଲକ୍ଷିତ ହେଉଛି । ବଲସକୁମ୍ପାରେ ଥିବା ଜିଲା ଅଧିଷ୍ଠାତ୍ରୀ ଦେବୀ ମା’ ବରାଳ ଦେବୀଙ୍କ ଦର୍ଶନ ନିମନ୍ତେ ପ୍ରତିଦିନ ବହୁ ସଂଖ୍ୟାରେ ଭକ୍ତ ଆସିଥାନ୍ତି। ସେହିପରି ପର୍ଯ୍ୟଟନସ୍ଥଳୀ ପିଲାସାଲକୀ ଓ ପୁରୁଣାପାଣି ଡ୍ୟାମକୁ ମଧ ଲୋକେ ବୁଲି ଆସନ୍ତି। ୪ ପଞ୍ଚାୟତର ଜନସାଧାରଣଙ୍କର ମଧ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଅପରପକ୍ଷରେ ଏହି ରାସ୍ତାକୁ ବାଇପାସ୍ କରି ଭାରି ଯାନ ଚଳାଚଳ କରାଯାଉଥିବା ଯୋଗୁ ବିପର୍ଯ୍ୟସ୍ତ ହୋଇପଡିଲାଣି। ତେଣୁ ରାସ୍ତା ଓ ମା’ ବରାଳଦେବୀଙ୍କ ପୀଠରେ ବିଶ୍ରାମ ଗୃହ ନିର୍ମାଣ, ବଲସକୁମ୍ପା ଦେବୀ ଛକରେ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ଓ ଶୌଚାଳୟ ନିର୍ମାଣ କରିବାକୁ ଦାବି ରହିଛି ବୋଲି ପରିଷଦ ସଭାପତି ବିନାୟକ ସାହାଣି ଓ ସମ୍ପାଦକ ବିଦୁର ବେହେରା ପ୍ରମୁଖ ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଉପ ସଭାପତି ଗୋକୁଳ ସାହାଣୀ, ଯୁଗ୍ମ ସମ୍ପାଦକ ରଜତ ବେହେରା, କାର୍ଯ୍ୟକାରୀ ସଭାପତି ରୋହିତ କୁମାର ବେହେରା, କୋଷାଧ୍ୟକ୍ଷ ଶଶାଙ୍କ ଶେଖର ବେହେରା, ଉପଦେଷ୍ଟା ବୈଦ୍ୟନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।


ଯୁବ କଳା ପରିଷଦ ସଦସ୍ୟମାନେ ।

### ୧୨ ପଞ୍ଚାୟତ ୱାର୍ଡ କମିଟି ଗଠିତ

# ତୃଣମୂଳସ୍ତରରେ ଏକଜୁଟ ହୋଇ କାମ କରିବାକୁ ଆହ୍ୱାନ

**ରାଇକିଆ,୪।୨(ଡ଼ି.ଏନ.ଏ.)**

ରାଇକିଆ ବ୍ଲକ ୧୨ ପଞ୍ଚାୟତର ସମସ୍ତ ୱାର୍ଡରେ ବିଜେଡି ପକ୍ଷରୁ ୱାର୍ଡ କମିଟି ଗଠନ କରାଯିବା ସହ ବୈଠକ ଗତ ୧୫ ଦିନ ଧରି ପର୍ଯ୍ୟାୟ କ୍ରମେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାରେ ବିଜେଡି ଶାସନ କଲା ଦିନରୁ ପ୍ରତ୍ୟେକ ଗାଁରେ ବିକାଶ ଛୁଇଁଛି। ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହୋଇଛି। ଏଥି ଯୋଗୁ ବିଜୁ ଜନତା ଦଳ ଜନ ସାଧାରଣଙ୍କର ବିଶ୍ୱାସ ଭାଜନ ହୋଇପାରୁଛି । ଏହାକୁ ପାଥେୟ କରି ଆଗାମୀ ନିର୍ବାଚନରେ ତୃଣମୂଳସ୍ତରରେ ଏକଜୁଟ ହୋଇ କାମ କରିବାକୁ ଆହ୍ୱାନ ଦିଆଯାଇଥିଲା । ପ୍ରତ୍ୟେକ ୱାର୍ଡରେ ରାଜ୍ୟ ସରକାରଙ୍କ ସଫଳ ଯୋଜନା ସମ୍ପର୍କରେ ସଚେତନତା କରିବା ପାଇଁ ରବିବାର ରାଇକିଆରେ ଅନୁଷ୍ଠିତ ବୈଠକରେ ଦଳୀୟ ନେତୃବୃନ୍ଦ କହିଥିଲେ। ଜିଲା ସଭାପତିସରୋଜ କର୍ଣ୍ଣ, ଯୁବ ବିଜେଡ ସଭାପତିପ୍ରଦୀପ ପ୍ରଧାନ, ବ୍ଲକ ସଭାପତି ରାଜମୋହନ ଦିଗାଳ, ବିଜେଡ଼ି ସଂଖ୍ୟା ଲଘୁ ସେଲ ଜିଲା ସଭାପତି ଜୟାନନ୍ଦ ନାୟକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଭ୍ୟା ଗୀତାଞ୍ଜଳି ନାୟକ, ରାଇକିଆ ସମିତି ସଭ୍ୟା ମିନି ନାୟକ, ବ୍ଲକ ଅଧକ୍ଷା ମାନିନୀ ପ୍ରଧାନ, ରାଇକିଆ ସରପଞ୍ଚ ପଞ୍ଚୁ ପ୍ରଧାନ ଓ ବିସିସିବି ସଭାପତି ସତ୍ୟ ନାରାୟଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ପର୍ଯ୍ୟବେକ୍ଷକ କୈଳାସ ବିଷୋୟୀ, ମଦନ ବିଶୋୟୀ, ସୁଧୀର ପାତ୍ର, ତାପସ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।


ବୈଠକରେ ଯୋଗ ଦେଇଥିବା ବିଜେଡି କର୍ମୀ ଓ ଦଳୀୟ କର୍ମକର୍ତ୍ତା ।

# କଂଗ୍ରେସ ପକ୍ଷରୁ ସାଂଗଠନିକ ସଭା

**ଆସିକା,୪।୨(ଡି.ଏନ୍.ଏ.)**

ଆସିକା ଟାଉନ ହଲ ଓ ବସଷ୍ଟାଣ୍ଡ ଠାକୁରାଣୀ ମନ୍ଦିର ନିକଟରେ ସୋମବାର ଆସିକା କଂଗ୍ରେସ ପକ୍ଷରୁ ପୃଥକ ଭାବେ ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି। ଉଭୟ ବୈଠକରେ ଦଳୀୟ କର୍ମୀମାନେ ଆଗାମୀ ନିର୍ବାଚନ ଲାଗି ପ୍ରସ୍ତୁତ ହେବା ଓ ଦଳର ସାଂଗଠନିକ ଅଭିବୃଦ୍ଧି ନିମନ୍ତେ ଆଲୋଚନା କରାଯାଇଥିଲା । ଟାଉନ ହଲଠାରେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସ୍ୱରୂପା ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସୁଜ୍ଞାନୀ ପଟ୍ଟନାୟକ, ପ୍ରତିମା ମିଶ୍ର, ଗୀତା ରାଓ, ରାଜେଶ୍ୱରୀ ସୁବୁଦ୍ଧି, ଜ୍ୟୋସ୍ନା ପାତ୍ର ପ୍ରମୁଖ ଉଦବୋଧନ ଦେଇଥିଲେ । ରାଜ୍ୟବାସୀଙ୍କ ବିଭିନ୍ନ ସମସ୍ୟାକୁ ରାଜ୍ୟ ସରକାରଙ୍କ ନିକଟରେ ଦଳ ପକ୍ଷରୁ ଉପସ୍ଥାପନ କରାଯିବ। ଏହାର କୌଣସି ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ମହିଳା କଂଗ୍ରେସ ସଭାନେତ୍ରୀ ତ୍ରିପାଠୀ ଚେତାବନୀ ଦେଇଥିଲେ । ଅନ୍ୟପକ୍ଷରେ ଠାକୁରାଣୀ ମନ୍ଦିର ନିକଟରେ ଅନୁଷ୍ଠିତ କଂଗ୍ରେସ ଦଳର ଅନ୍ୟ ଏକ ସାଙ୍ଗଠନିକ ବୈଠକରେ ନବନିର୍ବାଚିତ ନଗର ସଭାପତି ବିଧାନ ଚନ୍ଦ୍ର ସ୍ୱାଇଁ ଅଧକ୍ଷତା କରିଥିଲେ । ଆସିକା ଲୋକସଭା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଅନିଲ କୁମାର ପରିଡା ଓ ୧ ନଂ. ଜୋନ ସଭାପତି ସୁଶାନ୍ତ ରାଉତ ପ୍ରମୁଖ ଉଦବୋଧନ ଦେଇଥିଲେ। ବୈଠକରେ କଂଗ୍ରେସ ପକ୍ଷରୁ ଆସିକା ଏନ୍‌ଏସିର ୧୨ନମ୍ବର ୱାର୍ଡର ଜନସାଧାରଣଙ୍କ ଠାରୁ ଆପତ୍ତି ଅଭିଯୋଗ ଗ୍ରହଣ କରାଯାଇଥିଲା। ବିଭିନ୍ନ ୱାର୍ଡରେ ଦଳ ପକ୍ଷରୁ ଏଭଳି ବୈଠକ କରାଯାଇ ଲୋକଙ୍କ ସମସ୍ୟା ଜାଣିବା ପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସ୍ଥିର କରାଯାଇଛି । ଏହି ଅବସରରେ କଂଗ୍ରେସ କର୍ମୀମାନେ ଦଳର ସଂଗଠନକୁ ଅଧିକ ସୁଦୃଢ଼ କରି ଦଳର ନେତୃତ୍ୱ ନେଉଥିବା ରାଜ୍ୟ ସମ୍ପାଦକ ମନୋଜ ଜେନାଙ୍କ ହାତ ମୁଠାକୁ ଟାଣ କରିବା ଲାଗି ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦିଆଯାଇଥିଲା ।



କଂଗ୍ରେସ ଦଳସର ସାଙ୍ଗଠନିକ ବୈଠକ ।



ମହିଳା କଂଗ୍ରେସ ପକ୍ଷରୁ ଜନ ସମ୍ପର୍କ ଓ ସଚେତନତା ଶିବିର



ଡା. ସରୋଜିନୀ ଷଡ଼ଙ୍ଗୀ

# ମହିଳା କର୍କଟ ରୋଗ ଓ ନିରାକରଣ

କର୍କଟ ଆଉ ଭୟଙ୍କର ରୋଗ ହୋଇ ରହିନାହିଁ କାରଣ ଅଧିକାଂଶ କର୍କଟ ରୋଗର ନିରାକରଣ ଓ ଚିକିତ୍ସା ଉପଯୁକ୍ତ ସମୟରେ ହୋଇପାରିଲେ ଏହା ସମ୍ପୂର୍ଣ୍ଣ ଭାବେ ଆରୋଗ୍ୟ ହୋଇପାରୁଛି...







ସାରା ବିଶ୍ୱରେ ପ୍ରତିବର୍ଷ ୧୨.୭ ମିଲିୟନ୍ ଲୋକ କର୍କଟ ରୋଗରେ ଆକ୍ରାନ୍ତ ହେଉଥିବାବେଳେ ୭ ମିଲିୟନ୍ ଲୋକ ମୃତ୍ୟୁବରଣ କରୁଛନ୍ତି। ତେଣୁ ଏଭଳି ଦୁରାରୋଗ୍ୟ ବ୍ୟାଧିକୁ ହଟାଇବା, ପ୍ରତିଷେଧକ ବ୍ୟବସ୍ଥା ତଥା ପ୍ରାଥମିକ ପର୍ଯ୍ୟାୟରୁ ଏହାର ଲକ୍ଷଣ, ଚିହ୍ନଟ ଓ ଚିକିତ୍ସା ପାଇଁ ସଚେତନତାର ବାର୍ତ୍ତା ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ପହଞ୍ଚାଇବା ଖୁବ୍ ଜରୁରୀ। ଯେଉଁଥିଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାଠାରୁ ଆରମ୍ଭ କରି ୟୁନାଇଟେଡ୍ ସ୍ୱାସ୍ଥ୍ୟ ଓ ୟୁଏନ୍ ଏଜେନ୍ସିଗୁଡ଼ିକ ମିଳିତ ଭାବେ ଚେଷ୍ଟା ଜାରି ରଖିଛନ୍ତି। ସମଗ୍ର ପୃଥିବୀରେ ଫେବୃୟାରୀ ୪ ତାରିଖକୁ ବିଶ୍ୱ କର୍କଟ ଦିବସ ରୂପେ ପାଳନ କରାଯାଇ ସମସ୍ତଙ୍କୁ ସଚେତନ କରାଯାଉଛି। ତେବେ ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ହେଉଛି ''ମୁଁ ନିଶ୍ଚିତ ଭାବରେ କର୍କଟ ବିରୋଧରେ ଲଢ଼ିବି ଏବଂ ବିଜୟୀ ହେବି।''

ଆମ ଦେଶରେ ମହିଳାମାନଙ୍କ କର୍କଟ ରୋଗକୁ ବିଚାରକୁ ନେଲେ ଜାଣିବା ଯେ, ଜରାୟୁ ମୁଖ କର୍କଟ, ସ୍ତନ କର୍କଟ ବେଶି ଦେଖାଦେଇଥାଏ। ପରେ ପରେ ଡିମ୍ବକୋଷର କର୍କଟ, ଜନନେନ୍ଦ୍ରିୟ କର୍କଟ ଏବଂ ଶରୀରର ଅନ୍ୟାନ୍ୟ କର୍କଟ ରୋଗ ଦେଖାଦେଇଥାଏ।

ଆମ ଦେଶରେ ଜରାୟୁ ଗ୍ରୀବା କର୍କଟରେ ପୀଡ଼ିତ ହୋଇ ପ୍ରତି ୭ ମିନିଟ୍‌ରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥାଏ। ଭାରତରେ ଏହି ରୋଗ ଭୋଗୁଥିବା ଶତକଡ଼ା ୯୦ ଭାଗ ମହିଳାଙ୍କ ଜରାୟୁ ଗ୍ରୀବା କର୍କଟ ହିଁ ହୋଇଥାଏ। ଯେଉଁ ରୋଗୀମାନେ ସାଧାରଣତଃ ଚିକିତ୍ସା ପାଇଁ ଆସିଥାନ୍ତି ତନ୍ମଧ୍ୟରୁ ଶତକଡ଼ା ୯୦ ଭାଗ ଶେଷ ପର୍ଯ୍ୟାୟ (ତୃତୀୟ, ଚତୁର୍ଥ ଷ୍ଟେଜ୍)ରେ ପହଞ୍ଚିଥାନ୍ତି। ଫଳରେ ରୋଗୀର ଅସ୍ତ୍ରୋପଚାର ତଥା ଚିକିତ୍ସା ଉପଯୁକ୍ତ ସମୟରେ ହୋଇପାରେନାହିଁ ଏବଂ ରୋଗୀ ମୃତ୍ୟୁମୁଖରେ ପଡ଼ିଥାଏ। ପ୍ରାଥମିକ ଅବସ୍ଥାରୁ ଜରାୟୁ ଗ୍ରୀବା କର୍କଟର ଚିହ୍ନଟ ଏବଂ ଚିକିତ୍ସା ହୋଇପାରିଲେ ୯୨% ରୋଗୀ ଭଲ ହୋଇଯାନ୍ତି।

**ଜରାୟୁ କର୍କଟର କାରଣ ବା କେଉଁମାନେ ହାଇରିସ୍କ ମହିଳା :**

୧. ଅଳ୍ପ ବୟସରେ ବିଶେଷକରି ୧୬ ବର୍ଷରୁ କମ୍ ବୟସରେ ବିବାହ, ଯୌନ ଜୀବନର ଆରମ୍ଭ, ପ୍ରଥମ ଗର୍ଭଧାରଣ, ଅଳ୍ପ ସମୟ ବ୍ୟବଧାନରେ ବହୁ ସନ୍ତାନର ଜନନୀ, ଅସ୍ୱାସ୍ଥ୍ୟକର ପରିବେଶରେ ବାସ କରୁଥିବା ମହିଳାଙ୍କଠାରେ ଏହାର ଆଶଙ୍କା ବେଶି। ସେହିପରି ଯୌନକ୍ରିୟା ଦ୍ୱାରା ପ୍ରବାହିତ ହେଉଥିବା ଭୂତାଣୁ ଯଥା 'ହ୍ୟୁମାନ୍ ପାପିଲୋମା ଭାଇରସ୍' ଓ 'ହର୍‌ପିସ୍ ସିମ୍ପ୍ଲେକ୍ସ ଭାଇରସ୍ ଟାଇପ୍ ଟୁ'କୁ ଏକ୍ସପୋଜର୍, ଅନେକ ପୁରୁଷଙ୍କ ସହ ଯୌନସଂଗମ, ଯେଉଁ ମହିଳାଙ୍କ ସ୍ୱାମୀଙ୍କର ପୂର୍ବ ପତ୍ନୀ ଜରାୟୁ ଗ୍ରୀବା କର୍କଟରେ ମୃତ୍ୟୁବରଣ କରିଥାଆନ୍ତି, ଏଚ୍‌ଆଇଭି ପଜିଟିଭ୍ ମହିଳା, ଗର୍ଭନିରୋଧକ ବଟିକା ସେବନ କିମ୍ବା ଧୂମପାନ କରୁଥିବା ମହିଳାଙ୍କଠାରେ ଏହାର ଆଶଙ୍କା ଅଧିକ।

ଏହି ରୋଗ ହେବାର ବହୁପୂର୍ବରୁ ପ୍ରତିଷେଧକ ବ୍ୟବସ୍ଥାମାନ ଗ୍ରହଣ କରିବା ସହ ମାସ୍ ସ୍କ୍ରିନିଂ ଓ ପାପ୍‌ସ୍ମିଅର କରିପାରିଲେ ଏହାକୁ ସମ୍ପୂର୍ଣ୍ଣଭାବେ ପ୍ରତିରୋଧ କରିହେବ। ତେଣୁ ପ୍ରତ୍ୟେକ ମହିଳା ବର୍ଷକୁ ଅନ୍ତତଃ ଥରେ ପାପ୍‌ସ୍ମିଅର ଟେଷ୍ଟ କରାଇନେବା ଆବଶ୍ୟକ।

**ସ୍ତନ କର୍କଟ ଓ ତା'ର ନିରାକରଣ:**

ସ୍ତନରେ ଅନିୟମିତ କୋଷ ବୃଦ୍ଧି ହେଲେ ତାକୁ 'ସ୍ତନ କର୍କଟ' କୁହାଯାଏ। ସମ୍ପୂର୍ଣ୍ଣ ଜୀବନକାଳ ମଧ୍ୟରେ ୮ ମହିଳାଙ୍କ ମଧ୍ୟରୁ ଅନ୍ତତଃ ଜଣେ ସ୍ତନ କର୍କଟରେ ପୀଡ଼ିତ ହେବାର ଆଶଙ୍କା ଥାଏ। ସମଗ୍ର ବିଶ୍ୱରେ ପ୍ରତି ୧୩ ମିନିଟ୍‌ରେ ଜଣେ ମହିଳା ଏହି ରୋଗରେ ମୃତ୍ୟୁ ମୁଖରେ ପଡିଥାନ୍ତି। ତେଣୁ ସ୍ତନ କର୍କଟର ପ୍ରାଥମିକ ଲକ୍ଷଣ ସବୁ ଜାଣିପାରିଲେ କିମ୍ବା ନିଜେ ନିଜର ସ୍ତନ ପରୀକ୍ଷା କରି (ବ୍ରେଷ୍ଟ ସେଲ୍ଫ ପାଲ୍‌ପ୍ରେସନ୍) ଅର୍ବୁଦ ଥିବା ଜାଣିଲେ, ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା କରିବା ଆବଶ୍ୟକ।

**ହାଇରିସ୍କ ମହିଳା:** ବୟସ ବଢ଼ିବା ସଙ୍ଗେସଙ୍ଗେ ଅର୍ଥାତ୍ ୫୦ ବର୍ଷରୁ ଊର୍ଦ୍ଧ୍ୱ ମହିଳା, ଯେଉଁ ମାନଙ୍କର ପ୍ରଥମ ଋତୁସ୍ରାବ (ଏଜ୍ ଏଟ୍ ମେନାର୍କି) ୧୨ ବର୍ଷ ଆଗରୁ ହୋଇଥାଏ, ଯେଉଁ ମହିଳାଙ୍କର ପ୍ରଥମ ସନ୍ତାନ ଜନ୍ମ ଡେରିରେ ବା ୩୦ ବର୍ଷ ପରେ ହୋଇଥାଏ, ଯେଉଁ ମହିଳାଙ୍କର ଆଦୌ ସନ୍ତାନସନ୍ତତି ନ ଥାଏ, ଯେଉଁ ମହିଳାଙ୍କ ମା' ବା ଭଉଣୀଙ୍କର ସ୍ତନ କର୍କଟ ହୋଇଥାଏ, ଯେଉଁ ମହିଳାଙ୍କ ଋତୁସ୍ରାବର ବିରତି (ମେନୋପଜ୍) ବେଶି ବୟସରେ ହୋଇଥାଏ, ଯେଉଁ ମହିଳାଙ୍କର ଡିମ୍ବକୋଷରେ କର୍କଟ ହୋଇଥାଏ, ଯେଉଁ ମହିଳାଙ୍କ ଶରୀରର ବାରମ୍ବାର ଏକ୍ସରେ କରାହୋଇଥାଏ, ଅତ୍ୟଧିକ ମେଦବହୁଳ ମହିଳା, ଅତ୍ୟଧିକ ଚର୍ବିମିଶ୍ରିତ ଖାଦ୍ୟ ଖାଉଥିବା ମହିଳାଙ୍କଠାରେ ଏହି ରୋଗର ଆଶଙ୍କା ବେଶି।

**ଲକ୍ଷଣ**

– ସ୍ତନ କର୍କଟର ମୁଖ୍ୟ ଲକ୍ଷଣ ହେଉଛି ସ୍ତନରେ ଅର୍ବୁଦ। ଏଥିରେ ଆଦୌ ବ୍ୟଥା ବା ଦରଜ ହୁଏନାହିଁ।

– ସ୍ତନ ବା କାଖରେ ଏକ ନୂତନ ବା ଅସ୍ୱାଭାବିକ ଅର୍ବୁଦ କିମ୍ବା ଲିମ୍ଫନୋଡ୍ ଏନ୍‌ଲାର୍ଜମେଣ୍ଟ ବା କାଖ ଗୁଳି ବଢ଼ିଯିବା।

– ସ୍ତନର ଆକାର ବା ଆକୃତିରେ ଅସ୍ୱାଭାବିକ ପରିବର୍ତ୍ତନ।

– ସ୍ତନର ଉପର ଭାଗ ଚର୍ମରେ ଗାତ ସୃଷ୍ଟି ହୋଇଯିବା ବା ନାଲି ହୋଇଯିବା ପିଉ ଡି 'ଅରେଞ୍ଜ୍ ଆପିଅରାନ୍ସ।'

– ସ୍ତନର ନିପଲ୍ ବା ଭୁଣ୍ଡିରୁ ପାଣି କିମ୍ବା ରକ୍ତ ବାହାରିବା।

– ସ୍ତନ ଭୁଣ୍ଡି ଭିତର ପଟକୁ ମୋଡ଼ି ହୋଇଯିବା ବା ପଶିଯିବା ''ରିଟ୍ରାକ୍ଟେଡ୍ ନିପଲ୍''।

– ସ୍ତନରେ କଷ୍ଟ ହେବା।

**ସ୍ତନ କର୍କଟର ଚିହ୍ନଟ :**

ଯେକୌଣସି କର୍କଟ ଭଳି ସ୍ତନ କର୍କଟର ପ୍ରାଥମିକ ପର୍ଯ୍ୟାୟରେ ଚିହ୍ନଟ ହୋଇପାରିଲେ, ଏହି ମାରାତ୍ମକ ରୋଗ ଦୂରେଇ ହେବ। ମହିଳାମାନେ ତାଙ୍କ ହାତରେ ନିଜ ସ୍ତନର ପରୀକ୍ଷା କରିବା ଦ୍ୱାରା ଏହି ମାରାତ୍ମକ ରୋଗରୁ ରକ୍ଷା ପାଇପାରିବେ। ଏହାଛଡ଼ା ଡାକ୍ତରଙ୍କ ଦ୍ୱାରା ସ୍ତନ ପରୀକ୍ଷା, ଫାଇନ୍‌ନିଡଲ୍ ଆସ୍‌ପିରେସନ୍ ସାଇଟୋଲୋଜି, ସ୍ତନର ଅଲ୍‌ଟ୍ରାସାଉଣ୍ଡ ଓ ମାମୋଗ୍ରାଫି ଦ୍ୱାରା ସ୍କ୍ରିନିଂ କଲେ ଏହି ରୋଗ ଚିହ୍ନଟ ହୋଇପାରିବ। ଯେଉଁ ରୋଗୀ 'ହାଇରିସ୍କ କେସ୍' ହୋଇଥିବେ ସେମାନେ ନିଜେ ନିଜର ସ୍ତନ ପରୀକ୍ଷା କରିବା ପଦ୍ଧତି ଜାଣିବା ଜରୁରୀ।

ଉପରୋକ୍ତ ପରୀକ୍ଷାଗୁଡ଼ିକ କଲେ କର୍କଟ ରୋଗର ପ୍ରତିହତ କରିହେବ। ତେଣୁ ଆସନ୍ତୁ ନିଜେ ନିଜ ସ୍ୱାସ୍ଥ୍ୟ ପାଇଁ ସଚେତନ ହେବା, ଏହାକୁ ପ୍ରତିହତ କରିବା ଓ କର୍କଟ ରୋଗ ବିରୋଧରେ ଲଢ଼େଇ କରି ବିଜୟୀ ହେବା।

– ଲିଙ୍କରୋଡ୍, କଟକ-୧୨
ମୋ- ୯୪୩୭୦୫୫୦୦୭



# ଘରେ ଅଫିସ୍ କାମ କରୁଥିଲେ

ୱାର୍କ ଫ୍ରମ୍ ହୋମ୍‌ର କନସେପ୍ଟ ଏବେ ବଢ଼ିବାରେ ଲାଗିଛି। ଖାସ୍‌କରି ମହିଳାମାନେ ଏହାର ବିଶେଷ ଲାଭ ଉଠାଉଛନ୍ତି। ଏମାନେ ଘରେ ରହି ଉଭୟ ଘର ଓ ଅଫିସ୍ କାମ କରୁଛନ୍ତି। ଅଫିସ୍‌ରେ ନୀତି ନିୟମ ଥିବାବେଳେ ଘରେ ରହି କାମ କରିବାରେ କର୍ମଚାରୀଙ୍କ ପାଇଁ କୌଣସି ନିୟମ ନ ଥାଏ। ତେଣୁ ଅଧିକାଂଶ ସମୟରେ କୌଣସି କାମ ଠିକ୍ ଭାବେ ହୋଇପାରି ନ ଥାଏ। ଜାଣନ୍ତୁ କିଛି ଟିପ୍ସ ଯାହାଦ୍ୱାରା ଉଭୟ କାମ ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିବ।

❖ପ୍ରତ୍ୟେକ କାମ କରିବା ପୂର୍ବରୁ ୱାର୍କ ସିଡ୍ୟୁଲ୍ ପ୍ରସ୍ତୁତ କରନ୍ତୁ। ଯାହାଦ୍ୱାରା ଆପଣ ଜାଣିପାରିବେ କେଉଁ କାମ କେତେବେଳେ ଆରମ୍ଭ କରିବେ ଓ କେତେବେଳେ ଶେଷ କରିବେ। ଏହାଦ୍ୱାରା କମ୍ ସମୟରେ ଅଧିକ କାମ କରିପାରିବେ।

❖ଯେତେବେଳେ ଇଚ୍ଛା ସେତେବେଳେ କାମ କରିବାକୁ ବସି ପଡ଼ନ୍ତୁ ନାହିଁ। ଏପରି କଲେ କାମ ସହ ସ୍ୱାସ୍ଥ୍ୟ ବିଗିଡ଼ିଯିବାର ସମ୍ଭାବନା ଥାଏ। କାମ ସହ ନିଜକୁ ଫିଟ୍ ରଖିବା ପାଇଁ ସମୟ ନିର୍ଘଣ୍ଟ କରନ୍ତୁ। ଏହାଦ୍ୱାରା କାମ ଠିକ୍‌ରେ ହେବ ଏବଂ ଆପଣ ଟେନ୍‌ସନ୍ ଫ୍ରି ରହିବେ।

❖କାମ କଲାବେଳେ ମୋବାଇଲ୍‌ରେ ଚାଟିଂ ବା ଗପ କରନ୍ତୁ ନାହିଁ। ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ କୁହନ୍ତୁ ଯେ ଆପଣ ଫ୍ରି ଥିବା ସମୟରେ ସେମାନଙ୍କ ସହ କଥା ହେବେ।

❖ଘରେ ରହି କାମ କରୁଥିଲେ ଅଫିସ୍ ଯିବାକୁ ପଡ଼ିବନି। କିନ୍ତୁ ଏହାର ମାନେ ନୁହେଁ ଯେ ଆପଣ ଲୋକମାନଙ୍କ ସହ ମିଳାମିଶା ଓ କଥାବାର୍ତ୍ତା କରିବେ ନାହିଁ। ବରଂ ଫିଲ୍ଡ ୱାର୍କ କରୁଥିବା ଲୋକଙ୍କ ସହ ସମ୍ପର୍କ ରଖନ୍ତୁ। ଏହାଦ୍ୱାରା ନୂଆ ନୂଆ କଥା ଜାଣିବାକୁ ପାଇବେ।

❖ଲକ୍ଷ୍ୟ ନିର୍ଦ୍ଧାରିତ କରନ୍ତୁ ଯେ ଆପଣଙ୍କୁ ନୂଆ କଥା ଶିଖିବାର ଅଛି। ଫଳରେ ଆପଣଙ୍କ ମଧ୍ୟରେ କାମକୁ ନେଇ ଜୋସ୍ ବଜାୟ ରହିବ। ଇମେଲ୍ ମ୍ୟାନର୍ସର ବି ଧ୍ୟାନ ରଖନ୍ତୁ। କେବଳ ଓକେ, ଥ୍ୟାଙ୍କ୍ ୟୁ କହି ରିପ୍ଲାୟ ଦିଅନ୍ତୁ ନାହିଁ। କାମ କରିବାର ପ୍ରେସର ପରିବାର ଲୋକଙ୍କ ଉପରେ ଦିଅନ୍ତୁ ନାହିଁ।

# ଗୃହିଣୀଙ୍କ ପାଇଁ



■ତେଜପତ୍ରର ମିଠା ବାସ୍ନାରେ ମୂଷାମାନେ ଖୁବ୍‌ଶୀଘ୍ର ଏହାକୁ ଖାଇବା ପାଇଁ ଆସିଥାନ୍ତି, ଯାହା ମୂଷା ପାଇଁ ବିଷାକ୍ତ ହୋଇଥାଏ।

■ମୂଷା ଉପଦ୍ରବରୁ ରକ୍ଷା ପାଇଁ ମୂଷା ଆସୁଥିବା ରାସ୍ତାରେ ଗୋବର ରଖିପାରିବେ।

■ପିଆଜ ଗନ୍ଧ ଖୁବ୍ କଡ଼ା ଥାଏ। ମୂଷାମାନେ ଏହି ଗନ୍ଧକୁ ସହିପାରନ୍ତି ନାହିଁ। ମୂଷା ଆସୁଥିବା ରାସ୍ତାରେ ପିଆଜ ଖଣ୍ଡ ଖଣ୍ଡ କରି ପକାନ୍ତୁ। ଦେଖିବେ ମୂଷା ଘର ଛାଡି ପଳାଇବେ।

■ପେଚାର ପରକୁ ମୂଷାମାନେ ଡରନ୍ତି। ମୂଷା ଆସୁଥିବା ସ୍ଥାନରେ ଏହି ପରକୁ ରଖନ୍ତୁ। ଘରେ ମୂଷା ଦେଖାଯିବେ ନାହିଁ।

■ପୋଦିନା ତେଲରେ ତୁଳା ଭିଜାଇ ମୂଷା ଆସୁଥିବା ସ୍ଥାନରେ ରଖନ୍ତୁ। ପୋଦିନା ଗନ୍ଧରେ ମୂଷା ଆସିବେ ନାହିଁ।

■ଗୋଲମରିଚକୁ ପାଣିରେ ଭିଜାଇ ମୂଷା ଆସୁଥିବା ବାଟରେ ରଖିଦିଅନ୍ତୁ। ଏହାର ଗନ୍ଧରେ ମୂଷା ଘରେ ପଶିବେ ନାହିଁ।

■ଫିଟିକିରି ଗୁଣ୍ଡକୁ ମୂଷା ଆସୁଥିବା ରାସ୍ତାରେ ବିଞ୍ଚିଦେଲେ ଏହାର ଗନ୍ଧରେ ମୂଷା ଘରକୁ ଆସିବେ ନାହିଁ।

ଖାଦ୍ୟ ରୁଚି

# ଦୋସା ସ୍ୟାଣ୍ଡୱଇଚ୍

**ଆବଶ୍ୟକ ସାମଗ୍ରୀ**

୨ କପ୍ ଚାଉଳ ଓ ଅଧା କପ୍ ବିରି ଡାଲି, ବ୍ରେଡ୍ – ୪ଖଣ୍ଡ, ଆବଶ୍ୟକ ଅନୁସାରେ ଲୁଣ, ଅଧା ଇଞ୍ଚ ଅଦାର ପେଷ୍ଟ, କଟା ଧନିଆପତ୍ର- ୨ ଚାମଚ, ଛୋଟ ଛୋଟ କଟାଯାଇଥିବା କଞ୍ଚାଲଙ୍କା, ତେଲ- ୨ ଚାମଚ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଚାଉଳ ଓ ବିରି ଡାଲିକୁ ମିଶାଇ ଗ୍ରାଇଣ୍ଡିଂ କରି ପିଠଉ ପ୍ରସ୍ତୁତ କରନ୍ତୁ। ଏଥିରେ ଅଦା ପେଷ୍ଟ ଓ ଧନିଆପତ୍ରକୁ ଭଲଭାବେ ମିଶାନ୍ତୁ। ତାୱା ଗରମ କରି ତେଲ ପକାନ୍ତୁ। ବ୍ରେଡ୍‌କୁ ପିଠଉରେ ଗୋଳାଇ ତାୱାରେ ପକାନ୍ତୁ। ଏବେ ସ୍ୟାଣ୍ଡୱଇଚ୍ ଉପରେ ଏକ ଚାମଚ ତେଲ ପକାନ୍ତୁ। ସ୍ୟାଣ୍ଡୱଇଚ୍‌ର ଉଭୟ ପାର୍ଶ୍ୱ ବ୍ରାଉନ୍ ହେବା ପର୍ଯ୍ୟନ୍ତ ଏହାକୁ ସେକନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଦୋସା ସ୍ୟାଣ୍ଡୱଇଚ୍। ଗରମ ଗରମ ଏହାକୁ ଧନିଆ ଚଟଣି କିମ୍ବା ଟମାଟୋ ସସ୍ ସହ ପରଷନ୍ତୁ।



ସୌନ୍ଦର୍ଯ୍ୟ

# ଶୁଷ୍କ ତ୍ୱଚାର ଉପଚାର

ଶୀତଦିନେ ତ୍ୱଚା ଶୁଷ୍କ ହେବା ବା ଫାଟିବା ଏକ ସାଧାରଣ ସମସ୍ୟା। ଏଥିପାଇଁ କୋଲ୍ଡ କ୍ରିମ୍ ବା ମଇଶ୍ଚରାଇଜର ଜରୁରୀ। କିଛି ଘରୋଇ ଟିପ୍ସ ଆପଣାଇ ଆପଣ ଏଥିରୁ ରକ୍ଷା ପାଇପାରିବେ। ଜାଣନ୍ତୁ ସେ ସମ୍ପର୍କରେ...

**ନଡ଼ିଆ ତେଲ:** ଶୁଷ୍କ ତ୍ୱଚାର ଉପଶମ ପାଇଁ ନଡ଼ିଆ ତେଲ ବେଶ୍ ଉପକାରୀ। ଏହି ତେଲକୁ ହାଲ୍‌କା ଉଷୁମ କରି ଗାଧୋଇବା ପୂର୍ବରୁ ତ୍ୱଚାରେ ଲଗାଇ ଧୀରେ ଧୀରେ ମାଲିସ୍ କରନ୍ତୁ। ଯାହାଦ୍ୱାରା ଏହା ତ୍ୱଚା ମଧ୍ୟରେ ଭଲଭାବେ ଭେଦିପାରିବ। ୧୦ ମିନିଟ୍ ପରେ ଗାଧୋଇ ପଡ଼ନ୍ତୁ। ଆଣ୍ଟି ଅକ୍ସିଡାଣ୍ଟ ଗୁଣରେ ଭରପୂର ଏହି ତେଲରେ ଥିବା ଫ୍ୟାଟି ଏସିଡ୍, ପ୍ରୋଟିନ୍ ଏବଂ ଭିଟାମିନ୍ ଇ' ତ୍ୱଚାକୁ ନମନୀୟ ରଖିଥାଏ।

**ମହୁ:** ପ୍ରାକୃତିକ ମଇଶ୍ଚରାଇଜର ଏବଂ ଆଣ୍ଟି ଅକ୍ସିଡାଣ୍ଟର କାମ କରିଥାଏ ମହୁ। ଗ୍ଲିସେରିନ୍ ଏବଂ ମହୁକୁ ସମାନ ମାତ୍ରାରେ ମିଶାଇ ତ୍ୱଚାରେ ଲଗାନ୍ତୁ। ୧୦ ମିନିଟ୍ ପରେ ଉଷୁମ ପାଣିରେ ଧୋଇଦିଅନ୍ତୁ।

**ଅଲିଭ୍ ଅଏଲ୍:** ଏଥିରେ ଥିବା ଭିଟାମିନ୍ ଇ' ତ୍ୱଚାର ଶୁଷ୍କତା ଦୂର କରିଥାଏ। ଏକ ଚାମଚ ବ୍ରାଉନ୍ ସୁଗାର ଓ ସାମାନ୍ୟ ଅଲିଭ୍ ଅଏଲର ମିଶ୍ରଣକୁ ତ୍ୱଚାରେ ଲଗାଇ ଧୀରେ ଧୀରେ ସ୍କ୍ରବ୍ କରନ୍ତୁ। ୧୫ ମିନିଟ୍ ପରେ ଧୋଇଦିଅନ୍ତୁ।

**ମଲାଇ:** ମଲାଇରେ ଥିବା ଲାକ୍ଟିକ୍ ଏସିଡ୍ ଶୁଷ୍କ ତ୍ୱଚା ପାଇଁ ଉତ୍ତମ ମଇଶ୍ଚରାଇଜରର କାମ କରିଥାଏ। ୨ରୁ ୩ ଚାମଚ ମଲାଇ ଓ ୨ ଚାମଚ ବେସନର ମିଶ୍ରଣକୁ ମୁହଁ ଏବଂ ବେକରେ ଲଗାନ୍ତୁ। ୧୫ ମିନିଟ୍ ପରେ ହାଲ୍‌କା ଉଷୁମ ପାଣିରେ ଧୋଇଦିଅନ୍ତୁ।

**ଏଲୋଭେରା:** ତ୍ୱଚାର ଶୁଷ୍କତା ଦୂର କରିବା ପାଇଁ ଏହା ଉତ୍ତମ ମଇଶ୍ଚରାଇଜରର କାମ କରିବା ସହ ସ୍କିନ୍ ଟୋନ୍‌ରେ ସୁନ୍ଦରତା ବଜାୟ ରଖିଥାଏ। ଏଲୋଭେରା ପତ୍ରରୁ ଜେଲ୍ ବାହାର କରି ତ୍ୱଚାରେ କିଛି ସମୟ ମାଲିସ୍ କରନ୍ତୁ। ୩୦ ମିନିଟ୍ ପରେ ହାଲ୍‌କା ଉଷୁମ ପାଣିରେ ଧୋଇଦିଅନ୍ତୁ।





ଶିଳ୍ପ ଏବଂ ଅନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ ପକ୍ଷରୁ ଦେଶରେ ୧୫,୫୦୦ରୁ ଊର୍ଦ୍ଧ୍ୱ ଷ୍ଟାର୍ଟ ଅପ୍‌ଗୁଡ଼ିକୁ ଚିହ୍ନଟ କରାଯାଇଛି।
– ସି.ଆର୍. ଚୌଧରୀ, କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ରାଷ୍ଟ୍ର ମନ୍ତ୍ରୀ



ଦେଶର ସର୍ଭିସ କ୍ଷେତ୍ର ଏବଂ ୟୁରୋପୀୟ ଦେଶ ମୋନାକୋ ମଧ୍ୟରେ ବାଣିଜ୍ୟ କ୍ଷେତ୍ରରେ ଅନେକ ସମ୍ଭାବନା ରହିଛି।
– ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ

## ସଂକ୍ଷେପରେ

### ମାଲ୍ୟାଙ୍କ ପ୍ରତ୍ୟର୍ପଣ ନିର୍ଦ୍ଦେଶ ଜାରି



**ଲଣ୍ଡନ,୪-୨:** ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ଭାରତ ପ୍ରତ୍ୟର୍ପଣ ଲାଗି ବ୍ରିଟେନ ଗୃହ ସଚିବ ସାଜିଦ ଜାଭିଦ ସୋମବାର ନିର୍ଦ୍ଦେଶ ସଂକ୍ରାନ୍ତ ଦସ୍ତାବିଜରେ ସ୍ୱାକ୍ଷର କରିଛନ୍ତି। ବ୍ରିଟେନ ସରକାରଙ୍କ ଏହି ପଦକ୍ଷେପ ଯୋଗୁ ମାଲ୍ୟାଙ୍କୁ ଜୋର ଝଟ୍‌କା ଲାଗିଛି। ପ୍ରତ୍ୟର୍ପଣକୁ ବିରୋଧ କରି ଉଚ୍ଚ ଅଦାଲତରେ ଅପିଲ କରିବା ଲାଗି ମାଲ୍ୟାଙ୍କୁ ଏବେ ୧୪ ଦିନ ସମୟ ମିଳିବ। ଗୃହ ସଚିବଙ୍କ ନିର୍ଦ୍ଦେଶ ପରେ ସେ ଅପିଲ କରିବାକୁ ସୁଯୋଗ ପାଇବେ। ସୂଚନାଥାଉ କି, ଭାରତୀୟ ବ୍ୟାଙ୍କଗୁଡ଼ିକରୁ ପ୍ରାୟ ୯ହଜାର କୋଟି ଟଙ୍କାର ଋଣ ନେଇ ଲଣ୍ଡନ ପଳାଇଥିବା ମାଲ୍ୟାଙ୍କୁ ପ୍ରତ୍ୟର୍ପଣ ଲାଗି ସ୍ଥାନୀୟ ୱେଷ୍ଟ ମିନିଷ୍ଟର ମାଜିଷ୍ଟ୍ରେଟ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଭାରତ ସହ ହୋଇଥିବା ପ୍ରତ୍ୟର୍ପଣ ଚୁକ୍ତି ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବା ଲାଗି ୱେଷ୍ଟ ମିନିଷ୍ଟର କୋର୍ଟ ରାୟର ଏକ କପି ବ୍ରିଟେନ ଗୃହ ସଚିବଙ୍କ ନିକଟକୁ ପଠାଇଥିଲେ। ପ୍ରତ୍ୟର୍ପଣ ଲାଗି ଏହାକୁ ବିଚାର କରି ସେ ଉକ୍ତ ନିର୍ଦ୍ଦେଶ ଦେଇଛନ୍ତି।

### ସାର୍ବଜନୀନ ହେବନି କଳାଧନ ରିପୋର୍ଟ

**ନୂଆଦିଲ୍ଲୀ,୪-୨:** କେନ୍ଦ୍ର ସରକାର ଦେଶ ଭିତରେ ଅଥବା ବିଦେଶରେ କଳାଧନ ରଖିଥିବା ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ପ୍ରସ୍ତୁତ ୩ଟି ରିପୋର୍ଟକୁ ସାର୍ବଜନୀନ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଏକ ସଂସଦୀୟ କମିଟି ଏହାର ତର୍ଜମା କରୁଥିବାରୁ ରିପୋର୍ଟକୁ ବାହାରେ ପ୍ରକାଶ କରାଯାଇପାରିବ ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। କାରଣ ଏହାଦ୍ୱାରା ସ୍ୱାଧିକାର ଭଙ୍ଗ ହୋଇପାରେ। ସୂଚନାଥାଉ କି, କଳାଧନ ସମ୍ପର୍କରେ ଉପା ସରକାର ୨୦୧୧ରେ ଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ଲୋକ ବିତ୍ତ ଏବଂ ନୀତି ସଂସ୍ଥା(ଏନ୍‌ଆଇପିଏଫ୍‌ପି), ରାଷ୍ଟ୍ରୀୟ ବ୍ୟବହାରିକ ଆର୍ଥିକ ଅନୁସନ୍ଧାନ ପରିଷଦ(ଏନ୍‌ସିଏଇଆର୍) ଏବଂ ଫରିଦାବାଦସ୍ଥିତ ରାଷ୍ଟ୍ରୀୟ ବିତ୍ତ ପରିଚାଳନା ସଂସ୍ଥା(ଏନ୍‌ଆଇଏଫ୍‌ଏମ୍)କୁ ୩ଟି ସ୍ୱତନ୍ତ୍ର ରିପୋର୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

### ଡାକଘରେ ପଡ଼ିରହିଛି ଦାବିହୀନ ୯ହଜାର କୋଟି

**ନୂଆଦିଲ୍ଲୀ,୪-୨:** ଦେଶର ଡାକଘରେ ପ୍ରାୟ ୯ହଜାର କୋଟି ଟଙ୍କା ପଡ଼ିରହିଛି। ଏହାର କେହି ଦାବିଦାର ନାହାନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ୬ଟି କ୍ଷୁଦ୍ର ସଞ୍ଚୟ ଯୋଜନା ଯଥା- କିଷାନ ବିକାଶ ପତ୍ର(୨,୪୨୯କୋଟି ଟଙ୍କା), ମାସିକ ଆୟ ଯୋଜନା(୨,୦୫୭ କୋଟି ଟଙ୍କା), ଜାତୀୟ ସଞ୍ଚୟ ସାର୍ଟିଫିକେଟ(୧,୮୮୮ କୋଟି ଟଙ୍କା), ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ(୨୮୯ କୋଟି ଟଙ୍କା), ରେକରିଂ ଡିପୋଜିଟ୍(୭୭୬ କୋଟି ଟଙ୍କା) ଏବଂ ଟାଇମ ଡିପୋଜିଟ୍(୧,୯୩୫ କୋଟି ଟଙ୍କା)ରେ ମୋଟ ୯,୩୯୫ କୋଟି ଟଙ୍କା ପଡ଼ିରହିଛି। ପୋଷ୍ଟ ଅଫିସ୍ ଅଧିକାରୀଙ୍କ କହିବାନୁଯାୟୀ, ପଡ଼ିରହିଥିବା ଟଙ୍କାକୁ ବ୍ୟାଙ୍କ ଅଣଦାବି ଆକାଉଣ୍ଟରେ ପଠାଇ ଦେଇଥାଏ ଅଥବା ଡିପୋଜିଟ ଆୱାରନେସ୍ ଆଣ୍ଡ ଏଜୁକେଶନ ଫଣ୍ଡ(ଡିଇଏଏଫ୍)ରେ ରଖିଦିଅନ୍ତି। ଏହି ପାଣ୍ଠି ବ୍ୟବହାର କରି ଜମାକାରୀଙ୍କୁ ସଚେତନ କରାଯାଉଥିବା କାର୍ଯ୍ୟକ୍ରମ ହାତକୁ ନିଆଯାଏ। କିନ୍ତୁ ବ୍ୟାଙ୍କ ଭଳି ଡାକ ଘରେ ପଡ଼ି ରହୁଥିବା ଅର୍ଥକୁ କୌଣସି କାର୍ଯ୍ୟରେ ବ୍ୟବହାର କରାଯାଏ ନାହିଁ। ଏହି ଦାବିରହିତ ଅର୍ଥକୁ ସାଇଲେଣ୍ଟ କୁହାଯାଏ।

### ଇପିଏଫ୍‌ଓ ସଦସ୍ୟଙ୍କୁ ମିଳିପାରେ ୩୦୦୦ ଟଙ୍କାର ପେନସନ୍

**ନୂଆଦିଲ୍ଲୀ,୪-୨:** କେନ୍ଦ୍ର ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଅନ୍ତରୀଣ ବଜେଟରେ ଅଣସଂଗଠିତ କ୍ଷେତ୍ରର କର୍ମଚାରୀ/ଶ୍ରମିକଙ୍କ ଲାଗି ପେନସନ ବ୍ୟବସ୍ଥା ଘୋଷଣା କରିଛନ୍ତି। ଏବେ ଇପିଏଫ୍‌ଓ ସଦସ୍ୟଙ୍କୁ ଖୁସି କରିବାକୁ କେନ୍ଦ୍ର ସରକାର ଅଣ୍ଟା ଭିଡ଼ିଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ଖୁବଶୀଘ୍ର ଇପିଏଫ୍‌ଓ ସଦସ୍ୟଙ୍କ ସର୍ବନିମ୍ନ ପେନସନ ୩ ହଜାର ଟଙ୍କାକୁ ବୃଦ୍ଧି ପାଇବାକୁ ଯାଉଛି। ଏ ସଂକ୍ରାନ୍ତରେ ସରକାର ଖୁବଶୀଘ୍ର ଘୋଷଣା କରିବେ। ବର୍ତ୍ତମାନ ଇପିଏଫ୍‌ଓ ସଦସ୍ୟଙ୍କୁ ସର୍ବନିମ୍ନ ୧୦୦୦ ଟଙ୍କା ପେନସନ ଦିଆଯାଉଛି। ଅନ୍ତରୀଣ ବଜେଟରେ ଅଣସଂଗଠିତ କ୍ଷେତ୍ରର କର୍ମଚାରୀଙ୍କ ଲାଗି ସର୍ବନିମ୍ନ ୩୦୦୦ ଟଙ୍କାର ବେତନ ଘୋଷଣା କରାଯାଇଛି। ଏଣୁ ସଂଗଠିତ କ୍ଷେତ୍ର ଲାଗି ଏହାକୁ ଆଧାର ଭାବେ ଗ୍ରହଣ କରାଯାଇପାରେ। ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ସରକାର ଏ ସମ୍ପର୍କରେ ଘୋଷଣା କରିବାକୁ ଯାଉଛନ୍ତି। ଏ ସମ୍ପର୍କିତ ପ୍ରସ୍ତାବ ଏବେ ଅର୍ଥ ମନ୍ତ୍ରଣାଳୟର ବିଚାରାଧୀନ ରହିଛି। ସୂଚନାଥାଉ କି, ଇପିଏଫ୍‌ଓର ପେନସନ ଯୋଜନାରେ କମ୍ପାନୀର ଯୋଗଦାନ ୮.୩୩ ପ୍ରତିଶତ ରହିଥିବା ବେଳେ ସରକାର ୧.୧୬ ପ୍ରତିଶତର ଯୋଗଦାନ ଦେଇଥାନ୍ତି।

## ପିଏମ୍–କିଷାନ ଯୋଜନାରେ ଆଧାର ସଂଯୋଗ

# ପ୍ରଥମ କିସ୍ତିରେ ଲୋଡ଼ାନାହିଁ, ଦ୍ୱିତୀୟରୁ ଅନିବାର୍ଯ୍ୟ

**ନୂଆଦିଲ୍ଲୀ,୪–୨**

- ମାର୍ଚ୍ଚ ସୁଦ୍ଧା ସମସ୍ତଙ୍କୁ ମିଳିବ ପ୍ରଥମ କିସ୍ତି
- ଆଧାର ନ ଥିଲେ ବିକଳ୍ପ ପରିଚୟପତ୍ର ନିଆଯିବ
- ରାଜ୍ୟ ସରକାର ସଂଗ୍ରହ କରିବେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ତଥ୍ୟ

କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ କିଷାନ ଯୋଜନା ସହ ଆଧାରକୁ ଯୋଡିଛନ୍ତି। କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ବାର୍ଷିକ ୬ ହଜାର ଟଙ୍କା ଦେବାକୁ ଅନ୍ତରୀଣ ବଜେଟରେ ଘୋଷଣା ହୋଇଛି। ତେବେ ପ୍ରଥମ କିସ୍ତି ପାଇବା ଲାଗି ଆଧାର ନମ୍ବରକୁ ଇଚ୍ଛାଧୀନ କରାଯାଇଥିବା ବେଳେ ଦ୍ୱିତୀୟ କିସ୍ତିରୁ ଏହାକୁ ଅନିବାର୍ଯ୍ୟ ବୋଲି ସରକାର ଦର୍ଶାଇଛନ୍ତି। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା(ପିଏମ୍–କିଷାନ ଯୋଜନା)ରେ ୨୦୧୯–୨୦ ଆର୍ଥିକ ବର୍ଷ ଲାଗି ଅନ୍ତରୀଣ ବଜେଟରେ ୭୫,୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। କେନ୍ଦ୍ର କୃଷି ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟଗୁଡ଼ିକୁ ଲେଖାଯାଇଥିବା ପତ୍ରରେ କୁହାଯାଇଛି ଯେ, ତିନୋଟି କିସ୍ତିରେ ମିଳିବାକୁ ଥିବା ଚାଷୀ ସହାୟତାର ପ୍ରଥମ କିସ୍ତି ଲାଗି ଆବଶ୍ୟକସ୍ଥଳେ ଆଧାର ନମ୍ବର ସଂଗ୍ରହ କରାଯିବ। ତେବେ ଏହା ବାଧ୍ୟତାମୂଳକ ହେବ ନାହିଁ। କିନ୍ତୁ ଦ୍ୱିତୀୟ କିସ୍ତି ପରଠାରୁ ଏହା ଅନିବାର୍ଯ୍ୟ ହେବ। ଚାଷୀଙ୍କୁ ନିଜର ପରିଚୟ ଜଣାଇବା ଲାଗି ଆଧାର ନମ୍ବର ଦେବାକୁ ହେବ। ଚାଷୀଙ୍କୁ ମାର୍ଚ୍ଚ ସୁଦ୍ଧା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆର୍ଥିକ ସହାୟତା ପଠାଯିବ। ପ୍ରଥମ କିସ୍ତି ପାଇବା ଲାଗି ଆଧାର ନମ୍ବର ନ ଥିଲେ, ସେକ୍ଷେତ୍ରରେ ଅନ୍ୟ ବିକଳ୍ପ



ଦସ୍ତାବିଜ ଉଦାହରଣ ସ୍ୱରୂପ, ଡ୍ରାଇଭିଂ ଲାଇସେନ୍ସ, ଭୋଟର ଆଇଡେଣ୍ଟିଟି କାର୍ଡ,ଏମ୍‌ଜିଏନ୍‌ଆର୍‌ଜିଏ ରୋଜଗାର କାର୍ଡ ଅଥବା କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ଅନ୍ୟ କୌଣସି ପରିଚୟପତ୍ରକୁ ଦାଖଲ କରିହେବ। ତେବେ ଦ୍ୱିତୀୟ କିସ୍ତିଠାରୁ ଆଧାର ଦାଖଲ ବାଧ୍ୟତାମୂଳକ ହେବ। ନକଲି ଚାଷୀଙ୍କୁ ଚିହ୍ନଟ ପାଇଁ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରମାନଙ୍କୁ ପରାମର୍ଶ ଦିଆଯାଇଛି। ଏହାଛଡ଼ା ଯୋଗ୍ୟ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପରିବାର ସମ୍ପର୍କରେ ତଥ୍ୟ ସଂଗ୍ରହ ପାଇଁ ରାଜ୍ୟଗୁଡ଼ିକୁ କୁହାଯାଇଛି। ସେମାନଙ୍କ ନାମ, ଲିଙ୍ଗ, ଏସ୍/ଏସ୍‌ଟି, ଆଧାର, ବ୍ୟାଙ୍କ ଆକାଉଣ୍ଟ ଏବଂ ମୋବାଇଲ ନମ୍ବର ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପୃକ୍ତ ରାଜ୍ୟ ସରକାରଙ୍କ ରେକର୍ଡ ଅନୁଯାୟୀ ୨ ହେକ୍ଟର ପର୍ଯ୍ୟନ୍ତ ଜମି ଥିବା ଏବଂ ସ୍ୱାମୀ–ସ୍ତ୍ରୀ ଓ ୧୮ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ନେଇ ଗଠିତ ପରିବାରକୁ କ୍ଷୁଦ୍ର ଓ ନାମମାତ୍ର ଚାଷୀ ପରିବାର ବୋଲି ଧରାଯିବ। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ରେକର୍ଡ ହୋଇଥିବା ଜମିର ପରିମାଣକୁ ହିଁ ବର୍ତ୍ତମାନ କେନ୍ଦ୍ର ସରକାର ଆଧାର ଭାବେ ଗ୍ରହଣ କରିବେ। ଚଳିତ ବର୍ଷ ଫେବୃୟାରୀ ପହିଲାକୁ ଧାର୍ଯ୍ୟ ଦିବସ ଭାବେ ଗ୍ରହଣ କରି ୨ ହେକ୍ଟର ପର୍ଯ୍ୟନ୍ତ ଜମିର ମାଲିକ ଥିବା କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଚିହ୍ନଟ କରାଯିବ। ତେବେ ଜମି ମାଲିକଙ୍କ ଜମି ବିଭିନ୍ନ ଏକାଧିକ ଗ୍ରାମ/ରାଜସ୍ୱ ରେକର୍ଡରେ ଦର୍ଶାଉଥିବ, ତେବେ ସେ କ୍ଷେତ୍ରରେ ସମସ୍ତ ଜମିକୁ ଏକତ୍ର ଭାବେ ଗଣତି କରାଯିବ।



# ଆସିଲା ନୂଆ ଟାଟା ହାରିୟର

**ଭୁବନେଶ୍ୱର,୪–୨**

ପ୍ରମୁଖ କମ୍ପାନୀ ଟାଟା ମୋଟର୍ସ ପକ୍ଷରୁ ଓଡ଼ିଶା ବଜାରରେ ବହୁ ପ୍ରତୀକ୍ଷିତ ମଡେଲ 'ହାରିୟର' ପ୍ରବେଶ କରିଛି। ସ୍ଥାନୀୟ ଗୁଗନାନୀ ମୋଟର୍ସଠାରେ ଏହି ମଡେଲଟିକୁ କମ୍ପାନୀର ଆଞ୍ଚଳିକ ପ୍ରବନ୍ଧକ ଶିଶିର ଶ୍ରୀବାସ୍ତବ, ବରିଷ୍ଠ ପ୍ରବନ୍ଧକ ରାଜ ଭଗ୍ଗ, ଡିଲର ପ୍ରିନ୍ସପାଲ ରାଜନ ଗୁଗନାନୀ ଉନ୍ମୋଚନ କରାଇଥିଲେ। ଏହି ଅବସରରେ ସିଦ୍ଧାର୍ଥ ଶର୍ମା, ୟଶନିତ ଗୁଗନାନୀ, ସାଧଭୀ ଗୁଗନାନୀ, ସମନୀତ ଗୁଗନାନୀ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାହକଙ୍କ ଏସ୍‌ୟୁଭି ଚାହିଦାକୁ ଧ୍ୟାନରେ ରଖି କମ୍ପାନୀ ଏଭଳି ମଡେଲ ଆଣିଛି। ସେହିଭଳି ଗ୍ରାହକଙ୍କୁ ଭାଲ୍ୟୁ ଫର ମନି ପ୍ରସଙ୍ଗକୁ ନଜରରେ ରଖାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହା କ୍ୟାଲିଷ୍ଟୋ କପର, ଅର୍କସ ହ୍ୱାଇଟ, ଟେଲେଷ୍ଟୋ ଗ୍ରେ, ଏରିଏଲ ସିଲଭର, ଥର୍ମିଷ୍ଟୋ ଗ୍ଲୋଡ ଭଳି ରଙ୍ଗରେ ଉପଲବ୍ଧ।

ଏହାର ଏକ୍ସଶୋ'ରୁମ ଆରମ୍ଭ ମୂଲ୍ୟ ୧୨.୬୯ ଲକ୍ଷ ଟଙ୍କା ରହିଛି। ଏଥିରେ କ୍ରିଟୋଟେକ ୨.୦ ଲିଟର ଟର୍ବୋ ଚାର୍ଜଡ ଇଞ୍ଜିନ, ଡିଜେଲ ବିଏସ୍–୪, ୧୯୫୬ ସିସି ଇଞ୍ଜିନ, ଇନଲାଇନ ୪ ସିଲିଣ୍ଡର, ୬ସ୍ପିଡ ମାନୁଆଲ ଟ୍ରାନ୍ସମିଶନ, ୫୦ ଲିଟରର ଫୁଏଲ ଟ୍ୟାଙ୍କ, ୪୨୫ ଲିଟରର ବୁଟ ସ୍ପେଶ, ୫ ସିଟର କ୍ଷମତା ସହ ଆସୁଛି। ସେହିଭଳି କମ୍ପାନୀ ଏଥିରେ ଇମ୍ପାକ୍ଟ ଡିଜାଇନ ୨.୦ ପ୍ରଦାନ କରିଛି। ଲୁକ୍ସ କ୍ଷେତ୍ରରେ ଏହାକୁ ବେଶ ଆକର୍ଷକ କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ମଡେଲର ପଛ ପାଖକୁ ଡିଫେଣ୍ଡର ସ୍ପୋର୍ଟଠାରୁ ଅନୁପ୍ରାଣୀତ ହୋଇ ପ୍ରସ୍ତୁତ କରାଯାଇଛି। ଏଥିରେ ଇଏସ୍‌ପି ଭିତ୍ତିକ ଟେରେନ ରେସପନ୍ସ ମୋଡ୍ ରହିଛି। ଲକ୍ସ୍ୟୁରି ଏବଂ ସ୍ପେଶକୁ ଦୃଷ୍ଟିରେ ରଖି ଏହାର ଇଣ୍ଟେରିୟରକୁ ପ୍ରସ୍ତୁତ କରାଯାଇଛି। ମଡେଲଟି ଏକ୍ସଇ, ଏକ୍ସଏମ୍, ଏକ୍ସଟି ଏବଂ ଏକ୍ସଜେଡ୍ ଭଳି ଭାରିଆଣ୍ଟରେ ଆସୁଛି।

**ଅନ୍ୟାନ୍ୟ ଆକର୍ଷଣୀୟ ଫିଚର**

- ଜେଏଲଆର ଇନସ୍ପିରେଶନରେ ପ୍ରସ୍ତୁତ
- ୮.୮ ଇଞ୍ଚର ଫ୍ଲୋଟିଂ ଟଚ୍ ସ୍କ୍ରିନ ଇନଫୋଟେନମେଣ୍ଟ
- ଏଇଟୱେ ଆଡଜଷ୍ଟେବଲ ଡ୍ରାଇଭର ସିଟ
- ଫୋରୱେ ଆଡଜଷ୍ଟେବଲ କୋ ଡ୍ରାଇଭର ସିଟ
- କ୍ଲାଇମେଟ କଣ୍ଟ୍ରୋଲ
- ଇଲେକଟ୍ରିକ ଆଉଟସାଇଡ ରିୟରଭିୟୁ ମିରର
- କୋଲ୍‌ଡ ଷ୍ଟୋରେଜ ବକ୍ସ
- ଅମ୍ବ୍ରେଲା ହୋଲ୍ଡର ସହ ଅନ୍ୟାନ୍ୟ ଷ୍ଟୋରେଜ ଏରିଆ

# ଅନିଲ ଅମ୍ବାନୀଙ୍କ ବ୍ୟକ୍ତିଗତ ସମ୍ପତ୍ତି ଦାବି କରିବ ଏରିକସନ୍

**ନୂଆଦିଲ୍ଲୀ,୪–୨**

**୫୫୦ କୋଟିର ସ୍ପେକ୍ଟ୍ରମ ବିବାଦ**

ଆମେରିକାର ଟେଲିକମ୍ ସାମଗ୍ରୀ ନିର୍ମାତା କମ୍ପାନୀ ଏରିକସନ ପକ୍ଷରୁ ରିଲାଏନ୍ସ କମ୍ୟୁନିକେଶନ (ଆର୍‌କମ୍)ବିରୋଧରେ ସୁପ୍ରିମକୋର୍ଟରେ ମାମଲା ଦାଏର କରାଯିବ। କମ୍ପାନୀର ପ୍ରମୋଟର ତଥା ଅଧ୍ୟକ୍ଷ ଅନିଲ ଅମ୍ବାନୀଙ୍କ ସମସ୍ତ ବ୍ୟକ୍ତିଗତ ସମ୍ପତ୍ତି ଉପରେ କମ୍ପାନୀ ନିଜର ଦାବି ଉପସ୍ଥାପନ କରିବ ବୋଲି ଜଣାପଡିଛି। ପ୍ରାପ୍ତ ସୂତ୍ରରୁ ଜଣାପଡିଛି ଯେ, ସୁପ୍ରିମକୋର୍ଟରେ ଦୁଇ କମ୍ପାନୀର ବୁଝାମଣା ଅନୁଯାୟୀ ଆର୍‌କମ୍ ୫୫୦ କୋଟି ଟଙ୍କାର ବକେୟା ପ୍ରଦାନ କରିବାକୁ ଏରିକ୍‌ସନ୍‌କୁ ପ୍ରତିଶ୍ରୁତି ଦେଇଥିଲା। ତେବେ ବକେୟା ଦେବାରେ ଅସମର୍ଥତା ଜାହିର କରି ଆର୍‌କମ୍ ଗତ ଶୁକ୍ରବାର ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଟି)ରେ ଦେବାଳିଆ ସମାଧାନ ପାଇଁ ଆବେଦନ କରିଛି। ଅନିଲ ଅମ୍ବାନୀ ନିଜର ସମ୍ପତ୍ତି ବିକ୍ରି କରି ୨୭୦ ଦିନ ଭିତରେ ପ୍ରାୟ ୪୨ ହଜାର କୋଟି ଟଙ୍କାର ଋଣ ପରିଶୋଧ କରିଦେବେ ବୋଲି ଆର୍‌କମ୍ ପ୍ରକାଶ କରିଛି। ସୂଚନାଥାଉ କି, ଗତ ଦେଢ଼ ବର୍ଷ ହେବ ଆର୍‌କମ୍ ବିଭିନ୍ନ ମାଧ୍ୟମରେ ସମ୍ପତ୍ତି ବିକ୍ରି କରି ଋଣ ପରିଶୋଧ କରିବାକୁ ପ୍ରୟାସ ଚଳାଇଛି। ତେବେ ଏଥିରେ ଏହା ସଫଳ ହୋଇନି। ଅନ୍ୟପକ୍ଷରେ ଟିଡିସ୍ୟାଟ୍ ଆର୍‌କମ୍‌ର ସ୍ପେକ୍ଟ୍ରମ ଚାର୍ଜକୁ ଛାଡ଼ କରିଦେଇଛନ୍ତି। କମ୍ପାନୀର ୨୦୦୦ କୋଟି ଟଙ୍କାର ବ୍ୟାଙ୍କ ଗ୍ୟାରେଣ୍ଟି ଫେରାଇବାକୁ ଟେଲିକମ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

# ପାରାଦୀପରେ ମଲ୍ଟି ମୋଡାଲ ଲଜିଷ୍ଟିକ ପାର୍କ

**ଭୁବନେଶ୍ୱର ,୪–୨**

ପାରାଦୀପରେ ଏକ ବନ୍ଦର ଭିତ୍ତିକ ମଲ୍ଟି ମୋଡାଲ ଲଜିଷ୍ଟିକ ପାର୍କ ସ୍ଥାପନ ଲାଗି ଯୋଜନା ରହିଛି। ଏହା ପୂର୍ବାଞ୍ଚଳର ଏକ ପ୍ରମୁଖ ବିତରଣ ହବ୍ ହେବ। ଏଥିପାଇଁ କଣ୍ଟେନର କର୍ପୋରେଶନ ଅଫ୍ ଇଣ୍ଡିଆକୁ ୧୦୦ ଏକର ଜମି ପ୍ରଦାନ କରାଯାଇଛି। ଏଥିରେ ୧୧ ଲକ୍ଷ ବର୍ଗଫୁଟ ସ୍ଥାନରେ ଏକ ୱେରହାଉସ ସ୍ଥାପନ ହେବ ବୋଲି ପାରାଦୀପ ପୋର୍ଟ ଟ୍ରଷ୍ଟର ଅଧ୍ୟକ୍ଷ ରିଙ୍କେଶ ରଏ ସୋମବାର ସୂଚନା ଦେଇଛନ୍ତି। ଏହି ପ୍ରକଳ୍ପ ଲାଗି କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବାବେଳେ ଏଥିରେ ୨୫୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ନିବେଶ ହେବ ବୋଲି ସେ ସୂଚନା ଦେଇଛନ୍ତି। ବହୁମୁଖୀ ରେଳ ଏବଂ ସଡକ ପଥ ଦ୍ୱାରା ଏହି ପାର୍କକୁ ସଂଯୋଗ କରାଯିବ। କାର୍ଗୋର ଆମଦାନୀ ଏବଂ ରପ୍ତାନି ଲାଗି ସ୍ଥାନୀୟ ଏବଂ ଆଖପାଖ ଅଞ୍ଚଳର ଶିଳ୍ପାନୁଷ୍ଠାନଗୁଡ଼ିକ ନିମନ୍ତେ ସୁଯୋଗ ସୃଷ୍ଟି ହେବ ବୋଲି ରଏ କହିଛନ୍ତି।

# ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍‌ର ଋଣ ଶୁଝିବାକୁ ପ୍ରମୋଟର ରାଜି

**ନୂଆଦିଲ୍ଲୀ,୪–୨**

ଭୂଷଣ ପାୱାର ଆଣ୍ଡ ଷ୍ଟିଲକୁ ନିଲାମୀରୁ ରକ୍ଷା କରିବା ଲାଗି ଏହାର ପ୍ରମୋଟର ସଞ୍ଜୟ ସିଂଘଲ ଶେଷ ପ୍ରୟାସ ସ୍ୱରୂପ ନୂଆ ପ୍ରସ୍ତାବ ଦେଇଛନ୍ତି। ସେ ୪୭,୧୫୧ କୋଟି ଟଙ୍କାର ବକେୟା ଋଣ ପରିଶୋଧ କରିବାକୁ ରାଜି ଥିବା ଋଣପ୍ରଦାନକାରୀ ବ୍ୟାଙ୍କଗୁଡ଼ିକୁ ଦର୍ଶାଇଛନ୍ତି। ଦେବାଳିଆ ଋଣ ସମାଧାନ ପ୍ରକ୍ରିୟାର ଶେଷ ମୁହୂର୍ତ୍ତରେ ସେ ଏହି ପ୍ରସ୍ତାବ ଦେଇଛନ୍ତି। ଏହି କମ୍ପାନୀର ଦେବାଳିଆ ସମାଧାନ ପ୍ରକ୍ରିୟା ୧୮ ମାସ ପୂର୍ବରୁ ଆରମ୍ଭ ହୋଇଥିଲା। ସୂଚନାଥାଉ କି, ଟାଟା ଷ୍ଟିଲ୍, ବ୍ରିଟେନର ଲିବର୍ଟି ହାଉସ ଏବଂ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ ଏହାକୁ କିଣିବା ଲାଗି ଆଗ୍ରହ ଦେଖାଇଛନ୍ତି। ପ୍ରକ୍ରିୟା ଆରମ୍ଭ ବେଳେ କମ୍ପାନୀକୁ କିଣିବା ଲାଗି ବିଶେଷ ଆଗ୍ରହ ପ୍ରକାଶ ପାଇ ନଥିଲା।

# କାନାରା ବ୍ୟାଙ୍କ ପକ୍ଷରୁ ମେଗା ରିଟେଲ ଏକ୍ସପୋ



**ଭୁବନେଶ୍ୱର ,୪–୨**

କାନାରା ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ମେଗା ରିଟେଲ ଏକ୍ସପୋ ରେଡକ୍ରସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାନାରା ବ୍ୟାଙ୍କର ମହାପ୍ରବନ୍ଧକ ତଥା ବ୍ୟାଙ୍କର ଓଡ଼ିଶା ରାଜ୍ୟ ମୁଖ୍ୟ ଶ୍ରୀକାନ୍ତ ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରମୁଖ ବିଲ୍ଡର ଏବଂ ଗାଡି ଡିଲରମାନେ ନିଜ ନିଜ ଉତ୍ପାଦକୁ ପ୍ରଦର୍ଶନ କରିଥିଲେ। ବ୍ୟାଙ୍କ ପକ୍ଷରୁ ସ୍ୱଳ୍ପ ସୁଧହାରରେ ଯୋଗାଇ ଦିଆଯାଉଥିବା ଗୃହ ଋଣ ଓ ଗାଡି ଋଣ, ପ୍ରୋସେସିଙ୍ଗ ଦେୟ ଛାଡ, ପ୍ରଧାନମନ୍ତ୍ରୀ ଯୋଜନା ଅନୁଯାୟୀ ୨.୬୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବସିଡି ସୁବିଧା ନେବାକୁ ମହାପାତ୍ର ସୂଚନା ଦେଇଛନ୍ତି। ବ୍ୟାଙ୍କ ପକ୍ଷରୁ ଉପଲବ୍ଧ ଥିବା ବିଭିନ୍ନ ଗୃହ ଋଣ ଯୋଜନା ଉପରେ ସେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଏଜିଏମ୍ ବି.କେ ରଥ, ଡିଏମ୍ ପି.କେ. ଜେନା, ଡିଏମ୍ ଏମ୍.ପି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱର୍ଣ୍ଣିମ ବେଭରେଜ୍ ଆଣିଲା ନୂଆ ଗ୍ଲୁକୋରିଚ୍



**ଭୁବନେଶ୍ୱର,୪–୨**

ସ୍ୱର୍ଣ୍ଣିମ ଅର୍ଗାନିକ୍ସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଏହାର ନୂଆ ପ୍ରଡକ୍ଟ ଗ୍ଲୁକୋରିଚ୍ ବଜାରକୁ ଆସିଛି। ଏହା ଏକ ଏନର୍ଜି ବୋଷ୍ଟର ଭାବେ ବଜାରରେ ପ୍ରବେଶ କରିଛି। ଅନଲିମିଟେଡ ଲିଚି, କଚା ଆମ୍ ଏବଂ ଜୁସି ଅରେଞ୍ଜ ଭଳି ୩ ସ୍ୱାଦରେ ଏହା ଉପଲବ୍ଧ ହେଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଓଡିଶା ବଜାରରେ ଏହି ବର୍ଗରେ ପ୍ରଡକ୍ଟ ଗ୍ରାହକଙ୍କ ଦ୍ୱାରା ଆଦୃତ ହୋଇ ପାରିବ ବୋଲି କମ୍ପାନୀ କହିଛି। ନିକଟରେ ଶେଷ ହୋଇଥିବା ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ଟ୍ରେଡ ଫେୟାର ଅବସରରେ କମ୍ପାନୀ ଭାଗ ନେବା ସହ ଏହାର ପ୍ରଡକ୍ଟ ପ୍ରଦର୍ଶନ କରାଇଥିଲା। ଗ୍ରାହକଙ୍କ ନିକଟରୁ ଏହାକୁ ନେଇ ଭଲ ରେସପନ୍ସ ମିଳିଥିବା କମ୍ପାନୀ ପ୍ରକାଶ କରିଛି। ଲୋକମାନେ ଷ୍ଟଲରେ ପ୍ରଡକ୍ଟକୁ ମାଗଣାରେ ଟେଷ୍ଟ କରିବା ସହ ନିଜ ପ୍ରତିକ୍ରିୟା ରଖିଥିଲେ। ଏକ ଏମର୍ଜିଂ ଷ୍ଟାର୍ଟଅପ ଭାବେ ବେଷ୍ଟ ସ୍ମଲ ସ୍କେଲ ଇଣ୍ଡଷ୍ଟ୍ରି ପୁରସ୍କାର ପାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

**ବିଜ୍ଞାପନ**

ବାଲେଶ୍ୱର ଜିଲ୍ଲାରେ ପରିଚାଳିତ ସ୍ୱୀକୃତିପ୍ରାପ୍ତ ଛଅ (୬) ଗୋଟି ସ୍ୱତନ୍ତ୍ର ବିଦ୍ୟାଳୟରେ ଶିକ୍ଷକ/ଅଣଶିକ୍ଷକ ନିଯୁକ୍ତି ନିମନ୍ତେ ପ୍ରସ୍ତୁତ ତାଲିକା ବାଲେଶ୍ୱର ଜିଲ୍ଲା website www.baleswar.nic.in ରେ ଉପଲବ୍ଧ।

ଏହି ତାଲିକାଭୁକ୍ତ ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ ଯଦି କାହାରି କୌଣସି ଅଭିଯୋଗ ଥାଏ, ସେମାନେ ଆସନ୍ତା ତା୦୭।୦୨।୨୦୧୯ ରିଖ ସନ୍ଧ୍ୟା ୫ ଘଟିକା ମଧ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କାର୍ଯ୍ୟାଳୟରେ ଲିଖିତ ଭାବେ ଦାଖଲ କରିପାରିବେ।

ଧାର୍ଯ୍ୟ ସମୟ ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

**Sd./- District Social Security Officer, Balasore**

**Corrigendum to Tender call Notice No. 178 / Dated.17.01.2019 of Panchayat Samiti, Raikia**

Due to typological error in tender schedule, the date line of tender process is modified and is rescheduled as follows:
1. Date of selling of tender Paper : From 06.02.2019 to 16.02.2019 within office hour.
2. Last date of selling of tender Paper : 16.02.2019 within office hour.
3. Date of opening of tender Paper : 18.02.2019 at 11.00 A.M.

And all other terms & condition of the previous tender remain unchanged.

**Sd./- Block Development Officer, Raikia**

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janapath Bhubaneswar-751022
OFFICE OF THE GM (ELECT.) E.H.T. (O&M) CIRCLE, JAJPUR ROAD
AT: QTR NO. 4R/1, TTS COLONY, PO: SOBRA, DIST: JAJPUR, PIN: 755019 (ODISH),
PHONE/FAX NO: 06726-220965 (off), E-mail: ehtm.cle.jjp@optcl.co.in
CIN: U40102OR2004SGC007553

No. Tech/CR-41/OT-09(18-19) 147 Dated: 04.02.2019

**TENDER CALL NOTICE NO.- 09/18-19**

Sealed tenders are invited from the Civil Contractors having valid "C" & "D" Class Civil Contractor license issued by Govt. of Odisha/ Military/Railways & having valid IT PAN Card/GST registration/up to date GST return certificate/experience certificate for "Protecton of tower from rapid and massive soil erosion by filling of sand bag packing with bullah supporting at location No. 272(OC+6) of 132 KV Kuchai-Jaleswar DC line near the river bank of SUBARNAREKHA at village Ektali" under EHT(O&M) Division, Balasore. Cost of Tender Paper Rs. 4,480/- (Including GST), EMD= Rs. 8,500/-, Sale of tender documents from dt: 05.02.2019 to 14.02.2019. Last Date of submission of tender: 15.02.2019 upto 1.00 PM. Date of opening of tender is 15.02.2019 at 3.00 PM. For details visit our website: **www.optcl.co.in**.
Corrigendum/ addendum if any will be published in the OPTCL website only.

**Sd./- General Manager (Elect.), EHT (O&M) Circle, Jajpur Road**

**OFFICE OF THE PRINCIPAL**
**NAYAGARH AUTONOMOUS COLLEGE, NAYAGARH**
**QUOTATION CALL NOTICE**

No.- Date-

Sealed quotations are invited from the registered firms/Authorized Dealers having valid GST, PAN & IT clearance for procurement of Water Purifiers with cooler, Desktop Computer, First Aid Box and Dustbin from assistance for non civil expenses under OHEPEE scheme, Govt. of Odisha.
The Sealed quotations should reach the office of the undersigned on or before 15.02.2019 through registered Post/speed Post.
Interested authorized dealers/ suppliers/ registered firms are requested to receive the detailed list of items with specifications and related papers from the undersigned during office hour on working days. The authority reserves the right to reject or cancel any or all quotation without assigning any reason thereof.

*Thanking you.* **Principal**
**Nayagarh Autonomous College, Nayagarh**

**idco** Your power to grow | ISO 9001 & 14001 CORPORATION | ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
*(A Government of Odisha Undertaking)*
IDCO Towers, Janpath, Bhubaneswar - 751022

No. H.O./Civ/T&E/E/3897/01/2019/2064 Dated :- 01.02.2019

**QUOTATION CALL NOTICE**

Sealed Quotations are invited from the original Furniture Manufacture/Registered Supplier/Firms/Authorized Dealers of **Godrej Furniture** for "**Supply of Optimizer of "Godrej" make to DTET Office Building at Cuttack**". The last date of submission of the quotation is 21.02.2019 by 5.00 P.M and the quotation will be opened on 22.02.2019 at 11.00 A.M.

For the detail Quotation Call Notice, Terms & Condition, Specification and B.O.Q, Please visit our web site **www.idco.in** (Tender & Quotation)

Sd/-
Chief General Manager (Civil) I/C
IDCO, Bhubaneswar

**ODISHA CONSTRUCTION CORPORATION LTD.**
(A Government of Odisha Undertaking)
MANJORE GATE WORKS PROJECT, CENTRAL WORKSHOP, RASULGARH, BHUBANESWAR-751010
DESIGNED TO EXCEL

**CORRIGENDUM TO BID CALL NOTICE IDENTIFICATION**

No.OCC/MGWP/02/2018-19 Date. 18.01.2019

For the work **"Expression of interest for cutting, dismantling, removing, shifting etc. & disposal of existing old & damaged barrage bay radial gates No. 15 & 16 of Samal Barrage, Samal,Dist-Angul with all labours, consumables, tools & tackles, industrial gases, machinery, equipments etc. required to complete the work on as is where is basis as per direction of Engineer-in-charge"**
For details, please visit our website : **www.odishaconstruction.com** or Govt. of Odisha website : **www.odishagov.nic.in.** The last date & time of sale, receipt & opening of bid documents are extended up to **20.02.2019 at 1.00 P.M., 3.00 P.M. & 4.00 P.M.** respectively.

**Sd/- SENIOR MANAGER (MECH.)**

**ତହସିଲ କାର୍ଯ୍ୟାଳୟ, ଲେଫ୍ରିପଡ଼ା**
**ଲଘୁ ଖଣିଜ ସକାଶେ ଲିଜ ଇସ୍ତାହାର**

ବିଜ୍ଞପ୍ତି ସଂଖ୍ୟା: 232 ତାରିଖ: 02.02.2019

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଲେଫ୍ରିପଡ଼ା ତହସିଲ ଅନ୍ତର୍ଗତ ଲଘୁ ଖଣିଜ ଖାଦାନଗୁଡ଼ିକର ଲିଜ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତି ଦରଖାସ୍ତଗୁଡ଼ିକ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଆସନ୍ତା ତା 14.02.2019 ଅପରାହ୍ନ ଘ 3.00 ଷା ସୁଦ୍ଧା ସିଲଡ୍ କଭରରେ ତହସିଲ କାର୍ଯ୍ୟାଳୟରେ ଥିବା ଡ୍ରପ ବକ୍ସରେ ପକାଇବେ। ଉକ୍ତ ଦିନ ଘ 4.15 ମି ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ତନଖି କରାଯିବ। ଯେଉଁ ଉତ୍ସଗୁଡ଼ିକ ସେହିଦିନ ପର୍ଯ୍ୟନ୍ତ ଟେଣ୍ଡର ହୋଇନଥିବ ସେଗୁଡ଼ିକ ଦ୍ୱିତୀୟ ଥର ପାଇଁ ତା 22.02.2019 ଓ ତୃତୀୟ ଥର ପାଇଁ ତା 01.03.2019 ସମୟ 3 ଘଟିକାରେ ସ୍ଥିରୀକୃତ ହୋଇଅଛି। ଇଚ୍ଛୁକ ଜନସାଧାରଣ ଏ ସଂକ୍ରାନ୍ତୀୟ ସର୍ତ୍ତାବଳୀ ଓ ଅନ୍ୟାନ୍ୟ ତଥ୍ୟ ତହସିଲ କାର୍ଯ୍ୟାଳୟ, ପଞ୍ଚାୟତ ସମିତି ଲେଫ୍ରିପଡ଼ା, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଲେଫ୍ରିପଡ଼ା ତଥା ଉପଜିଲ୍ଲାପାଳ ସଦର ସୁନ୍ଦରଗଡ଼, ଜିଲ୍ଲାପାଳ ସୁନ୍ଦରଗଡ଼ଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡରୁ ପାଇପାରିବେ ଓ ଜିଲ୍ଲାପାଳ ୱେବସାଇଟ www.sundargarh.nic.in ରୁ ପାଇପାରିବେ।

**ସ୍ୱା./- ତହସିଲଦାର, ଲେଫ୍ରିପଡ଼ା**

ବର୍ତ୍ତମାନ ବାସନ୍ଦ ଦଣ୍ଡ ଭୋଗୁଥିବା ଷ୍ଟିଭ ସ୍ମିଥ୍ ଓ ଡେଭିଡ ୱାର୍ନର ଚଳିତବର୍ଷ ଇଂଲଣ୍ଡ ବିପକ୍ଷ ଆସେସ ସିରିଜରେ ପ୍ରମୁଖ ଭୂମିକା ଗ୍ରହଣ କରିପାରନ୍ତି ।
–ଟିମ୍ ପେନ୍, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



ଭାରତର ଦୁଇ ପ୍ରତିଭାସମ୍ପନ୍ନ ସ୍ପିନର ପୁନମ ଯାଦବ ଓ ଏକତା ବିସ୍ତଙ୍କୁ ମୁକାବିଲା କରିବାକୁ ହେଲେ ଆକ୍ରମଣାତ୍ମକ ବ୍ୟାଟିଂ ଆବଶ୍ୟକ ।
–ସୁଜି ବେଟ୍ସ, ନ୍ୟୁଜିଲାଣ୍ଡ ମହିଳା କ୍ରିକେଟର



## ସଂକ୍ଷେପରେ

### ୧୯ବର୍ଷରୁ କମ୍ ମହିଳା କ୍ରିକେଟ ଦଳ ଘୋଷିତ

**କଟକ ଅଫିସ,୪।୨:** ଗୋଆଠାରେ ଆସନ୍ତା ୧୦ରୁ ୨୬ ତାରିଖ ପର୍ଯ୍ୟନ୍ତ ୧୯ବର୍ଷରୁ କମ୍ ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ । ଏ ନେଇ ସୋମବାର ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ରାଜ୍ୟ ଦଳ ଘୋଷଣା କରାଯାଇଛି । ଦଳର ଅଧିନାୟିକା ରହିଛନ୍ତି ଇନ୍ଦ୍ରାଣୀ ଛତ୍ରିଆ। ଗ୍ରୁପ-ସିରେ ସ୍ଥାନ ପାଇଥିବା ଓଡ଼ିଶା ୧୦ ତାରିଖରେ ପ୍ରଥମ ମ୍ୟାଚରେ ବିଦର୍ଭକୁ ଭେଟିବ । **ଓଡ଼ିଶା ଦଳ:** ଇନ୍ଦ୍ରାଣୀ ଛତ୍ରିଆ(ଅଧିନାୟିକା), କାଜଲ ଜେନା, ପୁନମ ନାୟିକା (ଉପ ଅଧିନାୟିକା), ଶୁଭ୍ର ନିର୍ଝରିଣୀ ସ୍ୱାଇଁ, ରଶ୍ମିତା ଚିନ୍ନାରା (ଉଇକେଟ କିପର), ସ୍ୱିଟି ବେଉରା, ସୋନାଲୀ ହେମ୍ବ୍ରମ, ବିଏଲ୍ଏସ୍ ବୈଷ୍ଣବୀ, ତରଣା ପ୍ରଧାନ, ତନ୍ମୟୀ ବେହେରା, କଳ୍ପନା ନାୟକ, ରାଣୀ ପ୍ରସାଦ, ସୁଚିତ୍ରା ରାୟ, ରାଜେଶ୍ୱରୀ ଜେନା(ଉଇକେଟ କିପର), ଭବାନୀ ଧଡ଼ା । ଇତିଶ୍ରୀ ପଟ୍ଟନାୟକ-କୋଚ୍, ବିଦ୍ୟୁତପ୍ରଭା ଦାସ-ଫିଜିଓ, ଟିକିଲତା ପ୍ରଧାନ-ଟ୍ରେନର, ସୁଧାଂଶୁବାଳା ସାହୁ-ମ୍ୟାନେଜର ।

### ନ୍ୟୁଜିଲାଣ୍ଡ ଦଳକୁ ଶକ୍ତ ଧକ୍କା

**ୱେଲିଂଟନ,୪।୨(ପିଟି):** ଦିନିକିଆ ସିରିଜ୍‌ରେ ଭାରତୀୟ ଦଳଠାରୁ ଶୋଚନୀୟ ପରାଜୟ ପରେ ଟି୨୦ ସିରିଜ୍ ପୂର୍ବରୁ ନ୍ୟୁଜିଲାଣ୍ଡ ଦଳକୁ ଶକ୍ତ ଧକ୍କା ଲାଗିଛି। ଘରୋଇ ଓପ୍‌ନର ମାର୍ଟିନ ଗୁପ୍‌ଟିଲ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ତେବେ ଆହତ ସମସ୍ୟା ଯୋଗୁ ଗୁପ୍‌ଟିଲଙ୍କୁ ଏଭଳି ଅବସ୍ଥା ଭୋଗିବାକୁ ପଡ଼ିଛି। ଅନ୍ତିମ ଦିନିକିଆ ପୂର୍ବରୁ ଅଭ୍ୟାସ କରୁଥିବାବେଳେ ତାଙ୍କ ତଳ ପିଠିରେ ଆଘାତ ଲାଗିଥିଲା। ଏହି କାରଣରୁ ସେ ଭାରତ ବିପକ୍ଷ ୫ମ ଦିନିକିଆ ମ୍ୟାଚ୍‌ରେ ଖେଳିପାରି ନ ଥିଲେ। ସୋମବାର ତାଙ୍କର ଫିଟ୍‌ନେସ୍ ଟେଷ୍ଟ ନିଆଯାଇଥିଲା। ଏଥିରେ ସେ ବିଫଳ ହୋଇଛନ୍ତି। ଏ ସମ୍ପର୍କରେ କୋଚ୍ ଗ୍ୟାରି ଷ୍ଟିଡ ସୂଚନା ଦେଇଛନ୍ତି। ଦୁର୍ଭାଗ୍ୟବଶତଃ ଗୁପ୍‌ଟିଲ ଟି୨୦ ସିରିଜ୍‌ରେ ଖେଳିପାରିବେ ନାହିଁ। ଏହା ନ୍ୟୁଜିଲାଣ୍ଡ ଦଳ ପାଇଁ ଏକ ଶକ୍ତ ଝଟକା ସଦୃଶ। ବାଂଲାଦେଶ ବିପକ୍ଷ ଦିନିକିଆ ସିରିଜ୍ ବେଳକୁ ସେ ଫିଟ୍ ହେବା ନେଇ ଆଶା କରାଯାଉଛି ବୋଲି କୋଚ୍ ଷ୍ଟିଡ କହିଛନ୍ତି। ବୁଧବାରଠାରୁ ଆରମ୍ଭ ହେବାକୁ ଥିବା ଟି୨୦ ସିରିଜ୍ ଲାଗି ଗୁପ୍‌ଟିଲଙ୍କ ବଦଳ ଖେଳାଳି ଭାବେ ଜିମି ନିଶାମଙ୍କୁ ଦଳରେ ସାମିଲ କରାଯାଇଛି। **ନ୍ୟୁଜିଲାଣ୍ଡ ଦଳ:** କେନ୍ ୱିଲିୟମ୍‌ସନ (ଅଧିନାୟକ), ଡଗ୍ ବ୍ରାସ୍‌ୱେଲ, କଲିନ ଡି. ଗ୍ରାଣ୍ଡହୋମ, ଲୋକି ଫର୍ଗୁସନ, ସ୍କଟ୍ କୁଗେଲେନ, ଡାର୍ଲି ମିଚେଲ, କଲିନ ମୁନ୍‌ରୋ, ଜିମି ନିଶାମ, ମିଚେଲ ସାଣ୍ଟନର, ଟିମ୍ ସେଫର୍ଟ, ଇଶ ସୋଧି, ଟିମ୍ ସୌଦି ଓ ରସ୍ ଟେଲର।

### ଫୁଟ୍‌ବଲର ସାଲାଙ୍କ ମରଶରୀର ଠାବ



**ଲଣ୍ଡନ, ୪।୨ (ଏଏଫ୍‌ପି):** ବ୍ରିଟିଶ ତଦନ୍ତକାରୀମାନେ ଶେଷରେ ଆର୍ଜେଣ୍ଟିନା ଫୁଟ୍‌ବଲର ଏମିଲିଆନୋ ସାଲାଙ୍କ ମରଶରୀରକୁ ଏକ ଦୁର୍ଘଟଣାଗ୍ରସ୍ତ ବିମାନର ଭଗ୍ନାବଶେଷରୁ ଠାବ କରିବାରେ ସମର୍ଥ ହୋଇଛନ୍ତି। ୨୮ବର୍ଷୀୟ ସାଲା ଜାନୁୟାରୀ ୨୧ରେ ତାଙ୍କ ନୂଆ ପ୍ରିମିୟର ଲିଗ୍ ଦଳ କାର୍ଡିଫ ସିଟିରେ ଯୋଗଦେବା ଲାଗି ଫ୍ରାନ୍ସରୁ ଏକ କ୍ଷୁଦ୍ର ବିମାନରେ ଯାତ୍ରା କରୁଥିଲେ। ତାଙ୍କ ସହିତ ବିମାନ ପାଇଲଟ ଥିଲେ। ବିମାନଟି ଇଂଲିଶ ଚ୍ୟାନେଲ ଅନ୍ତର୍ଗତ ଗର୍ନସେ ଦ୍ୱୀପର ଉତ୍ତରଭାଗରେ କୌଣସି କାରଣରୁ ନିଖୋଜ ହୋଇଯାଇଥିଲା। ଦୁର୍ଘଟଣାଗ୍ରସ୍ତ ବିମାନଟିର ଭଗ୍ନାବଶେଷ ରବିବାର ସମୁଦ୍ର ଶଯ୍ୟାରେ ଦେଖିବାକୁ ମିଳିଥିଲା। ତଦନ୍ତକାରୀମାନେ ରିମୋଟଲି ଅପରେଟେଡ୍ ଭେଇକିଲ (ଆରଓଭି) ସହାୟତାରେ ତା' ନିକଟକୁ ଯାଇ ଭିଡ଼ିଓ ଫୁଟେଜ୍ ନେଇଥିଲେ। ବିମାନ ମଧ୍ୟରେ ଏକ ମରଶରୀର ଥିବା ଏଥିରୁ ଜଣାପଡ଼ିଥିଲା ବୋଲି ବ୍ରିଟିଶ ସରକାରଙ୍କ ବିମାନ ଦୁର୍ଘଟଣା ତଦନ୍ତ ଶାଖା (ଏଏଆଇବି) ପ୍ରକାଶ କରିଛି। ପରବର୍ତ୍ତୀ- ପଦକ୍ଷେପ ସ୍ୱରୂପ ଏଏଆଇବି ବର୍ତ୍ତମାନ ପାଇଲଟ, ଯାତ୍ରୀଙ୍କ ପରିବାରବର୍ଗ ଏବଂ ପୋଲିସର ପରାମର୍ଶ ନେବ। ସୂଚନାଯୋଗ୍ୟ, ସାଲା ରେକର୍ଡ ୧୭ନିୟୁତ ୟୁରୋ (୧୯.୩ନିୟୁତ ପାଉଣ୍ଡ) ବିନିମୟରେ ଫ୍ରେଞ୍ଚ୍ ଟିମ୍ ନାନ୍‌ଟିସରୁ ୱେଲ୍ସ ଟିମ୍ କାର୍ଡିଫ୍‌ରେ ଯୋଗଦେବାକୁ ଯାଉଥିଲେ।

# ଆଜି କଳିଙ୍ଗରେ ଆରୋଜ–ପଞ୍ଜାବ

ଆଇ-ଲିଗ୍ ଫୁଟବଲ

ଭୁବନେଶ୍ୱର, ୪।୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଇଣ୍ଡିଆନ ଆରୋଜ ଓ ଗତଥରର ଚାମ୍ପିୟନ ମିନର୍ଭା ପଞ୍ଜାବ ମଧ୍ୟରେ ଆଇ- ଲିଗ୍ ଫୁଟବଲ ମ୍ୟାଚ ଅନୁଷ୍ଠିତ ହେବ । ଇଣ୍ଡିଆନ ଆରୋଜ କଳିଙ୍ଗ ଷ୍ଟାଡିୟମକୁ ଘରୋଇ ପଡ଼ିଆଭାବେ ବ୍ୟବହାର କରୁଥିବାରୁ ମିନର୍ଭାକୁ କଡ଼ା ଚ୍ୟାଲେଞ୍ଜ ଦେବା ସମ୍ଭାବନା ରହିଛି। ଯଦି ଆସନ୍ତା ମ୍ୟାଚ ସହ ଆରୋଜ ଚଳିତ ଆଇ–ଲିଗ୍‌ରେ ୫ମ ବିଜୟ ହାସଲ କରେ ତେବେ ପଏଣ୍ଟ ଟେବୁଲର ୭ମ ସ୍ଥାନକୁ ଉନ୍ନୀତ ହୋଇ ପାରିବ। ମ୍ୟାଚ ଅପରାହ୍ନ ୨ଟାରେ ଆରମ୍ଭ ହେବ।

ଦୁଇ ମାସ ପୂର୍ବରୁ ଘରୋଇ ପରିବେଶରେ ମିନର୍ଭା ପଞ୍ଜାବ ୧–୦ ଗୋଲରେ ଆରୋଜକୁ ପରାସ୍ତ କରିଥିଲା। ମାତ୍ର ପ୍ରଥମ ଚରଣର ଏହି ମ୍ୟାଚ ପରେ ଫ୍ଲୟଡ ପିଣ୍ଟୋଙ୍କ ଯୁବ ଦଳ ସ୍ଥିର ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଛି। ଆରୋଜ ୧୫ଟି ମ୍ୟାଚ ଖେଳି ୧୩ ପଏଣ୍ଟ ପାଇଛି। ଏହା ମଧ୍ୟରେ ୪ ବିଜୟ, ୧ ଡ୍ର ଏବଂ ୧୦ ପରାଜୟ ସାମିଲ। ଅନ୍ୟପକ୍ଷରେ ପଞ୍ଜାବ ୧୫ ମ୍ୟାଚ ଖେଳି ୩ ବିଜୟ, ୫ ଡ୍ର ଏବଂ ୭ ପରାଜୟ ସହ ୧୪ ପଏଣ୍ଟ ପାଇଛି। ଅନ୍ୟତମ ଦଳ ଆଇଜଲ ଏଫସି ମଧ୍ୟ ୧୪ ପଏଣ୍ଟ ପାଇଛି। ଏବେ ଆଇଜଲ ୭, ପଞ୍ଜାବ ୮ ଓ ଆରୋଜ ୯ମ ସ୍ଥାନରେ ରହିଛି। ତେଣୁ ଯଦି ଆଗାମୀ ମ୍ୟାଚରେ ଆରୋଜ ବିଜୟୀ ହୁଏ ତେବେ ଆଇଜଲ୍ ଓ ପଞ୍ଜାବକୁ ପଛରେ ପକାଇ ଦେଇପାରିବ। ଚଳିତ ସିଜନରେ ମିନର୍ଭା ଦକ୍ଷତା ଅନୁସାରେ ଖେଳି ପାରିନାହିଁ। ଗତ ୨ ମାସ ମଧ୍ୟରେ ଦଳ ୮ଟି ମ୍ୟାଚ ଖେଳିଥିଲେ ହେଁ ବିଜୟ ସ୍ୱାଦ ପାଇନାହିଁ। ପୂର୍ବ ୨ଟି ମ୍ୟାଚରେ ଦଳ ଆଇଜଲ ଏଫସି ଏବଂ ପଏଣ୍ଟ ଟେବୁଲର ନିମ୍ନରେ ଥିବା ଶିଲଂ ଲାଜଂଠାରୁ ପରାଜିତ ହୋଇଥିଲା।

''ଗତ ମ୍ୟାଚ ଗୁଡ଼ିକରେ କ'ଣ ହୋଇଛି ତାହା ଚିନ୍ତା ନ କରି ଆମେ ଆଗାମୀ ମ୍ୟାଚକୁ ସକାରାତ୍ମକ ମନୋଭାବରେ ଖେଳିବୁ। ପିଲାମାନେ ଭଲ ଟ୍ରେନିଂ କରିଛନ୍ତି। ମାନସିକଭାବେ ମଧ୍ୟ ଦୃଢ଼ ଅଛନ୍ତି। ତେଣୁ ଆମେ ଆଗାମୀ ମ୍ୟାଚ ପାଇଁ ପ୍ରସ୍ତୁତ'' ବୋଲି ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପଞ୍ଜାବ ଟିମ୍‌ର ଆଇରିସ୍ କୋଚ୍ ପଲ୍ ମୁନଷ୍ଟର ପ୍ରକାଶ କରିଛନ୍ତି। ଏହି ମ୍ୟାଚ ଆମପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ଏବେ ବାହାର ପରିବେଶରେ ମ୍ୟାଚ ଜିତିବାର ସୁଯୋଗ ଆସିଛି। ଏହି ମ୍ୟାଚ ପରେ ଆମେ ଏଏଫସି କପ୍‌ରେ ଖେଳିବାକୁ ଯିବୁ। ତେଣୁ ଆରୋଜ ବିପକ୍ଷ ମ୍ୟାଚରୁ ଆମେ ୩ ପଏଣ୍ଟ ପାଇ ପାରିଲେ ପିଲାମାନଙ୍କ ମନୋବଳ ଦୃଢ଼ ହୋଇପାରିବ ବୋଲି ସେ କହିଛନ୍ତି। ଇଣ୍ଡିଆନ ଆରୋଜ ଏକ ଯୁବ ଦଳ। ଦଳର ଖେଳାଳିମାନେ ପ୍ରତିଶ୍ରୁତିବଦ୍ଧ ଏବଂ ଉତ୍ସାହରେ ଭରପୁର ବୋଲି ଆମେ ଜାଣିଛୁ। ଏବେ ଏହାର ଖେଳାଳିମାନେ କିଛିଟା ଅଭିଜ୍ଞ ମଧ୍ୟ ହୋଇ ଗଲେଣି। ତେବେ ଆମେ ବିଜୟ ହାସଲ ପାଇଁ ଦୃଢ଼ ଆଶାୟୀ ବୋଲି ମୁନଷ୍ଟର କହିଛନ୍ତି। ଅନ୍ୟ ପକ୍ଷରେ ଫ୍ଲୟଡ ପିଣ୍ଟୋଙ୍କ ପ୍ରଶିକ୍ଷଣପ୍ରାପ୍ତ ଆରୋଜ ଶିଲଂ ଲାଜଂକୁ ୩–୦ ଗୋଲରେ ହରାଇବାପରେ ଇଷ୍ଟବେଙ୍ଗଲ, ଚର୍ଚ୍ଚିଲ ବ୍ରଦର୍ସ ଓ ନେରୋକା ଏଫସି ପରି ଦଳଠାରୁ ପରାଜିତ ହୋଇଛି। ଏହି ତିନୋଟି ଯାକ ଦଳ ବର୍ତ୍ତମାନ ପରିସ୍ଥିତିରେ ଟାଇଟଲ ଦାବିଦାର ଭାବେ ଉଭା ହୋଇଛନ୍ତି। ଶେଷ ୪ଟି ଗେମ୍‌ରେ ଆରୋଜ ଖେଳାଳିମାନେ ୬ଟି ଗୋଲ ଦେବାରେ ସକ୍ଷମ ହୋଇଛନ୍ତି। ଏଥିରୁ ସେମାନଙ୍କ ସାହସିକତାର ପରିଚୟ ମିଳିଛି। ମଙ୍ଗଳବାରର ମ୍ୟାଚକୁ ନେଇ ପିଣ୍ଟୋ ବେଶ୍ ଆଶାୟୀ। ''ପ୍ରତିଟି ମ୍ୟାଚ ଆମପାଇଁ ନୂଆ ଚ୍ୟାଲେଞ୍ଜ ନେଇ ଆସୁଛି। ଆମେ ସବୁବେଳେ ବିଜୟ ଆଶା ନେଇ ଖେଳୁଛୁ। ଗତ କିଛି ମ୍ୟାଚରେ ଆମେ ପରାଜିତ ହୋଇଥିଲେ ହେଁ ଖେଳାଳିଙ୍କ ପ୍ରଦର୍ଶନ ନେଇ ମୁଁ ସନ୍ତୁଷ୍ଟ'' ବୋଲି ପିଣ୍ଟୋ କହିଛନ୍ତି। ଏବେ ଆମକୁ ପଏଣ୍ଟ ସଂଗ୍ରହ ଉପରେ ଧ୍ୟାନ ଦେବାକୁ ପଡ଼ିବ। ମିନର୍ଭା ବିପକ୍ଷ ୯୦ ମିନିଟର ମ୍ୟାଚ ନିଷ୍ପିତ କଷ୍ଟସାଧ ହେବ। ଏହି ଦଳ ବିପକ୍ଷରେ ଚଣ୍ଡିଗଡ଼ରେ ଅନୁଷ୍ଠିତ ପୂର୍ବ ମୁକାବିଲାରେ ଆମେ ଅନେକ ସୁଯୋଗ ପାଇଥିଲେ ହେଁ ତାହାର ସଦୁପଯୋଗ କରିପାରି ନ ଥିଲୁ। ଆମର ଗୋଲ ସ୍କୋରିଂ ହାରରେ ଉନ୍ନତି ଆସିଛି। ଆମକୁ ହରାଇବା ପ୍ରତିପକ୍ଷ ଦଳପାଇଁ ସହଜ ହେବନାହିଁ ବୋଲି କୋଚ୍ ପ୍ରକାଶ କରିଛନ୍ତି।



ଇଣ୍ଡିଆନ୍ ଆରୋଜ ଓ ମିନର୍ଭା ପଞ୍ଜାବ ଆଇ–ଲିଗ୍ ମ୍ୟାଚ୍ ପୂର୍ବରୁ ସୋମବାର ଉଭୟ ଦଳର କୋଚ୍ ଓ ଖେଳାଳିମାନେ।

### ଦିନିକିଆ ର୍‍ୟାଙ୍କିଙ୍ଗ୍: ଉପରକୁ ଉଠିଲା ଭାରତ

**ଦୁବାଇ,୪।୨:** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ସୋମବାର ନୂଆ ଦିନିକିଆ ର୍‍ୟାଙ୍କିଙ୍ଗ୍ ପ୍ରକାଶ ପାଇଛି। ଦଳଗତ ର୍‍ୟାଙ୍କିଙ୍ଗ୍‌ରେ ଭାରତ ଦ୍ୱିତୀୟ ସ୍ଥାନକୁ ଉଠିଛି। ପ୍ରଥମେ ଅଷ୍ଟ୍ରେଲିଆକୁ ୨–୧ରେ ଓ ପରେ ନ୍ୟୁଜିଲାଣ୍ଡକୁ ୪–୧ରେ ପରାସ୍ତ କରିଥିବା ଭାରତୀୟ ଦଳ ୧୨୨ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ହାତେଇଛି। ଇଂଲଣ୍ଡ ଦଳ ୧୨୬ ପଏଣ୍ଟ ସହ ପୂର୍ବଭଳି ଶୀର୍ଷରେ ରହିଛି। ନିକଟରେ ପାକିସ୍ତାନକୁ ହରାଇଥିବା ଦକ୍ଷିଣ ଆଫ୍ରିକା ୩ୟ ସ୍ଥାନ ହାସଲ କରିଛି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ଗୋଟିଏ ସ୍ଥାନ ତଳକୁ ଖସି ୪ର୍ଥରେ ଅଛି। ତେବେ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ବିରାଟ କୋହଲି ଓ ବୋଲରଙ୍କ ମଧ୍ୟରେ ଯଶ୍‌ପ୍ରୀତ ବୁମ୍‌ରା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷରେ ହାଟ୍ରିକ୍ ହାଫ୍ ସେଞ୍ଚୁରି ମାରିଥିବା ମହେନ୍ଦ୍ର ସିଂ ଧୋନୀ ୩ଟି ସୋପାନ ଉପରକୁ ଉଠି ୧୭ତମ ମାନ୍ୟତା ହାସଲ କରିଛନ୍ତି। ସେହିଭଳି ଭାରତୀୟ ମିଡ୍‌ଲ ଅର୍ଡର ବ୍ୟାଟ୍ସମ୍ୟାନ କେଦାର ଯାଦବ ପୂର୍ବ ଅପେକ୍ଷା ୮ଟି ସ୍ଥାନ ଉପରକୁ ଉଠି ୩୫ତମ ସ୍ଥାନରେ ରହିଛନ୍ତି। ଅନ୍ୟ କୌଣସି ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ମାନ୍ୟତାରେ ଉନ୍ନତି ପରିଲକ୍ଷିତ ହୋଇନାହିଁ। ଲେଗ୍ ସ୍ପିନର ଯୁଜ୍‌ବେନ୍ଦ୍ର ଚହଲ ୫ମ ଓ ପେସର ଭୁବନେଶ୍ୱର କୁମାର ୧୭ତମ ସ୍ଥାନ ଅଧିକାର କରିଛନ୍ତି। ଚହଲ ଗୋଟିଏ ସ୍ଥାନ ଓ ଭୁବନେଶ୍ୱର ୬ ପାହ୍ୟା ଉପରକୁ ଉଠିଛନ୍ତି।






ଜାତୀୟ ସିନିୟର ମହିଳା ହକି ପାଇଁ ମନୋନୀତ ଗାଙ୍ଗପୁର ଏବଂ ଓଡ଼ିଶା ଦଳ।

■ ଭାରତୀୟ କ୍ରୀଡ଼ା ସମ୍ମାନ

### ବିଚାରକମଣ୍ଡଳୀରେ ବିନ୍ଦ୍ରା, ଗୋପୀଚାନ୍ଦ

**ମୁମ୍ବାଇ, ୪।୨ (ପି.ଟି.):** ଚଳିତମାସ ୧୬ ତାରିଖରେ ଦ୍ୱିତୀୟ ଭାରତୀୟ କ୍ରୀଡ଼ା ସମ୍ମାନ ପ୍ରଦାନ କରାଯିବ। ଏଥିପାଇଁ ଗଠନ କରାଯାଇଥିବା ବିଚାରକ ମଣ୍ଡଳୀରେ ଭାରତର ପ୍ରଥମ ଏବଂ ଏକମାତ୍ର ବ୍ୟକ୍ତିଗତ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ଅଭିନବ ବିନ୍ଦ୍ରା ଏବଂ ଜାତୀୟ ବ୍ୟାଡ୍‌ମିଣ୍ଟନ କୋଚ୍ ପୁଲେଲା ଗୋପୀଚାନ୍ଦ ସ୍ଥାନ ପାଇଛନ୍ତି। ଏଥିରେ ସ୍ଥାନ ପାଇଥିବା ଅନ୍ୟ ବିଚାରକମାନେ ହେଲେ ପୂର୍ବତନ ଭାରତୀୟ ହକି ଅଧିନାୟକ ସର୍ଦ୍ଦାର ସିଂ, ଟେନିସ ଭେଟେରାନ ମହେଶ ଭୂପତି, କିମ୍ବଦନ୍ତୀ ଆଥଲେଟ୍ ପି.ଟି. ଉଷା ଏବଂ ପୂର୍ବତନ ଶୁଟର୍ ଅଞ୍ଜଳି ଭଗବତ। ସୂଚନାଯୋଗ୍ୟ, ଆରପି ସଞ୍ଜୀବ ଗୋଏଙ୍କା ଗ୍ରୁପ୍ ଏବଂ ବିରାଟ କୋହଲି ଫାଉଣ୍ଡେଶନର ମିଳିତ ଉଦ୍ୟମରେ ଭାରତୀୟ କ୍ରୀଡ଼ା ସମ୍ମାନ ପ୍ରଚଳନ କରାଯାଇଛି।

## ଓଡ଼ିଶା, ଗାଙ୍ଗପୁର ଦଳ ଘୋଷିତ

ଜାତୀୟ ସିନିୟର ମହିଳା ହକି

ଭୁବନେଶ୍ୱର, ୪।୨(କ୍ରୀଡ଼ା ପ୍ରତିନିଧି)

ଜାତୀୟ ସିନିୟର ମହିଳା ହକି(ଡିଭିଜ୍‌-ଏ)ର ୯ମ ସଂସ୍କରଣ ହରିୟାଣାର ହିସାରଠାରେ ଚଳିତମାସ ୮ରୁ ୧୭ ପର୍ଯ୍ୟନ୍ତ ହେବାକୁ ଯାଉଛି। ଏଥିପାଇଁ ଓଡ଼ିଶା ଓ ହକି ଗାଙ୍ଗପୁର ଦଳ ଘୋଷିତ ହୋଇଛି। ରୋଜାଲିନ ଡୁଙ୍ଗଡୁଙ୍ଗ ଓଡ଼ିଶା ଦଳର ଅଧିନାୟିକା ରହିଛନ୍ତି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଦଳର ଚୟନ ଓ ପ୍ରସ୍ତୁତି ଶିବିର ଚାଲିଥିଲା । ସୋମବାର ରାତିରେ ଦଳ ହରିୟାଣା ଅଭିମୁଖେ ଯାତ୍ରା କରିଛି । ହକି ଓଡ଼ିଶା ସମ୍ପାଦକ ପ୍ରତାପ ଶତପଥୀ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି । ଏଲିନ ଲାକ୍ରାଙ୍କ ନେତୃତ୍ୱରେ ହକି ଗାଙ୍ଗପୁର–ଓଡ଼ିଶା ଦଳ ଖେଳିବ। ଦଳ ମଙ୍ଗଳବାର ରାଉରକେଲାରୁ ହରିୟାଣା ଅଭିମୁଖେ ଯାତ୍ରା କରିବ ବୋଲି ହକି ଗାଙ୍ଗପୁର ସାଧାରଣ ସମ୍ପାଦକ ଦେବାଶିଷ ଗୌଡ଼ା ପ୍ରକାଶ କରିଛନ୍ତି।

**ଓଡ଼ିଶା ଦଳ**

ରୋଜାଲିନ ଡୁଙ୍ଗଡୁଙ୍ଗ(ଅଧିନାୟିକା), ରୋଜାଲିଆ ଲାକ୍ରା(ଗୋଲ କିପର), ମଞ୍ଜୁ ଲାକ୍ରା, ଖୁସବୁ କୁଜୁର, ସଙ୍ଗୀତା ରୋଜ କୁଲୁ, ଅସିମା କାଞ୍ଚନ ବାର୍ଲା, ଅସୀମା ମିଞ୍ଜ (ଗୋଲ କିପର), ପ୍ରେମିତା ବାରା, ପୁନମ ମିଞ୍ଜ, ଦୀପ୍ତି ଲାକ୍ରା, ଅସ୍ମିତା ବାର୍ଲା, ଭାରତୀ ଏକ୍କା, ତରସିଲା ବେକ, ସୁଜାତା କୁଜୁର, ଜନନୀ ସୋରେନିଆ, ରଶ୍ମିତା ମିଞ୍ଜ, ନେହା ଟପ୍ପୋ, ମନୀଷା ବେକ ।

**ହକି ଗାଙ୍ଗପୁର ଦଳ**

ମାଧୁରୀ କିଣ୍ଡୋ, ମୁକ୍ତା ଜୋଜୋ, ସମୀରା ଲାକ୍ରା, ଆଞ୍ଜେଲା ଟପ୍ପୋ, ଜ୍ୟୋତି ଛେତ୍ରୀ, ସୁଶାନ୍ତି ମିଞ୍ଜ, ସୁସ୍ମିତା କେର୍କେଟା, ଏଲିନ ଲାକ୍ରା(ଅଧିନାୟିକା), ମନୀଷା ଓରାମ, ପ୍ରେମାଞ୍ଜଳି ଟପ୍ପୋ, ଆତେନ ଟପ୍ପୋ, ଚାନ୍ଦନୀ ନାଏକ, ରେସ୍‌ମା ଲାକ୍ରା, ନିକିତା ଟପ୍ପୋ, ମମିତା ଓରାମ, ପ୍ରତିଭା ଏକ୍କା, ଅର୍ଚ୍ଚନା ଟେଟେ, ରାଣି କୁମାରୀ। କୋଚ୍: ପାଉଲିନା ସୁରିନ, ମ୍ୟାନେଜର: ଜାଭିଏର ଲାକ୍ରା।

### ହୋଲ୍ଡର ବାସନ୍ଦ

**ନର୍ଥ ସାଉଣ୍ଡ (ଆଣ୍ଟିଗୁଆ), ୪।୨(ଏପି):** ଇଂଲଣ୍ଡ ବିପକ୍ଷରେ ଐତିହାସିକ ଟେଷ୍ଟ ସିରିଜ୍ ଜିତିଥିବା ୱେଷ୍ଟଇଣ୍ଡିଜ ଦଳକୁ ସିରିଜ୍‌ର ଅନ୍ତିମ ତଥା ୩ୟ ଟେଷ୍ଟ ମ୍ୟାଚ୍‌ରେ ଅଧିନାୟକ ଜାସନ ହୋଲ୍ଡରଙ୍କ ବିନା ଖେଳିବାକୁ ପଡ଼ିବ। ଏଠାରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ୨ୟ ଟେଷ୍ଟ ମ୍ୟାଚ୍‌ରେ ଧୀମା ବୋଲିଂ ହାର ପାଇଁ ଘରୋଇ ଦଳର ଅଧିନାୟକ ହୋଲ୍ଡରଙ୍କୁ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ କରାଯାଇଛି। ଦ୍ୱିତୀୟ ଟେଷ୍ଟକୁ ୧୦ ଉଇକେଟରେ ଜିତିଥିବା ଇଣ୍ଡିଜ ଦଳ ବାର୍ବାଡସ୍‌ଠାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌କୁ ୩୮୧ ରନ୍‌ରେ ଜିତି ନେଇଥିଲା। ଏହି ସିରିଜ୍‌ରେ ହୋଲ୍ଡର ସର୍ବାଧିକ ରନ୍ କରିଛନ୍ତି।

### ଝାଡ଼ଖଣ୍ଡକୁ ହରାଇଲା ଓଡ଼ିଶା

କଟକ ଅଫିସ,୪।୨


ଅର୍ଜୁନ ନାୟକ


ଅରବିନ ଲାକ୍ରା

ଛତିଶଗଡ଼ର ଭିଲାଇରେ ସୋମବାରଠାରୁ ୭୩ତମ ଜାତୀୟ ସିନିୟର ପୁରୁଷ ଫୁଟବଲ ଚାମ୍ପିୟନଶିପ ସନ୍ତୋଷ ଟ୍ରଫିର ପୂର୍ବାଞ୍ଚଳ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ ଆରମ୍ଭ ହୋଇଛି। ଓଡ଼ିଶା ପ୍ରଥମ ମ୍ୟାଚ୍‌ରେ ୨–୧ ଗୋଲରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧର ୧୩ତମ ମିନିଟରେ ଅର୍ଜୁନ ନାୟକ ଓଡ଼ିଶା ପକ୍ଷରୁ ପ୍ରଥମ ଗୋଲ ସ୍କୋର କରି ଦଳକୁ ୧–୦ରେ ଅଗ୍ରଣୀ ରଖିଥିଲେ। ଦ୍ୱିତୀୟାର୍ଦ୍ଧର ୫୨ତମ ମିନିଟରେ ଅରବିନ ଲାକ୍ରା ଦଳ ନିମନ୍ତେ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ୬୮ତମ ମିନିଟରେ ଝାଡ଼ଖଣ୍ଡ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିବା ସହ କ୍ରିଷ୍ଣାକାନ୍ତା ପ୍ରତାପ ଏକ ଗୋଲ ଦେଇଥିଲେ। ପରେ କୌଣସି ଗୋଲ ନହେବା ଯୋଗୁ ଓଡ଼ିଶା ଏହି ମ୍ୟାଚ୍ ଜିତିଥିଲା। ୬ ତାରିଖରେ ଛତିଶଗଡ଼ ବିପକ୍ଷରେ ଓଡ଼ିଶା ଦ୍ୱିତୀୟ ମ୍ୟାଚ୍ ଖେଳିବ।

■ ଜାତୀୟ ସିନିୟର ସ୍ନୁକର

### ମୁଖ୍ୟ ଡ୍ରରେ ସୁବ୍ରତ

ଭୁବନେଶ୍ୱର, ୪।୨(କ୍ରୀଡ଼ା ପ୍ରତିନିଧି)

ଇନ୍ଦୋରରେ ଚାଲିଥିବା ଜାତୀୟ ସିନିୟର ସ୍ନୁକର ଚାମ୍ପିୟନଶିପ୍‌ର ମୁଖ୍ୟ ଡ୍ର'ରେ ପ୍ରବେଶ କରିଛନ୍ତି ଓଡ଼ିଶାର ସୁବ୍ରତ ଦାସ। ଡବଲ ଏଲିମିନେଶନରେ ସେ ନିଜର ଅବଶିଷ୍ଟ ୩ଟି ଯାକ ମ୍ୟାଚ ଜିତି ଏହି ସଫଳତା ପାଇଛନ୍ତି। ଏବେ ସେ ରାଉଣ୍ଡ ଅଫ୍ ଟପ୍–୬୪ରେ ଖେଳିବେ। ଅନ୍ୟପକ୍ଷରେ ଆକାଶ ମହାପାତ୍ର ଓ ରାକେଶ ରୋଶନ ପ୍ରଧାନ ଯୋଗ୍ୟତା ପାଇବାରେ ବିଫଳ ହୋଇଛନ୍ତି। ସୋମବାର ଆରମ୍ଭ ହୋଇଥିବା ଟପ୍‌-୬୪ ରାଉଣ୍ଡ ପାଇଁ ଓଡ଼ିଶାର ଆଶୁତୋଷ ମହାପାତ୍ର ସିଧା ଏଣ୍ଟ୍ରି ପାଇଛନ୍ତି। ଏହି ପର୍ଯ୍ୟାୟରେ ସୁବ୍ରତ ନିଜର ପ୍ରଥମ ମ୍ୟାଚ ତେଲେଙ୍ଗାନାର ହିମାଂଶି ଜୈନଙ୍କଠାରୁ ୦–୪ ଏବଂ ଆଶୁତୋଷ ଦିଲ୍ଲୀର ମୋନୁ ଚୌଧାରୀଙ୍କଠାରୁ୨–୪ ଫ୍ରେମ୍‌ରେ ହାରି ଯାଇଛନ୍ତି। ସୁବ୍ରତ ୪ ଜଣିଆ ଗ୍ରୁପରେ ସ୍ଥାନ ପାଇଥିବାରୁ ଅବଶିଷ୍ଟ ୨ ମ୍ୟାଚ ଜିତିଲେ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହେବେ। ଅନ୍ୟପକ୍ଷରେ ଆଶୁତୋଷ ୫ ଖେଳାଳି ବିଶିଷ୍ଟ ଗ୍ରୁପରେ ରହିଛନ୍ତି। ସହଜରେ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହେବାକୁ ହେଲେ ତାଙ୍କୁ ୩ଟି ମ୍ୟାଚ ଜିତିବାକୁ ହେବ।



ସୁବ୍ରତ ଦାସ

## ଟି୨୦: କେହି ଫେଭରାଇଟ ନୁହନ୍ତି

ମହିନ୍ଦର ଅମରନାଥ

ନ୍ୟୁଜିଲାଣ୍ଡ ଏକ ଭଲ ଦଳ। ତେଣୁ ଏହା ବିପକ୍ଷରେ ଦିନିକିଆ ସିରିଜ ବିଜୟକୁ ନିଶ୍ଚିତ ଚମତ୍କାର ବୋଲି କହିବାକୁ ହେବ। ଅଭିଜ୍ଞ ଦଳ ହୋଇଥିବାରୁ ବ୍ଲାକ୍ କ୍ୟାପଙ୍କୁ ସେମାନଙ୍କ ଘରୋଇ ପରିବେଶରେ ୪–୧ରେ ହରାଇବା ସହଜକଥା ନ ଥିଲା। ନ୍ୟୁଜିଲାଣ୍ଡ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦଳ। ବିଶେଷ କରି ବିଶ୍ୱକପ ସମୟରେ ଏହି ଦଳର ଖେଳାଳିମାନେ ଜୀବନଲଗାଇ ଖେଳିଥାନ୍ତି। ତେଣୁ ଏହାକୁ ସହଜରେ ହରାଇଥିବାରୁ ଭାରତ ନିଜ ଦକ୍ଷତାର ପ୍ରମାଣ ଦେଇଛି। ଶେଷ ୨ଟି ଦିନିକିଆ ପାଇଁ ପରିବେଶ ଅନୁକୂଳ ନ ଥିଲା। ସକାଳେ ବ୍ୟାଟିଂ କରିବା କଷ୍ଟସାଧ ହୋଇଥିଲା। ମାତ୍ର ଭାରତୀୟ ଖେଳାଳିମାନେ ୪ର୍ଥ ଦିନିକିଆ ପରାଜୟରୁ ଅନେକ କିଛି ଶିଖିଥିଲେ। ଅନ୍ତିମ ମ୍ୟାଚରେ ଶୀଘ୍ର ୪ଟି ଉଇକେଟ ହରାଇଥିଲେ ହେଁ ସେମାନେ ନିଜକୁ ପ୍ରୟୋଗ କରି ବଡ଼ ସ୍କୋର କରିବାରେ ସକ୍ଷମ ହେଲେ। ଅମ୍ବାତି ରାୟୁଡୁ ଚିତାକର୍ଷକ ଇନିଂସ ଖେଳିବା ସହ ନିଜ ଅଭିଜ୍ଞତାର ଉପଯୋଗ କଲେ। ୫୦ ଓଭର ଖେଳରେ ଅନେକ ବଲ୍ ଆସିବାକୁ ବାକିଅଛି ବୋଲି ସେ ହୃଦୟଙ୍ଗମ କରି ପାରିଥିଲେ। ତେଣୁ ସେ କ୍ରିଜ୍‌ରେ ତିଷ୍ଠି ରହିବାକୁ ଚେଷ୍ଟା କରିଥିଲେ, ଫଳରେ ଭାରତ ଏକ ସମ୍ମାନଜନକ ସ୍କୋର କରିବାରେ ସକ୍ଷମ ହୋଇଥିଲା। ଏହି ମ୍ୟାଚରେ ରାୟୁଡୁଙ୍କୁ ବିଜୟ ଶଙ୍କର, କେଦାର ଯାଦବ ଓ ହାର୍ଦ୍ଦିକ ପାଣ୍ଡ୍ୟା ଉପଯୁକ୍ତ ସହଯୋଗ କଲେ। ଫଳରେ ଭଲ ପାର୍ଟନରଶିପ୍ ହୋଇପାରିଲା। ଏହା ମୋତେ ୧୯୮୩ ବିଶ୍ୱକପର ଜିମ୍ବାୱେ ବିପକ୍ଷ ମ୍ୟାଚକୁ ମନେ ପକାଇ ଦେଇଥିଲା। ସେତେବେଳେ ଆମେ ସମାନ ସ୍ଥିତିରେ ଥିଲୁ। ଟପ୍ ଅର୍ଡରର ୫ ବ୍ୟାଟ୍ସମ୍ୟାନ ଶୀଘ୍ର ଆଉଟ ହୋଇ ଯାଇଥିବାବେଳେ କପିଳ ଦେବ ୧୭୫ ରନର ସୁପର ଇନିଂସ ଖେଳି ମ୍ୟାଚକୁ ନିୟନ୍ତ୍ରଣକୁ ଆଣିଥିଲେ। ଶେଷରେ ଆମେ ୩୧ ରନରେ ବିଜୟୀ ହେବାରେ ସକ୍ଷମ ହୋଇଥିଲୁ। ଏପରି ପରିସ୍ଥିତିରେ କୌଣସି ଜଣେ ବ୍ୟାଟ୍ସମ୍ୟାନଙ୍କୁ ଦାୟିତ୍ୱର ସହ ଖେଳି ମ୍ୟାଚକୁ ନିୟନ୍ତ୍ରଣକୁ ଆଣିବାକୁ ହୋଇଥାଏ। ନିଜକୁ ପ୍ରୟୋଗ କରିବାକୁ ପଡ଼ିଥାଏ। ରାୟୁଡୁ ତାହା ହିଁ ଏହି ମ୍ୟାଚରେ କରିଥିଲେ। ସ୍କୋର ବୋର୍ଡରେ ବଡ଼ ସ୍କୋର ହେଲେ ଯାଇ ବୋଲରମାନଙ୍କୁ ମ୍ୟାଚ ଜିତାଇବା ସହଜ ହୋଇ ପାରିବ ବୋଲି ଜଣେ ବ୍ୟାଟ୍ସମ୍ୟାନଭାବେ ସେ ହୃଦୟଙ୍ଗମ କରିଥିଲେ।

ଏବେ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଆସୁଛି। ନିର୍ଦ୍ଦିଷ୍ଟ ଦିବସରେ କେଉଁ ଦଳ ଭଲ ଖେଳୁଛି ତା' ଉପରେ ସବୁକିଛି ନିର୍ଭର କରିବ। ସତ କହିବାକୁ ଗଲେ ଏହି ସିରିଜ ପାଇଁ କେହି ଫେଭରାଇଟ ନୁହନ୍ତି। ଏକଦିବସୀୟରେ ଅଧିକ ଓଭର ଖେଳିବାକୁ ଥିବାରୁ କୌଣସି ତ୍ରୁଟି ହେଲେ ଯୋଜନା ପ୍ରସ୍ତୁତ କରି ସେଥିରେ ସୁଧାର ଅଣା ଯାଇଥାଏ। ମାତ୍ର ଟି୨୦ରେ ସେଥିପାଇଁ ସମୟ ନ ଥାଏ। କହିଲେ ଭୁଲ ହେବନି ଯେ ଅନ୍ୟ ଦଳ ତୁଳନାରେ ଭାରତୀୟ ଖେଳାଳିମାନେ ଅଧିକ ଟି୨୦ ଖେଳୁଥିବାରୁ ଅଭିଜ୍ଞତାରେ ଭରପୂର। ଏହା ସେମାନଙ୍କୁ ସହାୟକ ହୋଇପାରେ। ତେବେ ଉଭୟ ଦଳ ଉନ୍ନତ ଏବଂ ଶକ୍ତିଶାଳୀ ମନେ ହେଉଥିବାରୁ ଆଗାମୀ ସିରିଜ ରୋମାଞ୍ଚକ ହେବା ଆଶା। ଏହି ଫର୍ମାଟରେ କୌଣସି ଜଣେ ଖେଳାଳି ୫–୬ ଓଭର ଶ୍ରେଷ୍ଠ ପ୍ରଦର୍ଶନ କରିପାରିଲେ ପୁରା ଗେମ୍‌ର ଗତିପଥ ବଦଳାଇ ଦେଇପାରିବ।

(ଗେମ୍ ପ୍ଲାନ୍)





“ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଆମେ ପରାସ୍ତ ହୋଇଥିଲେ ହେଁ ଆସନ୍ତା ଦକ୍ଷିଣ ଆଫ୍ରିକା ଟୁର୍‌ରେ ଭଲ ପ୍ରଦର୍ଶନ କରିବୁ ।

–ଦୀନେଶ ଚାଣ୍ଡିମଲ, ଶ୍ରୀଲଙ୍କା ଅଧିନାୟକ



“ଏଥର ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ସାଇନା, ସିନ୍ଧୁ ଓ କିଡାମ୍ବୀଙ୍କ ମଧ୍ୟରୁ କେହି ଜଣେ ଟାଇଟଲ ଜିତିବେ ବୋଲି ମୋର ଆଶା ।

–ପୁଲେଲା ଗୋପୀଚାନ୍ଦ, ଜାତୀୟ ବ୍ୟାଡ୍‌ମିଣ୍ଟନ କୋଚ୍

## ସଂକ୍ଷେପରେ

### ସିରିଜ ପୋଛିଲା ଅଷ୍ଟ୍ରେଲିଆ

**କାନବେରା,୪।୨:** ଅଷ୍ଟ୍ରେଲିଆ ଦଳ ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟକୁ ୩୬୬ ରନ୍‌ରେ ଜିତିଛି। ଏଥିସହିତ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜକୁ ଅଷ୍ଟ୍ରେଲିଆ ୨-୦ରେ ପୋଛି ନେଇଛି। ଶ୍ରୀଲଙ୍କା ଦଳ ଦ୍ୱିତୀୟ ଇନିଂସ୍‌ରେ ୧୪୯ ରନ୍‌ରେ ଅଲଆଉଟ୍ ହୋଇଯାଇଛି। ଘରୋଇ ବୋଲର ମିଚେଲ ଷ୍ଟାର୍କ ମୋଟ ୧୦ ଉଇକେଟ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏହା ଶ୍ରୀଲଙ୍କା ଦଳର କ୍ରମାଗତ ୩ୟ ଟେଷ୍ଟ ସିରିଜ ପରାଜୟ।

### ମହୀଶୂର-ଅମୃତସର ଫାଇନାଲ

**ଭୁବନେଶ୍ୱର, ୪।୨(ସ୍ପୋର୍ଟ୍ସ ବ୍ୟୁରୋ):** ଟୁଇନ୍ ସିଟିରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଚାମ୍ପିୟନଶିପ୍ ତଥା ରୋହିଙ୍ଗଟନ୍ ବାରିଆ ଟ୍ରଫିର ଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। ମହୀଶୂର ଓ ଅମୃତସରର ଗୁରୁନାନକ ଦେବ ବିଶ୍ୱବିଦ୍ୟାଳୟ ଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଛନ୍ତି। କିଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଉତ୍ତରପ୍ରଦେଶର ବୀର ବାହାଦୂର ସିଂ (ଭିବିଏସ୍)ବିଶ୍ୱବିଦ୍ୟାଳୟକୁ ୨୮ ରନରେ ମହୀଶୂର ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମହୀଶୂର ୪୫ ଓଭରରେ ୮ ଉଇକେଟ୍ ହରାଇ ୨୩୦ ରନ କରିଥିଲା। ଜବାବରେ ଭିବିଏସ୍ ୩୧.୫ ଓଭରରେ ୨୦୨ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ସେହିଭଳି କଟକର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ୨ୟ ସେମିଫାଇନାଲ ମ୍ୟାଚ୍‌ରେ ଅମୃତସରର ଗୁରୁନାନକ ଦେବ ବିଶ୍ୱବିଦ୍ୟାଳୟ (ଜିଏନ୍‌ଡିୟୁ) ୪ ଉଇକେଟ୍‌ରେ ମୁମ୍ବାଇ ବିଶ୍ୱବିଦ୍ୟାଳୟକୁ ହରାଇଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ୪୦.୩ ଓଭରରେ ୨୨୦ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଜିଏନ୍‌ଡିୟୁ ୪୩ ଓଭରରେ ୬ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

# ପୂଜାରା ବିଫଳ, ବ୍ୟାକ୍‌ଫୁଟ୍‌ରେ ସୌରାଷ୍ଟ୍ର

**ନାଗପୁର, ୪।୨(ପି.ଟି.)**

ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଚାଲିଥିବା ରଣଜୀ ଟ୍ରଫି ଫାଇନାଲ ମ୍ୟାଚ୍‌ରେ ସୌରାଷ୍ଟ୍ର ବ୍ୟାକ୍‌ଫୁଟ୍‌ରେ ରହିଛି। ବିଦର୍ଭର ପ୍ରଥମ ଇନିଂସ ସ୍କୋର ୩୧୨ ରନ ଜବାବରେ ସୌରାଷ୍ଟ ସୋମବାର ଷ୍ଟମ୍ପ ଅପସାରଣ ସୁଦ୍ଧା ପ୍ରଥମ ଇନିଂସରେ ୫ ଉଇକେଟ୍ ହରାଇ ୧୫୮ ରନ୍ ସଂଗ୍ରହ କରିଛି। ଓପନର୍ ସ୍ନେଲ ପଟେଲ ୮୭ ରନ୍ (୧୬୦ ବଲ୍, ୧୪ ଚୌକା) ଓ ପ୍ରେରକ ମଙ୍କଡ ୧୬ ରନ୍ କରି ଅପରାଜିତ ରହିଛନ୍ତି। ତେବେ ନିର୍ଭରଯୋଗ୍ୟ ତଥା ଚମତ୍କାର ଫର୍ମରେ ଥିବା ଚେତେଶ୍ୱର ପୂଜାରା ସମସ୍ତଙ୍କୁ ନିରାଶ କରିଛନ୍ତି। ନିକଟରେ ଅଷ୍ଟ୍ରେଲିଆ ଟୁର୍‌ରେ ସର୍ବାଧିକ ସ୍କୋର କରିଥିବା ପୂଜାରା ମାତ୍ର ୧ ରନ୍ କରିଥିଲେ। ଘରୋଇ ବିଦର୍ଭ ଦଳର ବାମହାତୀ ସ୍ପିନର ଆଦିତ୍ୟ ସରୱାଟେଙ୍କୁ ପୂଜାରାଙ୍କ ପ୍ରାଇଜ୍ ଉଇକେଟ୍ ମିଳିଥିଲା। ସୌରାଷ୍ଟ୍ର ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ହାର୍ଭିକ ଦେଶାଇ ୧୦, ବିଶଭରାଜ ଜାଡେଜା ୧୮, ଅର୍ପିତ ଭସଭାଡା

**ରଣଜୀ ଟ୍ରଫି ଫାଇନାଲ**

୧୩, ସେଲଡନ୍ ଜ୍ୟାକସନ ୯ ରନ କରିଥିଲେ। ବିଦର୍ଭ ପକ୍ଷରୁ ଆଦିତ୍ୟ ୩ ଓ ଅକ୍ଷୟ ୱାଡେକର ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଷ୍ଟାର୍ ବୋଲର ଉମେଶ ଯାଦବ ୧୩ ଓଭର ବୋଲିଂ କରି ୧୭ ରନ୍ ବ୍ୟୟ କରିଥିଲେ ମଧ୍ୟ ଉଇକେଟ୍ ଶୂନ୍ୟ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

**ବିଦର୍ଭ ପ୍ରଥମ ଇନିଂସ: ୩୧୨ରେ ଅଲ୍‌ଆଉଟ୍, ୧୨୦.୨ ଓଭର(ଅକ୍ଷୟ କନୱର ୭୩*, ଅକ୍ଷୟ ୱାଡେକର ୪୫, ଉନାଡକଟ୍ ୩/୫୪)।**

**ସୌରାଷ୍ଟ୍ର ପ୍ରଥମ ଇନିଂସ: ୧୫୮/୫, ୫୯ ଓଭର (ସ୍ନେଲ ପଟେଲ ୮୭*, ପୂଜାରା ୧, ବୈଶବରାଜ ଜାଡେଜା ୧୮, ଆଦିତ୍ୟ ୩/୫୫)।**

ସୌରାଷ୍ଟ୍ରର ଆହୁରି ୫ ଉଇକେଟ୍ ବଳକା ରହିଥିବାବେଳେ ଇନିଂସ ଅଗ୍ରଣୀ ପାଇଁ ଆଉ ୧୫୫ ରନ ଆବଶ୍ୟକ କରୁଛି।

ଡିଫେଣ୍ଡିଂ ଚାମ୍ପିୟନ ବିଦର୍ଭ ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୦୦/୭ରୁ ଖେଳ ଆରମ୍ଭ କରି ଦ୍ୱିତୀୟ ଦିବସରେ ଆଉ ୧୧୨ ରନ ଯୋଡ଼ି ବଳକା ୩ଟି ଉଇକେଟ୍ ହରାଇଥିଲା। ଦଳ ପକ୍ଷରୁ ଅକ୍ଷୟ କନୱର ସର୍ବାଧିକ ୭୩ ରନରେ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ୱାଡେକର ୩୪, ଉମେଶ ଯାଦବ ୧୩ ଓ ରଜନୀଶ ଗୁରବାନୀ ୬ ରନ କରିଥିଲେ। ସୌରାଷ୍ଟ୍ର ଅଧିନାୟକ ଜୟଦେବ ଉନାଡକଟ୍ ୩ ଏବଂ ଚେତନ ସକରିୟା ଓ କମଲେଶ ମାକଭନ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ପାଞ୍ଚଦିବସୀୟ ଏହି ମ୍ୟାଚ୍‌ର ୨ୟ ଦିନ ଶେଷ ହୋଇଥିବାରୁ ଫଳାଫଳ ବାହାରିବା ଆଶା ଉଜ୍ଜୀବିତ ରହିଛି।

■ ଆନ୍ତଃ ଜିଲା ମହାବୀର କପ୍ କ୍ରିକେଟ

## ସେମିଫାଇନାଲରେ ଭୁବନେଶ୍ୱର ସ୍କାନ



ସ୍କାନ କ୍ଲବର ସମ୍ବିତ ବରାଳଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

**ଭଣ୍ଡାରିପୋଖରୀ, ୪।୨ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ନେରଡ଼ା ପଞ୍ଚାୟତ ଯଶୋଟିକିରିସ୍ଥିତ ଖେଳପଡ଼ିଆରେ ଚାଲିଥିବା ଆନ୍ତଃ ଜିଲା ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଥିଲା ୨ୟ କ୍ୱାର୍ଟର ମ୍ୟାଚ୍। ଏଥିରେ ଯାଜପୁର ରୋଡ କ୍ରିକେଟ ଏକାଡେମୀକୁ ହରାଇ ଭୁବନେଶ୍ୱର ସ୍କାନ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଯାଜପୁର ରୋଡ ଏକାଡେମୀ ଟସ୍ ଜିତି ୨୫ ଓଭରରେ ୩ ଉଇକେଟ ହରାଇ ୨୪୨ ରନ୍ କରିଥିଲା। ଦଳ ପକ୍ଷରୁ ସତ୍ୟଜିତ ଗିରି ୧୦୫ ଓ ମୋଜାକିର ଅଲି ଖାନ ୯୫ ରନ୍ କରିଥିଲେ। ପ୍ରତିପକ୍ଷର ନଦୀମ ଖାଁ ୫ ଓଭର ବୋଲିଂ କରି ୨ ଉଇକେଟ ପାଇଥିଲେ। ଜବାବରେ ସ୍କାନ କ୍ଲବ ୨୪.୪ ଓଭରରେ ୭ ଉଇକେଟ ହରାଇ ୨୪୬ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସମ୍ବିତ ବରାଳ ୫୧, ସୁଜିତ ବେହୁରା ୫୪ ଓ ଉଜ୍ଜ୍ୱଳ ଗୌଡ ୪୩ ରନ୍ କରିଥିଲେ। ପ୍ରତିପକ୍ଷର ହିମାଂଶୁ ଧଳ ୫ ଓଭର ବୋଲିଂ କରି ୪ ଉଇକେଟ ପାଇଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ସମ୍ବିତ ବରାଳଙ୍କୁ ପୁରସ୍କୃତ କରାଯାଇଥିଲା। ଦୁର୍ଗା ପଟ୍ଟନାୟକ, ଦିଜେନ୍ଦ୍ର ଘୋଷ ଅମ୍ପାୟର ଦାୟିତ୍ୱ ତୁଲାଇଥିବା ବେଳେ ମାନସ ରଞ୍ଜନ ପଣ୍ଡା ରେଫରି, ପରେଶ ରଥ ଓ ମାନସ ନନ୍ଦ ସ୍କୋରର ଥିଲେ। ପ୍ରତ୍ୟୁଷ ସାହୁ, ଦିଲୀପ ପୃଷ୍ଟି ଧାରା ବିବରଣୀ ପ୍ରଦାନ କରିଥିଲେ। ମଙ୍ଗଳବାର ଭୁବନେଶ୍ୱର ପାରାମାଉଣ୍ଟ କ୍ଲବ ଓ ଭଦ୍ରକର ଚରମ୍ପା କ୍ରିକେଟ ଏକାଡେମୀ ମଧ୍ୟରେ ୩ୟ କ୍ୱାର୍ଟର ମ୍ୟାଚ୍ ଅନୁଷ୍ଠିତ ହେବ।


ଜାତୀୟ ୟୁନିଫାଏଡ୍ ମହିଳା ଫୁଟ୍‌ବଲ

## ପଞ୍ଜାବକୁ ହରାଇଲା ଓଡ଼ିଶା



ଓଡ଼ିଶା ଏବଂ ପଞ୍ଜାବ ଦଳର ଖେଳାଳିମାନେ।

**ଭୁବନେଶ୍ୱର, ୪।୨(ସ୍ପୋର୍ଟ୍ସ ବ୍ୟୁରୋ):** ଜାତୀୟ ୟୁନିଫାଏଡ୍ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ସୋମବାରଠାରୁ କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ସ୍ପେଶାଲ ଅଲିମ୍ପିକ ଭାରତ-ଓଡ଼ିଶା (ଏସ୍‌ଓବି-ଓଡ଼ିଶା) ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ଆୟୋଜକ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ପୁଡୁଚେରୀ, ପଞ୍ଜାବ, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ମାନସିକ ଅନଗ୍ରସର ପିଲାମାନେ ଅଂଶଗ୍ରହଣ କରିଛନ୍ତି। ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ପତାକା ଉତ୍ତୋଳନ କରି ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ଦିବସରେ ୪ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ଓଡ଼ିଶା ୫-୦ ଗୋଲରେ ପଞ୍ଜାବକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ସେହିଭଳି ପଶ୍ଚିମବଙ୍ଗ ଡବଲ ବିଜୟ ହାସଲ କରିଛି। ପଶ୍ଚିମବଙ୍ଗ ପ୍ରଥମେ ୫-୦ରେ ଆନ୍ଧ୍ରପ୍ରଦେଶକୁ ଓ ପରେ ୬-୦ ଗୋଲରେ ଝାଡ଼ଖଣ୍ଡକୁ ପରାସ୍ତ କରିଥିଲା। ଝାଡ଼ଖଣ୍ଡ ଏହାର ଅନ୍ୟ ଏକ ମ୍ୟାଚ୍‌ରେ ୩-୦ ଗୋଲରେ କର୍ଣ୍ଣାଟକକୁ ହରାଇଛି। ଦୁଃସାହସିକ କ୍ରୀଡ଼ାବିତ୍ ଅର୍ପିତା ମହାପାତ୍ର, ପ୍ରାକ୍ତନ ନାଲକୋ ଫୁଟ୍‌ବଲ ଖେଳାଳି ବସନ୍ତ ପଣ୍ଡା, ବିଆର୍‌ଏମ୍‌ଏସ୍‌ଏଚ୍‌ଏ ଉପସଭାପତି ପ୍ରଦୀପ୍ତ ରଥ ବିଭିନ୍ନ ମ୍ୟାଚ୍‌ରେ ଅତିଥିଭାବେ ଯୋଗ ଦେଇଥିଲେ। ଜାତୀୟସ୍ତରର ରେଫରି ତ୍ରିନାଥ ସାମଲ ମ୍ୟାଚ୍ ପରିଚାଳନା କରିଥିବାବେଳେ ଏବଂ ଝସକେତନ ପ୍ରଧାନ ଓ ଝସକେତନ ସାହୁ ସହଯୋଗ କରିଥିଲେ। ଲିନେସମେନ ଓ ଦୀପକ ମହନ୍ତ ସ୍କୋରର ରହିଥିଲେ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା୧୮ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ମଙ୍ଗଳବାର, ଫେବୃୟାରୀ ୫/୨୦୧୯ Berhampur, Tuesday, February 5/ 2019

## ସଂକ୍ଷେପରେ

### ବିଦ୍ୟାଳୟର ବାର୍ଷିକୋତ୍ସବ

କନିଷି,୪।୨(ଡି.ଏନ.ଏ.)-ଗୋଳନ୍ଥରାସ୍ଥିତ ବିଶ୍ୱନାଥ ଉଚ୍ଚ ଓ ବୈଷୟିକ ବିଦ୍ୟାଳୟର ୭୧ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଡ. ସୀମାଞ୍ଚଳ ନାହାକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ କନିଷି ବାଲାଜି ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସୀମାଞ୍ଚଳ ପାଣିଗ୍ରାହୀ, ମୁଖ୍ୟବକ୍ତା ସତୀଶ ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ସୁବାସ ଚନ୍ଦ୍ର ଜେନା ଓ ପବିତ୍ର ମୋହନ ବିଷୋୟୀ ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ର ଅମିତ କୁମାର ସାହୁ, କେ. ତରୁଣ ଓ ପୁରାତନ ଛାତ୍ର ତଥା ନାଟ୍ୟ ଶିକ୍ଷକ ଶଙ୍କର ରାଉଳଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଧର୍ମେନ୍ଦ୍ର କୁମାର ପାଢ଼ୀ, କାର୍ତ୍ତିକେଶ୍ୱର ସାହୁ, ଦିଲୀପ ପାଢ଼ୀ, ଡି. ଭାଗିରଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଗୋଷ୍ଠୀସ୍ତରୀୟ ପରାମର୍ଶ ଶିବିର

ଜଗନ୍ନାଥପ୍ରସାଦ,୪।୨-ସ୍ଥାନୀୟ ବ୍ଲକ ପରିସରରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟା ଯୋଜନା ଗୋଷ୍ଠୀସ୍ତରୀୟ ପରାମର୍ଶ ଶିବିର ବିଡିଓ ଅଶୋକ କୁମାର ବେଉରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ଗୀତାଞ୍ଜଳି ବେହେରା, ବିଡିଓଙ୍କ ମିଳିତ ଭାବେ ଶିବିର ଉଦ୍‌ଘାଟନ କରିଥିଲେ। ବୈଠକରେ ଶିବିର ସଂଯୋଜକ ସଞ୍ଜୟ କୁମାର ନାୟକ, ଜ୍ୟୋତି ପ୍ରକାଶ ମହାନ୍ତି, ଡବ୍ଲୁଇଓ ପୁରୁଷୋତ୍ତମ ସେଠୀ, ପ୍ରଗତି ସହାୟକ ତ୍ରିନାଥ ସ୍ୱାଇଁ ମଞ୍ଚାସୀନ ଥିଲେ। ଗ୍ରାମାଞ୍ଚଳରେ ଥିବା ଶିକ୍ଷିତ, ଅର୍ଦ୍ଧଶିକ୍ଷିତ ବେକାର ଯୁବତୀ ଯୁବକମାନଙ୍କ ପାଇଁ କର୍ମ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ଏହି ଯୋଜନାର ଲକ୍ଷ୍ୟ ବୋଲି କହିଛନ୍ତି। ସେମାନଙ୍କ ପାଇଁ ମାଗଣାରେ ରହିବା, ଖାଇବା ସହ ଟ୍ରେନିଂର ବ୍ୟବସ୍ଥା ରହିଛି। ୧୮ ରୁ ୩୫ ବର୍ଷ ଯୁବତୀ ଯୁବକମାନେ ଏହାର ସୁଯୋଗ ନେଇପାରିବେ। ଶିବିରରେ ୧୮ଟି କାଉଣ୍ଟର ଖୋଲାଯାଇଥିବା ବେଳେ ମୋଟ ୬୧୬ ଜଣ ନାମ ଲେଖାଇଥିଲେ।

## ବ୍ରାହ୍ମଣୀଗାଁରେ ବ୍ଲକ ସ୍ଥାପନ ଦାବି

# ଶୁଣୁନି ପ୍ରଶାସନ, ବସିଲା ବୈଠକ

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୪।୨(ଡି.ଏନ.ଏ.)

**ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳଙ୍କୁ ଦାବିପତ୍ର**



ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା ।

ଦାରିଙ୍ଗବାଡ଼ି ବ୍ଲକର ଦୁର୍ଗମ ପଞ୍ଚାୟତ ଭାବେ ବ୍ରାହ୍ମଣୀଗାଁ ଅଞ୍ଚଳ ରହିଛି । ଏବେ ଏହି ଥାନା ଅଞ୍ଚଳକୁ ସରକାର ବ୍ଲକ ଘୋଷଣା କରିବାକୁ ଦାବି ଜୋର ଧରିଛି । ଏନେଇ ବ୍ରାହ୍ମଣୀଗାଁରେ ପୂର୍ବରୁ ବାରମ୍ବାର ବୈଠକ ବସିବା ସହ ପୁଣି ଅଞ୍ଚଳବାସୀ ଏହି ବୈଠକ କରି ଆଲୋଚନା କରିଛନ୍ତି । ସୋମବାର ବ୍ରାହ୍ମଣୀଗାଁ ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଉକ୍ତ ଥାନା ଅଞ୍ଚଳର ୮ ପଞ୍ଚାୟତବାସୀ ଏକାଠି ହୋଇଥିଲେ । ବ୍ଲକ ଗଠନ ଅଭିଯାନ କମିଟି ସଭାପତି ବିକ୍ରମ ବସ୍ତ୍ରରାୟଙ୍କ ଅଧକ୍ଷତା ପ୍ରଥମ ପ୍ରସଙ୍ଗ ରହିଥିଲା ବ୍ରାହ୍ମଣୀଗାଁ ସମେତ କାଟିଙ୍ଗିଆ, କୁମ୍ଭାରୀଗାଁ, ଝିଞ୍ଜିରିଗୁଡ଼ା, ଗଦାପୁର, ହାତୀମୁଣ୍ଡା, ତାଜୁଙ୍ଗିଆ ଓ ସରାମୁଳିକୁ ନେଇ ବ୍ରାହ୍ମଣୀଗାଁ ବ୍ଲକ ସ୍ଥାପନ କରାଯାଉ ।

ଉକ୍ତ ଅଞ୍ଚଳ ଲୋକେ ପ୍ରାୟ ୫୦ରୁ ୮୦ କି.ମି. ଦୂର ଦାରିଙ୍ଗବାଡ଼ି ତହସିଲ ଏବଂ ବ୍ଲକକୁ ଯାଇ ଖର୍ଚ୍ଚାନ୍ତ ହେବା ସହ ସମୟ ନଷ୍ଟ ହେଉଛି । ବ୍ରାହ୍ମଣୀଗାଁରେ ଥାନା, ବନାଞ୍ଚଳ ଓ ରାଜସ୍ୱ କାର୍ଯ୍ୟାଳୟ ଆଦି ରହିଛି । ଅଞ୍ଚଳରେ ଭିତ୍ତିଭୂମିର ଅଭାବ ନ ଥିବା ବେଳେ ଜନସଂଖ୍ୟା ବୃଦ୍ଧି ପାଇଛି । ଶିକ୍ଷାପାଇଁ ମଧ ବିଦ୍ୟାଳୟ ଓ ମହାବିଦ୍ୟାଳୟ ରହିଛି । ଏଥିସହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ରହିଛି । ତାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିବର୍ତ୍ତନ କରିବା ସହ ବ୍ଲକ ପ୍ରତିଷ୍ଠା କଲେ ଅଞ୍ଚଳର ହଜାର ହଜାର ଲୋକ ଉପକୃତ ହୋଇପାରନ୍ତେ । ଏଥି ସହ ଏହି ଦୁର୍ଗମ ଅଞ୍ଚଳର ବିକାଶ ହୋଇପାରିବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା । ଏ ନେଇ ବ୍ଲକ ଗଠନ ଅଭିଯାନ ପକ୍ଷରୁ କନ୍ଧମାଳ ଜିଲାପାଳ ଡ. ବୃନ୍ଦା ଡିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ନିକଟକୁ ଦାବିପତ୍ର ପଠାଯିବ ବୋଲି ନିଷ୍ପତ୍ତି ହୋଇଛି । ଏଥି ସହ ବଙ୍ଗରଦୁଆ ଘାଟିରେ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ପରିବାରଙ୍କୁ ସରକାର ୨ଲକ୍ଷ ଟଙ୍କା ଏବଂ ରେଡକ୍ରସ୍ ପାଣ୍ଠିରୁ ୨୫ ହଜାରଙ୍କ ସହାୟତା ଘୋଷଣା କରିଛନ୍ତି। ଏହି ରାଶି ବୃଦ୍ଧି କରି ମୃତକଙ୍କ ପରିବାରକୁ ତୁରନ୍ତ ଅଧିକ ସହାୟତା ଦିଆଯାଉ ବୋଲି ଆଲୋଚନା କରାଯାଇଛି । ସେହିପରି ଆହତମାନଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ମାଗଣା ଚିକିତ୍ସା କରାଯାଉଥିବା କୁହାଯାଉ ଥିଲେ ସୁଦ୍ଧା ଆହତ ମାନେ ହଇରାଣ ଭୋଗୁଛନ୍ତି। ତାଙ୍କୁ ଶୀଘ୍ର ଠିକ ଭାବେ ମାଗଣା ଚିକିତ୍ସା ପ୍ରଦାନ କରାଯିବାକୁ ଆଲୋଚନା ହୋଇଥିଲା । ସେହିପରି ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ବେଳେ ଗରିବ ଲୋକେ ବ୍ରାହ୍ମଣୀଗାଁ ଅଞ୍ଚଳରୁ ଦାରିଙ୍ଗବାଡ଼ି ସରକାରୀ ବେସରକାରୀ କାର୍ଯ୍ୟରେ ଯାଇ ଗାଡ଼ି ପାଇଁ ଭଡ଼ା ଦେଇ ଖର୍ଚ୍ଚାନ୍ତ ହେବା ସହ ହଇରାଣ ଭୋଗିଛନ୍ତି। ଏଣୁ ଦାରିଙ୍ଗବାଡ଼ି ଏବଂ ବ୍ରାହ୍ମଣୀଗାଁରେ ସରକାର ଆହାର କେନ୍ଦ୍ର ଖୋଲିଲେ ଲୋକେ ଉପକୃତ ହୋଇପାରିବେ ବୋଲି ଆଲୋଚନା କରାଯାଇଥିଲା । ସେହିପରି ବ୍ରାହ୍ମଣୀଗାଁ ବଜାରରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି ରାସ୍ତା ସମ୍ପ୍ରସାରଣ ସହ ଡ୍ରେନେଜ ବ୍ୟବସ୍ଥା କରାଗଲେ ବଜାରର ପରିବେଶ ସୁସ୍ଥ ରହିବା ସହ ଟ୍ରାଫିକ ସମସ୍ୟା କମିବ । ବ୍ରାହ୍ମଣୀଗାଁରେ ଏକ ବସ୍‌ଷ୍ଟାଣ୍ଡର ଆବଶ୍ୟତା ରହିଥିବା ମଧ୍ୟ ଆଲୋଚନା କରାଯାଇଥିଲା। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଗଠନ ଅଭିଯାନ କମିଟି ସମ୍ପାଦକ ଯୋଗେଶ୍ୱର ପାତ୍ର, ପୂର୍ବତନ ସରପଞ୍ଚ ନୀଳମତୀ ମଲ୍ଲିକ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଆରନ ନାୟକ, ଜିଲା ପରିଷଦ ସଦସ୍ୟା ଦୀପିକା ମୁଠାମାଝି, ଗଦାପୁର ସରପଞ୍ଚ ଆରତି ମଲ୍ଲିକ, ପୂର୍ବତନ ସରପଞ୍ଚ ଦିବ୍ୟସିଂ ପାତ୍ର, ତାଜୁଙ୍ଗିଆର ପୂର୍ବତନ ସରପଞ୍ଚ ଶ୍ୟାମସେନ ମଲ୍ଲିକ, ଲିୟ ନାୟକ, ଫିଲି ବେହେରା ପାତ୍ର ଓ ଶରତ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ ।

## ପଦ୍ମନାଭପୁର ଶିଶୁ ମନ୍ଦିରର ବାର୍ଷିକୋତ୍ସବ

ଦିଗପହଣ୍ଡି,୪।୨(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ସରସ୍ୱତୀ ଶିଶୁ ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିର ପରିଚାଳନା କମିଟି ସଭାପତି ମନୋଜ ରଥଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ସରପଞ୍ଚ ବି. କ୍ରିଷ୍ଣାରାଓ ସୁବୁଦ୍ଧି ଅଧକ୍ଷତା କରିଥିଲେ। ଦିଗପହଣ୍ଡି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁଦାମ ଦାସ, ପ୍ରଧାନ ଶିକ୍ଷକ ଡ. ପ୍ରଦୀପ କୁମାର ମହାପାତ୍ର, ୟୁ.ଲିଙ୍ଗମୂର୍ତ୍ତି, ସନ୍ତୋଷ କୁମାର ସାହୁ, ପଞ୍ଚାୟତ ସମିତିସଭ୍ୟ ସୁଶାନ୍ତ କୁମାର ସେଠୀ, ବାସୁଦେବ ରେଡ୍ଡୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



## ▪ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ

# ଶର୍ଟସର୍କିଟରେ ଜଳିଗଲା ଗୁହାଳ, ପାଳଗଦା

ବେଗୁନିଆପଡ଼ା,୪।୨(ଡି.ଏନ.ଏ.)

ସ୍ଥାନୀୟ ବ୍ଲକ ସାଙ୍କୁଡ଼ା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ଆଖୁ ଟ୍ରକ ଲାଗିଯିବାରୁ ତାର ଛିଣ୍ଡି ରାସ୍ତା ଉପରେ ପଡ଼ିବା ସହ ଏକ ଗୁହାଳ ଘର, ପାଳଗଦା ଜଳିଯାଇଛି। ଏଥିରେ ଲୋକେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି । କୋଦଳା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ସୋମବାର ଅପରାହ୍ନରେ ଆଖୁ ଟ୍ରକ ଯିବା ବେଳେ ଉକ୍ତ ଖୁଣ୍ଟରେ ଲାଗି ଶର୍ଟସର୍କିଟ ଘଟି ଆଖୁରେ ନିଆଁ ଲାଗିବା ସହ ତାର ଛିଣ୍ଡି ଯାଇ ଗୋବର୍ଦ୍ଧନ ପ୍ରଧାନଙ୍କ ଘର ନିକଟରେ ଥିବା ଟ୍ରାନ୍ସଫର୍ମରରୁ ନିଆଁ ବାହାରି ପାଳଗଦା ଓ ଗୁହାଳ ପୋଡିଯାଇଥିଲା ।

# ସ୍ୱୟଂ ସହାୟିକା ଗୋଷ୍ଠୀ, ପୌର କର୍ତ୍ତୃପକ୍ଷଙ୍କ ପଲିଥିନ ଚଢ଼ାଉ

ହିଞ୍ଜିଳିକାଟୁ,୪।୨(ଡି.ଏନ୍.ଏ)

ପୌର କର୍ମଚାରୀ ଓ ପୌରାଞ୍ଚଳର ୨ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କ ପକ୍ଷରୁ ସୋମବାର ହିଞ୍ଜିଳିକାଟୁର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ମିଳିତ ଭାବେ ପଲିଥିନ ଚଢ଼ାଉ କରାଯାଇଛି। ଏଥିରେ ୧୫ଟି ପ୍ରତିଷ୍ଠାନରୁ ପ୍ରାୟ ୩ହଜାର ଟଙ୍କା ଜରିମାନା ଆଦାୟ ସହ ପଲିଥିନ ଜବତ ହୋଇଛି। ଅନ୍ୟପକ୍ଷରେ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକୁ ପଲିଥିନ ବ୍ୟବହାର ନ କରିବାକୁ ଚଢ଼ାଉ ବେଳେ ଅନୁରୋଧ କରାଯାଇଛି। ଶ୍ରଦ୍ଧା ମହିଳା ଗ୍ରୁପ୍ ଓ ଭାଗ୍ୟୋଦୟ ମହିଳା ଗ୍ରୁପ୍‌ର ବବିତା ନାହାକ, ରୀତାଞ୍ଜଳୀ ପଟ୍ଟନାୟକଙ୍କ ସହ ପୌର କର୍ତ୍ତୃପକ୍ଷଙ୍କ ପକ୍ଷରୁ ପୌର କର୍ମଚାରୀ ସନ୍ଧ୍ୟାରାଣୀ ପଟ୍ଟନାୟକ, ଅଶ୍ୱିନୀ ନାୟକ, ବିବେକାନନ୍ଦ ମହାପାତ୍ର, ସୁବାସ ପଟ୍ଟନାୟକ, ସୀମାଞ୍ଚଳ ମହାପାତ୍ର, ରବୀନ୍ଦ୍ର ନାହାକ, ଅରୁଣ କୁମାର ପ୍ରମୁଖ ସହ ୨ଗ୍ରୁପ୍‌ର ବହୁ ସଦସ୍ୟା ଚଢ଼ାଉରେ ସାମିଲ ଥିଲେ।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ